Split by PDF Splitter



ଲେଖିଥିଲୁଁ କି ସେ ଏହିମାସରୁ ପେନସେନ ନେବାର ଆଦେଶ ପାଇଅଛନ୍ତି ମାତ୍ର ତାହା ଠିକ ନୁହେ । ତାଙ୍କର ବୟସ ୫୫ ବର୍ଷ ଏ ମାସ ତା ୨୮ ରିଖରେ ପୂର୍ଣ୍ଣ ହେବ । କିନ୍ତୁ ସେ ସରକାରୀ ଚାକିରିରେ ଭରତି ହେଲ ଦିନଠାରୁ ଏପର୍ଯ୍ୟନ୍ତ ଯେତେକାଳ ଯେଉଁ ଯେଉଁ ପଦରେ ରହି ଅଛନ୍ତି ଏବଂ ତହିଁର ତାଲିକା ଉପସ୍ଥିତ ହେବା ନିମନ୍ତେ ସଦରକୁ ଯାଇ ଅଛି ତାହା ଯେବେ ସେହି ତା ୨୮ ରିଖ ମଧ୍ୟରେ ଉପସ୍ଥିତ ହୋଇ ନ ଆସିବ ତେବେ ଅନ୍ୟ ଯେତେକାଳ ତହିଁରେ ବିଲମ୍ବ ହେବ ସେତେଦିନ ପର୍ଯ୍ୟନ୍ତ ସେ ସିରସ୍ତାଦାର ପଦରେ ରହିବାର ତାହାଙ୍କ ପ୍ରାର୍ଥନାମତେ କଲେକ୍ଟରସାହେବ ଆଦେଶ ଦେଇ ଅଛନ୍ତି । ଉକ୍ତ ଗଣ୍ଡଗୋଳ ଘଟି ନ ଥିଲେ ସମ୍ଭବତ ସେ ଆଉ ଦୁଇ ଏକ ବର୍ଷ କାର୍ଯ୍ୟରେ ରହିବାର ଅନୁମତି ପାଇଥାନ୍ତେ କାରଣ ତାହାଙ୍କ ପରି ଯୋଗ୍ୟ ଓ ପ୍ରବୀଣ ଲୋକ ସହଜରେ ମିଳିବା କଠିନ ମାତ୍ର ତାହାଙ୍କର ଅପର ଶତ୍ରୁ ଥିବାର ଜନରବ ଶୁଣାଯାଏ ।

ଗତ ମାସ ତା ୨୦ ରିଖର ଉତ୍କଳଦୀପିକାରେ ବାବୁ ଦାଶରଥିମହନ୍ତିଙ୍କର ଯେଉଁ ପ୍ରେରିତପତ୍ର ପ୍ରକାଶ ହୋଇଥିଲା ଏବଂ ଯହିଁରେ ସେ ନିକୁଳୀର ସମ୍ପାଦକତା ପରିତ୍ୟାଗ କରିବାର ପ୍ରକାଶ କରିଥିଲେ ତହିଁରୁ ଜଣାଯାଉଥିଲା ଯେ ନିକୁଳୀ ଆଉ ଅଧିକଦିନ ରହିବେ ନାହିଁ । ପ୍ରକୃତରେ ଗତ ମାସ ତା ୨୨ ରିଖରେ ନିକୁଳୀର ଯେଉଁ ସଂଖ୍ୟା ବାହାରିଅଛି ତହିଁରେ ସେ ସର୍ବସାଧାରଣଙ୍କଠାରୁ ମେଲାଣି ଗ୍ରହଣପୂର୍ବକ ଯେଉଁ ଆକାଶରେ ଉଦୟ ହୋଇଥିଲେ ସେହିଠାରେ ଲୀନ ହୋଇଅଛନ୍ତି । ମେଲାଣିସମୟରେ ସେ ଜଣ ଜଣକୁ ଧରି ବସ୍ତ୍ର କାଢ଼ିଅଛନ୍ତି ଏବଂ ତହିଁସଙ୍ଗେ କାହାରି କାହାରି ପ୍ରତି କୋପ ପ୍ରକାଶ କରିବାକୁ ଛାଡ଼ି ନାହାନ୍ତି । ଯାହା ହେଉ ମେଲାଣି କଥାଟା ଦୁଃଖଜନକ ଏବଂ ଆମ୍ଭେମାନେ ମଧ୍ୟ ଏସମୟରେ ଦୁଃଖିତ ହୋଇ କହୁଅଛୁଁ ଯେ ତାହାଙ୍କସମ୍ବନ୍ଧରେ କର୍ତ୍ତବ୍ୟାନୁରୋଧରେ କେବେ କେବେ ଯାହା କହିଅଛୁଁ ତହିଁ ପାଇଁ ଆମ୍ଭମାନଙ୍କୁ କ୍ଷମା କରିବେ । ଏକସଙ୍ଗରେ ଥିଲେ ପରସ୍ପର ଭଲମନ୍ଦ ବୁଝାବୁଝି ହେଉଥାଏ ବିଦାୟ ହେଲାଠାରୁ ସବୁ ସରିଗଲା । ଏବେ ଆମ୍ଭମାନଙ୍କର ନିକୁଳୀର ଦୋଷକୁ ଉପେକ୍ଷା କରି ଗୁଣକୁ ଝୁରିବାର ଉଚିତ ।

ଗତ ରବିବାର ଦୀପାବଳୀ ଅମାବାସ୍ୟା ଉପଲକ୍ଷରେ ଏ ନଗରରେ ଯେଉଁ ରୋସନାଇ ହୋଇଥିଲା ତାହା ଗତବର୍ଷଠାରୁ ଅନେକ ଊଣା ଥିଲା । ଉଣାତ ବର୍ତ୍ତମାନର ମହାର୍ଘ ସମୟରେ ଲୋକେ ଏତିକ କରିବାକୁ ଯେ ସମର୍ଥ ହୋଇଥିଲେ ଏହା କେବଳ ପୂର୍ବକାଳର ଧର୍ମସଂସ୍କାରର ଫଳ ବୋଲିବାକୁ ହେବ । ମାତ୍ର ଦୁଃଖର ବିଷୟ ଯେ ଧର୍ମାନୁଷ୍ଠାନମାନ ଦିନ ଦିନ କର୍ତ୍ତିତ ପରିମାଣରେ ତାମସିକ ଭାବରେ ପରିଣତ ହେଉଅଛି । ଅଲୁଅ ଜାଳିବା ଫଟକା ଇତ୍ୟାଦି ବାଣ ପୋଡ଼ାଇବା ଏବଂ ଆମୋଦ ପ୍ରମୋଦ କରିବାରେ ଲୋକେ ଯେତେ ବ୍ୟସ୍ତ ଦିନର ନିର୍ଦ୍ଦିଷ୍ଟ କାର୍ଯ୍ୟ ପିତୃଲୋକଙ୍କ ପ୍ରୀତ୍ୟର୍ଥେ ଶ୍ରାଦ୍ଧ ଓ ଦାନ ଦୁଃଖୀଙ୍କ ସେବାରେ ତେତେ ନୁହନ୍ତି । ପୁଣି ରୋସନାଇ ଓ ବାଣ ପୋଡ଼ାରେ ବିଦେଶୀୟ ବ୍ୟବସାୟିର ଉତ୍ସାହ ଦେବାକୁ ଅଧିକ ତତ୍ପରତା ଦେଖାଗଲା ଯେହେତୁ ଦେଶୀ ଫଟକା ଇତ୍ୟାଦିଠାରୁ ଚିନ ପଟକା ଓ ରଙ୍ଗିନ ଦିଆସିଲାଇର ଆଦର ଅଧିକ ହୋଇଅଛି ।

ଏ ନଗରରେ କେତୋଟି କାଳୀ ପ୍ରତିମା ହୋଇ ଥିଲା । ତହିଁ ମଧ୍ୟରେ ଗୁଜରାଟୀଙ୍କର ପ୍ରତିମା ସର୍ବୋତ୍କୃଷ୍ଟ ହୋଇଥିଲା ମାତ୍ର କାଳୀଙ୍କ ଦୁଇ ପାଖରେ ଗଠିତ ହୋଇଥିବା ଯୋଗିନୀମାନଙ୍କ ମୂର୍ତ୍ତି ଅତ୍ୟନ୍ତ ଅଶ୍ଳୀଳ ହୋଇଥିଲା । ପାଣିକି ଯିବାବେଳେ ଚୌଧୁରୀ ବଜାରର ପ୍ରତିମା ଅଧିକ ସମାରୋହରେ ବାହାରିଥିଲେ ।

ବର୍ଦ୍ଧମାନ ବିଭାଗର ବିବରଣ ।

ବଙ୍ଗଳାର ଏକମାତ୍ର କଳା ସିଭିଲିୟନ କମିଶ୍ନର ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତଙ୍କ ବାର୍ଷିକ ରିପୋର୍ଟ ଉପରେ ବଙ୍ଗୀୟ ଛୋଟଲାଟଙ୍କ ସନ୍ତୋଷଜନକ ମନ୍ତବ୍ୟ ପ୍ରକାଶିତ ହେବା ଅତୀବ ଆନନ୍ଦର ବିଷୟ ।

ଛୋଟଲାଟବାହାଦୁର ଦତ୍ତ ମହାଶୟଙ୍କ ରିପୋର୍ଟରେ ପ୍ରୀତ ହୋଇ ତାଙ୍କୁ ପ୍ରଶଂସା ପ୍ରଦାନ କରିଅଛନ୍ତି ଓ ଅଧିକ ପ୍ରଶଂସାର କଥା ଯେ ବର୍ଷ ଶେଷ ଉତ୍ତାରୁ କାର୍ଯ୍ୟରେ ଉପସ୍ଥିତ ହୋଇ ଉତ୍ତମ ରିପୋର୍ଟ ପ୍ରେରଣ କରି ଥିଲେ ।

ଦତ୍ତ ମହାଶୟ କେତେଗୁଡ଼ିଏ ମନ୍ତବ୍ୟ ପ୍ରଶଂସା କରିଛନ୍ତି ଓ ସେଥିରୁ କେତେକ ଗଭର୍ଣ୍ଣମେଣ୍ଟ ଗ୍ରହଣ କରିଛନ୍ତି ଏଣୁକରି ସେ ସବୁକୁ ଆମ୍ଭେମାନେ ପାଠକମାନଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ ।

ଅସ୍ତ୍ର ଆଇନାନୁସାରେ ଅସ୍ତ୍ରମାନଙ୍କ ନିମନ୍ତେ ବର୍ଷକୁ ବର୍ଷ ଲାଇସେନ୍ସ ନିଆ ଯାଏ । କିନ୍ତୁ ଅନେକ ଅବହେଳା କ୍ରମେ ଲାଇସେନ୍ସ ନ ନେଇ ଥିବାରୁ ଚାଲାଣ ହୁଅନ୍ତି । ଏପରି ଚାଲାନ ହୁଗଲିଡିଷ୍ଟ୍ରିକ୍ଟରେ ଅନେକ ହୋଇ ଥିଲା ଏଥିକୁ ଦତ୍ତ ମହାଶୟ କହନ୍ତି ପ୍ରଥମରେ ଅସ୍ତ୍ର ଆଇନ ଗୋଟିଏ ଘୃଣାଜନକ ଆଇନ ତହିଁରେ ପୁଣି ଆଇନାନୁସାରେ ଚାଲାଣଦ୍ୱାରା ଆଇନକୁ ଅଧିକ ଘୃଣା କରାଇବା କଥା । ଏଥିରେ ଛୋଟଲାଟବାହାଦୁର ମନ୍ତବ୍ୟ ପ୍ରକାଶ କରିଅଛନ୍ତି କମିଶ୍ନରଙ୍କ ମନ୍ତବ୍ୟ ସମସ୍ଥାନୁସାରେ ଓ ସୁବିଚାରଜନକ ହୋଇଅଛି ଓ ଏତଦ୍ବିଷୟରେ ତାହା ଭାରତ ଗଭର୍ଣ୍ଣମେଣ୍ଟଙ୍କ ମନୋଯୋଗ ଆକର୍ଷଣ କରିଅଛନ୍ତି ଓ ଗଭର୍ଣ୍ଣମେଣ୍ଟଙ୍କ ହୁକୁମ ଶୀଘ୍ର ପ୍ରକାଶ ହେବ ।

ପୁଲିସ ସମ୍ବନ୍ଧରେ ସେ ଲେଖି ଅଛନ୍ତି କି ଅଧିକାଂଶ ଥାନା କର୍ମଚାରୀ ବଡ଼ ଅମନଯୋଗୀ ଓ ଅଳସୁଆ ଅଥବା ତହିଁରୁ ମନ୍ଦ ଅଟନ୍ତି ଏବଂ ପରିଦର୍ଶନ କାଳରେ ଆମ୍ଭେ ଦେଖିଅଛୁଁ ଯେ ଅଧିକାଂଶ ଥାନାରେ ସିନ୍ଧ ଓ ଚୋରି ମାମଲାରେ ପୁଲିସ ଅକୃତକାର୍ଯ୍ୟ ହୋଇଅଛନ୍ତି । ଏପ୍ରକାର ମକଦମାରେ ପୁଲିସସରଳ ଭାବରେ ଚେଷ୍ଟା କରିବାର ଉଦାହରଣ ଅତି ବିରଳ । ବଙ୍ଗଳା ପୁଲିସର ଉନ୍ନତି ନିମନ୍ତେ ଯୋଡ଼ିଏ ଉପାୟ ଅବଶ୍ୟକ ହୋଇଅଛି ପ୍ରଥମ ସବଇନ୍ସପେକ୍ଟରମାନଙ୍କ ବେତନ ବୃଦ୍ଧି କରିବା କି ଯଦ୍ୱାରା ଅଯୋଗ୍ୟ ଓ ଅସତ ଲୋକଙ୍କ ସ୍ଥାନରେ ଶିକ୍ଷିତ ଓ ସଚ୍ଚରିତ୍ରବାନ ବ୍ୟକ୍ତିମାନେ ଏକାର୍ଯ୍ୟରେ ଭରତି ହୋଇ ପାରିବେ । ଦ୍ୱିତୀୟ ସବଇନ୍ସପେକ୍ଟରଙ୍କ କାର୍ଯ୍ୟପ୍ରତି ତୀକ୍ଷ୍ଣଦୃଷ୍ଟି ରଖି ଯେଉଁସ୍ଥଳେ ସେମାନେ ଭଲକାର୍ଯ୍ୟ କରିବେ ସେ ସ୍ଥଳେ ସେମାନଙ୍କୁ ପୁରସ୍କାର ଦେବା ଓ ଅସତ ଓ ଅନୁପଯୁକ୍ତ କାର୍ଯ୍ୟ ଦେଖିଲେ ତତ୍କ୍ଷଣାତ ତହିଁର ପ୍ରତିବିଧାନ କରିବା ଉଚିତ । ଏକାର୍ଯ୍ୟ ବର୍ତ୍ତମାନ ଭଲ ହେଉ ନାହିଁ ଏବଂ ଡିଷ୍ଟ୍ରିକ୍ଟସୁପରିଣ୍ଟେଣ୍ଡେଣ୍ଟଙ୍କ ଅପେକ୍ଷା ମାଜିଷ୍ଟ୍ରେଟମାନେ ପୁଲିସର କାର୍ଯ୍ୟପ୍ରତି ଦୃଷ୍ଟି ରଖିବାକୁ ଅଧିକ ଯୋଗ୍ୟ ହୋଇ ପାରନ୍ତେ । କାରଣ ଡିଷ୍ଟ୍ରିକ୍ଟସୁପରିଣ୍ଟେଣ୍ଡେଣ୍ଟମାନେ ଭଲ ମନ୍ଦ ପୁଲିସ କର୍ମଚାରୀ ବାଛିବା ବିଷୟରେ ପଟୁ ନ ଥିବାର ଅନେକଥର ଦେଖାଯାଇ ଅଛି । ଦତ୍ତ ମହାଶୟଙ୍କ ଏହି ମନ୍ତବ୍ୟ ମୂଲ୍ୟବାନ ଅଟେ ।

Digitized by srujanika@gmail.com

Split by PDF Splitter



ମାନ୍ୟବର ଗ୍ଲେଡଷ୍ଟୋନ ଏଥିରେ ଯୋଗ ହୋଇ କହୁ ଅଛନ୍ତି କି ସବଇନସ୍ପେକ୍ଟରଙ୍କ ନିଯୁକ୍ତି ଓ ବେତନ ବିଷୟରେ ଯେଉଁ ନୂତନ ବ୍ୟବସ୍ଥା ହୋଇ ଅଛି ତଦ୍ଦ୍ୱାରା ଯୋଗ୍ୟଲୋକ ନିଯୁକ୍ତ ହେବାର ସମ୍ପୂର୍ଣ୍ଣ ଆଶା ଅଛି ଏବଂ ତଦ୍ଦ୍ୱାରା ବିଷୟଟି ଇନ୍ସପେକ୍ଟର ଜେନରଲଙ୍କ ବଶ୍ୟତାଧୀନରେ ଅଛି ।

ଆମ୍ଭେମାନେ ଆଶା କରୁଁ ଗବର୍ଣ୍ଣମେଣ୍ଟ ବର୍ତ୍ତ ମହାଶୟଙ୍କୁ ପକ୍କା କମିଶନର ପଦରେ ନିଯୁକ୍ତକରି ଭାରତବାସିଙ୍କୁ ଆପ୍ୟାୟିତ କରିବେ ଓ ବର୍ତ୍ତ ମହାଶୟ ସ୍ୱାଧୀନମତରେ ନ୍ୟାୟଭାବରେ କାର୍ଯ୍ୟ କରି ସାଧାରଣ ଓ ଗବର୍ଣ୍ଣମେଣ୍ଟଙ୍କର ପ୍ରଶଂସା ଭାଜନ ହେବେ ।

---

## ସତ୍କାର୍ଯ୍ୟର ତାଲିକା ।

ବଙ୍ଗପ୍ରଦେଶର ବ୍ୟକ୍ତିବିଶେଷଙ୍କଦ୍ୱାରା ସାଧାରଣ ହିତାର୍ଥେ ଯେ ସମସ୍ତ କାର୍ଯ୍ୟ ସନ ୧୮୯୩।୯୪ ରେ ପ୍ରତିଷ୍ଠିତ ହୋଇ ଅଛୁ ତହିଁର ତାଲିକା, କଲିକତାଗେଜେଟରେ ପ୍ରକାଶିତ ହୋଇ ଅଛୁ । ଗତ ଦୁଇବର୍ଷର ତୁଳନାରେ ଦେଖାଯାଏ ଯେ ସନ ୧୮୯୧।୯୨ ସାଲରେ ୨ ଲକ୍ଷ ୭୪ ହଜାର ସନ ୧୮୯୨।୯୩ ସାଲରେ ୪ ଲକ୍ଷ ୪୧ ହଜାର ଏବଂ ସନ ୧୮୯୩-୯୪ ସାଲରେ ୩ ଲକ୍ଷ ୯୫ ହଜାର ଟଙ୍କା ମୂଲ୍ୟର କାର୍ଯ୍ୟ ହୋଇଥିଲା । ଅତଏବ ବର୍ତ୍ତିତବର୍ଷର କାର୍ଯ୍ୟର ମୂଲ୍ୟ ତହିଁ ପୂର୍ବବର୍ଷଠାରୁ କମ ଉଣା ହେଲେହେଁ ତହିଁ ପୂର୍ବବର୍ଷଠାରୁ ଅଧିକ ଅଟେ । ଏପରି ଊଣା ଅଧିକ ହେବା ଅଦ୍ଭୁତ ନୁହେ ଏବଂ ଏଥିରୁ ଏହି ସିଦ୍ଧାନ୍ତ କରିବାକୁ ହେବ ଯେ ସାଧାରଣ ହିତାନୁଷ୍ଠାନରେ ଏ ପ୍ରଦେଶର ଲୋକଙ୍କ ପ୍ରବୃତ୍ତି ଊଣା ପଡି ନାହିଁ ଓ ସଙ୍ଗତିପନ୍ନ ବ୍ୟକ୍ତିମାନେ ସ୍ୱସ୍ଥାନ ବା ଦେଶର ଅଭାବ ମୋଚନାର୍ଥେ ନ୍ୟୂନାଧିକ ବ୍ୟୟ କରୁ ଅଛନ୍ତି ।

ବର୍ତ୍ତିତବର୍ଷରେ ଯେ ସମସ୍ତ ହିତକର କାର୍ଯ୍ୟ ନିର୍ମିତ ହୋଇ ଅଛୁ ତହିଁମଧ୍ୟରେ ଜଳଦାନର କାର୍ଯ୍ୟ ଅଧିକ ଅର୍ଥାତ୍ ୩ ଲକ୍ଷ ୯୫ ହଜାର ଟଙ୍କା ମଧ୍ୟରୁ ଗୋ ୧୭୨ ଟା ପୁଷ୍କରଣୀ ଖୋଳାଇବାରେ ୧ ଲକ୍ଷ ୭୮ ହଜାର ଟଙ୍କା ଏବଂ ୧୧ ଗୋଟା କୂପ ଖନନରେ ପ୍ରାୟ ୧୧ ହଜାର ଟଙ୍କା ବ୍ୟୟିତ ହୋଇଅଛି । ତହିଁଉତ୍ତାରେ ସ୍କୁଲ ଏବଂ ଧର୍ମଶାଳା ଗୃହ ନିର୍ମାଣରେ ବ୍ୟୟ ପ୍ରାୟ ୭୫ ହଜାର ଟଙ୍କା ଏହି ଟଙ୍କାମଧ୍ୟରୁ ପଶୁ ଚିକିତ୍ସା ଶିକ୍ଷାଦାନ ବିଦ୍ୟାଳୟ ନିମନ୍ତେ କଲିକତାର ସିଉବକସ ବୋଗଲ ୩୦ ହଜାର ଟଙ୍କା ଏବଂ କମ୍ପେଇବାସୀ ସରିଦଜସା ମାନିକଜୀ ପେଟିଟ ୨୫ ହଜାର ଟଙ୍କା ଦାନକରି ଅଛନ୍ତି । ଓଡିଶାରେ ବାବୁ ହରିବଲ୍ଲଭ ପଣ୍ଡିତ ୧୫ ହଜାର ଟଙ୍କା ବ୍ୟୟକରି ପୁରୀରେ ଗୋଟିଏ ଧର୍ମଶାଳା ଗୃହ ନିର୍ମାଣ କରାଇ ଅଛନ୍ତି ।

ବଙ୍ଗଦେଶ ଅନ୍ତର୍ଗତ କେଉଁ ବିଭାଗର ଲୋକ କେତେ ବ୍ୟୟ କରି ଅଛନ୍ତି ତହିଁର ସଂକ୍ଷେପ ତାଲିକା ମଧ୍ୟ ପ୍ରକାଶିତ ହୋଇଅଛି ତହିଁରୁ ଦେଖାଯାଏ ଯେ ପ୍ରେସିଡ଼େନସୀ ବିଭାଗ ୯୦ ହଜାର ପାଟନା ବିଭାଗ ୮୯ ହଜାର ରାଜସାହି ବିଭାଗ ୮୨ ହଜାର ଭାଗଲପୁର ୪୨ ହଜାର ଓ ବର୍ଦ୍ଧମାନ ୩୦ ହଜାର ଟଙ୍କା ବ୍ୟୟ କରି ଅଛି । ଓଡିଶାର ବ୍ୟୟ ୧୯ ହଜାରଟଙ୍କା ଅଟେ ।

ଓଡିଶାର ବିସ୍ତାରିତ ତାଲିକା ନିମ୍ନେ ପ୍ରଦର୍ଶିତ ହେଲା ଯଥା ।—

କଟକଜିଲ୍ଲା—ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ପାଞ୍ଚଶତ ଟଙ୍କାରୁ ନ୍ୟୂନ ଏପରି କାର୍ଯ୍ୟରେ ଟ ୨୦୦୯

ବାଲେଶ୍ୱରଜିଲ୍ଲା—ବ୍ରାହ୍ମଣୀଗ୍ରାମ ନିବାସୀ ଉଦଅ ବେଓ୍ୱା ଭଦ୍ରଖଥାନା ଅନ୍ତର୍ଗତ ଲୋକନାଥପୁର ଗ୍ରାମରେ ଗୋଟିଏ ପୁଷ୍କରଣୀ ଟ ୫୦୦
ପାଞ୍ଚଶତଟଙ୍କା ନ୍ୟୂନ ମୂଲ୍ୟର କାର୍ଯ୍ୟର

ମୋଟ ଟ ୩୨୫୫

---

ଟ ୩୭୬୪

ପୁରୀଜିଲ୍ଲା—କଟକନିବାସୀ ବାବୁ ହରିବଲ୍ଲଭ ପଣ୍ଡିତ ପୁରୁଷୋତ୍ତମରେ ଧର୍ମଶାଳା ଟ ୧୫୦୦୦
ପାଞ୍ଚଶତଟଙ୍କାର ନ୍ୟୂନମୂଲ୍ୟର କାର୍ଯ୍ୟ ଟ ୩୩୦

---

ଟ ୧୫୩୩୦

ଏଥିରୁ ସ୍ପଷ୍ଟ ଦେଖାଯାଉ ଅଛୁ ଯେ ଓଡିଶାମଧ୍ୟରେ ସାଧାରଣ ଧର୍ମାର୍ଥ ବ୍ୟୟରେ ବାଲେଶ୍ୱରଜିଲ୍ଲାବାସୀମାନଙ୍କର ଅନୁରାଗ ଶ୍ରେଷ୍ଠ ଅଟେ ଏବଂ ପ୍ରାୟ ସବୁବର୍ଷେ ଏହା ଦେଖାଯାଇ ଅଛୁ । ତହିଁଉତ୍ତାରେ ପୁରୀ ଓ ସର୍ବାପେକ୍ଷା ଅଧମ କଟକଜିଲ୍ଲା ଅଟେ । ଏକା ବାବୁ ହରିବଲ୍ଲଭ ପଣ୍ଡିତଙ୍କ ଯୋଗେ ଏଥର କଟକ ଓ ପୁରୀ ଉଭୟଜିଲ୍ଲାର ସମ୍ମାନ ରକ୍ଷା ପାଇଅଛି । କଟକ ଓ ପୁରୀରେ ଧର୍ମାର୍ଥ କାର୍ଯ୍ୟପ୍ରତି ଏତେ ଅଶ୍ରଦ୍ଧାର କାରଣ ନିର୍ଣ୍ଣୟ କରିବା କଠିଣ ବ୍ୟାପାର ହେଲେ ଆମ୍ଭେମାନେ ପୁଲିଶର ତାଲିକାପ୍ରତି ସନ୍ଦେହ କରିବାକୁ ବାଧ ହେଉଅଛୁଁ । ଏ ସତ୍କାର୍ଯ୍ୟର ତାଲିକା ପୁଲିଶଦ୍ୱାରା ପ୍ରଥମେ ପ୍ରସ୍ତୁତ ହେବାର ଜଣାଯାଏ । ପୁଲିଶକର୍ମଚାରୀମାନେ ସମସ୍ତଜିଲ୍ଲାରେ ସମାନ ମନୋଯୋଗୀ ହୋଇ କାର୍ଯ୍ୟ କଲେ ଏତେ ବୈଷମ୍ୟ ପ୍ରତ୍ୟକ୍ଷ ହୁଅନ୍ତା ନାହିଁ ପର ।

---

## ବିବିଧ ।

### ହିନ୍ଦୁମାନଙ୍କର ସ୍ୱଭାବ ।

ଭାରତବର୍ଷରେ ବହୁକାଳ ବାସକରିଥିବା ଜଣେ ଇଂରାଜ ହିନ୍ଦୁମାନଙ୍କ ସମ୍ବନ୍ଧରେ କଲିକତ ପେଲମେଲଗେଜେଟ ନାମକ ସମ୍ବାଦପତ୍ରରେ ଖଣ୍ଡିଏ ପତ୍ର ପ୍ରକାଶକରି ଅଛନ୍ତି । ପାଠକମାନଙ୍କ କୌତୁକ ନିବୃତ୍ତି ନିମିତ୍ତେ ତହିଁର ସାରମର୍ମ ନିମ୍ନେ ପ୍ରକାଶ କରୁଅଛୁଁ ଯଥା ।—

"ଇଂଲଣ୍ଡର ବର୍ତ୍ତମାନ ସଭ୍ୟତା ସଙ୍ଗେ ମିଶାଇ ଦେଖିଲେ ଭାରତର ସଭ୍ୟତା ଅନେକ ବିଷୟରେ ଉତ୍କୃଷ୍ଟ ଜଣାଯାଏ ଅନେକ ବିଷୟରେ ଭାରତରେ ଉଚ୍ଚଅଙ୍ଗର ସଭ୍ୟତା ପ୍ରତିଷ୍ଠିତ ଅଛି । ଭାରତବାସିଙ୍କ ଧର୍ମ ଇଂଲଣ୍ଡବାସିଙ୍କ ଧର୍ମାପେକ୍ଷା ଅଧିକତର ସଜୀବ । ସେଠା ଲୋକେ ଏହା ଅଧିକତର ମାନନ୍ତି ଏବଂ ଏହା ଉପରେ ସେମାନଙ୍କର ଅନୁରାଗ ମଧ୍ୟ ଅପେକ୍ଷାକୃତ ଅଧିକ । ଭାରତବାସିଙ୍କ ପାନଭୋଜନ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ଅବସ୍ଥାର ଉପଯୋଗୀ ବିଶୁଦ୍ଧ ଏବଂ ଆଡ଼ମ୍ବରଶୂନ୍ୟ । ଫଳତଃ ସେମାନଙ୍କର ଆହାର କେବଳ ଶରୀର ଧାରଣ ନିମନ୍ତେ; ମଦ୍ୟ ସେମାନଙ୍କର ପାନୀୟ ନୁହେ; ସେମାନଙ୍କ ପାନୀୟ କେବଳ ଜଳ ।

"ଭାରତବର୍ଷ ସମ୍ବନ୍ଧେ ମୋହର ଅଭିଜ୍ଞତା ଦୁଇ ଏକଦିନର ନୁହେ । ମୁଁ ୪୦ ବର୍ଷକାଳ ସେଠାରେ କଟାଇ ଅଛି । ଏହି ଦୀର୍ଘକାଳ ମଧ୍ୟରେ ମୁଁ ଯେତେ ପରୀକ୍ଷାକରି ଦେଖିଅଛି ତହିଁରେ ସେଠା ଲୋକଙ୍କ ସ୍ୱଭାବ ବହୁଗୁଣର ବୋଲି ମୋର ପ୍ରତୀତ ହୋଇଅଛି । ଯେଉଁମାନଙ୍କୁ ଯେତେ ମୁଁ ଦହାବଡ଼ି କାର୍ଯ୍ୟ କରୁଥିଲି ସେମାନେ ସମସ୍ତେ ମୋ ପ୍ରତି ଯଥେଷ୍ଟ ଅନୁରାଗ ଦେଖାଇ ଥିଲେ । ବାସ୍ତବରେ ଭାରତବାସିଙ୍କ ନିକଟରୁ ମୁଁ ଯେତେଦୂର ଭକ୍ତି

Digitized by srujanika@gmail.com

ାଇଅଛୁ ଅନ୍ୟ କାହାରଠାରୁ ତେତେ ପାଇନାହୁଁ ଏବଂ ସେମାନଙ୍କ ଠାରେ ଯେପରି ବିଶ୍ୱସ୍ତତା ଉପଲବ୍ଧି କରିଅଛୁ ସେପରି ଆଉ କାହାଠାରୁ କରିନାହୁଁ । ପେସୱାରଠାରୁ ତାଙ୍କା ପର୍ଯ୍ୟନ୍ତ ଭୂଭାଗର ବ୍ରାହ୍ମଣ ରାଜପୁତ ସାଁଓାଲ ପ୍ରଭୃତି ସମସ୍ତ ଜାତି ସଂସ୍ରବରେ ମୁଁ ଆସିଅଛୁ । ଏ ସମସ୍ତ ମହାନୁଭବ ଜାତିସମ୍ବନ୍ଧରେ ବିଲାତର ସ୍ତ୍ରୀ ପୁରୁଷମାନେ ସବିଶେଷ ଅନଭିଜ୍ଞ । କମନସ ସଭାର ସଭ୍ୟଗଣଙ୍କର ମୁଦ୍ଧା ଏ ସମ୍ବନ୍ଧରେ ବିଶେଷ ଅଭିଜ୍ଞତା ନାହିଁ ।

"ହିନ୍ଦୁର ଧର୍ମ ଅତିସୁନ୍ଦର । ଦେବ ଦେବୀ ପୂଜା ଏଥିର ବାହ୍ୟିକ ଚିହ୍ନ, କିନ୍ତୁ ଏଥିର ଅନ୍ତରେ ଗଭୀର ଭାବ ନିହିତ ଅଛି । ଖ୍ରୀଷ୍ଟିଆନ ମିସନରୀମାନେ ଏମନ୍ତ ସୁନ୍ଦର ଧର୍ମକୁ ବିକୃତ କରି ଇଂଲଣ୍ଡର ଲୋକମାନଙ୍କୁ ବୁଝାଇ ଦିଅନ୍ତି । ଧର୍ମର ସେହି ଅନ୍ତରସ୍ଥ ଗଭୀରଭାବକୁ ଲୁଚାଇ ରଖି କେବଳ ଦେବ ଦେବୀପୂଜାର ବାହ୍ୟିକ ଚିହ୍ନ ସେମାନଙ୍କ ମନରେ ମୁଦ୍ରିତକରି ଦେଇ ଅଛନ୍ତି ।

"ଯେଉଁ ଅବତାର-ବାଦ ନଷ୍ଟ ଇଉରୋପୀୟଙ୍କ ଚିତ୍ତରେ ଶାନ୍ତିସୁଖ ପ୍ରଦାନ କରେ ହିନ୍ଦୁର ଅବତାରବାଦ ସହିତ ତହିଁର ପ୍ରଭେଦ କିଛି ନାହିଁ । ହିନ୍ଦୁ ମନ୍ଦିରରେ ଯେତେବେଳେ ପୁରୀରେ ଜଗନ୍ନାଥଙ୍କର ଅର୍ଚ୍ଚନା କରେ ସେତେବେଳେ ଖ୍ରୀଷ୍ଟିୟ ଉପାସକ ସହିତ ତାହାର କୌଣସି ପାର୍ଥକ୍ୟ ରହେ ନାହିଁ ନ ଥାଏ । ସେତେବେଳେ ସେ ଖ୍ରୀଷ୍ଟିୟ ଉପାସକଙ୍କୁ ମଧ୍ୟ ଏକପ୍ରାଣତାର ସହିତ ଦେଖଇ । ଜଗନ୍ନାଥଙ୍କ ନିକଟରେ ଆଉ ଭିନ୍ନଭାବ ନଥାଏ । ସେଠାରେ ସମସ୍ତେ ସମାନ ।

"ଇଉରୋପୀୟ ସମାଜରେ ଲୋକର ଆକାଙ୍କ୍ଷା ଯେତେ ପ୍ରବଳ ସେ ଆକାଙ୍କ୍ଷା ନିମନ୍ତେ ଯେତେ ଉଦ୍ୟୋଗ ଆୟୋଜନ ଯେପରି କପଟେତେ ଉଦ୍ୟୋଗ ଆୟୋଜନ ଯେପରି କପଟେତେ ... ହିନ୍ଦୁସମାଜରେ ସେପରି ନାହିଁ । ମୁଁ ଅନେକକାଳ ଭାରତବାସୀ ସଙ୍ଗେ ଏକତ୍ରେ ବାସ କରିଅଛି ଭାରତବାସିଙ୍କୁ ମୁଁ ଦେଖିପାରି ଅଛି ଓ ସେମାନେ ମଧ୍ୟ ମୋତେ ଭକ୍ତି ଓ ସ୍ନେହ ଦେଖାଇ ଅଛନ୍ତି ।

"ଉପରେ ଲିଖିତ ଅବସ୍ଥାମାନ ପର୍ଯ୍ୟାଲୋଚନା କରି ମୁଁ ଇଂରାଜମାନଙ୍କୁ ବିନୟ ପୂର୍ବକ କହୁଅଛି କି ସେମାନେ ଭାରତବାସିର ସମାଜ ଓ ଧର୍ମ ସଂକ୍ରାନ୍ତ କୌଣସି ବିଷୟରେ ଆଦୌ ହସ୍ତକ୍ଷେପ ନ କରନ୍ତୁ । ପୂର୍ବପ୍ରାୟ କର୍ମଚାରୀମାନେ ସ୍ୱାଧୀନ ଭାବରେ ଆପଣା ଆପଣା କର୍ତ୍ତବ୍ୟ ପାଳନ କରନ୍ତୁ । ଅଇନର କାର୍ଯ୍ୟ ନ୍ୟାୟମତେ ପରିଚାଳିତ ହେଉ, ପ୍ରଜାମାନଙ୍କ ଅନ୍ତର୍ଜୀବନରେ ଯେମନ୍ତ ହସ୍ତକ୍ଷେପ ନହେଉ । ଇଂଲଣ୍ଡ ଯଦି ଭାରତର ଅନେକ ଉପକାର କରି ଆଏ ତେବେ ଭାରତମଧ୍ୟ ଇଂଲଣ୍ଡର ଉପକାର କରିଅଛି । ଭାରତ ଓ ପ୍ରାଚ୍ୟପ୍ରଦେଶ ଅଦ୍ୟାପି ଇଂଲଣ୍ଡର ସଭ୍ୟତା ବୃଦ୍ଧିର କାରଣ ସ୍ୱରୂପ ହୋଇ ରହିଅଛି । ଇଂଲଣ୍ଡର ସ୍ଥୂଳଦର୍ଶୀ ରାଜନୈତିକମାନେ ଏବଂ ଅବୁଦ୍ଧିପ୍ରଣୋଦିତ ସ୍ତ୍ରୀଗଣ ଯେପରି ସମଗ୍ର ବ୍ରିଟିସ ଅଧିକାରର ସମଧିକ ଗୌରବସ୍ଥଳ ଭାରତ ସାମ୍ରାଜ୍ୟ କୌଣସି ଅଂଶ କ୍ଷୁଣ୍ଣ କରି ନ ପାରନ୍ତି ସେଥିପାଇ ଆମ୍ଭେମାନେ ସମସ୍ତେ ଏକ ମନରେ ସମଧିକ ଚେଷ୍ଟାକରୁଁ ।"

---

# ସାପ୍ତାହିକସମ୍ବାଦ ।

ଡେପୁଟୀ ଓ ଅଡିଟ୍ଟାମାନଙ୍କର ବାର୍ଷିକ ପରୀକ୍ଷା ଗତ ବୁଧବାର ଏଠା କମିଶନର୍ସ କଚେରୀରେ ହୋଇଥିଲା । ଅଦ୍ୟ ଶେଷ ହେବ ।

ଏଠାର ଡେପୁଟୀ କଲେକ୍ଟର ବାବୁ ନଗେନ୍ଦ୍ରନାଥ ଗୁପ୍ତ ଗତ ସୋମବାର ପୁରୀକୁ ପଠାଗଲେ । ଉତ୍ସସପ୍ତାହ ଭିତରେ ଫେରି ଆସିବାର ଶୁଣା ଯାଏ ।

ଉପରେ ବୃଷ୍ଟି ହେବାରୁ ମହାନଦୀରେ ଅଳ୍ପ ବଢ଼ିପାଣି ଆସିଅଛି ।

ଏ ନଗରର ସ୍ୱାସ୍ଥ୍ୟ ବର୍ତ୍ତମାନ ଭଲ ଅଛି । ମାତ୍ର ଯେପରି ମେଘୁଆପାଗ ହୋଇଅଛି ତହିଁରେ ଜ୍ୱରରୋଗ ବୃଦ୍ଧି ହେବାର ଭୟ ଜଣା ଯାଏ ।

ନରସିଂହପୁରର ନାବାଳଗ ରାଜା ଶିକ୍ଷା ନିମନ୍ତେ ଏ ସପ୍ତାହରେ ଏ ନଗରକୁ ଆସି ଅଛନ୍ତି ।

ନୟାଗଡ଼ର ଗୋଲମାଲ ଶାନ୍ତ ହୋଇ ନାହିଁ । ନେତାମାନେ ପୁଲିସର ଦ୍ରବ୍ୟାଦି ଲୁଟିନେବା ଓ ପୁଲିସ କେତେଲୋକଙ୍କୁ ଗୁଳି କରିବାର ଶୁଣା ଯାଏ । ଗଡ଼ଜାତ ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ଅଧିକ ପୁଲିସ ଦଳସଙ୍ଗେ ନେଇ ସେଠାକୁ ଯାଇ ଅଛନ୍ତି ।

ଦକ୍ଷିଣ ଆଫ୍ରିକାରେ ଇଂରାଜମାନେ ରେଲୱାଏ ନିର୍ମାଣ କରି ମା ୬୬ ଇଲ ରେଳଗାଡ଼ି ଚଳାଇ ଥିବାର ସମ୍ବାଦ ମିଳିଇ । ମା ୧୦ ଇଲ ଟେଲିଗ୍ରାଫ ନିର୍ମାଣ ହୋଇ ଅଛି ।

ଅଷ୍ଟ୍ରେଲିଆପାରେ ଡ ୨୦୦ ଣ ସ୍ତ୍ରୀଲୋକ ରେଲଷ୍ଟେସନ ମାଷ୍ଟରର କାର୍ଯ୍ୟ କରୁଅଛନ୍ତି । କଥିତହୁଏ ଏମାନଙ୍କୁ ନିଯୁକ୍ତ କରିବାରେ ସେଠା ଗବର୍ଣ୍ଣମେଣ୍ଟର ଏକଲକ୍ଷ ଟଙ୍କା ବ୍ୟୟ ଊଣା ହୋଇ ଅଛି ।

ବଙ୍ଗବାସୀ ପତ୍ରିକାରେ ଲେଖାଅଛି ଯେ କାବୁଲର ଅମୀର ଟଙ୍କା ଅଭାବରେ ଆପଣାର ସିପାହିମାନଙ୍କୁ ଏକମାସର ବେତନ ଛାଡ଼ି ଦେବାକୁ ଅନୁରୋଧ କରିଥିଲେ ସିପାହିମାନେ ଏଥିରେ ସମ୍ମତ ହୋଇ ଅଛନ୍ତି ଏବଂ ଅମୀର ଉଦ୍ଧ୍ୱାସ ସନ୍ତୁଷ୍ଟ ହୋଇ ପ୍ରକାଶ କରିଅଛନ୍ତି ଯେ ସେମାନଙ୍କର ରାଜଭକ୍ତି ଇତିହାସ ପୃଷ୍ଠାରେ ଅଙ୍କିତ ରହିବ ।—ଏହା ବାସ୍ତବିକ ରାଜଭକ୍ତିର ଚିହ୍ନ ଅଟେ ।

କଥିତହୁଏ ସମୁଦ୍ରର ଗଭୀରତା ତାହାର ମଧ୍ୟସ୍ଥଳରେ ନ ଥାଇ ବରଂ କୂଳଅଭିମୁଖେ ଅଛି । ଜାପାନର ଉତ୍ତର କୁରାଇଲ ଦ୍ୱୀପପୁଞ୍ଜର ମା ୧୩୦ ଇଲ ଠାରେ ସମୁଦ୍ରର ଗଭୀରତା ପ୍ରାୟ ୨୩ ହଜାର ହାତ ଅଟେ ।

ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ଯେ ଶାମୁକା ଦ ୧୪ ନ ଘଣ୍ଟାରେ ମାଇଲେ ବାଟ ଅତିକ୍ରମ କରି ପାରିବ ।

ବିଲାତ ପାର୍ଲିଆମେଣ୍ଟର କମନସ ଗୃହକୁ ଜଳ ଯୋଗାଇବାରେ ବାର୍ଷିକ ୨୦ ହଜାର ଟଙ୍କା ଖରଚ ହୁଅଇ ।

ସନ ୧୮୯୧ ମସିହାର ଲୋକସଂଖ୍ୟାଦ୍ୱାରା ଜଣା ଯାଇଅଛି ଯେ ବଙ୍ଗଳାରେ କ ୧୦୦ ଣ ପୁରୁଷକୁ କ ୧୦୨'୪ଣ ସ୍ତ୍ରୀ ଅଛନ୍ତି ।—ତଥାପି ସେଠାରେ ବହୁବିବାହ ପ୍ରବଳ ।

ସୁଲେପରେ ଶାନ୍ତିରକ୍ଷା କାର୍ଯ୍ୟରେ ବର୍ତ୍ତମାନ ୧୮ ପୋଷ୍ଟ ପାଉଣ୍ଡ ଖର୍ଚ୍ଚ ହେଉ ଅଛି ।

ବେଲଜିୟମର ରାଜା ବ୍ରସେଲସନଗରକୁ ଜଳ ଯୋଗାଇବାର ସର୍ବୋତ୍କୃଷ୍ଟ ଉପାୟ ଯେଉଁଲୋକ ଉଦ୍ଭାବନ କରି ଦେବ ତାହାକୁ ସହସ୍ର ପାଉଣ୍ଡ ପୁରସ୍କାର ଦେବା କାରଣ ପ୍ରତିଶ୍ରୁତ ହୋଇ ଅଛନ୍ତି । ପୃଥିବୀର ସମସ୍ତସ୍ଥାନରେ ଲୋକେ ଏଥିରେ ପ୍ରତିଯୋଗିତା କରି ପାରିବେ ।

ରୁଷିଆର ଜଣେ ଲୋକ ପାରିସ ନଗରରେ ମୂଷିକମାନଙ୍କୁ ଶିକ୍ଷାପ୍ରଦାନ କରିବାର ବ୍ୟବସାୟ କରୁଅଛନ୍ତି । ସେ ବର୍ତ୍ତମାନ ଏକ ରେଲବାଟ ନିର୍ମାଣ କରି ମୂଷିକମାନଙ୍କଦ୍ୱାରା ରେଳଗାଡ଼ି ଚଳାଉ ଅଛନ୍ତି । ସେ ରେଳଗାଡ଼ିର ପଥିକ ଏବଂ କର୍ମଚାରୀ ସମସ୍ତେ ମୂଷିକ ଧନ୍ୟ କହିବା ଏହାଙ୍କୁ ।

କଥିତହୁଏ ଗତ ଏକଶତବର୍ଷ ମଧ୍ୟରେ ଫ୍ରାନ୍ସ ୭୦ ଲକ୍ଷ ସେନା ଯୁଦ୍ଧରେ ହରାଇ ଅଛି ।—ତଥାପି ଯୁଦ୍ଧ ପ୍ରିୟତା ଯାଇ ନାହିଁ ।

ଇଂଲଣ୍ଡରେ ପ୍ରତିବର୍ଷ ୨୩ କୋଟିରୁ ଅଧିକ ବଡଶାର୍ଡ ହୁଅଇ ।

ଶ୍ୟାମରାଜ୍ୟରେ ଅଧିକାଂଶ ବିଭାଗରେ ରାସ୍ତା ନାହିଁ ।

ଜାପାନର ସୈନ୍ୟସଂଖ୍ୟା ୫ ଲକ୍ଷ ତାହା ନ ହେଲେ ସେ ଚୀନ ସଙ୍ଗରେ ଯୁଦ୍ଧ କରି ବାହାନ୍ତା ।

ଚୀନ ଦେଶରେ ସ୍ତ୍ରୀମାନଙ୍କର ଫଟୋଗ୍ରାଫ ଛବି ଉଠାଇବାର ଅଧିକାର ନାହିଁ । ନିୟମ ଭଲ ।

ଜଣିତଳ୍ପଏ ଅଧିକ ତମାଖୁ ସେବନ କଲେ ଓଜନଠାରେଣ ସ୍ୱାସ୍ଥ୍ୟକ ହୁଅଇ ନାହିଁ ।

ଅଷ୍ଟ୍ରିଆ ହଙ୍ଗେରୀର ଭିଏନା ନଗରର ଏକ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଇ ଅଛି ଯେ ଜଣେ ରାଜକୁମାର ବଳାତ ଉଚ୍ଚିତ୍ର ସୁନ୍ଦରୀ କନ୍ୟା ଖୋଜୁ ଅଛନ୍ତି । କନ୍ୟାର ବୟସ ୨୦ ବର୍ଷରୁ ଅଧିକ ହେବ ନାହିଁ ଓ ସେ ସୁନ୍ଦରୀ ଏବଂ ବୁଦ୍ଧିମତୀ ଓ ସଦ୍ବଂଶ ସମ୍ଭୂତା ହୋଇଥିବ ଏବଂ ବିବାହ ସଙ୍ଗେ ୨୫୦୦୦୦ ପାଉଣ୍ଡ ଯୌତୁକ ଆଣିବ । ସ୍ୱର୍ଗସୁଖର ଆଉ ବାକି କଣ ?

ବିଲାତର ଷ୍ଟେମ୍ବୁକ୍ୱାଏ ଉପରେ ବର୍ତ୍ତମାନ ଯେଉଁ ପ୍ରକାଣ୍ଡ ଗୁମ୍ବଜ ସେତୁ ନିର୍ମିତ ହୋଇ ଅଛି ତହିଁ ଉପରେ ପ୍ରଥ ମ ଦିନ ମାସରେ ୩୩ ହଜାର ଲୋକ ଓ ୩୩ ଲକ୍ଷ ଗାଡ଼ି ଯାତାୟାତ କରିଥିଲେ ଏବଂ ତହିଁ ଜନ୍ମରେ ୧୫୭୭ ଥର ଅଶ୍ୱଚାଳିତ ଏବଂ ୧୫୭ ପାଲିଙ୍କୀ ତାହାର ଯାତାୟାତ କରିଥିଲେ । ବିଲାତର ସମୃଦ୍ଧି ଏଥିରୁ ପାଠକେ ଅନୁମାନ କରନ୍ତୁ ।

କଲିକତା ସ୍କଟଲେଣ୍ଡର ଜେନେରାଲଙ୍କ ଅଫିସରେ ଘର ଭାଡ଼ା କାର୍ଯ୍ୟ କରୁଥିବା ଜ ୨ ଣ କୁଲି ଦେବାରୁ ପଡ଼ି ସିଁଡ଼ାରୁ ତହିଁ ମଧ୍ୟରୁ ଜଣେ ଅଠପିଠ ନିମ୍ନରେ ଗୋଟିଏ ଛାତ ଉପରେ ଅଟକି ରହିଗଲା । ଅନ୍ୟଟି ପ୍ରା ୮୦ ଫୁଟ ନିମ୍ନରେ ପଡ଼ି ପ୍ରାଣ ହରାଇ ଅଛି ।-ଯାହାର ନଇବାର ଥିଲା ସେ ମରିଗଲା ।

କଲିକତାର ମହାରାଜା ସାର ଯତୀନ୍ଦ୍ର କୃଷ୍ଣଙ୍କର ପୁତ୍ର କୁମାର ଏମ୍, ଏନ୍ ଠାକୁରଙ୍କର ଅପସ୍ମାର ରୋଗ ଥିବାରୁ ଡାକ୍ତରଙ୍କ ପରାମର୍ଶ ମତେ କ୍ଲୋରାଲ ବ୍ୟବହାର କରୁଥିଲେ । ଗତମାସ ତା ୧୭ ରଖ ଦିନ ସେ ସଙ୍ଗମେଲରେ ଖେଳି ଫେରି ଅନ୍ୟମନସ୍କ ଭାବରେ କାନ୍ଧପାଦ ଘରକୁ ଯାଇ ଔଷଧ ଖାଇଁ ୨ ଟିକିଏ ଅଧିକ ସେବନ କରି ପକାଇଲେ ।— ଏ ଯୋଗୁଁ ତାଙ୍କର ତତ୍କ୍ଷଣାତ୍ ମୃତ୍ୟୁ ଘଟଣା ହେଲା ।

ହାବଡ଼ାଠାରେ ଜଣେ ଲୋକ ନିଅଦ ଷଣ୍ଡୁଅଛି ତାହାର ପୁତ୍ରଙ୍କୁ ଏକ ସ୍ତ୍ରୀ ସହିତ କଳହ ଥିବାରୁ ତାହା ଘରକୁ ଯାଇ ଏକେ ତରଳ ଲୁହାରେ ଚାଁଥ ଦେଇ ଅଛି । ଏଥିରେ ମଧ୍ୟ ସନ୍ତୁଷ୍ଟ ନ ହୋଇ ଆଉ ଏକଦିନ ସେ ସ୍ତ୍ରୀକି ପ୍ରହାର କରି ପଳାଇ ଆସିବା ସମୟରେ ପ୍ରତିବାସୀମାନଙ୍କ କର୍ତ୍ତୃକ ଧୃତ ହୋଇ ପୁଲିସ ଜିମ୍ମାରେ ଅର୍ପିତ ହେଲା । ବସ୍ତୁତରେ ମା ୭ ସ୍ତ୍ରୀ କାରାଦଣ୍ଡ ଏବଂ ପୁଲିସହାତରୁ ପଳାଇ ଯିବାକୁ ଚେଷ୍ଟା କରିବା ହେତୁ ଆଉ ଏକମାସ ଏରୂପ ମା ୭ ସ୍ତ୍ରୀ କାରାଦଣ୍ଡ ହୋଇଅଛି ।—ଏହାର ଅର୍ଥରେ ଜେଲଖାନା ଯିବାକୁ ନିତାନ୍ତ ବାଞ୍ଛା ଥିଲା ପରି !

ମେଦିନୀପୁର ଡିଷ୍ଟ୍ରିକ୍ଟର ଜମିଦାର ମାଣିକମଣ୍ଡଳ ଆପଣାର ଭଣଜାଙ୍କ ସହିତ ମା ୭ ସ୍ତ୍ରୀ ସକାଶେ ଦଙ୍ଗା ହଙ୍ଗାମା ମୋକଦ୍ଦମାରେ କାରାଦଣ୍ଡର ଆଦେଶ ପାଇଥିବାର ସମ୍ବାଦ ମିଳିଲା । ଜମିଦାରମାନେ ସାବଧାନ ।

## ଯାଜପୁର—ସମ୍ବାଦ ।

କଟକର ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ଶ୍ରୀଯୁକ୍ତ ମୋରବ ସାହେବ ଗତ ସପ୍ତାହରେ ଏଠାରେ ପହଞ୍ଚି ଜେଲ ଓ ଡାକ୍ତରଖାନା ପରିଦର୍ଶନ କରି କଟକ ଫେରିଯାଇ ଅଛନ୍ତି । ସାହେବ ବାହାଦୂର ଶ୍ରୀଯୁକ୍ତ ଡାକ୍ତର ବାବୁଙ୍କ କାର୍ଯ୍ୟରେ ବିଶେଷ ସନ୍ତୁଷ୍ଟ ହୋଇଅଛନ୍ତି ।

ଅଳ୍ପଦିନ ଏ ଅଞ୍ଚଳରେ ଜ୍ୱରର ପ୍ରକୋପ ବିଶେଷ ବୃଦ୍ଧି ହୋଇଅଛି ମଧ୍ୟ ଜ୍ୱର ରୋଗରେ କେତେକ ଶିଶୁ କାଳଗ୍ରାସରେ ପତିତ ହେଉଅଛନ୍ତି । ଋତୁ ପରିବର୍ତ୍ତନହିଁ ଏହାର ପ୍ରଧାନ କାରଣ ଅଟେ ।

ଏ ସମୟରେ ଅନେକ ଓଡ଼ିଆ ଯାତ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଯାଉଅଛନ୍ତି । ଧାନ୍ୟଫସଲ ଉତ୍ପନ୍ନ ହୋଇଥିବା ନେବ ଧାନ ଦାଢବା ପର୍ଯ୍ୟନ୍ତ ଅନ୍ୟ କୌଣସି କାର୍ଯ୍ୟ ନ ଥିବାରୁ ଗୃହୀମାନେ ଆପଣା ୨ ପିଲା କାଳକ ସହିତ ଗ୍ରାମକୁ ଗ୍ରାମ ତଲବର ହୋଇଯାଇ ଅଛନ୍ତି ।

ଅତି ବୃଷ୍ଟି ହେତୁ କେତେକ ସ୍ଥାନର ଧାନ୍ୟଫସଲ ଧୋଇ ଗଲେ ନଷ୍ଟ ହୋଇଥିବାର ଏଥି ପୂର୍ବେ ଜଣାଇ ଅଛୁଁ । ଖୋଷଖୋ, ପ୍ରଭଞ୍ଜାର ଅଗ୍ରଥପଦା, ଜଗନ୍ନାଥ ପ୍ରସାଦ ଓ ଚନ୍ଦ୍ରି କଟକଟି କେତେକ ମୌଜା ଅର୍ଥାତ୍ ଭାଦ୍ର ବର୍ଷଦୋଷ ପତିତ ସ୍ଥାନର ଧାନ୍ୟଫସଲ ଅନାବୃଷ୍ଟିରେ ନଷ୍ଟ ହେବାର ବିଶେଷ ସମ୍ଭାବନା ଗତ ଅଶ୍ୱିନ ମାସଠାରୁ ଉକ୍ତ ସ୍ଥାନମାନଙ୍କରେ ଜଳ ବର୍ଷା ହୋଇ ନ ଥିବାରୁ ଧାନ୍ୟ ବଲ ଫାଟି ଯାଇଅଛି ।

ଗତ ଦଶମୀ ଅମାବାସ୍ୟା ଦିବସ ସ ୧୨ ଘ ସମୟରେ ଦିନା ବାତରେ ଏକ ଅଞ୍ଚଳ ଜଳ ବର୍ଷା ହୋଇ ଗୃହୀମାନଙ୍କର ସେଭଳି ଦୂର ହୋଇଅଛି । ଏଣିକି ଅଳ୍ପ ବର୍ଷାର ପ୍ରୟୋଜନ ନାହିଁ ।

ଅତ୍ର ଥାନାର ଅନ୍ତର୍ଗତ ବେଗଲପୁର ଗୋପାଳପୁର ଦାମୋଦରପୁର ପ୍ରଭୃତି ଗ୍ରାମରେ ଏକଗୋଷ୍ଠୀ ଶୃଗାଳ ପାଗଳ ହୋଇ ଏଥି ମଧ୍ୟରେ କେତେକ ମନୁଷ୍ୟ ଗୋରୁ ଓ କୁକୁରଙ୍କୁ କାମୋଡ଼ି ଅଛି । ଦିନକରେ ବେଗଲପୁର ଗ୍ରାମରେ ଉକ୍ତ ଶୃଗାଳ ଏକ ସ୍ତ୍ରୀର ଘରମଧ୍ୟରେ ପଶି ଗୋଟିଏ ଉଦ୍ଧମାସର ବାଳକାକୁ କାମୋଡ଼ି ଘରର ପଶ୍ଚାତ୍‌ଦ୍ୱାର ଦେଇ ନେଇ ଯାଉଥିଲା ବାଳକାର ଚିତ୍କାର କ୍ରନ୍ଦନଧ୍ୱନି ଶୁଣି ତାହାର ପଡ଼ୋଶୀମାନେ ଦୌଡ଼ି ଆସି ବାଳକାକୁ ରକ୍ଷା କଲେ ଉଚିତ ଯେ ଯେତେ ଶୀଘ୍ର ପାରନ୍ତି ଉକ୍ତ ପାଗଳଶୃଗାଳ ଓ ସେ ଯେଉଁ କୁକୁରକୁ କାମୋଡ଼ି ଅଛି ସେମାନଙ୍କୁ ମାରି ପକାନ୍ତୁ ଅନ୍ତିମନଧି ଏ ଥାନାମଧ୍ୟରେ ଅନେକସ୍ଥାନରେ ଚୁରି ୨ ବଅବଣ ଅବ ଅଛି ଉକ୍ତ ବଣମାନ ଶୀଘ୍ର କଟାଇବା ପ୍ରତି ମିଉନିସିପାଲିଟୀଙ୍କର ବିଶେଷ ମନୋଯୋଗୀ ହେବା ଆବଶ୍ୟକ ।

ଛତିଆ ନିକଟରେ ଘଟିଥିବା ବିଷ୍ଣୁପୁର ମକଦ୍ଦମା ଶ୍ରୀ ବାବୁ ଶ୍ରୀକୃଷ୍ଣ ମହାପାତ୍ର ସବଇନ୍‌ସ୍ପେକ୍ଟର ସାକ୍ଷୀ ତଦାରଖ କରି ଦୁଇଜଣ ଅସାମୀ ଗିରଫ କରିଥିବାରୁ ସେମାନେ ସେସନ ସୋପର୍ଦ୍ଦ ହୋଇ ଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଆପଣଙ୍କ ଜଗଦ୍ୱିଖ୍ୟାତ ପତ୍ରିକାରେ ନିମ୍ନଲିଖିତ ବିଷୟଟିକୁ ସ୍ଥାନଦାନ କରିବା କାରଣ ଜଣାଇଲୁଁ ।

ଏଥିପୂର୍ବେ କାନରଷ୍ଟିର ଅଘାତ ବିଷୟ ଜଣାଇଥିଲୁଁ ମାତ୍ର ଉକ୍ତ ମର୍ଚ୍ଚେଣ୍ଟ ତାହା ସ୍ୱେଚ୍ଛାପୂର୍ବକ ଆମ୍ଭଙ୍କୁ ନେଇ ତାକୁ ମାଡ଼ ମାରିଥିଲା ବ୍ୟକ୍ତି ଦରୋଗାଠାରେ ହାଜର କରାଇଥିବାରୁ ତଦନ୍ତରେ ଏ ଖଣ୍ଡପଡ଼ା ନିଜଗଡ଼ଜିଲାବାସୀ ପିଉରଙ୍ଗଖାତଙ୍ଗା ବ୍ରାହ୍ମଣର ବାଇଗଣ ଫସଲ ଖାଇଁ ଲୋକସାନ କରିଥିବାରୁ ଉକ୍ତ ବ୍ରାହ୍ମଣ ଏକଗୋଷ୍ଠୀ ଫାଳକିଆ ବତାରେ ମର୍ଚ୍ଚେଣ୍ଟଙ୍କୁ ମାଡ଼ ମାରିବାରୁ ତାହାର ଲଙ୍ଗୁଳ ଓ ପାଦରେ ଅଘାତ ଜନିତ ହୋଇଥିବା ଉକ୍ତ ବ୍ରାହ୍ମଣ ଏକସର କରିବାରୁ ବିଶ୍ୱନାଥପତିଙ୍କ ହତୁରିକୁ ଉକ୍ତ ଅସାମୀକୁ ଗ୍ରେଫ୍ତାର କରାଯାଇଥିବା ପ୍ରଯୁକ୍ତ ଅସାମୀ ଦାଦାୟକ୍ଷ ବ୍ରାହ୍ମଣଥିବାରୁ ବିଶ୍ୱନାଥପତି ତାକୁ ଖଲାସ ଦେଇଅଛନ୍ତି ଉକ୍ତ ମର୍ଚ୍ଚେଣ୍ଟର ପୀଡ଼ାସ୍ଥାନମାନ ଡାକ୍ତରଙ୍କ ଚିକିତ୍ସାରେ ଆରାମ ପାଇଯାଇଥିବା ଓ ତାହା ମନ୍ଦକପାଳ ଘଟିବାରୁ ଉକ୍ତ ମର୍ଚ୍ଚେଣ୍ଟର: ମୃତ୍ୟୁଘଟଣା ହୋଇଯିବାରେ ତାହାର ଶବକୁ ଯଥୋଚିତରୂପେ ସତ୍କାର କରି ତାହାର ଶ୍ରାଦ୍ଧକ୍ରିୟା ଯୋଗେ ଟ ୨୫୦ଙ୍କା ପର୍ଯ୍ୟନ୍ତ ଖରଚ ହୋଇ ବ୍ରାହ୍ମଣଭୋଜନାଦି କ୍ରିୟା ସମ୍ପନ୍ନ କରାଯାଇ ସମସ୍ତ ଜନମାନଙ୍କ ମନାନନ୍ଦ କରାଯାଇ ଅଛି ।

ଦୈ ଓ ଗୋଲାମ ସିଂହ
ବକ୍ସୀ ବାହାଦୁର ସବ ଇନସ୍ପେକ୍ଟର
ଖଣ୍ଡପଡ଼ା ।

### ମୂଲ୍ୟପ୍ରାପ୍ତି

| | |
|---|---|
| ବାବୁ ବସନ୍ତ ପଟ୍ଟନାୟକ ସୋନାଖଲା | ଟ ୨୧ |
| " ଗୋପୀନାଥ ମହାନ୍ତି କୁଳସିପୁର | ଟ ୨୧ |


## ବିଜ୍ଞାପନ ।

### ଅମରକୋଷ ଅଭିଧାନ
### ବାଳବୋଧିନୀ ଟୀକାସହିତ

ମୂଲ୍ୟ ଟ ୧୧ଙ୍କା ଓ ଡାକମାସୁଲ ଟ ୦/

### ଅଙ୍ଗୁଟ୍ଟୁରୀ

ଯେ ପଢ଼ିବେ ଏହି ଅଙ୍ଗୁଳୀୟ ।
ରହି ନ ପାରିବେ ହାସ୍ୟସମ୍ବରି ।
ଲାଗୁଥିବେ ଭଗତ ବନ୍ଧୁ ଲୋକରେ ।
ନକ୍ତିବେ କ୍ଷଣେକ ବସୁଗହଳରେ ॥

ଏଥିର ମୂଲ୍ୟ ଟ ୦ /୬ ଡାକରେ ନେଲେ ମାସୁଲ ଟ ୦ /୬ ଲାଗିବ

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଭାଗୀରଥୀ ସାଠିଆ

ଶ୍ରୀଯୋଗେଶଚନ୍ଦ୍ର ସ୍ୱୟଂକର ସରଳ ପଦାର୍ଥ ବିଜ୍ଞାନ ପୁସ୍ତକର ଦ୍ୱିତୀୟ ସଂସ୍କରଣ ନିଃଶେଷିତ ହୋଇଅଛି । ତୃତୀୟ ସଂସ୍କରଣ ଅନେକାଂଶରେ ନୂତନ । ତାହା ଅବଶ୍ୟ ଶୀଘ୍ର ପ୍ରକାଶିତ ହେବ ।

କଟକ
୨୫।୧୦।୧୪ }


Split by PDF Splitter
Digitized by srujanika@gmail.com

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରି ଓ ଲୋୟର ପ୍ରାଇମେରିସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦଉଡ଼ିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅଳ୍ପମୂଲ୍ୟରେ ପାଇପାରିବେ ।

## NOTICE.

Wanted an Assessor on a salary of Rs. 100 per meusem for three months to revise the assessment of the Puri Municipality.

Candidates should apply with their testimonials before 30th November 1894.

JAGABUNDHU PATNAIK
*Vice-Chairman.*

## NOTICE.

The first part of our Key to LETHBRIDGE'S EASY SELECTIONS (MINOR COURSE 1895) is out and available for sale. Intending purchasers of the first part will have to pay the price of the whole Key. The second part will be sent to them free as soon as out.

Price of whole Key Re. 1.

Postage one anna extra for Moffosal.

To be had of the Secretary Printing Company Cuttack.

Cuttack, The 24th Septr, 1894. — Akshoy Kumar Ghose, and Hara Chand Ghose.

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ

ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍‌ରି ପ୍ରଭୃତି ସ୍ୱମଧୁର-ସ୍ୱରର ଅଭିରୁଚିଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବେଦନାର ଆଉ କଷ୍ଟ ପାଅନା ।

ସ୍ୱମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କମ୍ପା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ଯାଇଁ କମ୍ପା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାରଦ୍ୱାରା ଟନ୍ ଟନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ କନା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା କଦଳୀ ପ୍ରାୟ ତତ୍କାଳ ଉପଶମ ହୁଅଇ । ସମସ୍ତ ସଂସାରୀ ଲୋକଙ୍କର ଏକ୨ ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତରୀ ଔଷଧ ବସ୍ତୁ ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କ ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାଙ୍କି ଟ ୦।୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

କେ, ପି, ରାୟ ।
ନ ୪୫ ମିର ନେବୁତଲା ଲେନ,
ବହୁବଜାର । କଲିକତା ।—

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରେ। ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର୨ ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୨ ରୋଗୀ ବା ଯେଉଁମାନଙ୍କୁ ବଡ଼୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଅଥବା ସ୍ୱୟଂ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଅଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନୀ, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ୨ ଙ୍କା ପ୍ୟାକିଂ ଟ ୦।୵ ଅଣା ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନ ୪୫ ମିର ନେବୁତଲା ଲେନ
କଲିକତା ।

## ରାଗ-ରସଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରବାଲ
ନୟାସଡ଼କ କଟକ

Split by PDF Splitter
Digitized by srujanika@gmail.com

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ [illegible] ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଭଜିଣୀ ଓ ଝୁଲଣ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.
S. P. Ghosh's Key to English Entrance Course for 1894.
Chambers' Etymol. Dictionary.
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକାଇ, ରେସମୀ ଓ ଗେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ତଦ୍ଦ୍ୱାରା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂନଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାହାରଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିସ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଦୁଇଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ତପସିଲ ।

| ଜିନିସର ନାମ | ମୂଲ୍ୟ |
|---|---|
| ଅଟମେଷ୍ଟ ପେନସୀଲ | ଗୋ ୧ ଟ ୦ [illegible] |
| ଲାଲ୍ ଓ ନୀଳ ପେନସୀଲ | ଗୋ ୧ ଟ ୦ [illegible] |
| ଓଡ଼ାଳ ପେନସୀଲ | ଦ ୧ ଟ ୦ [illegible] |
| ନକସା କାଗଜ | ଦ ୧ ଟ ୦ [illegible] |
| ଫୁଲସକେପ୍ କାଗଜ ସରୁ ସା | ଦ ୧ ଟ ୦ [illegible] |
| ଏକନ ରୁଲ୍‌ବାଲା | ଦ ୧ ଟ ୦ [illegible] |
| ଏକନ ମୋଟା | ଦ ୧ ଟ ୦ [illegible] |
| ଫାଉସୀନୋଟପେପର ଓ | |
| ଲଫାଫା | ଦ ୧ ଟ [illegible] |
| ଡାକକାଗଜ ସରୁସା | ଦ ୧ ଟ ୦ [illegible] |
| ଏକନ ମଧ୍ୟମ | ଦ ୧ ଟ ୦ [illegible] |
| ଲଫାଫା ସରୁସା ସ୧୦୦ ଟ୦[illegible] | ଗୋ ୨୫ ଟ[illegible] |
| ଏକନ ମଧ୍ୟମ ସ୧୦୦ ଟ ୦ [illegible] | ଗୋ ୨୫ ଟ୦ [illegible] |
| ତାଲିକାଗଜ ୧୬ ପଣେ | ଦ ୧ ଟ ୦ [illegible] |
| ସୀହାଇ | ବୋ ୧ ଟ ୦ [illegible] |
| ଏହିନ ଗୁଣ୍ଡି ଏହାକୁ ଅଧ ବୋତଲ ଜଳରେ ପକାଇ ଫୁଟାଇ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଦ ୧ ଗ୍ରୁଲ ଟ ୦ [illegible] |
| ସୀଲଟ ପେନସୀଲ | ଦ ୧ ଟ ୦ [illegible] |
| ରବର | ଖ ୧ ଟ ୦ [illegible] |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ [illegible] |
| ଲୁହା କଲମ (ନିବ) ସରୁସା | ଡ଼ ୧ ଟ ୦ [illegible] |
| ଏକନ ମୋଟା | ଡ଼ ୧ ଟ ୦ [illegible] |
| ଏକନ୍ ବଡ଼ମାଗଜବୋଜନ | ଗୋ ୧ ଟ ୦ [illegible] |
| ହାତକୁଅଚ ଘାଲୁଣି ସହିତ (ତକ୍ତାବାଲା) | ଗୋ ୧ ଟ ୦ । |
| ଏକନ ସାଧାରଣ | ଗୋ ୧ ଟ [illegible] |
| କଲାପିତା ସରୁସା | ଗ ୧ ଟ [illegible] |
| ହୋଲ୍‌ଯାର ବେଗ ଗୃହସହିତ | ଗୋ ୧ ଟ [illegible] |
| ମନିବେଗ | ଗୋ ୧ ଟ ୦ [illegible] |
| ମୁଗୁନିପଥରର ଫଟୋଫ୍ରେମ୍ ଓ | |
| ରୁପେଲିନକସାବାଲା | ଗୋ ୧ ଟ [illegible] |
| ଲେବେଣ୍ଡର | ଗୋ ୧ ଟ [illegible] |
| ମେକସର ଅଏଲ | ଗୋ ୧ ଟ [illegible] |
| ସାବୁନ ସରୁସା | ଖ ୧ ଟ ୦ [illegible] |
| ଫଲଦାନୀ | ଗୋ ୧ ଟ [illegible] |
| ଦେବାଲଗିର ୨ଡାଲିଆ | ଗୋ ୨ ଟ [illegible] |
| ଏକନ ଏକଡାଲିଆ | ଗୋ ୧ ଟ [illegible] |
| ଷ୍ଟେଜ | ଗୋ ୧ ଟ [illegible] |
| ଅସ୍ତରେଟ | ଗୋ ୧ ଟ [illegible] |
| ତାସ | ବ ୧ ଟ ୦ [illegible] |
| ସାଜପଗଡ଼ି | ଗୋ ୧ ଟ [illegible] |
| ବନାରସୀ ସବୁ ଜରି | ଗ ୧ |
| ଯେତିକାରଏହାକୁ ଚୌଏସି ଘଣ୍ଟାରେ ରଖି ନଅଁରେ ଭିଜାଇ ହୋଟା ଖଣ୍ଡର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ |

କଟକ ଚୌଧୁରୀ ବଜାର } ଅରବିନ୍ଦ କର କମ୍ପାନୀ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ [illegible]
ଅଧସ୍ତମ୍ଭକୁ ଟ [illegible]
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ [illegible]

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେ ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ତଗଡ଼ାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO.

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ଭା
ସ ୪୩ ସଂଖ୍ୟା
ତା ୧୦ ତଖ ମାହେ ନଂଭେମ୍ବର ସନ ୧୮୯୪ ମସିହା । ମୁ । ୨୬ ତ କାର୍ତ୍ତିକ ସନ ୧୩୦୨ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ପଶ୍ଚାଦ୍‌ଦେୟ ଟ ୬

କଲିକତା ବସ୍ତିର ନଗରରେ ଗୋଟିଏ ବଧିର କାଶ୍ରମ ଅଛି । ମଇମନସିଂହର ଜଜ ବାହାଦୁର ସାହେବ ସେହି ଆଶ୍ରମକୁ ଅର୍ଥ ସାହାଯ୍ୟ ପଠାଇବାର ସଙ୍କଳ୍ପନାରେ ପାଠକର ଅତ୍ୟନ୍ତ ଆନନ୍ଦିତ ହେଲୁଁ । ହିନ୍ଦୁ ବଧିରା ପ୍ରତି ସହାନୁଭୂତି ଦେଖାଇବା ସାହେବମାନଙ୍କ ମଧ୍ୟରେ ବିରଳ ଅଟେ ।

---

ମହୀଶୂର ରାଜ୍ୟରେ ବାଲ୍ୟବିବାହ ନିବାରଣାର୍ଥ ଗୋଟିଏ ଆଇନର ପାଣ୍ଡୁଲିପି ବାହାରିଅଛି ଇହାର ମର୍ମ ଏହି ଆଠବର୍ଷର ଊଣା ବାଳିକାକୁ ଯେ କେହି ବିବାହଦେବ ସେ ଦଣ୍ଡନୀୟହେବ ଏବଂ ଯେଉଁ ପୁରୁଷର ବୟସ ୫୦ ବର୍ଷରୁ ଅଧିକ ସେ ୧୪ ବର୍ଷରୁ ଊଣା ବୟସର ସ୍ତ୍ରୀ ବିବାହ କଲେ ଦଣ୍ଡ ପାଇବ ।

---

ରଥ ସ୍‌ଚାଇଲଡ୍‌ବଂଶ ଇଉରୋପ ମଧ୍ୟରେ ବଡ଼ ଧନୀ ଏହି ବଂଶର ବ୍ୟାରଣ ଡି, ରଥ୍‌ସ୍‌ଚାଇଲଡ୍ ଭିଏନା ନଗରର ହସପାତାଲକୁ ବିଶ ଲକ୍ଷ ଟଙ୍କା ଦାନ କରି ଅଛନ୍ତି । ତାହାଙ୍କ ସ୍ତ୍ରୀ କର୍କଟ ରୋଗରେ ମରିପଡ଼ିଥିଲେ । ଅତଏବ କର୍କଟ ରୋଗାକ୍ରାନ୍ତ ସ୍ତ୍ରୀଙ୍କ ଚିକିତ୍ସାର୍ଥେ ଏହି ଅର୍ଥର ଏକ ଅଂଶ ବ୍ୟୟିତ ହେବ ଅପର ଅଂଶ ଅନ୍ୟାନ୍ୟ ରୋଗିଙ୍କ ସେବାରେ ଲାଗିବ । ଧନ୍ୟ ଏହାଙ୍କର ହୃଦୟ! ଅର୍ଥର ଯଥାର୍ଥ ବ୍ୟବହାର ଏହାଙ୍କୁ ଜଣାଅଛି ।

---

ବାବୁ ନିତ୍ୟାନନ୍ଦ ଘୋଷ ଏକ୍ଷ୍ଟ୍ରା ଡେପୋଟୀ କଲେକ୍ଟର ହୋଇ ବନ୍ଦୋବସ୍ତ କାର୍ଯ୍ୟରେ ବଗୁଡ଼ାକୁ ବଦଳି ହୋଇ ଯାଇଥିଲେ । ସେଠାରେ କେତେକମାସ ରହି ପୀଡ଼ାହେବୁ ଗତ ଦଶହରା ସମୟରେ ଛୁଟୀ ନେଇ ଏଠାକୁ ଆସିଥିଲେ । ପୀଡ଼ା ଭଲ ନ ହେବାରୁ ଆଉ ଛୁଟୀ ପ୍ରାର୍ଥନା କରନ୍ତେ ଗବର୍ଣ୍ଣମେଣ୍ଟ ତାହା ଅଗ୍ରାହ୍ୟ କରି କଟକ ମୁକାମ ବନ୍ଦୋବସ୍ତ ମହକୁମାରେ ହାଜର ହେବାର ଆଦେଶ ଦେଇଅଛନ୍ତି । ଓଡ଼ିଶାର ଡେପୋଟିମାନେ ସମସ୍ତେ ଓଡ଼ିଶାରେ ରହିଲେ ବଡ଼ ସୁଖର ବିଷୟ ।

---

ଓଡ଼ିଶା ମେଡ଼ିକଲ ସ୍କୁଲରେ ଯେଉଁ ସ୍ତ୍ରୀଲୋକମାନେ ପଢ଼ୁଅଛନ୍ତି ସେମାନଙ୍କର ଉତ୍ସାହ ବର୍ଦ୍ଧନାର୍ଥ ଦାନଶୀଳା ଓ ସ୍ୱଦେଶମଙ୍ଗଳକାରିଣୀ ଶ୍ରୀମତୀ କନକାରାଣୀ କୃଷ୍ଣପ୍ରିୟା ପାଟମହାଦେଈ ଗତ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ତ୍ରୀଲୋକ ( ଶ୍ରୀମତୀ ଚମ୍ପାପାତ୍ର ) ଙ୍କୁ ଏକ ଅଭିଲିଷ୍ଟ ସୁବର୍ଣ୍ଣମେଡଲ ପ୍ରଦାନ କରି ନିଜର ବଦାନ୍ୟତା ଗୁଣର ପରିଚୟ ଦେଇ ଅଛନ୍ତି । ରାଣୀଙ୍କର ଏହିପ୍ରକାର ସତ୍କାର୍ଯ୍ୟମାନଙ୍କରେ ଦାନ ପ୍ରାୟ ଦେଖାଯାଏ, ନ ହେବ ବା କାହିଁକି " ଯଥା କୁଲେ ତନ୍ତୁ ତଥା ଗତସ୍ତୁ ।"

---

ଉତ୍ତରପଶ୍ଚିମ ପ୍ରଦେଶର ପୂର୍ବଲାଟ ସର ଅକଲାଣ୍ଡ କଲଭିନ ଖଣ୍ଡିଏ ଉଚ୍ଚ ଶ୍ରେଣୀର ବିଲାତ ପତ୍ରିକାରେ ପ୍ରକାଶ କରିଅଛନ୍ତି କି ଯେବେ ଇଂରାଜ ଗବର୍ଣ୍ଣମେଣ୍ଟ ଭାରତବାସୀଙ୍କ ଉପରେ କ୍ରମାଗତ ନୂଆ ଟିକସମାନ ବସାଉଥିବେ ତେବେ ରୁଷିଆ କେବଳ ସୁସମୟକୁ ଚାହିଁ ବସିଥିଲେ ଗୋଟିଏ ବନ୍ଧୁକ ନ ମାରି ସୁଦ୍ଧା ଭାରତବର୍ଷ ଦଖଲ କରିନେବେ । ଜଣେ ପ୍ରଧାନ ରାଜପୁରୁଷ ଅନେକ ଚିନ୍ତା କରି ଏକଥା କହିଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଏଥିର ବିଚାର କରିବା ଉଚିତ ।

—※—

ବରଦାର ଗୁଇକ୍‌ମାର ଆଦେଶ ପ୍ରଚାର କରିଅଛନ୍ତି କି ଦେବାନଙ୍କ ଅନୁମତି ଭିନ୍ନ ତାହାଙ୍କ ରାଜ୍ୟମଧ୍ୟରେ ଗୋଟିଏ ସୁଦ୍ଧା ମଦର ଦୋକାନ ବସିପାରିବ ନାହିଁ । ଯଦ୍ୟପି କୌଣସି ଗ୍ରାମ ବା ସହରର ପଞ୍ଚଷଷ୍ଠାଂଶ ଅଧିବାସୀ ସେଠାରେ ଥିବା ମଦ ଦୋକାନ ଉଠାଇଦେବା ନିମନ୍ତେ ଆବେଦନ କରିବେ ତେବେ ଦେବାନ ଉଚିତ ବୁଝିଲେ ସେ ଦୋକାନ ଉଠାଇଦେବେ । ଗୁଇକ୍‌ମାରଙ୍କର ଏହି ଆଦେଶ ଏଦେଶୀୟ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଅବକାରୀ ନୀତିକୁ ବଳି ଯାଇଅଛି ।

---

ଗତ ସପ୍ତାହରେ ଯେଉଁ ସମୟରେ ଏଠାରେ ଭୋପାଳପର ଜଣାଯାଉଥିଲା ସେ ସମୟରେ

Digitized by srujanika@gmail.com

ମାନ୍ଦ୍ରାଜ ଉପକୂଳରେ ବଡ଼ପ୍ରବଳ ବାତ୍ୟା ହୋଇଥିଲା । ଉତ୍ତରକୁ କୋକନଦା ପର୍ଯ୍ୟନ୍ତ ଏହାର ବଳ ଲକ୍ଷଣ ଜଣାଯାଇଥିଲା । ଦକ୍ଷିଣାଞ୍ଚଳରେ ଘୋରବୃଷ୍ଟି ହୋଇଅଛି । ଓଡ଼ିଶାରେ ବୃଷ୍ଟିର ପରିମାଣ ଅପେକ୍ଷାକୃତ ଊଣା ହେଲେହେଁ ମେଘର ବଳ ଅବଧି ଭାଙ୍ଗିବାର ଜଣାଯାଉ ନାହିଁ । ଗତ ବୁଧବାର ଅପରାହ୍ନରେ ଏ ନଗରରେ ଏକସନ୍ଧ୍ୟା ପର୍ଯ୍ୟନ୍ତ ଏମନ୍ତ ଝାଡ଼ବୃଷ୍ଟି ହୋଇଥିଲା ଯେ ଏମାସ ମଧ୍ୟରେ ସେପରି ଆଉ କେବେ ଦେଖାଯାଇ ନାହିଁ ।

---

✓ ପାଲଲହଡ଼ା ମାନେଜର ମୁନସିନନ୍ଦବନ୍ଦ ଅଙ୍ଗୁଲର 'ଦଉଘସ୍ଥାଇ ଏଜେଣ୍ଟ କାର୍ଯ୍ୟରେ ନିଯୁକ୍ତ ହେବାରୁ ସେଠା ମାନେଜର ପଦରେ ବାଙ୍କି ସବ୍‌ଡିଭିଜନର ହେଡ୍‌କ୍ଲାର୍କ ବାବୁ ଦାମୋଦର ପଟ୍ଟନାୟକ ନିଯୁକ୍ତ ହୋଇ ଶୀଘ୍ର ପାଲଲହଡ଼ା ଯିବାସକାଶେ ଏଠାକୁ ଆସିଅଛନ୍ତି । ମୁନସି ଦଣ୍ଡପଲ୍ଲୀରେ ବନ୍ଦୋବସ୍ତ କାର୍ଯ୍ୟ କରିବେ ଏବଂ ଶାସନକାର୍ଯ୍ୟରେ ରଜାଙ୍କୁ ପରାମର୍ଶ ଦେବେ । ସୁତରାଂ ରଜାଙ୍କ କ୍ଷମତା ପୂର୍ବପରି ରହିଲା । ମୁନସିଙ୍କ ବେତନ ୫୦୦ ଟଙ୍କା ହୋଇଅଛି । ଆମ୍ଭେମାନେ ଆଶାକରୁଁ ମୁନସି ସୁଖ୍ୟାତିର ସହିତ କାର୍ଯ୍ୟକରି ସ୍ୱପଦର ଗୌରବ ରକ୍ଷାକରିବାକୁ ସମର୍ଥ ହେବେ ।

---

ଜାପାନସେନା କ୍ରମାଗତ ଅଗ୍ରସର ହେବା ଏବଂ ପଦେ୨ ଚୀନ ସେନାକୁ ହଟାଇଦେବାର ଦେଖି ଚୀନ ସମ୍ରାଟଙ୍କର କଡ଼ାଭାବନା ଉପସ୍ଥିତ ହେବାର ଜଣାଯାଏ । ସମ୍ରାଟ ଅପଣାର କପ୍ତାନ ଭନହାନେକେନଙ୍କୁ ରାଜଧାନୀକୁ ଡକାଇ ଚୀନସେନା ଏବଂ ରଣତରୀର ଅବସ୍ଥା ଶୀଘ୍ର ରିପୋର୍ଟ କରିବାକୁ ଆଦେଶ ଦେଇଅଛନ୍ତି । ଶତ୍ରୁଦ୍ୱାରରେ ପ୍ରବେଶ ହେବା ସମୟରେ ଏପ୍ରୋଚ ଦ୍ୱାରା କି ଫଳ ହେବ ଜଣାଯାଉ ନାହିଁ । ପୂର୍ବରୁ ସୈନିକ ଅବସ୍ଥା ଅନୁସନ୍ଧାନ କରି ବିହିତ ପ୍ରତୀକାର କରିବା ଉଚିତ ଥିଲା । କନ୍ତୁବାଳର ଅଳସ୍ୟରୁ ସମ୍ପ୍ରତି ଚୀନର ବର୍ତ୍ତମାନ ଶୋଚନୀୟ ଅବସ୍ଥା ଘଟିଅଛି ।

---

ନୟାଗଡ଼ର ଗୋଳମାଳ କ୍ରମଶଃ ବୃଦ୍ଧି ପାଇବାର ଅବଶେଷରେ ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ମାନନୀୟ କ ଲୁକବର ଅସନ ଟଉନ୍ ସାହେବ ମହୋଦୟ ଗତ ତା ୭ ରିଖରେ ନୟାଗଡ଼ାଭିମୁଖେ ଯାତ୍ରା କରିଅଛନ୍ତି ଓ ଦୁମ୍ବଳାଠାରୁ ଅଲଗ ଫୌଜ ପଶ୍ଚାତୁ ଧାବମାନ ହେଉଅଛନ୍ତି । ଗୋଳମାଳ ଶାନ୍ତ ନ ହେଲେ ଲଡ଼ାଇଦ୍ୱାରା ଶାନ୍ତିସ୍ଥାପନାର୍ଥେ ପଲଟନ ଯିବାର ଅଭିପ୍ରାୟ ବୋଧ ହେଉଅଛି । ଏଥିପୂର୍ବେ ଶୁଣିଥିଲୁଁ ଯେ ନୟାଗଡ଼ର ମେଳିୟାମାନେ ସୁପ୍ରିଣ୍ଟ ସାହେବଙ୍କ ଅପେକ୍ଷାରେ ଅଛନ୍ତି ସେମାନେ ତାଙ୍କୁ ଦୁଃଖ ଜଣାଇ ବଶୀଭୂତ ସ୍ୱୀକାର କରିବେ । ଏହା ଠିକ ହେଲେ ଅତୀବ ସୁଖର ବିଷୟ ହେବ ।

---

ବଙ୍କୁଲୀର ବିଦାୟ ସଂଖ୍ୟାରେ 'ଇନ୍ଦ୍ରଧନୁର ଜୟ ବା ପରାଜୟ' ନାମରେ ଗୋଟିଏ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ବିଦାୟ କେବଳ ଏ ପ୍ରସଙ୍ଗର ଅବତାରଣା ହେବାରୁ ଜଣାଯାଉଅଛି ଯେ ବଙ୍କୁଲୀର ଅନ୍ତର୍ଦ୍ଧାନରେ ଲୋକେ କହିବେ ଯେ ଇନ୍ଦ୍ରଧନୁର ଜୟହେଲା ଏହାହିଁ ଶେଷ ସମୟପର୍ଯ୍ୟନ୍ତ ତାହାଙ୍କ ମନକୁ ବିଚଳିତ କରିଥିଲା ଓ ସେ ସାନ୍ତ୍ୱନାର ଉପାୟ ନାହାନ୍ତି । ଆମ୍ଭେମାନେ ତାହାଙ୍କ ସାନ୍ତ୍ୱନା ନିମନ୍ତେ କହୁଅଛୁଁ ଯେ କେବେ୨ ଜୟ ଅପେକ୍ଷା ପରାଜୟରେ ଅଧିକ ଗୌରବ ପ୍ରକାଶପାଏ । ବଙ୍କୁଳୀ ଯୁଦ୍ଧରେ ଯେଉଁ କୌଶଳ ଦେଖାଇଥିଲେ ତହିଁରୁ ଖସିଯିବା ଦ୍ୱାରା ତଦପେକ୍ଷା ଅଧିକ କୌଶଳ ଦେଖାଇ ବିଶେଷ ପ୍ରଶଂସନୀୟ ହୋଇଅଛନ୍ତି ଏବଂ ଏଥିପାଇଁ ତାହାଙ୍କୁ ସମସ୍ତେ ଧନ୍ୟ କହୁଅଛନ୍ତି ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯେ ସେଠାର ଏକ ଜଣ ଗଣ୍ୟ ମାନ୍ୟ ବ୍ୟକ୍ତି ମହାଜନ ମହାପାତ୍ର ଗତ ସପ୍ତାହରେ ଓଲାଉଠା ରୋଗରେ କାଳପ୍ରାପ୍ତ ହୋଇଅଛନ୍ତି ସେ ଏକ ଜଣ ବିଶେଷ ପରୋପକାରୀ ଲୋକ ଥିଲେ, ସେ କୌଣସି ଶ୍ରେଣୀର ଲୋକ ହେଉ ତାହାର କଷ୍ଟ ବିପଦ ଉପସ୍ଥିତ ହେବା ବିଷୟ ମହାପାତ୍ରଙ୍କର କର୍ଣ୍ଣଗୋଚର ହେବାମାତ୍ରେ ସେ ସେଠାରେ ଉପସ୍ଥିତ ହୋଇ ତାକୁ ବିପଦମୁକ୍ତ କରିବା ନିମନ୍ତେ ଯଥାସାଧ୍ୟ ଶାରୀରିକ ପରିଶ୍ରମ ଓ ସମୟେ୨ ଆର୍ଥିକ ସାହାଯ୍ୟ କରିଥାନ୍ତି । ସେ ପ୍ରାୟ ୩୫ ବର୍ଷ ହେବ ଏଠା ମୁନସଫି ଅଦାଲତରେ ଷ୍ଟାମ୍ପଭେଣ୍ଡର କାର୍ଯ୍ୟ କରୁଥିଲେ ଏଠାର ଆବାଳବୃଦ୍ଧବନିତା ସମସ୍ତେ ତାହାଙ୍କ ଅନୁରକ୍ତ ଭକ୍ତି ଓ ଶ୍ରଦ୍ଧା କରୁଥିଲେ ତାହାଙ୍କର ମୃତ୍ୟୁରେ ସମସ୍ତେ ଦୁଃଖିତ ଅଛନ୍ତି ।

---

ଗତମାସ ତା ୩୧ ରିଖରେ ମହାମାନ୍ୟ ଗଭର୍ଣ୍ଣର ଜେନେରଲ ବାହାଦୁର ଅମୃତସରରେ ପହୁଞ୍ଚି ଅଳ୍ପକାଳ ନିମନ୍ତେ ସେଠାରେ ଅଟକିଥିଲେ । ସେଠାରେ ଗୋପନଗୃହରେ ଅବସ୍ଥିତ କରିବାର ବନ୍ଦୋବସ୍ତ କରାଯାଇଥିଲେହେଁ ମିଉନିସିପାଲ କମିସନରମାନେ ଅଭିନନ୍ଦନ ପତ୍ର ପ୍ରଦାନ କରିଥିଲେ ଏବଂ ଅଭ୍ୟର୍ଥନା ନିମନ୍ତେ କେତେଗୋଟି ବିଜୟ ଫାଟକ ପ୍ରସ୍ତୁତ ହୋଇଥିଲା । ଗୋଟିଏ ଫାଟକର ଏକପାଖରେ ଗୋଟିଏ ମନ୍ଦିର ଓ ଅନ୍ୟପାଖରେ ଗୋଟିଏ ମସଜିଦର ଚିତ୍ରଥିବାରୁ ତହିଁ ଉପଲକ୍ଷେ ମହାମାନ୍ୟ ମହୋଦୟ କହିଥିଲେ ଯେ ଭାରତବର୍ଷ ଦୀର୍ଘକାଳରୁ ହିନ୍ଦୁ ଓ ମୁସଲମାନ ଉଭୟଙ୍କର ଆବାସଭୂମି ହୋଇଅଛି । ଏହି ଦୁଇଜାତି ଆପଣା ମଧ୍ୟରେ ବିରୋଧ ନ କରି ସଦ୍ଭାବରେ ରହିବାର ଯେଉଁ ଚିତ୍ର ଦେଖାଇ ଅଛନ୍ତି ସେହିପଥ ସର୍ବଦା ଅନୁସରିଲେ ଶାନ୍ତିରକ୍ଷାର ବିଘ୍ନମାତ୍ର କଦାପି ହେବ ନାହିଁ । ହିନ୍ଦୁ ଓ ମୁସଲମାନମାନେ ଏକଥାକୁ ସ୍ମରଣ ରଖିବେ ଏହାଇ ସମସ୍ତଙ୍କର ବାଞ୍ଛା ।

---

ପୁନାରେ ଗଣେଶ ପୂଜା ଉପଲକ୍ଷରେ ଯେଉଁ ହଙ୍ଗାମା ହୋଇଥିଲା ତହିଁରେ ୧୩ ଜଣ ଆସାମି ଚାଲାଣ ହୋଇଥିଲେ ଏବଂ ତହିଁମଧ୍ୟରେ ତିନିଜଣ ସମ୍ଭ୍ରାନ୍ତ ହିନ୍ଦୁଥିଲେ । ଜଜସାହେବଙ୍କ ବିଚାରରେ ସେମାନେ ସମସ୍ତେ ଖଲାସ ପାଇଅଛନ୍ତି ମାତ୍ର ଯେତେ କଷ୍ଟ ଓ ବ୍ୟୟ ସହ୍ୟକରି ଅଛନ୍ତି ତାହା ସାମାନ୍ୟ ନୁହେଁ । ବମ୍ବେଇ ଗବର୍ଣ୍ଣମେଣ୍ଟର ଏକପାଖିଆ ବ୍ୟବହାର ଏଥିର କାରଣ ଅଟେ । ହିନ୍ଦୁ ଓ ମୁସଲମାନମାନଙ୍କୁ ସମାନ ଭାବରେ ଦେଖୁଥିଲେ କଦାପି ଏପରି ଘଟନ୍ତା ନାହିଁ । ଲର୍ଡ ହାରିସ ମୁସଲମାନମାନଙ୍କ ପକ୍ଷ ଧରି ହିନ୍ଦୁମାନଙ୍କୁ ଦଳକୁ ଫିଙ୍ଗିଦେବାରୁ ମୁସଲମାନମାନଙ୍କର ଆସ୍ପର୍ଦ୍ଧା ବଢ଼ିଲା । ସେ ଯେବେ ପ୍ରଥମରୁ ଆଦେଶ ଦେଇଥାନ୍ତେ କି ହିନ୍ଦୁମନ୍ଦିର ପାଖ ସଡ଼କରେ ମୁସଲମାନମାନେ ବାଜାବଜାଇ ଯାଇପାରନ୍ତି ସେହିପରି ମସଜିଦ ପାଖ ସଡ଼କରେ ହିନ୍ଦୁମାନେ ବାଜାବଜାଇ ଯାଇପାରିବେ ତେବେ ବିରୋଧ ଘଟି ନ ଥାନ୍ତା ମାତ୍ର ସେ ହିନ୍ଦୁମାନଙ୍କୁ ମସଜିଦ ପାଖରେ ବାଜାବଜାଇ

Split by PDF Splitter
Digitized by srujanika@gmail.com

ଯିବାର ନିଷେଧ କଲେ ମାତ୍ର ମୁସଲମାନଙ୍କ ପ୍ରତି କୌଣସି ଅଟକ ରଖିଲେ ନାହିଁ ।

---

ଗତ ମଙ୍ଗଳବାର ସନ୍ଧ୍ୟାସମୟରେ ଏ ନଗରବାସୀ ଦେଶୀୟ ଖ୍ରୀଷ୍ଟିଆନମାନଙ୍କର ଏଠା ମୁଣ୍ଡାହାଟ ଗିର୍ଜାଘରେ ଗୋଟିଏ ସଭା ହୋଇଥିଲା । ପାଦ୍ରି ବଗାଲସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଏଦେଶୀୟ ହିନ୍ଦୁମାନଙ୍କର ରୀତିନୀତି ଖ୍ରୀଷ୍ଟିଆନମାନଙ୍କର ଅନୁକରଣ କରିବା ଉଚିତ କି ନା ବାବୁ ସାମନ୍ତ ସାହେବ ଏହି ପ୍ରସଙ୍ଗରେ ଏକ ପ୍ରବନ୍ଧ ପାଠକରିବାରୁ ସେ ସମ୍ବନ୍ଧରେ ଅନେକ ବାଦାନୁବାଦ ସଭାରେ ଉପସ୍ଥିତ ହେଲା ଏବଂ ଅନେକ କୌତୁକଜନକ କଥା ମଧ୍ୟ ବାହାରିଲା । ପରିଶେଷରେ କୌଣସି ନିଶ୍ଚିତ ସିଦ୍ଧାନ୍ତ ନ ହୋଇ ସଭାଭଙ୍ଗ ହେଲା । ହିନ୍ଦୁମାନଙ୍କର ସମସ୍ତ ରୀତି ନୀତି ଯେ ମନ୍ଦ ଅଥବା ହିନ୍ଦୁମାନଙ୍କ ଦ୍ୱାରା ଆଚରିତ ହେବାରୁ ଖ୍ରୀଷ୍ଟିଆନଙ୍କର ପରିତ୍ୟାଜ୍ୟ ଏବଂ ସାହେବମାନଙ୍କର ସମସ୍ତ ରୀତିନୀତି ଭଲ ଅତଏବ ଅନୁକରଣୀୟ ଏପରି ବିଶ୍ୱାସକରିବା ନ୍ୟାୟସଙ୍ଗତ ହୋଇ ନ ପାରେ । ଦେଶ କାଳ ପାତ୍ର ବିବେଚନାରେ ଯାହା ଭଲ ତାହା ଅନୁକରଣୀୟ ଏହିଭାବରେ ବିଶ୍ୱାସକରି କର୍ତ୍ତବ୍ୟସ୍ଥିର କରିବା ଉଚିତ । ମୁସଲମାନମାନେ ଏଦେଶକୁ ଆସି ଅନେକ ବିଷୟରେ ହିନ୍ଦୁଙ୍କର ଓଲଟା ବ୍ୟବହାର କରନ୍ତି ଓ ତହିଁ ମଧ୍ୟରେ କେତେ ହାସ୍ୟାସ୍ପଦ ବ୍ୟବହାର ଦେଖାଯାଏ । ଦେଶୀୟ ଖ୍ରୀଷ୍ଟିଆନମାନେ ସବୁ ବିଷୟରେ ସାହେବଙ୍କର ଅନୁକରଣ କଲେ କେତେସ୍ଥଳେ ସେହିପରି ଘଟିବା ବିଚିତ୍ର ନୁହେ ।

---

## ରୁଷସମ୍ରାଟ ।

ରୁଷିଆର ସମ୍ରାଟ ତୃତୀୟ ଏଲେକଜଣ୍ଡର ଆଉ ଏ ସଂସାରରେ ନାହାନ୍ତି । ବିଲାତର ତାରସମ୍ବାଦଯୋଗେ ଏହି ଦାରୁଣ ଶୋକ ସମ୍ବାଦ ପୃଥିବୀରେ ପ୍ରଚାରିତ ହୋଇଥିଲେ ଏହା ଅକସ୍ମାତ୍ ବଜ୍ରପ୍ରାୟ ପଡ଼ି ନାହିଁ । ସମ୍ରାଟଙ୍କ ପୀଡ଼ା କେତେଦିନରୁ ପ୍ରବଳ ହୋଇଥିଲା ଏବଂ ଡାକ୍ତରମାନେ ମଧ୍ୟ ଆଶା ଛାଡ଼ି କେବଳ ସ୍ୱଭାବର ଗତି ନିରୀକ୍ଷଣ କରୁଥିଲେ । ଶେଷ ଅବସ୍ଥାରେ ଫୁସଫୁସରେ ପଡ଼ିବା ଜ୍ୱରର ପରିମାଣ ବୃଦ୍ଧି ହେଲା ଏବଂ ଶରୀରରେ ଏମନ୍ତ ବେଦନା ହେଲା ଯେ ଦବାଗ୍ରହ ଶୋଇ ନ ପାରି ଏକ ଆରାମ ଚୌକିରେ ସଳଖହୋଇ ବସିରହିବାକୁ ବାଧ୍ୟ ହୋଇଥିଲେ । ଗତମାସ ତା ୧ ରିଖ ଅପରାହ୍ନ ଦୁଇଘଣ୍ଟା ୧୫ ମିନିଟରେ ତାହାଙ୍କର ପ୍ରାଣବାୟୁ ବାହାରିଗଲା । ପୀଡ଼ାହେତୁ ସେ ରାଜଧାନୀ ଛାଡ଼ି ଲିଭାଡ଼ିଆ ନଗରରେ ବାସ କରୁଥିଲେ । ମୃତ୍ୟୁସମ୍ବାଦ ଘୋଷଣା ହେବା ମାତ୍ରକେ ଗୀର୍ଜାଘରମାନଙ୍କରୁ ଶୋକର ଧ୍ୱନି ଉଠିଲା ଏବଂ ରାଜପ୍ରାସାଦ ଓ ସଉଦାଗରମାନଙ୍କରେ ଶୋକର ଉତ୍ତର ସୀମା ରହିଲା ନାହିଁ । ତାରଯୋଗେ ରାଜଧାନୀ ଓ ଅନ୍ୟାନ୍ୟ ସ୍ଥାନକୁ ସମ୍ବାଦ ବାହାରିଗଲା ଏବଂ ସମସ୍ତ ପୃଥିବୀରେ ବର୍ତ୍ତମାନ ଏଥିର ଚର୍ଚ୍ଚା ହେଉଅଛି । ପୀଡ଼ାସମ୍ବାଦ ପାଇ ଆମ୍ଭମାନଙ୍କ ସାମ୍ରାଜ୍ଞୀଙ୍କ ଜ୍ୟେଷ୍ଠପୁତ୍ର ଓ ପୁତ୍ରବଧୂ ଇଂଲଣ୍ଡରୁ ତାଙ୍କୁ ଦେଖିବାକୁ ଯାଇ ଭିଏନାଠାରେ ରେଲବାଟରେ ଏ ସମ୍ବାଦ ପାଇ ବ୍ୟସ୍ତ ହେଲେ । ସମ୍ରାଟ ତାର ଦ୍ୱିତୀୟ ଅଲେକଜାଣ୍ଡର ସନ ୧୮୪୫ ସାଲ ମାର୍ଚ୍ଚମାସ ତା ୧୦ ରିଖରେ ଜନ୍ମଗ୍ରହଣ କରିଥିଲେ । ସନ ୧୮୮୧ ସାଲରେ ତାହାଙ୍କ ପିତା ବିଦ୍ରୋହୀମାନଙ୍କଦ୍ୱାରା ବଧ ହେବାରୁ ସେ ସିଂହାସନାରୂଢ଼ହୋଇ ଏତାବତ୍କାଳ ବଡ଼ ଦକ୍ଷତା ସହିତ ରାଜ୍ୟଭାର ନିର୍ବାହ କରିଥିଲେ । ତାହାଙ୍କ ଶରୀର ଅତ୍ୟନ୍ତ ବଳିଷ୍ଠ ଥିଲା ଏବଂ ଅନ୍ତରର ବଳ ଏପରି ଥିଲା ଯେ କାହାର କଥାରେ ନ ଭୁଲି ଆପଣା ବିବେଚନାରେ ଯାହା ଉଚିତ ସ୍ଥିର କରୁଥିଲେ ତଦନୁସାରେ କାର୍ଯ୍ୟ କରୁଥିଲେ । ପ୍ରତିଦିନ ପ୍ରାତଃକାଳରୁ ଉଠି ସମସ୍ତ ରାଜକାର୍ଯ୍ୟ ସ୍ୱୟଂ ଦେଖି ଶୁଣି ଉପଯୁକ୍ତ ଆଦେଶମାନ ଲେଖି ଦେଉଥିଲେ । ସ୍ୱୟଂ ବଳବାନ୍ ଓ ପ୍ରକାଣ୍ଡରାଜ୍ୟର ଅଧୀଶ୍ୱର ହେଲେହେଁ ସେ ବଡ଼ ଶାନ୍ତିପ୍ରିୟ ଥିଲେ ଓ ଇଉରୋପର ରାଜବର୍ଗମାନଙ୍କୁ ଯୁଦ୍ଧରୁ ଶାନ୍ତ ରଖିବା କାରଣ ସର୍ବଦା ଚେଷ୍ଟା କରୁଥିଲେ । ତାହାଙ୍କ ପାରିବାରିକ ନୀତି ଅତି ଚମତ୍କାର ଥିଲା ସ୍ତ୍ରୀ ପୁତ୍ରାଦିଙ୍କୁ ଅତ୍ୟନ୍ତ ପ୍ରେମ କରୁଥିଲେ ଏବଂ ସ୍ୱଭାବ ଚରିତ୍ର ବଡ଼ ନିର୍ମଳ ଥିଲା । ଏପରି ରାଜାଧିରାଜ ଚୌଦବର୍ଷ ମାତ୍ର ରାଜପଦ ଭୋଗକରି ପଞ୍ଚାଶବର୍ଷ ବୟସ ପୂର୍ଣ୍ଣହେବା ପୂର୍ବରୁ ସଂସାରର ସମସ୍ତ ବିଭବ ଛାଡ଼ିଗଲେ ଯିବା ଅବଶ୍ୟ ଦୁଃଖର ବିଷୟ ଅଟେ । ସେ ଯେମନ୍ତ ଶାନ୍ତିପ୍ରିୟ ଥିଲେ ପରମେଶ୍ୱରଙ୍କ କୃପାରୁ ତାହାଙ୍କ ଆତ୍ମା ସ୍ୱର୍ଗଧାମରେ ନିତ୍ୟ ଶାନ୍ତିସୁଖ ଭୋଗ କରନ୍ତୁ ଏହି ମାତ୍ର ସମସ୍ତଙ୍କର ପ୍ରାର୍ଥନା ।

ମୃତରାଜଙ୍କ ଜ୍ୟେଷ୍ଠପୁତ୍ରଙ୍କ ବୟସ ୨୬ ବର୍ଷ ମଧ୍ୟ ବଡ଼ ଗୁଣବାନ୍ ହୋଇଅଛନ୍ତି । କେତେକବର୍ଷତଳେ ଦେଶ ଭ୍ରମଣ ଉପଲକ୍ଷରେ ଭାରତବର୍ଷକୁ ଆସିଥିଲେ ଏବଂ ପୃଥିବୀର ଅନେକସ୍ଥାନ ଦେଖି ବହୁଦର୍ଶିତା ଲାଭ କରିଅଛନ୍ତି । ସେ ରାଜଗାଦି ସମ୍ଭାଳିବାର ଉପଯୁକ୍ତ ଅଟନ୍ତି ସନ୍ଦେହ ନାହିଁ ମାତ୍ର ପିତାଙ୍କପରି ଶାନ୍ତିପ୍ରିୟ କିମ୍ବା ଉଦ୍ଧତସ୍ୱଭାବ ଯୁଦ୍ଧପ୍ରିୟ ହେବେ ସମୟରେ ପ୍ରକାଶ ପାଇବ ।

---

## ଓଡ଼ିଶାର ବାର୍ଷିକ ବିବରଣ ।

ଅନ୍ୟାନ୍ୟ ବିଭାଗ ପରି ଓଡ଼ିଶାର ସନ ୧୮୯୩।୯୪ ସାଲର ବାର୍ଷିକ ବିବରଣ ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କ ମନ୍ତବ୍ୟ ସହିତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଏହି ବାର୍ଷିକ ବିବରଣ ଓଡ଼ିଶାର ବର୍ତ୍ତମାନ କମିସନର ଶ୍ରୀଯୁକ୍ତ କୁକସାହେବ ଲେଖି ଅଛନ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ରିପୋର୍ଟ ତୁଳନାରେ ଏହା କ୍ଷୁଦ୍ର ହେଲେହେଁ ଗେଜେଟର ପୃ ୫୬ ସ୍ଥାନ ଅଧିକାର କରି ଅଛି । ସୁତରାଂ ଏଥିର ମର୍ମ ସଂକ୍ଷେପରେ ସୁଦ୍ଧା ଏକଥରରେ ପାଠକମାନଙ୍କୁ ଉପହାର ଦେବା ଅସମ୍ଭବ । ଅତଏବ ଆମ୍ଭେମାନେ କ୍ରମେ୨ ଏଥିର ସାର କଥାମାନ ଜଣାଇବାକୁ ଚେଷ୍ଟା କରିବୁଁ ।

ମାନ୍ୟବର ଲେଫ୍ଟେନାଣ୍ଟ ରିପୋର୍ଟ ସମ୍ବନ୍ଧରେ ଏହି ମନ୍ତବ୍ୟ ପ୍ରକାଶ କରି ଅଛନ୍ତି କି ଏହା ସଂକ୍ଷେପ ଏବଂ ତୀକ୍ଷ୍ଣରୂପେ ଲେଖା ହୋଇ ଅଛି ଏବଂ କମିଶନର ଓ କଲେକ୍ଟରମାନେ ଯେଉଁ ସମସ୍ତ ବିଷୟରେ ଏହି ବର୍ଷ ମଧ୍ୟରେ ମନୋଯୋଗ ପ୍ରଦାନ କରି ଥିଲେ ସେ ସମସ୍ତର ମନୋହର ବିବରଣ ଲେଖା ଅଛି ମାତ୍ର ଅନ୍ୟାନ୍ୟ ବିଭାଗୀୟ ରିପୋର୍ଟମାନଙ୍କରେ ଯେମନ୍ତ ଶାସନ କାର୍ଯ୍ୟର ଭିନ୍ନ ଭିନ୍ନ ବିଭାଗରେ ସୁପରାମର୍ଶମାନ ପ୍ରଦତ୍ତ ହୋଇ ଅଛି ଏଥିରେ ସେପରି କିଛି ନାହିଁ । କଲେକ୍ଟରମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଷ୍ଟିଭେନସନ ଏବଂ କଲ୍ଭିନ୍ସ ସାହେବମାନଙ୍କର ପ୍ରଶଂସା ଲେଖା ଅଛି । ବିଷୟ ବିଶେଷ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ଯାହା କହି ଅଛନ୍ତି ତାହା ସେହି ବିଷୟରେ ରିପୋର୍ଟର ମର୍ମ ପ୍ରକାଶ କରିବା ସମୟରେ ଜଣାଇବୁଁ ।

ରିପୋର୍ଟ ଲିଖିତ ନାନା ବିଷୟ ମଧ୍ୟରୁ ସର୍ବା-

Split by PDF Splitter

Digitized by srujanika@gmail.com

Split by PDF Splitter



ଗ୍ରେ ଦେଶୀୟ ସମ୍ବାଦ ପତ୍ର ସମ୍ବନ୍ଧରେ ଯାହା ଲେଖା ଅଛି ତାହା ପ୍ରକାଶ କରୁଅଛୁଁ କାରଣ ଏଥିରେ ଅସ୍ମାନଙ୍କର ସମ୍ପର୍କ ଅଛି ଏବଂ ଅପଣା କଥା ଅନେକ ବୁଝିବା ସ୍ୱାଭାବିକ ଅଟେ।

କମିଶନର ସାହେବ ମହୋଦୟ ଲେଖିଅଛନ୍ତି କି ଓଡ଼ିଶାର ତିନିଖଣ୍ଡ ସମ୍ବାଦ ପତ୍ର ଅଛି ଯଥା ଉତ୍କଳଦୀପିକା ବାଲେଶ୍ୱର ସମ୍ବାଦ ବାହିକା ଏବଂ ଓଡ଼ିଆ ନବସମ୍ବାଦ ଏ ସମସ୍ତ ସମ୍ବାଦ ପତ୍ରର ଲେଖା ରାଜଭକ୍ତି ଯୁକ୍ତ ଏବଂ ସମଭାବାପନ୍ନ। ଓଡ଼ିଆ ସମ୍ବାଦପତ୍ରର ସ୍ୱର ବଙ୍ଗଳା ସମ୍ବାଦପତ୍ର ଠାରୁ ଭିନ୍ନ। ପ୍ରଥମ ଲିଖିତ ସମ୍ବାଦପତ୍ର ଅନ୍ୟ ଦୁଇଠାରୁ ଅଧିକ ପ୍ରଚଳିତ ଏବଂ ସାଧାରଣତଃ ଓଡ଼ିଶାର ପ୍ରସଙ୍ଗମାନ ଯଥା ବନ୍ଦୋବସ୍ତ ଲବଣ ଯୋଗାନ ଇତ୍ୟାଦି ଏବଂ ବେଳେବେଳେ ଅଗ୍ନି, ସଂସ୍କୃତପାଠ, ଭୁଲି ଅଭାବ ଓ ହିନ୍ଦୁ ମୁସଲମାନମାନଙ୍କ ବିବାଦ କଥା ଲେଖା ହୋଇ ଥାଏ। ହିନ୍ଦୁ ମୁସଲମାନମାନଙ୍କର ମନାନ୍ତରରେ ଦୁଃଖ ପ୍ରକାଶିତ ହୋଇ ଅଛି ଅଥଚ କୌଣସି ସମ୍ପ୍ରଦାୟ ପକ୍ଷକୁ ଢଳ ନାହିଁ। ଅନ୍ୟ ଦୁଇ ସମ୍ବାଦପତ୍ର ପ୍ରଧାନତଃ ସ୍ଥାନୀୟ ବିଷୟର ଚର୍ଚ୍ଚା କରୁଥିଲେ।

ଏହି ବର୍ଷ ଅନ୍ୟ ଦୁଇଖଣ୍ଡ ସାମୟିକପତ୍ର ବାହାର ଥିଲା। ଏମାନଙ୍କ ସମ୍ବନ୍ଧରେ କଟକ କଲେକ୍ଟର ଲେଖି ଅଛନ୍ତି କି "ଏ ସହର ଏବଂ ମୋଫସଲର କେତେକ ଶିକ୍ଷିତଲୋକ ଓଡ଼ିଶାର ଉତ୍ତମ ଏବଂ ସଂକ୍ଷେପ ରକ୍ଷଣାର ନିମିତ୍ତ ଉଦ୍ଦେଶ୍ୟ, ଉତ୍କଳ ବାଣୀ ପ୍ରଚାର ଏବଂ ସମାଲୋଚନା ମନ୍ତ୍ର ଇନ୍ଦ୍ରଧନୁ ନାମକ ଏକଖଣ୍ଡ ଅକାମଯୃକ ପତ୍ରିକା ବାହାର କଲେ। ଅନ୍ୟ ଏକଦଳ ତହିଁ ବିରୁଦ୍ଧରେ କେହି ଏକାଳର କୌଣସି ଲେଖକଙ୍କ ନାମ ପ୍ରକାଶ କରିବାକୁ ଚେଷ୍ଟା କଲେ। ଏହି ଦୋଷ ଲଗିଲା ଦଳ ବାମଣ୍ଡା ବିଜୁଳି ନାମକ ଏକ ପତ୍ରିକା ପ୍ରକାଶ କଲେ। ଏହି ଦୁଇଦଳରେ ବହୁଦିନ କାଳ କଲହ ଲାଗିଥିଲା ମାତ୍ର ସମ୍ପ୍ରତି ବନ୍ଧୁ ପରିମାଣରେ ଶାନ୍ତଭାବ ସ୍ଥାନ ପାଇଅଛି।"

ଅମ୍ଭେ ଗତବର୍ଷ ପରି ଏ ବର୍ଷ କହୁଅଛୁଁ ଯେ ଆପଣାର ମଙ୍ଗଳ ସଙ୍ଗେ ଯେଉଁ ପ୍ରସଙ୍ଗର ଅତ୍ୟନ୍ତ ସମ୍ବନ୍ଧ ଓଡ଼ିଶା ବାସିମାନେ ଉଦାସୀନ ବ୍ୟକ୍ତ ହୁଅନ୍ତି ଯଥା ବର୍ତ୍ତମାନ ହେଉଥିବା ବନ୍ଦୋବସ୍ତ। ବଙ୍ଗଳାଠାରୁ ଓଡ଼ିଶାର ଲୋକ ବରଂ ଅଳ୍ପ ପରିମାଣରେ ଶିକ୍ଷିତ ହୋଇ ଯୁକ୍ତି ତର୍କ କରନ୍ତି ଏବଂ ପ୍ରକୃତ କଥା ଜାଣିବାର ବଳ ଉପାୟ ନ ଥିବାସ୍ଥଳେ ଏପରି କରିବା ବୁଦ୍ଧିର କାର୍ଯ୍ୟ ଅଟେ। ଓଡ଼ିଶା ଓ ବଙ୍ଗଳାର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ମଧ୍ୟରେ ପ୍ରଭେଦ ଏହି କି ୬୦ ବର୍ଷ ପୂର୍ବେ ଗବର୍ଣ୍ଣମେଣ୍ଟଙ୍କ ସରଳ ଭାବ ପ୍ରତି ବଙ୍ଗବାସିଙ୍କର ଯେପରି ନିର୍ଭର ଥିଲା ଓଡ଼ିଶାବାସିଙ୍କର ବର୍ତ୍ତମାନ ସେହିପରି ଅଛି। ସେମାନେ ଗବର୍ଣ୍ଣମେଣ୍ଟଙ୍କ ନିନ୍ଦୁକ ଅପେକ୍ଷା ବରଂ ସମର୍ଥନକାରୀ ଅଟନ୍ତି। ବଙ୍ଗଳାର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଶ୍ରେଣୀର କେତେକ ଲୋକଙ୍କ ମଧ୍ୟରେ ଯେପରି ମୂର୍ଖତା ଓ ପ୍ରତିହିଂସାମୂଳକ ନିନ୍ଦାବାଦ ଦେଖାଯାଏ ଓ ଯାହା ସଡଗଡ ପଡ଼ିଆଭୂମିରେ ପଡ଼ୁ ନ ଥିବେ ରାଜନୈତିକ ବିପଦ ଉପସ୍ଥିତ କରି ପାରନ୍ତା ତହିଁର କୌଣସି ସଙ୍କେତ ଏପର୍ଯ୍ୟନ୍ତ ଏଠାରେ ଦେଖା ଯାଇନାହିଁ।

କମିଶନର ସାହେବ ଆପଣା ରିପୋର୍ଟରେ ଏହି ସାଧାରଣ ଅଭିପ୍ରାୟ ପ୍ରକାଶ କରୁଅଛନ୍ତି କି ଗତ ବର୍ଷ ଫସଲ ପକ୍ଷରେ ବରଂ ଅନୁକୂଳ ଥିଲା। କେବଳ କଟକ ଜିଲ୍ଲାରେ ଗତ ତିନି ବର୍ଷରୁ ଅଳ୍ପ ଫସଲ ହେଉଅଛି। ଏଥିପାଇଁ ଧାନ ଚାଉଳର ମୂଲ୍ୟ ଚଢ଼ା ହୋଇ ନାହିଁ। ଅନ୍ୟାନ୍ୟ ସ୍ଥାନରେ ଉଚିତ ଦର ହେବାରୁ ତାହା ଘଟିଅଛି। କୃଷିପ୍ରଜାଙ୍କ ଅବସ୍ଥା ଭଲ ଛଡ଼ା ମନ୍ଦ ବିବେଚିତ ହୋଇ ନ ପାରେ କାରଣ ଉଚିତ ଦର ହେତୁ ତାଙ୍କର ଅବଶ୍ୟ ଲାଭ ହୋଇଥିବ। ମୂଲିଆଙ୍କ ଅବସ୍ଥା ଅବଶ୍ୟ ଭଲ ନୁହେଁ କାରଣ ଏଠାରେ ଅନ୍ୟ ବ୍ୟବସାୟର କାରଖାନା ନାହିଁ ଯେ ଚଷାଙ୍କ କାର୍ଯ୍ୟ ଛାଡ଼ି ସେଠାରେ ମୂଲ ଲଗିବେ ଏବଂ ସେପରି ସୁଯୋଗ ପାଇଲେ ସୁଦ୍ଧା ସହଜରେ କୃଷକଙ୍କର ମୂଲ ଛାଡ଼ିବେ ନାହିଁ। ତଥାପି ଯେତେବେଳେ ଅନେକ ଓଡ଼ିଆ କଲିକତା ଏବଂ ଅନ୍ୟତ୍ର କାର୍ଯ୍ୟ କରିବାକୁ ଯାଉଅଛନ୍ତି ସେତେବେଳେ ଏମନ୍ତ କୁହାଯାଇ ନ ପାରେ ଯେ ଯେଉଁଠାରେ ଭଲ ବେତନ ହେବ ସେଠାକୁ ଯିବା ପାଇଁ ଓଡ଼ିଆର ସାହସ ନାହିଁ। ଅତଏବ ଓଡ଼ିଆ ମୂଲିଆର ଅବସ୍ଥା ପ୍ରଥମଦୃଷ୍ଟିରେ ଯେମନ୍ତ ମନ୍ଦ ଦେଖାଯାଏ ପ୍ରକୃତରେ ତେମନ୍ତ ଥିବା ପ୍ରତି ଅମ୍ଭର ସନ୍ଦେହ ହେଉଅଛି। ଅମ୍ଭେ ଶୁଣିଅଛୁଁ ଯେ ଅନେକ ମୂଲିଆ କୃଷୀ ଅଥବା କଣ୍ଟ୍ରାକ୍ଟରଠାରୁ ଦାଦନ ନେଇଥିବାରୁ ଦାଦନ ନ ଛାଡ଼ିଲେ କେବଳ ଅଧିକ ମୂଲ ହେତୁ ଅନ୍ୟ ସ୍ଥାନକୁ ଯିବାକୁ ଅକ୍ଷମ। ଦାଦନ ନେଇଥିବାରୁ କାର୍ଯ୍ୟ ଛାଡ଼ି ଯିବାକୁ ସେମାନଙ୍କର ସ୍ୱାଧୀନତା ନ ଥାଏ। ସୁତରାଂ ମୂଲ ବଢ଼ାଇବାର ଶକ୍ତି ନାହିଁ। କୃଷୀ ଅଥବା କଣ୍ଟ୍ରାକ୍ଟର ଯାହା ମୂଲ ଦେବ ତାହା ଗ୍ରହଣ କରିବାକୁ ବାଧ୍ୟ। ସମ୍ଭବତଃ ଏହି କାରଣରୁ ଓଡ଼ିଶାରେ ମୂଲିଆଙ୍କର ମୂଲ ବୃଦ୍ଧି ହେଉ ନାହିଁ। ଓଡ଼ିଶାରେ କାରଖାନାମାନ ସ୍ଥାପିତ ହେବାର ସମ୍ଭାବନା ନାହିଁ ମାତ୍ର ରେଲବାଟ ହେଲେ ଯେଉଁଠାରେ ଅଧିକ ମୂଲ ମିଳିବ ସେଠାକୁ ଯିବା ନିମନ୍ତେ ଅଧିକ ସଂଖ୍ୟକ ଓଡ଼ିଆ ପ୍ରବୃତ୍ତ ହେବେ।

ବନ୍ଦୋବସ୍ତ କାର୍ଯ୍ୟ ନିଃଶବ୍ଦରେ ଚାଲୁଅଛି। ଅମିନଙ୍କର ଅତ୍ୟାଚାର ପୂର୍ବଠାରୁ ଊଣା ଶୁଣାଯାଏ ଏବଂ ବନ୍ଦୋବସ୍ତରେ ରୟତମାନଙ୍କର ଦଶା କିପରି ହେବ ତାହା ଜାଣିବାର ସମୟ ଅଦ୍ୟାପି ଉପସ୍ଥିତ ହୋଇ ନ ଥିବାରୁ ସେମାନେ ମୌନଭାବ ଧାରଣ କରିଅଛନ୍ତି।

ଇଷ୍ଟକୋଷ୍ଟ ରେଲବାଟର କାର୍ଯ୍ୟ ସ୍ଥଗିତ ଅଛି। ମହାନଦୀର କେଉଁ ସ୍ଥାନରେ ସେତୁ ହେବ ଅଦ୍ୟାପି ମୀମାଂସା ହୋଇ ନାହିଁ। ରଥଯାତ୍ରାବେଳେ ଅନେକ ଯାତ୍ରୀ ପୁରୀକୁ ଅସିବା ଏ ବର୍ଷର ଗୋଟିଏ ପ୍ରଧାନ ଘଟଣା। ଯାତ୍ରୀସଂଖ୍ୟା ଲକ୍ଷାଧିକ ହେଲେହେଁ ମୃତ୍ୟୁସଂଖ୍ୟା ଅତ୍ୟନ୍ତ ଊଣା ପଡ଼ିବା ବଡ଼ ସୌଭାଗ୍ୟର ବିଷୟ ଅଟେ। ଜାହାଜ କମ୍ପାନୀମାନେ ଯାତ୍ରୀଙ୍କୁ ନେବା ଅଣିବା କାର୍ଯ୍ୟ ବଡ଼ ଉତ୍ତମରୂପେ କରିଥିଲେ ଏବଂ ଏହି ହେତୁରୁ ଯାତ୍ରୀମାନଙ୍କର କ୍ଲେଶ ବିଶେଷ ପରିମାଣରେ ଲାଘବ ହୋଇଥିଲା। ଯେଉଁକାଳରେ ଜାହାଜ ବାଟ ଫିଟି ନ ଥିଲା ଏବଂ କଲିକତାରୁ କଟକ ପର୍ଯ୍ୟନ୍ତ ଦୁଇଶତ ମାଇଲର ଊର୍ଦ୍ଧ୍ୱ ବାଟ ଲୋକେ ଚାଲି ଆସୁଥିଲେ ସେ କାଳର ମୃତ୍ୟୁସଂଖ୍ୟା ସହିତ ସନ ୧୮୯୩ ସାଲର ମୃତ୍ୟୁସଂଖ୍ୟା ମିଶାଇ ଦେଖିବା କୌତୁକର ବିଷୟ ହେବ।

ଗଞ୍ଜାଇକମିଶନ ଓଡ଼ିଶାକୁ ଅସି କଟକ ଓ ପୁରୀରେ ସାକ୍ଷ୍ୟ ଗ୍ରହଣ କରିଥିଲେ। ଓଡ଼ିଆମାନେ ଗଞ୍ଜେଇ ବ୍ୟବହାର ନିଷେଧର ପକ୍ଷପାତୀ ଅଟନ୍ତି। ସେହିପରି ଅଫିମକମିଶନ ସମ୍ମୁଖରେ ଓଡ଼ିଆ ସାକ୍ଷୀମାନେ ଅଫିମ ନିଷେଧ ବିରୁଦ୍ଧରେ ସାକ୍ଷ୍ୟ ଦେଇଥିଲେ।

ଉପରଲିଖିତ ମନ୍ତବ୍ୟରୁ ସ୍ପଷ୍ଟ ଜଣାଯାଉଅଛି ଯେ ଅସ୍ମାନଙ୍କ କମିଶନର ଶ୍ରୀଯୁକ୍ତ କୁକ୍ ସାହେବ ଓଡ଼ିଆମାନଙ୍କୁ ସ୍ନେହ ପାନ୍ତି ଏବଂ ସେମା-

Digitized by srujanika@gmail.com

ସବଡିଭିଜନର ଦୟଣା ଭଇ ଦୁର୍ଦ୍ଦାନ୍ତ ଦାଶ ଡକୁଅ ଧାଡ଼ ଧରାଯାଇ ଅସ୍ମାନଙ୍କର ମାନ୍ୟବର ଡିଷ୍ଟ୍ରିକ ଅଫିସର ଏକ୍‌ଟି ଓ୍ୱାଲ ସାହେବ ମହୋଦୟଙ୍କ ଦ୍ୱାରା ଅନେକ ଦୋଷରେ ଦୋଷୀ ହୋଇ ବବେଚତ ହୋଇ କ ୨୩ ମାସ କାରାଦଣ୍ଡ ପ୍ରାପ୍ତ ହୋଇଅଛ ଏହାରୁ ପଲ୍ଲୀ ଗୃହସ୍ଥମାନେ ଚୋର ଦୂର ହେବ ବବେଚନାରେ ଯଥେଷ୍ଟ ସନ୍ତୁଷ୍ଟ ହୋଇ ଅଛନ୍ତି ।

ପତ୍ରପ୍ରେରକଙ୍କ-ପ୍ରତି ।

ପାଲ, ହି, ଗ୍ରିଫ—ଧର୍ମ ବିଷୟକ ତର୍କବିତର୍କ ସମ୍ବଳିତ ପତ୍ର ପ୍ରକାଶକରିବା ଅମ୍ଭମାନଙ୍କ ଇଚ୍ଛାସଙ୍ଗତ ନୁହେ । ବିଶେଷତଃ କଲ୍ଲା ଏ ସ୍ଥାନରୁ ବାହାରିଯାଇଥିବାରୁ ତାହାଙ୍କ କର୍ତ୍ତୃତାର ସମାଲୋଚନା ସେ ଅବଗତ ହେବାର ଉପାୟ ନାହିଁ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ମାନ୍ୟବରେଷୁ

ମହାଶୟ

ଆପଣଙ୍କ ଜଗଦ୍ୱିଖ୍ୟାତ ପତ୍ରିକାର କୌଣସି ଏକ କୋଣରେ ଏହି ଉଦ୍ଧୃତ ପଂକ୍ତିକୁ ସ୍ଥାନ ପ୍ରଦାନ କଲେ ଚିରବାଧିତ ହେବି ।

ମୁଁ ଜଣେ ଖ୍ରୀଷ୍ଟିୟାନ ଯୁବାଲୋକ, ଖ୍ରୀଷ୍ଟ ସ୍ତ୍ରୀ-ନ ହେଲେ ସୁଦ୍ଧା ଓଡ଼ିଆ, ସାହେବମାନଙ୍କ ସଙ୍ଗେ ଆଳାପ ଥିଲେ ସୁଦ୍ଧା ଦେଶୀ, ବିଲାତି ଅନୁକରଣ କରେ ନାହିଁ, ଦେଶୀୟ ମାତୃଭାଷା ଅଧିକ ଜାଣିବାକୁ ମୋର ବଡ଼ ଇଚ୍ଛା । ମୁଁ ଅଯଥାଏ (ତର୍କ) ଶବ୍ଦର ଅର୍ଥ, କମ୍ୱା ତର୍କ କାହାକୁ କୁହାଯାଏ ଜାଣି ନାହିଁ । ଏଣୁ ମିନତି ଯେବେଁ କେହି ଦେଶୀୟ ବିଦ୍ୱାନ୍ ବୁଝାଇ ଦେଲେ ଚିରବାଧିତ ହେବି ।

JUSTICE OF PEACE.

---

ମହାଶୟ !

ଅନୁଗ୍ରହ ପୂର୍ବକ ଅମର ନିମ୍ନଲିଖିତ କତିପୟ ବିଷୟକୁ ଉକ୍ତାୟ ଜଗଦ୍ୱିଖ୍ୟାତ ପତ୍ରିକାର ଏକପାର୍ଶ୍ୱେ ସ୍ଥାନଦାନ ପୂର୍ବକ ବାଧିତ କରିବେ ।

ଢେଙ୍କାନାଳ କଲ୍ଲ ତାଲିସିଂହା ସବଡଭିଜନର ଅଃ ମେନେଜର ଶ୍ରୀଯୁକ୍ତ ବାବୁ ଜଗନ୍ମୋହନ ଘୋଷ ଅତ୍ର ବଦଳି ହୋଇ ତଦୋନ୍ତରେ ଅଃ ସେଟଲମେଣ୍ଟ ଅଫିସର କର୍ମ ଗ୍ରହଣ କରିବାରୁ ତାହାଙ୍କ ପଦରେ ଶ୍ରୀଯୁକ୍ତ ବାବୁ ପଦ୍ମନାଭ ସରୂପଥୀ ନିଯୁକ୍ତ ହୋଇ ଆସିଅଛନ୍ତି; ଜଗନ୍ମୋହନ ବାବୁ ଏ ସ୍ଥାନରେ କନ୍ଧଉଦନର ପୁରୁଣା ହାକିମ ଥିଲେ ତାହାଙ୍କ ସ୍ଥାନାନ୍ତରରେ ଅତ୍ର ଇଲାକାର ପ୍ରଜାବର୍ଗ ଓ ଅଧୀନସ୍ଥ ରାଜକର୍ମଚାରୀମାନେ ବିମର୍ଷ ମନରେ ବସିଥାଇ ଅଛନ୍ତି, ପ୍ରକୃତରେ ଜଗନ୍ମୋହନ ବାବୁ ଜଣେ ଶାନ୍ତ ଓ ସୁବିବେଚକ ହାକିମ ଅଟନ୍ତି; ତାହାଙ୍କ ସାରଲ୍ୟ ବ୍ୟବହାର ଓ କଷ୍ଟପାଉ ଦୟାରେ ପ୍ରଜାବର୍ଗ ଏକାନ୍ତ ବଶୀଭୂତ, ହାକିମିର ଅହଂକାର ନ ରଖି ସେ ମଧୁରାଳାପ ଓ ସମଦର୍ଶୀଗୁଣରେ ପ୍ରଜା ସାଧାରଣଙ୍କୁ ଆପ୍ୟାୟିତ କରୁଥିଲେ, ପୁଣି ତାହାଙ୍କ ଜୀବନର ଦୟା ଓ କ୍ଷମା ଏହି ଦୁଇ ଗୋଟି ପ୍ରଧାନ ସୁଲକ୍ଷଣ ଯେ ତାହାଙ୍କର ଐହିକ ଓ ପାରତ୍ରିକ ମଙ୍ଗଳ ସାଧନର ପ୍ରଧାନ ସୋପାନ ଅଟେ, ବାବୁ ମହୋଦୟ ବହୁଦିନ ଏହି ସ୍ଥାନରେ ଅବସ୍ଥିତ କରି ଲୋକମାନଙ୍କର ଅବସ୍ଥା ଓ ସ୍ୱଭାବାଦି ଅବଗତ ହୋଇ ଯାଇଥିବାରୁ ପ୍ରଜାମାନଙ୍କର ଆତ୍ମମତାର ଘନିଷ୍ଠ ସମ୍ବନ୍ଧ ସଂଯୋଜିତ ହୋଇ ଯାଇ ଥିଲା ସୁତରାଂ ତାହାଙ୍କ ସ୍ଥାନାନ୍ତରରେ ପ୍ରଜାବର୍ଗ ବିଷାଦିତ ନ ହେବେ ବା କପରି ?

ଆମ୍ଭମାନଙ୍କର ନୂତନ ଅଃ ମେନେଜର ମହୋଦୟ କପରି ହାକିମ ଅଟନ୍ତି ତାହା ଅମ୍ଭେମାନେ ଅନୁଭବରେ ଆଣି ନାହୁଁ ଆଶା କରୁଁ ସେ ସାବକ ଅଃ ମେନେଜରଙ୍କୁ ଅମ୍ଭମାନଙ୍କ ମନରୁ ବିସ୍ମୃତ କରାଇବେ ଏବଂ ପ୍ରଜାମାନଙ୍କ ସୁବାର ଉତ୍ତମରୂପେ ବୁଝି ଜନ ସାଧାରଣରେ ପ୍ରଶଂସାର୍ହ ହେବେ ।

ଏ ଅଞ୍ଚଳରେ ଜନରବ ଉଠିଅଛି ଯେ ସ୍ୱରମାନଙ୍କରେ କତିପୟ ଦେଶର ପାପ ଭାଲ୍‌-ଥିବାରୁ ଲକ୍ଷ୍ମୀଦେବୀ ବିରକ୍ତରେ ଏ ସ୍ଥାନ ତ୍ୟାଗ କରି ପ୍ରସ୍ଥାନ କରୁଅଛନ୍ତି ସେଥି ନିମନ୍ତେ ପ୍ରତ୍ୟେକ ଗ୍ରାମରେ ଲୋକମାନେ କପିଳଦେବଙ୍କର ବ୍ୟବହାର ତ୍ୟାଗ କରି ତାହାଙ୍କର ପ୍ରାୟଶ୍ଚିତ୍ତ ସ୍ୱରୂପ ବୃଦ୍ଧମାନଙ୍କର ଦେବଙ୍କରେ ଘୃତ ଏବଂ ଅନ୍ୟାନ୍ୟ ବ୍ୟବହାରୋପଯୋଗୀ ପଦାର୍ଥମାନ ପଠାଇ ଓ ତନ୍ମଧ୍ୟ ମଧ୍ୟ ଶୌଚ ହୋଇ ନୂତନପାକରେ ଅନ୍ନ ଅମ୍ଳ ଓ ଅନ୍ୟାନ୍ୟ ପ୍ରକାର ମିଷ୍ଟାନ୍ନ ପ୍ରସ୍ତୁତ କରି ଘରର ଈଶାନ୍ୟ କୋଣରେ ଶ୍ରୀ ଲକ୍ଷ୍ମୀ-ଦେବୀଙ୍କୁ ପୂଜା ଇତ୍ୟାଦି ଦେଇ ପ୍ରସାଦ ଗ୍ରହଣ କରୁଅଛନ୍ତି ଏବଂ ଲକ୍ଷ୍ମୀଦେବୀଙ୍କ ତୁଷ୍ଟାତୁଷ୍ଟ ପରୀକ୍ଷା ନିମନ୍ତେ ସେମାନେ ଭକ୍ତ ବାଣ୍ଡିରେ ସାମାନ୍ୟ ପରିମାଣରେ ଅନ୍ନ ରଖି ତାହା ଗୋଟିଏ ଘରରେ ବନ୍ଦ କରି ଦେଉଅଛନ୍ତି ତହିଁର ପରଦିନ ପ୍ରାତଃରେ ତାହାକୁ ଖୋଲି ଦେଖୁଅଛନ୍ତି ଯେ ସେହି ଅନ୍ନ ବୃଦ୍ଧି ପ୍ରାପ୍ତ ହୋଇ ଭାଣ୍ଡ ପୂର୍ଣ୍ଣ ହୋଇ ଯାଇଅଛି ଅନ୍ୟାନ୍ୟର ଘର-ବଶତଃ କାହାରି ବା ସେହି ଅନ୍ନ ରକ୍ତରୂପରେ ପରିଣତ ହୋଇ ରହି ହୋଇଅଛି ଲୋକମାନେ ଏହି ସବୁ ଅତ୍ୟାଶ୍ଚର୍ଯ୍ୟ ଘଟଣାମାନ ସ୍ୱଚକ୍ଷୁରେ ଦର୍ଶନ କରି କପିଳଦେବଙ୍କ ଏକାବେଳେ ତ୍ୟାଗ କରି ଲକ୍ଷ୍ମୀଦେବୀଙ୍କୁ ମହା ସମାରୋହରେ ପୂଜା ଅର୍ଘ୍ୟ ଦେଉଅଛନ୍ତି, ଏହି ଘଟଣା ଯେବେ ସତ୍ୟ ହୁଏ ଏବଂ ଲୋକମାନେ ଯଦି ଏହି ବିଶ୍ୱାସରେ କାର୍ଯ୍ୟ କରନ୍ତି ତେବେ ବୋଧ ହୁଏ ଏଣିକି କପିଳ ତେଲ ଅବଶ୍ୟ ଶସ୍ତା ହେବ ।

ଏହି ସବଡିଭିଜନ ଅନ୍ତର୍ଗତ ତଳିଙ୍ଗ ନାମକ ଗ୍ରାମରେ ମୋଗଲବନ୍ଦିଅ ସୁଣ୍ଢି ନିବାସୀ କାଛ, ଚରଣ ମହାନ୍ତି ନାମକ ଜଣେ (କରଣପିଲା) ଲୋକ ପାଠଶାଳା ଅବଧାନ କାର୍ଯ୍ୟ କରୁଥିବା ଅବସ୍ଥାରେ ଦିନେ ଦବାଗିସରେ ସେହି ଗ୍ରାମର ଜଣେ ଗଉଡ଼ ଘରେ ପଶି ତାହାର ସ୍ତ୍ରୀ ସହିତ ପାପପ୍ରଣୟ କରୁଥିବା ଅବସ୍ଥାରେ ଗଉଡ଼ କର୍ତ୍ତୃକ ତାହା ଦେଖିପାରି କ୍ରୋଧସମ୍ବରଣ ନ କରି ଗୋଟାଏ ଠେଙ୍ଗା ଅହାସ୍ତ ଅବଧାନଙ୍କୁ ୧୨ ୧୪ ଟରେ ବାଣି ମାରି ପକାଇ ଅଛି । ଅବଧାନ ମରି ଯାଇଅଛନ୍ତି । ଗଉଡ଼ ବର୍ତ୍ତମାନ ହାମ୍‌-ଲାଧୀନ । ଲୋକେ ଯାହା କହିଥାନ୍ତି “ ଶଢ଼ତ ମୂର୍ଖ ଫଳ ” ତାହା ମଧ୍ୟ ଏହିଠାରେ ପ୍ରତ୍ୟକ୍ଷ ଦେଖା ଗଲା । ଇତି ।

| | |
|---|---|
| ୬୦।୧୦।୯୪ | ବଶମ୍ୱଦ<br>ଶ୍ରୀ ସଦାନନ୍ଦ ରଥ ହେଃ ପଣ୍ଡିତ<br>ମଡ଼ି ଉଚ୍ଚ ପ୍ରାଇମେରୀ ସ୍କୁଲ<br>ଢେଙ୍କାନାଳ |

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଭଲ୍ଲ କଟକ ସ୍କୁଲ | | ୪ ୦ |
| ବାବୁ ମଧୁସୂଦନ ମହାପାତ୍ର | କଟକ | ୫ ୧ |
| „ ପ୍ରାଣକୃଷ୍ଣ | „ | ୫ ୧ |
| „ ଜଗନ୍ନାଥପୁର | „ | ୫ ୨ |
| „ ଗୋବିନ୍ଦ ଚନ୍ଦ୍ର | ବାଲେଶ୍ୱର | ୫ ୦ |
| „ ଗୌରୀଚରଣ ମଣ୍ଡଳ | କଟକ | ୫ ୨ |
| „ ଦାମୋଦର ପଟ୍ଟନାୟକ | „ | ୫ ୧ |
| „ ଜଗନ୍ନାଥଦାସ | „ | ୫ ୧ |
| ଚୌଧୁରୀ ମଦନମୋହନ ଦାସ | „ | ୫ ୦ |
| ବାବୁ ଭବାନୀଚରଣ ପଟ୍ଟନାୟକ କେନ୍ଦ୍ରାପଡ଼ା | | ୫ ୦ |
| „ ଚନ୍ଦ୍ରମୋହନ ମହାରଣା କଟକ | | ୫ ୧ |

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି କି କଟକ ମ୍ୟୁନିସିପାଲିଟୀର ଇନ୍କମ୍‌ଟିକ୍ସ ନୋଟିସ କଟକ କଲେକ୍ଟରୀ କଚେରିରେ ଏମାସ ତା ୧ ରିଖରେ ଲଟକାଇ ଦିଆ ହୋଇ ଅଛି ।

ତାଃ କଟକ } Ras Beharee Nayek
୭।୧୧।୯୪ } ଭ, ଚ, ଡେପୁଟୀକଲେକ୍ଟର

## ଅମରକୋଷ ଅଭିଧାନ

ବାଳବୋଧିନୀ ଟୀକାସହିତ

ମୂଲ୍ୟ ଟ ୧୧ ଙ୍କା ଓ ଡାକମାସୁଲ ଟ ୦/

## ଅଢଗ୍ନଛୁରୀ

ଯେ ପଢ଼ିବେ ଏହି ଅଢଗ୍ନଛୁରୀ ।
ରହି ନ ପାରିବେ ହାସ୍ୟସମ୍ବରି ।
ଗ୍ରହିବେ ଉଗର ବନ୍ଧୁ ଭାବରେ ।
ମଜ୍ଜିବେ କ୍ଷଣେକ ବଗ୍ଗବରେ ॥

ଏହାର ମୂଲ୍ୟ ଟ ୦ /୬ ଡାକରେ ନେଲେ ମାସୁଲ ଟ ୦ ୵୬ ଲାଗିବ

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଭାଗୀରଥୀ ସାଠିଆ

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଅଟଲାସ, ଓ୍ୱାଲମେପ ପ୍ରଭୃତି ସ୍ୱଲ୍ପମୂଲ୍ୟରେ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

କଟକ ସହରସ୍ଥିତ ପିତୁଳାନିର୍ମାଣକାରୀ କାରିଗରମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ସର୍ବପ୍ରଧାନ ତାହାଙ୍କ ଉତ୍ସାହ ବର୍ଦ୍ଧନ ସକାଶ ଆମ୍ଭେ ୫ ୨୦ ଙ୍କା ମୂଲ୍ୟର ଗୋଟିଏ ମେଡ଼ଲ ତାହାଙ୍କୁ ପୁରସ୍କାର ଦେବୁଁ ଏଥି ସକାଶ ଆଗାମି ନବେମ୍ବର ମାସ ତା ୧୮ ରିଖ ରବିବାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କାରିଗରମାନଙ୍କର ଗୋଟିଏ ପରୀକ୍ଷା ଗୃହୀତ ହେବ; ଏହି ପରୀକ୍ଷାରେ ଗଣେଶ ଓ ଦୁର୍ଗାଙ୍କର କେବଳ ମୂର୍ତ୍ତି ଏବଂ ସିଂହର ସମସ୍ତ ଏକା କାରିଗରଙ୍କୁ ତଳା ଷ୍ଟାଲେ ହାତରେ ପ୍ରସ୍ତୁତ କରିବାକୁ ହେବ । ସମସ୍ତ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ (ସକାଳ ଘ ୭ଘଣ୍ଟା ଠାରୁ ସନ୍ଧ୍ୟା ଘ ୭ ଘା ତକ) ବାରଘଣ୍ଟା । ପରୀକ୍ଷା ସମୟରେ ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟ ପ୍ରଭୃତି ଦକ୍ଷ ଭଦ୍ର ବ୍ୟକ୍ତିମାନେ ଯାହାର କାରିଗରୀକୁ ପସନ୍ଦ କରିବେ ସେହି କେବଳ ଏ ପୁରସ୍କାର ପାଇବ ଯେବେ କୌଣସି କାରିଗରର ଉପରୋକ୍ତ ସମୟରେ ଉପସ୍ଥିତ ହେବା ପକ୍ଷରେ କୌଣସି ଆପତ୍ତି ଥିବ ତେବେ ସେ ତାହା ପୂର୍ବରୁ ଜଣାଇଲେ ତାରିଖ ବଦଳାଇ ଦିଆଯିବ ।

ଶ୍ରୀ ଗୋକୁଳାରାୟଣ ପଣ୍ଡିତ
ଗୃହଙ୍ଗଚୌକ କଟକ

## ବସୁ ଫ୍ରେଣ୍ଡ ଏଣ୍ଡ କୋଂ ।

ନ ୭୧।୧।୧ ସୀତାରାମଘୋଷଷ୍ଟ୍ରିଟ କଲିକତା ।

ଆମ୍ଭେମାନେ ବହୁ ଦିବସରୁ ଚେଷ୍ଟାକରି ସାଧାରଣଙ୍କ ଉପକାରାର୍ଥେ ନିମ୍ନଲିଖିତ ଔଷଧ ଗୁଡ଼ିକ ଆବିଷ୍କାର କରିଅଛୁଁ । ଅନ୍ୟାନ୍ୟ ପେଟେଣ୍ଟ ଔଷଧପରି ଆମ୍ଭମାନଙ୍କର ନୁହେ । ଅନ୍ୟାନ୍ୟ ଲୋକମାନଙ୍କ ପରି ଆମ୍ଭମାନଙ୍କର ଲୋକମାନଙ୍କୁ ପ୍ରତାରଣା କରିବାର ଉଦ୍ଦେଶ୍ୟ ନୁହେ ଯାହାଦ୍ୱାରା ଲୋକମାନଙ୍କର ବିଶେଷ ଉପକାର ହୁଏ ଏଥି ବିଷୟରେ ଆମ୍ଭମାନଙ୍କର ବିଶେଷ ଚେଷ୍ଟା । ଯେଉଁମାନେ ଏକଥର ଠକିଅଛନ୍ତି ଅର୍ଥାତ ପେଟେଣ୍ଟ ଔଷଧ ନେଇ ନିରାଶ ହୋଇ ଅଛନ୍ତି ସେମାନଙ୍କୁ ଆମ୍ଭର ଏହି ପ୍ରାର୍ଥନା ଯେ ଆମ୍ଭର ଔଷଧ ନେଇ ଏକଥର ପରୀକ୍ଷାକରି ଦେଖନ୍ତୁ । ଏହାଦ୍ୱାରା ଅନେକ ରୋଗି ଆରୋଗ୍ୟଲାଭ କରିଅଛନ୍ତି । ଯଦି ଆମ୍ଭର ଔଷଧ ନିୟମିତରୂପେ ବ୍ୟବହାର କରି କାହାର ଉପକାର ନ ହୁଏ ତାହା ହେଲେ ବଳି ଔଷଧ ଫେରସ୍ତ ଦେଲେ ଦାମ ଫେରସ୍ତ ପାଇବେ ।

ଜ୍ୱରାମୃତ ବଟିକା ।— ଏହା ଦେଶୀୟ ଗଛ ଓ ଲତାଦ୍ୱାରା ପ୍ରସ୍ତୁତ, ଏଥିରେ କୁଇନାଇନ କିମ୍ବା ଅନ୍ୟ କୌଣସି ଅନିଷ୍ଟଜନକ ପଦାର୍ଥ ନାହିଁ । ଏହା ବ୍ୟବହାରରେ ମେଲେରିଆଜ୍ୱର, କୁଇନାଇନ ବନ୍ଦଜ୍ୱର, ନିତ୍ୟାଗତଜ୍ୱର, ପାଳିଜ୍ୱର ଇତ୍ୟାଦି ଯେ କୌଣସି ଜ୍ୱର ହଉନାହିଁକି ନିଶ୍ଚୟ ଆରୋଗ୍ୟ ହେବ, ମୂଲ୍ୟ ବଡ଼ କୌଟା ଟ ୧୵ ଅଣା ଛୋଟ କୌଟା ଟ ୦ ୳୵ ଡାକମାସୁଲ ଟ ୦ । ଓ ପେକିଂ ୵୦୵ ଅଣା ଲାଗିବ ।

ଅମ୍ଳାନ୍ତକ ବଟିକା— ଏହି ଔଷଧ ସେବନ କଲେ ଅମ୍ଳୋଦ୍‌ଗାର, ବମନ, ଅଜୀର୍ଣ୍ଣ ବେଦନା ନିଶ୍ଚୟ ଆରୋଗ୍ୟ ହେବ । ମୂଲ୍ୟ ବଡ଼ କୌଟା ଟ ୧ । ଛୋଟ କୌଟା ଟ ୧୯ ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଲାଗିବ ।

କ୍ଷତାନ୍ତକ ଚୂର୍ଣ୍ଣ—ଏଥିରେ ପାରା କିମ୍ବା ଅନ୍ୟ କୌଣସି ବିଷାକ୍ତ ପଦାର୍ଥ ନାହିଁ ଏହାଦ୍ୱାରା ସ୍ତ୍ରୀଜନିତ ପ୍ରମେହ ଉପଦଂଶ, ନାଳଘା, ଗୋଡ଼ଘା, ବା ଶିରଘା, ପଞ୍ଜଘା, କ୍ୟାନ୍ସର ପ୍ରଭୃତି ଯେତେ ପ୍ରକାର ଘା ଅଛି ନିଶ୍ଚୟ ଆରୋଗ୍ୟ ହୁଏ । ମୂଲ୍ୟ ପ୍ରତି କୌଟା ୵୦ ୳ ଅଣା ପେକିଂ ଓ ଡାକମାସୁଲ ଟ ୦।୵ ଦେବାକୁ ହେବ ।

ଅର୍ଶରୋଗର ଅବ୍ୟର୍ଥ ଔଷଧ ।—ଯେଉଁମାନେ ଅର୍ଶରୋଗ ଦ୍ୱାରା ବିଶେଷ ଯନ୍ତ୍ରଣା ଭୋଗକରି ଜୀବନର ଆଶା ପରିତ୍ୟାଗ କରିଅଛନ୍ତି, ସେମାନେ ଆମ୍ଭର ମନ୍ଦୋପଚାରୀ ଅଙ୍ଗୁରୀ ବ୍ୟବହାର କଲେ ଶୀଘ୍ର ଫଳ ଲାଭ କରିବେ ଏ ବିଷୟରେ କିଛି ସନ୍ଦେହ ନାହିଁ ଏହି ଔଷଧ ଏକଜଣ ମହାପୁରୁଷ ପ୍ରଦତ୍ତ ସାମାନ୍ୟ ମୂଲ୍ୟ, ମଧ୍ୟ ଡାକମାସୁଲ ସୁଦ୍ଧା ଟ ୧୳ ଅଣା ।

ଶିରଃଶୂଳ ନାଶକ ନସ୍ୟ—ଏହି ନସ୍ୟ ସୂର୍ଯ୍ୟୋଦୟ ଓ ସନ୍ଧ୍ୟା ପୂର୍ବେ ଗ୍ରହଣ କଲେ ଶିରଃଶୂଳ, ଶିରକମ୍ପନ, ମଥାଧରା ଓ ମଥାଘୋରା ପ୍ରଭୃତି ଶିରରୋଗ ନିଶ୍ଚୟ ଆରୋଗ୍ୟ ହେବ । ଏହାର ବିଶେଷ ଗୁଣ ଏହି ଯେ ଚକ୍ଷୁଲାଲ ଓ ଗାଲମଧ ଫୁଟିଲ, ହାଇଦ୍ର ଓ ପୀତବର୍ଣ୍ଣର ଶ୍ଳେଷ୍ମା ନିର୍ଗତକର ମସ୍ତିଷ୍କ ଶୀତଳକରେ ଏବଂ ନାସିକାରେ ଶ୍ଳେଷ୍ମା ନ ଥିଲେ ସହଜେ ଶ୍ଳେଷ୍ମା ହୁଏ । ମୂଲ୍ୟ ପ୍ରତିକୌଟା ଟ ୳୵ ଅଣା ପ୍ୟାକିଂ ଓ ଡାକମାସୁଲ ଟ ।୵ ।

ପତ୍ର ଲେଖିଲେ ଆମ୍ଭେମାନେ ଭିଃ ପିଃ ରେ ଔଷଧ ପଠାଇ ପାରୁଁ ଭିଃ ପିଃ ରେ ଟ ୵ ଅଣା ମାସୁଲ ଲାଗିବ ।

ସୀତାରାମଘୋଷ ଷ୍ଟ୍ରିଟ କଲିକତା ।
ନ ୭୧।୧।୧

## NOTICE.

The first part of our Key to LETHBRIDGE'S EASY SELECTIONS (MINOR COURSE 1895) is out and available for sale. Intending purchasers of the first part will have to pay the price of the whole Key. The second part will be sent to them free as soon as out.

Price of whole Key Re. 1.

Digitized by srujanika@gmail.com

Postage one anna extra for Moffosal.

To be had of the Secretary Printing Company Cuttack.

Cuttack, The 24th Septr, 1894. } Akshoy Kumar Ghose, and Hara Chand Ghose.

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲ, ଖେମଟା, ଟପା, ଧ୍ରୁପଦ ପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପାଲ୍ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ରାଗ-ରସଦୀପକ ।

ଅର୍ଥାତ୍

କବିଥ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରବାଲ
ନୟାସଡ଼କ କଟକ

## ବେଦନାର ଆଉ କଷ୍ଟ ପାଅନା !

ରାମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ିଯାଇଁ କିମ୍ବା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାରଦ୍ୱାରା ଝନ୍ ଝନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ କଟା ଫୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା କଦଳୀ ପ୍ରାୟ ତତ୍କ୍ଷଣ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏକ୍ ଶିଶି ଘରେ ରଖି-

କାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତର ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସ ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ଯାକି ଟ ୦।୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

କେ, ପି, ରାୟ ।
ନ ୪୫ ମ୍ବର ନେବୁତଲା ଲେନ,
ବହୁବଜାର । କଲିକତା ।—

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ସର୍ବନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ଦଳିତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂର କରୁଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୍ ରୋଗୀ ଯେଉଁମାନଙ୍କୁ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଅସ୍ୱୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରିଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନୀ, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦।୵ ଅଣା । ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ସେ, ପି, ରାୟ
ନ ୪୫ ମ୍ବର ନେବୁତଲା ଲେନ
କଲିକତା ।

## ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୵ ତିନିଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

| ପ୍ରଥମଥର ସକାଶେ | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ତଲବାକନାଲ ବଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୧୯ ଖ
ସଂ ୪୪ ସଂଖ୍ୟା
ତା ୧୭ ତାରିଖ ମାହେ ନଭେମ୍ବର ସନ ୧୮୮୪ ମସିହା । ମ୍ବ + ୭ ୪ ଙ୍କ ମାର୍ଗଶିର ସନ ୧୨୯୨ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬

କାବୁଲର ଅମିର ଭ୍ରମଣରୂପେ ଅସ୍ୱାସ୍ଥ୍ୟ ହୋଇ ରାଜକାର୍ଯ୍ୟ ସ୍ୱୟଂ ବୁଝିସୁଝା କରିବାକୁ ସମର୍ଥ ହୋଇଅଛନ୍ତି । ମାତ୍ର ସ୍ୱଜନବର୍ଗ ଏବଂ ବୈଦ୍ୟମାନେ କହନ୍ତି କି ସେ ଆଉ ଉନ-ବର୍ଷରୁ ଅଧିକ ବଞ୍ଚିବାର ଆଶା ନାହିଁ ।

---

ଗତ ଶନିବାରଠାରୁ ମେଘ ଛାଡ଼ି ଯିବାରୁ ଶୀତକାଳ ଆରମ୍ଭ ହୋଇଅଛି । ପ୍ରଥମ ଦୁଇ ଦିନ ବିଶେଷ ଶୀତ ହୋଇଥିଲା ମାତ୍ର ବର୍ତ୍ତମାନ ସାମୟିକ ଆକାର ଧାରଣ କରିଅଛି । ଗତ ଗୁରୁବାର ମେଘ କାହାର ପୁଣି ବୃଷ୍ଟିର ଆଶଙ୍କା ଜନ୍ମାଇଥିଲା କିନ୍ତୁ ଶୀଘ୍ର କଟି ଯିବା ପରି ବୋଧ ହେଉଅଛି ।

---

ଅମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ୱିଲସନ ସାହେବ ଏକମାସ ଅବସର ଭୋଗ ଉତ୍ତାରୁ ଏ ନଗରକୁ ଫେରି ଆସି ଗତ ମଙ୍ଗଳବାର କାର୍ଯ୍ୟ-ଭାର ଗ୍ରହଣ କରିଅଛନ୍ତି ଏବଂ ଜଏଣ୍ଟ ମାଜି-ଷ୍ଟ୍ରେଟ ମାକଫରସନ ସାହେବ ଯେ କି ଏକଟିଂ କଲେକ୍ଟର ହୋଇଥିଲେ ଖୋର୍ଦ୍ଧାକୁ ଫେରି ଯାଇ ଅଛନ୍ତି ।

---

ଗତ ସପ୍ତାହର ବୃଷ୍ଟିରେ ଯେତେଦୂର ଖବର ରଖୁ ଅଛୁ ଈଶ୍ୱରଙ୍କ ଇଚ୍ଛାରୁ ବାଧା ଘଟି ନାହିଁ । କେବଳ କୋହଳାଗାଁ ହେତୁ ଦରଡ଼ ଓ ଶାଗ ଫସଲ କଷ୍ଟ ନଷ୍ଟ ହୋଇଅଛି ଏବଂ ଲଘୁ-ଧାନ କଟା ଖତମ ହୋଇଅଛି । ବର୍ତ୍ତମାନ ଧାନ କୃଷକର ଗଭ ଯାଏ ଶୁଖଅଛି ପ୍ରବଳ ହେବାର ସମ୍ବାଦ ଆସୁଅଛି । ଠାବେ ୨ ଧାନ ଟଙ୍କାକୁ ଏକମହଣ ପର୍ଯ୍ୟନ୍ତ ହେବାର ଜଣାଯାଏ ।

---

ବଙ୍ଗୀୟ ଲେଫ୍ଟେନାଣ୍ଟ ଏଥର କହାର ଅଞ୍ଚଳ ଭ୍ରମଣରେ କାହାର ନେପାଳ ରାଜ୍ୟପର୍ଯ୍ୟନ୍ତ ଯାଇ ଅଛନ୍ତି । ଗତ ମାସ ତା ୯ ରିଖରେ କାଠମାଣ୍ଡୁ ନଗରରେ ପହୁଞ୍ଚି ତା ୧୫ ରିଖ-ପର୍ଯ୍ୟନ୍ତ ଅବସ୍ଥିତ କରିଥିଲେ । ଅବଶ୍ୟ କୌଣସି ଗୁରୁତର ସରକାରୀ କାର୍ଯ୍ୟ ନ ଥିଲେ ଶ୍ରମସ୍ୱୀକାର ପୂର୍ବକ ସ୍ୱାଧୀନ ରାଜ୍ୟକୁ ଯିବା କମ୍ପା ସେଠାରେ ଦୀର୍ଘକାଳ ବାସ କରିବାର ଅବଶ୍ୟକ ହୁଅନ୍ତା ନାହିଁ । ମାତ୍ର ତାହା ଜଣା ପଡ଼ି ନାହିଁ ।

---

ଭାରତର ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶରେ ମହସୁଦ ଓଜିର ଜାତିଙ୍କ ସହିତ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଯୁଦ୍ଧ ଲାଗିଅଛି । ଓଜିରମାନେ ଯୁଦ୍ଧରେ ହାରିଗଲେ ସୁଦ୍ଧା ଗବର୍ଣ୍ଣମେଣ୍ଟଙ୍କ ଛାଉଣୀରୁ ଗୋ ୩୨ ଟା ହେନରି ମାର୍ଟିନ ବନ୍ଧୁକ ଗୋ ୧୫ ଟା ଘୋଡ଼ା ଏବଂ ନଗଦ ୩ ହଜାର ଟଙ୍କା ଏବଂ ଅନେକ ବାରୁଦ ନେଇ ଯାଇ ଅଛନ୍ତି । ସୁତରାଂ ହାରି ଯାଇ ସୁଦ୍ଧା ଲାଭ କରି-ଅଛନ୍ତି । ଅନୁମାନ ହୁଏ ପୂର୍ବରୁ ଏସବୁର ସନ୍ଧାନ ରଖିଥିଲେ । ଗବର୍ଣ୍ଣମେଣ୍ଟଙ୍କର ଅହିତ ବ୍ୟକ୍ତିମାନେ ଅସେଗଧ୍ୟ ଲାଭ କରୁଅଛନ୍ତି ।

---

ରୁଶିୟାର (ଜାର) ସମ୍ରାଟଙ୍କର ମୃତ୍ୟୁ ହେବାରୁ ତାହାଙ୍କ ଜ୍ୟେଷ୍ଠପୁତ୍ର ନିକୋଲାସ ଦ୍ୱିତୀୟ ଉପାଧି ଧାରଣ ପୂର୍ବକ ସିଂହାସନାରୂଢ଼ ହୋଇଅଛନ୍ତି ଏବଂ ତାହାଙ୍କର ସୁସ୍ଥ ହେବା ପର୍ଯ୍ୟନ୍ତ ତାହାଙ୍କ କନିଷ୍ଠ ଭ୍ରାତା ଯୁବରାଜପଦ ପ୍ରାପ୍ତ ହୋଇଅଛନ୍ତି । ନୂତନ ସମ୍ରାଟ ଏଥିମଧ୍ୟରେ ଏକ ଘୋଷଣାପତ୍ର ପ୍ରଚାର କରି ଆଶ୍ୱାସ ଦେଇଅଛନ୍ତି କି ସେ ତାହାଙ୍କ ସ୍ୱର୍ଗୀୟ ପିତାଙ୍କ ରାଜନୀତି ଅନୁସାରେ ଶାନ୍ତିର ପକ୍ଷପାତୀ ହେବେ । କାର୍ଯ୍ୟ ଦ୍ୱାରା ଏହି ବାକ୍ୟ ପ୍ରତିପାଳିତ ହେଲେ ଆନନ୍ଦର ବିଷୟ ହେବ ।

---

ବୁଢ଼ାସମ୍ବରର ନାବାଳଗ ଜମିଦାରଙ୍କୁ ରାଜକୁମାର ସ୍କୁଲରେ ପଢ଼ିବାର ଆଦେଶ ହେବାରୁ ତାହାଙ୍କ ମାତା ସେହି ଆଦେଶ ବିରୁଦ୍ଧରେ ଆପତ୍ତି କରିବାକୁ ସମ୍ବଲପୁରକୁ ଆସିଅଛନ୍ତି । ତାହାଙ୍କ ଆପତ୍ତି ଏହିକି ଏଥିପୂର୍ବେ ତାହାଙ୍କ ଦୁଇପୁଅ ସମ୍ବଲପୁରରେ ରହି ଶିକ୍ଷା କରୁଥିବା କାଳରେ ବସନ୍ତ ରୋଗରେ ମରି ପଡିଥିଲେ । ଏଥିରୁ ମାତାଙ୍କ ମନରେ ଭୟ ଜାତ ହେବା ସ୍ୱାଭାବିକ ଅଟେ । ମାତ୍ର ଆମ୍ଭେମାନେ ସମ୍ବଲପୁର ହିତୈଷିଣୀଙ୍କ ସହିତ ଐକ୍ୟହୋଇ କହୁଅଛୁଁ ଯେ ସରକାର ଏ ଆପତ୍ତି ଶୁଣିବାର ଆଶା ନାହିଁ ।

---

Digitized by srujanika@gmail.com

Split by PDF Splitter



ଡେପୁଟୀ କଲେକ୍ଟର ଓ ସବ ଡେପୁଟୀ କଲେକ୍ଟର ପଦ ପ୍ରାର୍ଥିଙ୍କର ଅଗାମି ପରୀକ୍ଷା ସନ ୧୮୯୫ ସାଲ ମାର୍ଚ୍ଚ ମାସରେ ହେବାର ବିଜ୍ଞାପନ ବାହାର ଅଛି । ପରୀକ୍ଷାର୍ଥିମାନଙ୍କ ଯୋଗ୍ୟତା ଓ ପରୀକ୍ଷାର ବିଷୟ ସମ୍ବନ୍ଧୀୟ ନିୟମମାନ ପୂର୍ବପ୍ରାୟ ରହିଅଛି । ପରୀକ୍ଷାର ଫଳମାନ ଏ ପରେ ପ୍ରକାଶ ହେବ । ଅପାତତଃ ତ ୭ ଣ ଡେପୁଟୀ ଓ ତ ୭ ଣ ସବଡେପୁଟୀ ବାଛି ନେବାର ପ୍ରସ୍ତାବ ହୋଇ ଅଛି । ଭରସା କରୁଁ ଓଡ଼ିଶାର ଯୁବକ ଉପଯୁକ୍ତ ସଂଖ୍ୟାରେ ଏ ପରୀକ୍ଷାରେ ଉପସ୍ଥିତ ହେବେ ।

———

ଇଉରୋପୀୟ ପତ୍ରିକାମାନେ ଅନେକ ବର୍ଷର କଥ ସିଦ୍ଧାନ୍ତ କରଅଛନ୍ତି ଯେ ସାଢ଼େ ତିନହଜାର ବର୍ଷ ପୂର୍ବେ ଲୌହ ବ୍ୟବସାୟରେ ଭାରତ ପ୍ରଶସ୍ତି ଲାଭ କରଥିଲା । ସେ କାଳରେ ଭାରତରେ ଲୌହର ବୃହତ୍ କାରଖାନାମାନ ଥିଲା । ବର୍ତ୍ତମାନ ଅନ୍ୟ ଲୁହାଦ୍ରବ୍ୟର କଥା ଛେଣିକ ଥାଉ ସାମାନ୍ୟ ଲୁହାକଣ୍ଟାହିଁ ବିଲାତରୁ ଅସି ଏଠାରେ ବିକ୍ରୟ ହେଉ ଅଛି । ବଙ୍ଗବାସୀ ଯଥାର୍ଥ କହି ଅଛନ୍ତି ଯେ ଭାରତବାସିଙ୍କର ଅତୀତ ଗୌରବ ସ୍ମରଣରେ କ୍ଷୀଣ ନ ହୋଇ ଲୁପ୍ତ ଗୌରବ ଉଦ୍ଧାର ବିଷୟରେ ଯତ୍ନବାନ୍ ହେବା ଉଚିତ ।

———

ବେଙ୍ଗଲ ପ୍ରଭିନସିଆଲରେ ଲଓ୍ବେ କମ୍ପାନି ଗାର୍ଡେନରିଚଠାରୁ ମଗରା ପର୍ଯ୍ୟନ୍ତ ଯେଉଁ ରେଲବାଟ ନିର୍ମାଣ କରୁଅଛନ୍ତି ତହିଁର ଏକଭାଗ ଅର୍ଥାତ୍ ଗାର୍ଡେନରିଚଠାରୁ କଲୋମପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହେବାରୁ ଗତ ପୂର୍ବ ବୁଧବାରଠାରୁ ତହିଁରେ ରେଳଗାଡ଼ି ଚଳିବାର ଆରମ୍ଭ ହୋଇଅଛି । ଆପାତତଃ ଏଥିରେ ପ୍ରତିଦିନ ଚାରିଥର ରେଲଗାଡ଼ି ଚଳିବାର ନିୟମ ହୋଇଅଛି । ରେଲବାଟ ବ୍ୟବସାୟ ବଙ୍ଗାଳିମାନେ କରିବାର ଏହି ପ୍ରଥମ ଉଦାହରଣ ଅଟେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କାର୍ଯ୍ୟଦକ୍ଷମାନେ ଦକ୍ଷତା ସହିତ ଏକାର୍ଯ୍ୟ ନିର୍ବାହକରି ସଫଳତା ଏବଂ ବ୍ୟବସାୟିକ ସାହସ ବୃଦ୍ଧି କରିବାକୁ ସମର୍ଥ ହେବେ ।

———

ଚୀନ ଜାପାନ ଯୁଦ୍ଧ ସମ୍ବନ୍ଧରେ ଏ ସପ୍ତାହରେ ସମ୍ବାଦ ଅସିଅଛି ଯେ ଚୀନ ଆପଣାର ଦୁର୍ବଳତା ପ୍ରକାଶ କରିବାରୁ ଇଂଲଣ୍ଡର ଇଚ୍ଛା ଯେ ଚୀନ ଜାପାନ ମଧ୍ୟରେ ସନ୍ଧି କରାଇ ଦେବେ ଇଂଲଣ୍ଡର ଅନୁରୋଧ ମତେ ରୁଷିଆ ଏବଂ ଅନ୍ୟାନ୍ୟ ରାଜାମାନେ ସନ୍ଧି ସପକ୍ଷରେ ମତ ଦେଇ କହୁଅଛନ୍ତି ଜାପାନ ସ୍ୱୟଂ ସନ୍ଧିର ପ୍ରସ୍ତାବ କରିବା ଉଚିତ । କେବଳ ଜର୍ମ୍ମାନୀ କୌଣସି ପ୍ରକାର ମଧ୍ୟସ୍ଥତା ନ କରି ପୃଥକ୍ ରହିବାକୁ ଅବଧି ବର୍ଷର ବାଛିଅଛନ୍ତି । ଏଣେ କୋରିଅର ଶାସନ ସଂସ୍କାର ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବରେ ଜାପାନ ଗଭର୍ଣ୍ଣମେଣ୍ଟ ଯାହାଙ୍କୁ ନିଯୁକ୍ତ କରିଥିଲେ କୋରିଅବାସିମାନେ ତାହାଙ୍କୁ ବିର୍ଦ୍ଧତ ନଗରଠାରେ ବଧ କରିଅଛନ୍ତି । ସେମାନେ ଜାପାନମାନଙ୍କୁ ଅଟେ ଦେଖି ପାରନ୍ତି ନାହିଁ ।

:—※—

ଭଦ୍ରକର ବିଖ୍ୟାତ ଜମିଦାର ସ୍ୱର୍ଗୀୟ ପଞ୍ଚୁମିଅଁଙ୍କ ପୁତ୍ର ମୌଲବୀ ମଟୋଲ ସେଖ ଇବ୍ରାହିମ ଏବଂ ପ୍ରଭୁସ ସେଖ ଲତଫ ରହମାନଙ୍କ ମଧ୍ୟରେ ଜମିଦାରୀ ଦଖଲ ସମ୍ବନ୍ଧ ବିବାଦ ହେଉ ଫଉଜଦାରୀ ମୋକଦ୍ଦମାମାନ ଦଣ୍ଡବିଧି ଆଇନର ଧା ୪୪୬ ଧ ଅନୁସାରେ ଉପସ୍ଥିତ ହେବାର ଦେଖି ଆମ୍ଭମାନଙ୍କ ଖଣ୍ଡପ୍ରେରିତ ସମ୍ବାଦଦାତା ଯଥାର୍ଥ କହି ଅଛନ୍ତି ଯେ ପଞ୍ଚୁମିଅଁ ଓଡ଼ିଶା ଜମିଦାରଙ୍କ ଆଦର୍ଶ ସ୍ଥାନୀୟ ଥାଇ ଅନେକ ଜମିଦାରଙ୍କ ବିବାଦ ମୀମାଂସା କରି ଶାନ୍ତିଦାୟୀ ରକ୍ଷା କରୁଥିଲେ ତାହାଙ୍କ ବଂଶରେ ଏପରି ଘଟିବା ବଡ଼ ଦୁଃଖର ବିଷୟ ଅଟେ । ବିଶେଷତଃ ସେଖ ଲତଫ ରହମାନ ଭଦ୍ରକ ବେଞ୍ଚର ଜଣେ ଅନରରି ମାଜିଷ୍ଟ୍ରେଟ । ସେ ସ୍ୱୟଂ ଜଣେ ଅସାମୀ ହେବା କେମନ୍ତ ଉଣା କଥା ଏହା ଭାବିବା ଉଚିତ । ଆମ୍ଭେମାନେ ଆଶା କରୁଁ ଏମାନେ ବିବାଦ ନ ବଢ଼ାଇ ସାଲିସ ଦ୍ୱାରା ଭାଙ୍ଗିବାର ଚେଷ୍ଟା କରିବେ ।

———

କଇଁଝରପୁର ଜିଲ୍ଲାର ନାବାଳଗ ରାଜା ବିଦ୍ୟାଶିକ୍ଷା ନିମନ୍ତେ ଏବେ ସଦଳବଳ ଆସି ହୋଇ ଭୁବନେଶ୍ୱର ନିକଟ ଏକ କୋଠିରେ ଅବସ୍ଥିତ କରୁଅଛନ୍ତି । ଏଠା କଲେଜିଏଟ ସ୍କୁଲରେ ଭର୍ତ୍ତି ହେବେ ଏବଂ ଘରଠାରେ ତାହାଙ୍କୁ ଶିକ୍ଷାଦେବା କାରଣ ଏଠା କଲେଜିଏଟ ସ୍କୁଲର ୨ୟ ଶିକ୍ଷକ ମିଷ୍ଟର ଟୀ, ଏଚ, ଚକ୍ରବର୍ତ୍ତୀ ନିଯୁକ୍ତ ହୋଇ ଅଛନ୍ତି । ଚକ୍ରବର୍ତ୍ତୀ ମହାଶୟଙ୍କ ଯୋଗ୍ୟତା ଓ ଚରିତ୍ର ବିଷୟରେ କିଛିମାତ୍ର ସନ୍ଦେହ ନାହିଁ । ତଥାପି ତାହାଙ୍କ ପରି ପ୍ରସିଦ୍ଧ ଓ ସ୍ୱଦକ୍ଷ ଶିକ୍ଷକ ରାଜକୁମାରଙ୍କ ଶିକ୍ଷା ନିମନ୍ତେ ପ୍ରୟୋଜନ । ମାତ୍ର ତାହାଙ୍କ ସାତଶତ ଟଙ୍କା ସାତେକ ପ୍ରାପ୍ତ ହେବାରୁ ତାଙ୍କ ଶିକ୍ଷକଙ୍କ ଅନୁକରଣ କରି ଶତ୍ରୁ ସାହେବୀ ଗୃହ ଶିକ୍ଷା କଲେ ଏହି କାରଣରୁ ଏଙ୍କ ନିୟୋଗରେ ସର୍ବସାଧାରଣଙ୍କର ଅସନ୍ତୋଷ ଜନ୍ମିଅଛି ଏବଂ ଏହା ଅଯୌକ୍ତିକ ବୋଲି ଆମ୍ଭେମାନେ କହି ନ ପାରୁଁ । ପୂର୍ବଉଦ୍ଧାରତ ସ୍ୱପ୍ରଶସ୍ତିମାନେ ଏବିଷୟରେ ସାବଧାନ ଥିଲେ । ଶ୍ରୀଯୁକ୍ତ ଭୁକସାହେବ ଓଡ଼ିଶାର ରାଜା, ଜମିଦାର ଏବଂ ଜନସାଧାରଣଙ୍କ ପ୍ରତି ଯଥେଷ୍ଟ ସହାନୁଭୂତି ଦେଖାଇ ଥିବାସ୍ଥଳେ ଅନ୍ୟାନ୍ୟ ଉପଯୁକ୍ତ ପ୍ରାର୍ଥୀ ଉପସ୍ଥିତ ଥିବା ସତ୍ତ୍ୱେ ଏହି ନିୟୋଗରେ ଲୋକଙ୍କର ଆଶା ପୂର୍ଣ୍ଣକରି ପାରିଲେ ନାହିଁ ବଡ଼ ଦୁଃଖର ବିଷୟ ଅଟେ ।

———

ବଙ୍ଗବାସୀରେ ଲେଖାଅଛି ଯେ ଦୁଇଜଣ ଗୋସ୍ୱାମୀ ଗୋଟିଏ ଦୋକାନର ନାମ ଷ୍ଟିବାର୍ଟଥୋମ୍ପ୍ ଲେଖାଥିବାର ଦେଖି କୌଣସି ବିଲାତି ସାହେବଙ୍କ ଦୋକାନ ମନେ କରି ଦୁଇଯୋଡ଼ା ଜୋତା ଖରିଦ କଲେ । କିନ୍ତୁ ପଛକାଳ କ୍ରମରୁ ଜାଣିପାରିଲେ ଯେ ଦୋକାନଟା କୌଣସି ସାହେବଙ୍କର ନୁହେ, ଜଣେ ଦେଶୀୟ ଲୋକର । ତହୁଁ ଫେରିଆସି ଜୋତା ଫେରାଇ ଦେଇ ଟଙ୍କା ନେଇଗଲେ । ଇଂରେଜୀ ଇଉରୋପୀୟଙ୍କର ସ୍ୱଦେଶଦ୍ରବ୍ୟପ୍ରୀତି ଏଥିରୁ ଅଧିକ ପରିଚୟ ଆଉ କ ହୋଇପାରେ ? ଏହି ଗୁଣରୁ ସେମାନଙ୍କର ଉନ୍ନତି ହେଉଅଛି । ମାତ୍ର ଆମ୍ଭେମାନେ ଏତେ ଅଧମ ଯେ ଇଂରେଜମାନଙ୍କର ଅନୁକରଣ କରିବାକୁ ଯାଇଁ ସେମାନଙ୍କର ସଦ୍‌ଗୁଣ ଅପେକ୍ଷା ଅବଗୁଣର ଅଧିକ ଅନୁଗ୍ରା କରିଥାଉଁ । ବିଲାତି ଦ୍ରବ୍ୟପ୍ରତି ଆମ୍ଭମାନଙ୍କର ଏତେ ଅନୁରାଗ ଯେ ତାହା ନ ହେଲେ କେମନ୍ତ ବସ୍ତ୍ରେ ଖୁସିପାଇବା ନାହିଁ ଏବଂ ଦେଶୀୟ ଦ୍ରବ୍ୟ ଶୁଦ୍ଧା ସାହେବଙ୍କ ଦୋକାନରୁ କିଣିବାକୁ ପସନ୍ଦ କରୁଁ । ଏହି ଦୁର୍ବଦୋଷରେ ଦେଶୀୟ ଲୋକମାନେ ନଷ୍ଟହେଉ ଅଛନ୍ତି ଏବଂ ବିଲାତି ଦ୍ରବ୍ୟ ରାଶି ରାଶି ପରିମାଣରେ ଏଦେଶରେ ବିକ୍ରୟ ହୋଇ ଏ ଦେଶର ଧନ ବିଲାତକୁ ଟାଣିନେଉଅଛି । ଏହାହିଁ ଆମ୍ଭମାନଙ୍କ ଦରିଦ୍ରତା ବୃଦ୍ଧିର ପ୍ରଧାନ କାରଣ ଏ ବିଷୟରେ ସମସ୍ତଙ୍କର ସତର୍କ ହେବା ଉଚିତ ।

———

Digitized by srujanika@gmail.com

ଗତ ଦୁର୍ଗାପୂଜା ଛୁଟି ସମୟରେ ଦାରଜିଲିଙ୍ଗଠାରେ ବଙ୍ଗୀୟ ସିଭିଲିୟାନ ଅର୍ଥାତ୍ ଉଚ୍ଚ କର୍ମଚାରୀମାନଙ୍କର ଗୋଟିଏ ଭୋଜ ହୋଇଥିଲା । ପ୍ରାୟ ଢ ୫୦ ଣ ସିଭିଲିୟାନ ତହିଁରେ ଯୋଗ ଦେଇଥିଲେ । ବଙ୍ଗୀୟ ଲେଫ୍ଟେନାଣ୍ଟ ସର ଇଲିୟଟ ବାହାଦୁର ଏବଂ ତାହାଙ୍କ ପ୍ରଧାନ ସେକ୍ରେଟରୀ ଶ୍ରୀଯୁକ୍ତ କଟନସାହେବ ବକ୍ତୃତାମାନ ପ୍ରଦାନ କରିଥିଲେ । ଭୋଜାରମ୍ଭ ସମୟରେ ଲେଫ୍ଟେନାଣ୍ଟ କହିଲେ ଯେ ଏ ଭୋଜର ଉଦ୍ଦେଶ୍ୟ ଏହିକି ନାନାସ୍ଥାନରେ କାର୍ଯ୍ୟ କରୁଥିବା ସିଭିଲିୟାନମାନେ ଦୁଇଥର ଦିନ ଏକତ୍ରେ ରହି ସମସ୍ତେ ଏକ ସ୍ୱଭାବାପନ୍ନ ହେବେ ଏବଂ ପରସ୍ପର ମଧ୍ୟରେ ବନ୍ଧୁତା ଦୃଢ ଏବଂ ପ୍ରେମ ପ୍ରବଳ ହେବ । ଏତେବେଳେକ ଆପଣା୨ ଏଲାକା ଛାଡ଼ିଆସିବାରୁ ଜଣାଯାଉଅଛି ଯେ ଶାସନକାର୍ଯ୍ୟ ଚଳପର ଏମନ୍ତ ସରଳଭାବରେ ଚାଲୁଅଛି ଯେ ଚାଳକଙ୍କୁ ସର୍ବ୍ବଦା ଜଗିରହିବାକୁ ହେଉ ନାହିଁ । ଭୋଜ ଶେଷ ହେବାରୁ କଟନସାହେବ କହିଲେ ଯେ ପୁରୁଣା ସିଭିଲିୟାନଙ୍କଠାରୁ ନୂଆ ସିଭିଲିୟାନମାନଙ୍କ ବହୁତର ବାଧାବିଘ୍ନ ଅତିକ୍ରମ କରିବାକୁ ହୁଅଇ । ଦୂରଦୃଷ୍ଟି, ଦୃଢ଼ପ୍ରତିଜ୍ଞା, ଧୀରତା ଏବଂ ପ୍ରେମଦ୍ୱାରା ସେ ସମସ୍ତ ବାଧା ଅତିକ୍ରମ କରାଯାଇପାରେ । ଏ ଦେଶବାସିଙ୍କ ଅବସ୍ଥା ଉନ୍ନତ ଏବଂ ସାଧାରଣ ମଙ୍ଗଳ କରିବାପାଇଁ ସିଭିଲିୟାନଙ୍କ ହାତରେ ପ୍ରବଳ କ୍ଷମତା ରହିଅଛି । କର୍ତ୍ତବ୍ୟକାର୍ଯ୍ୟ ଓ ସାଧୁତାପ୍ରତି ଅଦମ୍ୟ ଉତ୍ସାହ ଏବଂ ଜନସାଧାରଣଙ୍କ ପ୍ରତି ସହାନୁଭୂତି ବରଂ ସ୍ଥଳବିଶେଷରେ ପ୍ରଗାଢ଼ପ୍ରେମ ପ୍ରକାଶକରିବା ଉଚିତ ଏହି ସମସ୍ତଗୁଣ ସକାଶେ ପୂର୍ବ୍ବକାଳର ସିଭିଲିୟାନମାନଙ୍କର ନାମ ସ୍ମରଣୀୟ ହୋଇ ରହିଅଛି ବର୍ତ୍ତମାନର ସିଭିଲିୟାନମାନେ ଏହି ସୁନାମ ରକ୍ଷାକରିବାକୁ ସମର୍ଥ ହେଉନ୍ତୁ ଏହାହିଁ ତାହାଙ୍କର ପ୍ରାର୍ଥନା ପାଠକମାନେ ଦେଖନ୍ତୁ ଯେ ଲେଫ୍ଟେନାଣ୍ଟ ଓ ତାହାଙ୍କ ପ୍ରଧାନ ସେକ୍ରେଟରୀଙ୍କ ବକ୍ତୃତା ର କେତେ ପ୍ରଭେଦ ! ଲେଫ୍ଟେନାଣ୍ଟ କେବଳ ପରସ୍ପର ବନ୍ଧୁତା ଓ ପ୍ରେମ ଦୃଢ କରିବାର ଉପାୟ କହିଦେଲେ କି ଯହିଁରେ ସେମାନେ ଅପେ ମେଳ ମିଶି ସୁଖରେ ରହିବେ ଏବଂ କାହାର କାର୍ଯ୍ୟରେ ତ୍ରୁଟି ହେଲେ ଲାଟସାହେବ ତାହା ଧରିବେ ନାହିଁ । ମାତ୍ର କଟନସାହେବ ସେମାନଙ୍କୁ ଏମନ୍ତ ଉପଦେଶ ଦେଲେ କି ଯହିଁରେ ସେମାନେ ଆପଣା କର୍ତ୍ତବ୍ୟକାର୍ଯ୍ୟ ଉତ୍ତମରୂପେ ନିର୍ବ୍ବାହକରି ସାଧାରଣ ମଙ୍ଗଳସାଧନ ଦ୍ୱାରା ସୁଖ୍ୟାତିଭାଜନ ହେବେ ।

## ସେଓଲ୍ ନଗର ।

ଯେଉଁ କୋରିଆ ରାଜ୍ୟ ସେଥି ଚୀନ ଓ ଜାପାନମଧ୍ୟରେ ଯୁଦ୍ଧ ଲାଗିଅଛି ତହିଁର ପ୍ରଧାନ ନଗର ସିଓଲର ବିବରଣ ଜାଣିବାକୁ ପାଠକମାନେ ଇଚ୍ଛୁକ ଥିବେ । ଉକ୍ତ ନଗର କୋରିଆର ଅନ୍ୟାନ୍ୟ ନଗର ପ୍ରାୟ ଚତୁର୍ଦ୍ଦିଗ ପ୍ରାଚୀରଦ୍ୱାରା ବେଷ୍ଟିତ । ଏ ପ୍ରାଚୀର ଯେମନ୍ତ ଦୃଢ଼ ତେମନ୍ତ ଆଶ୍ଚର୍ଯ୍ୟଜନକ ଅଟଇ । ନଗରଟି ଉପତ୍ୟକାଭୂମିରେ ସ୍ଥାପିତ ଏବଂ ଚତୁର୍ଦ୍ଦିଗ ପର୍ବ୍ବତମାଳାଦ୍ୱାରା ବେଷ୍ଟିତ । ପ୍ରାଚୀରଟି ଏହି ପର୍ବ୍ବତମାଳାର ଉପରି ଓ ନିମ୍ନଭାଗରେ ଚତୁର୍ଦ୍ଦିଗ ବୁଲି ଯାଇଅଛି । ସୁତରାଂ ଏହା ଯେ କେତେ ସମୟ ଓ ବ୍ୟୟସାପେକ୍ଷ ହୋଇଥିବ ତାହା ପାଠକେ ଅନୁମାନକରି ନିଅନ୍ତୁ । ଏମନ୍ତ ପ୍ରାଚୀର ଗଢିବାକାର୍ଯ୍ୟ ମଧ୍ୟ ବଡ଼ ଧୈର୍ଯ୍ୟଶୀଳତାର ପରିଚାୟକ । ଏଥିରେ ପ୍ରବେଶର ଏକମାତ୍ର ଦ୍ୱାର ଅଛି ଏବଂ ତାହା ସୂର୍ଯ୍ୟୋଦୟ ସଙ୍ଗେ ଖୋଲା ହୋଇ ସୂର୍ଯ୍ୟାସ୍ତ ସମୟରେ ରୁଦ୍ଧ ହୁଏ । ଯେଉଁ ଲୋକ ସୂର୍ଯ୍ୟାସ୍ତ ସମୟରେ ଦ୍ୱାରବନ୍ଦ ହେବା ପୂର୍ବ୍ବରୁ ତାହା ଭିତରକୁ ଆସି ନ ପାରିବ ସେ ସେରାତ୍ରି ନଗରର ବାହାରେ ପଡ଼ିରହିବ । ଲୋକଙ୍କୁ ଏଥିଯୋଗୁଁ ସାବଧାନ କରାଇବା କାରଣ ନଗରର ମଧ୍ୟବର୍ତ୍ତୀ ଏକ ପାହାଡ଼ ଉପରେ ପ୍ରକାଣ୍ଡ ଘଣ୍ଟା ଅଛି । ତାହା ବାଜିଲେ ଦୂରରୁ ଲୋକମାନେ ଦୌଡ଼ି ନଗରର ମଧ୍ୟରେ ପ୍ରବେଶ କରନ୍ତି । ଏ ଦୃଶ୍ୟ ଦେଖିବା ମଧ୍ୟ ବଡ଼ ସୁନ୍ଦର । ଏହାର କାଷ୍ଠନିର୍ମିତ ଓ ତହିଁ ଉପରେ ଲୌହ ଆଚ୍ଛାଦିତ ହୋଇଅଛି ସୁତରାଂ ତାହା ଏକପ୍ରକାର ଦୁର୍ଭେଦ୍ୟ ଅଟଇ । ସମୟ୨ରେ ପର୍ବ୍ବତରୁ ବାଘ ଆସି ପ୍ରାଚୀର ଡେଇଁ ନଗରମଧ୍ୟରେ ଭ୍ରମଣ କରଇ ମାତ୍ର ସାଧାରଣତଃ ଏ ପ୍ରାଚୀରଦ୍ୱାରା ବ୍ୟାଘ୍ରର ଆକ୍ରମଣରୁ ଲୋକମାନେ ଏକପ୍ରକାର ନିଶ୍ଚିନ୍ତ ଅଛନ୍ତି । କୋରିୟା ରାଜ୍ୟର ବାଟମାନ ନିତାନ୍ତ ଅପ୍ରଶସ୍ତ ଏମନ୍ତ କି ଦୁଇଜଣ ଲୋକ ଏକତ୍ର ଯାଇପାରିବେ ନାହିଁ ମାତ୍ର ସିଓଲନଗରରେ କେବଳ ପ୍ରଶସ୍ତ ବାଟମାନ ଅଛି ଏବଂ ରାଜାଙ୍କ ପ୍ରାସାଦକୁ ଯିବାବାଟ ଅତ୍ୟନ୍ତ ପ୍ରଶସ୍ତ ଅଟେ । ଏମନ୍ତ କି ସେହି ବାଟ ମଧ୍ୟରେ ଲୋକେ ଦୁଇଧାଡ଼ି ଘର ନିର୍ମାଣ କରି ବାଟଟିକୁ ତିନିଗୋଟି ସମାନ୍ତରାଳବାଟରେ ବିଭକ୍ତ କରି ପକାନ୍ତି ଏବଂ ଯେତେବେଳେ ରାଜା ବାହାରକୁ ବାହାରନ୍ତି ସେତେବେଳେ ସେ ଘରମାନ ଉଠିଯାଏ । ରାଜା ପ୍ରାୟ ସର୍ବ୍ବଦା ନଗରମଧ୍ୟରେ ଥାଆନ୍ତି କେବଳ ଚୀନର ଦୂତ ଆସିଲେ ତାଙ୍କ ସହିତ ସାକ୍ଷାତ କରିବାକୁ ଅଥବା ପୂର୍ବ୍ବରାଜାମାନଙ୍କର ସମାଧି ଦର୍ଶନ ଉପଲକ୍ଷରେ ବାହାରକୁ ଆସନ୍ତି । ସମୁଦ୍ରଠାରୁ ମା ୨୫ ଇଲ ଦୂରରେ ସିଓଲନଗର ଅବସ୍ଥାପିତ ହୋଇଅଛି । ନଗରର ମଧ୍ୟଭାଗରେ ଯେଉଁ ପାହାଡ଼ ଅଛି ତାହାର ନାମ ନାଙ୍ଗମ । ଏଥିର ଶିରୋଦେଶରେ ଏକ ଉଚ୍ଚସ୍ଥାନ ନିର୍ମିତ ହୋଇଅଛି ଯେ ତହିଁରେ ଅଗ୍ନିର ନିଶାଣ ଦିଆଯାଏ । ଏଥିରେ ନିଆଁ ଜଳାହେବାର ଦେଖିଲେ କୋରିଆର ଅନ୍ୟାନ୍ୟ ସ୍ଥାନରେ ଯେଉଁ ପାହାଡ଼ମାନ ନିର୍ମିତ ଅଛି ତହିଁରେ ମଧ୍ୟ ନିଆଁ ଜାଳି ନିଶାଣ ଦିଆଯାଏ । ଏରୂପେ ଅଳ୍ପସମୟମଧ୍ୟରେ ଆବଶ୍ୟକମତେ ବହୁଦୂରକୁ ବାର୍ତ୍ତା ପ୍ରେରିତ ହୁଅଇ । ଏହି ପର୍ବ୍ବତରେ ଅନେକଗୁଡ଼ିଏ ପବିତ୍ର ବୃକ୍ଷ ଅଛି ଯେ ତହିଁରେ ଲୋକେ କନାଖଣ୍ଡିଏ ବାନ୍ଧିଦେଇଆସନ୍ତି । ଏରୂପେ ଗଛମାନଙ୍କରେ ଅସଂଖ୍ୟ କନା ବନ୍ଧା ହୋଇଅଛି ଏବଂ ଏଠା ଭଡ଼ଜାତର କେତେକ ସ୍ଥାନ ପ୍ରାୟ ସେଠାରେ ମଧ୍ୟ ଲୋକେ ଠାକୁର ଯୋଗିନୀଆଦିଙ୍କି ନିବେଦନକରିବା ଉଦ୍ଦେଶ୍ୟରେ ଭେଟୀ ପକାଇ ଆସନ୍ତି; ଏରୂପେ ସେହି୨ ସ୍ଥାନରେ ଭେଟୀର ଗଦାମାନ ହୋଇ ଯାଇଅଛି । ସେଠାଲୋକେ ଫଟୋଗ୍ରାଫପ୍ରତି ବଡ଼ କୁସଂସ୍କାରଜନକ । ନାରୀମାନେ ଯେମନ୍ତ ଚଳହଳକରିବା ସମୟରେ ନଖମୁଖ ବ୍ୟବହାର କରନ୍ତି ପୁରୁଷମାନେ ସେହିପରି ଟୁପି ଧରି ଦଣ୍ଡା ଗୋଇଠା ବ୍ୟବହାର କରନ୍ତି । ବିବାହିତ ପୁରୁଷ ମାନଙ୍କେ ମୁଣ୍ଡଉପରେ ଚୁଟି ବାନ୍ଧନ୍ତି । ଲୋକମାନେ ଉପାର୍ଜନ କରିବାକୁ ବଡ଼ କୁଣ୍ଠିତ । ରାଜକୀୟ କର୍ମଚାରୀମାନଙ୍କର ଅତ୍ୟାଚାର ଏଥିର ପ୍ରଧାନ କାରଣ । ଅଳସ ହେବା ସଙ୍ଗେ୨ ସୁତରାଂ ଦରିଦ୍ରତା ପଡ଼ୁଅଛି ଏମନ୍ତ କି ପାହୁଲଟାକ ପାଇଁ ସମୟ୨ରେ ଝଗଧଇ ହୁଅନ୍ତି । ସିଓଲର ରମଣୀମାନେ ଦେଖିବାକୁ ସୁନ୍ଦର ମାତ୍ର ଅନ୍ତଃପୁରରେ ରହିବାପ୍ରଥା ଦୃଢ଼ରୂପେ ପ୍ରଚଳିତ ଥିବାରୁ ସବୁ ସମୟରେ ସେମାନଙ୍କର ଦେଖା ମିଳଇ ନାହିଁ । କୋରିଅର ଅନ୍ୟସ୍ଥାନର ସ୍ତ୍ରୀଲୋକମାନେ ଦେଖିବାକୁ ତେତେ ସୁନ୍ଦରୀ ନୁହନ୍ତି । ଲୋକମାନେ ପ୍ରତିଦିନ ସ୍ନାନ କରନ୍ତି ନାହିଁ । କେବଳ ଅଧିକାଂଶ ସମୟ ହାତମୁଖ ଧୁଅନ୍ତି । କୋରିଅ ଶୀତପ୍ରଧାନ ଦେଶ ଲୋକେ ଘରଭିତରେ ନିଆଁ ଜାଳି ଘର ମଝିକୁ ଉଷ୍ମ ରଖନ୍ତି ଏମନ୍ତ କି ସେ ତତଲଭୂଇଁରେ ଅପରଲୋକ-

Split by PDF Splitter
Digitized by srujanika@gmail.com

ଙ୍କର ଶୋଇବା ଉଠିବା ମାତ୍ର ସେଠାଲୋକେ ବଜାଟଯ୍ୟାରେ ଏକପାର୍ଶ୍ୱ ଗରମ ହୋଇଗଲେ ଢର ଲେଉଟାଇ ବସ୍ତିନ୍ତରେ ଶୁଅନ୍ତି ।

---

### ଓଡିଶାର ବାର୍ଷିକବିବରଣ ।

ଗତ ବାର୍ଷିକ ବିବରଣରେ ଓଡିଶା ଜମିଦାରଙ୍କ ସମ୍ବନ୍ଧରେ ଶ୍ରୀଯୁକ୍ତ କମିଶନର ସାହେବ ଲେଖିଅଛନ୍ତି କି ସେମାନଙ୍କ ମଧ୍ୟରେ ବହୁତ ଲୋକ ଅପଣା ଜମିଦାରୀକାର୍ଯ୍ୟ ବୁଝିବାର ଯୋଗ୍ୟ ନୁହନ୍ତି, ଅନେକେ ଅତ୍ୟନ୍ତ ଋଣଗ୍ରସ୍ତ ଏବଂ ସତ୍‌ସ୍ୱତର ଦେଖାଯାଏ ଯେ ଅନେକ ଜମିଦାର ଲାଟବନ୍ଦରେ କେତେ ଖଜଣା ଦେବାକୁ ହେବ ତାହାସୁଦ୍ଧା ଜାଣିବାକୁ କଷ୍ଟ ସ୍ୱୀକାର ନ କରି କଲମ୍ ଆଇନ ଅନୁସାରେ ଛିଣ୍ଡିହଟା ହୁଅନ୍ତି । ଆମ୍ଭ ବିବେଚନାରେ ସେମାନେ ଏ ବିଷୟରେ ବଙ୍ଗଳା ଜମିଦାରଙ୍କଠାରୁ ଅଧିକ ଅଭିଜ୍ଞ । ଭୂମିସମ୍ପର୍କୀୟ ଆଇନ ସେମାନଙ୍କ କଷ୍ଟର କାରଣ ହୋଇ ନ ପାରେ କାରଣ ଏହା ଆଜି ଛଡା ଆଉ ସମସ୍ତ ଋଣ ଜମିର ଖଜଣା ବୃଦ୍ଧି ହେବା ଏବଂ ପତିଆ ଅବାଦ ହେବାଦ୍ୱାରା ଗତ ଷାଠିଏ ବର୍ଷରେ ଜମିଦାରୀର ମୂଲ୍ୟ ବିଲକ୍ଷଣ ବୃଦ୍ଧି ହୋଇଅଛି । ବିବାହ, ଶ୍ରାଦ୍ଧ, ଭିକ୍ଷାଦାନ ଏବଂ ପର୍ବରକ୍ଷା ଛଡା ଅନ୍ୟ କୌଣସି ପ୍ରକାର ଅତିବ୍ୟୟିତା ସେମାନଙ୍କ କଷ୍ଟର ହେତୁ ବୋଲି ସୁଦ୍ଧା କହି ନ ପାରୁଁ । ବାସ୍ତବରେ ସେମାନେ ଅପଣା ଐଶ୍ୱର୍ଯ୍ୟ ଦେଖାଇ ହେବା ନିମନ୍ତେ ବିଖ୍ୟାତ ନୁହନ୍ତି କିମ୍ବା କୌଣସି ସାଧାରଣ ହିତକାର୍ଯ୍ୟ ପ୍ରତି ପ୍ରଶସ୍ତରୂପେ ସାହାଯ୍ୟ କରିବେ ଏମନ୍ତ ଆଶା ମଧ୍ୟ ସେମାନଙ୍କଠାରୁ ନାହିଁ । ସେମାନଙ୍କ ବଦାନ୍ୟତା ଅତି ପୁରୁଣା, ଏବଂ ଅମ୍ଭେ କହିପାରୁଁ ଅଳ୍ପ ବାହୁଲ୍ୟ ଧାରରେ ଅର୍ଥୀରୁ ଧର୍ମଧ୍ୱଜୀ ଭିକ୍ଷୁକମାନଙ୍କ ପ୍ରତିପାଳନରେ ପ୍ରବାହିତ ହୁଅଇ । ଏପରି ଅବସ୍ଥାରେ ସେମାନେ କଠୋର ଓ ପୀଡାଦାୟକ ଭୂମ୍ୟଧିକାରୀ ହୋଇ ପ୍ରଜାବର୍ଗର ଟଙ୍କାଶଦ୍ୱାରା ଅପଣାର ଆର୍ଥିକ କ୍ଷତିପୂରଣର ଚେଷ୍ଟା କରିପାରନ୍ତେ ମାତ୍ର ଜମିଦାର ପ୍ରଜା ମଧ୍ୟରେ ପୂର୍ବକାଳର ପିତା ପୁତ୍ର ସମ୍ବନ୍ଧ ଅବଧି ଜାଗ୍ରତ ଥିବା ହେତୁ ହେଉ ଅଥବା ସେହି ଅଳସ ହେତୁ ହେଉ ଯାହା ଓଡିଆର ସ୍ୱଭାବସୁଲଭ ବୋଲି ଅନୁମିତ ହୁଏ, ସେପରି ଘଟିବାର ଜଣାଯାଉ ନାହିଁ । ଅଧିକନ୍ତୁ ଓଡିଶାର ଭୂମିସଂକ୍ରାନ୍ତ ନିୟମ ଏପରି ଯେ ବନ୍ଦୋବସ୍ତ ସମୟ ମଧ୍ୟରେ ଅଧିକାଂଶ ପ୍ରକାର ଖଜଣା ବୃଦ୍ଧି ହୋଇ ନ ପାରେ । ଅତଏବ ଅମ୍ଭ ବିବେଚନାରେ ଓଡିଶା ଜମିଦାରମାନଙ୍କୁ ପ୍ରଜାପୀଡକ ବୋଲାଯାଇ ନ ପାରେ । କଟକ କଲେକ୍ଟର ଅପଣା ଜିଲ୍ଲା ଜମିଦାରଙ୍କ ଉପରେ ଉତ୍ତମ ଥିବାର ଲେଖି ଅଛନ୍ତି ଏବଂ ବାଲେଶ୍ୱରର କଲେକ୍ଟର ରାଜା ବୈକୁଣ୍ଠନାଥ ଦେ ବାହାଦୁର, ବାବୁ ରାଜନାରାୟଣ ଦାସ, ବୃନ୍ଦାବନ ହୁସେନୋଦ୍ଦିନ ଖାନ, କୈଳାସଚନ୍ଦ୍ର ରାୟ ମହାଶୟ ଏବଂ ରାୟ ଗୋବିନ୍ଦଚନ୍ଦ୍ର ମିତ୍ର ମହାଶୟଙ୍କ ଅନୁକୂଳରେ ମତ ପ୍ରକାଶ କରିଅଛନ୍ତି । ପୁରୀଜିଲ୍ଲାରେ ଜମିଦାର ପ୍ରଜାଙ୍କ ସମ୍ବନ୍ଧ କିଛି ଉନ୍ନତ ହୋଇ ନାହିଁ । ସେଠା କଲେକ୍ଟର ଲେଖିଅଛନ୍ତି କି ସେ ଜିଲ୍ଲାର ସର୍ବାପେକ୍ଷା ବଡ ଜମିଦାର ଗବର୍ଣ୍ଣମେଣ୍ଟ ଅଟନ୍ତି ଅନ୍ୟ ପ୍ରଧାନ ଜମିଦାରଙ୍କ ମଧ୍ୟରେ

"୧ମ—ଖୁର୍ଦ୍ଦା ରାଜାଙ୍କୁ ଆମ୍ଭେ କେବେ ଦେଖି ନାହୁଁ । ଶୁଣିବାରେ ତାହାଙ୍କର କେବେ ଚୈତନ୍ୟ ହୃଦୟ ହେଲେହେଁ ପରିବେଷ୍ଟିତ ପରିଚରବର୍ଗଙ୍କର ଏ ପ୍ରକାର କ୍ରୀତଦାସ ହୋଇଅଛନ୍ତି ଯେ ଅପଣା ଉନ୍ନତିର ଚେଷ୍ଟା କରିବାର ଅବକାଶ ନାହିଁ । ପରଶେଷରେ ରାଣୀ ଜଣେ ଯୋଗ୍ୟ ମେନେଜର ନିଯୁକ୍ତ କରିବାକୁ ସମର୍ଥ ହୋଇଅଛନ୍ତି ।

୨ୟ—ପାରିକୁଦର ରାଜା ଅମ୍ଭ ବିବେଚନାରେ ଜଣେ ଅତି ଉତ୍ତମ ଜମିଦାର ମାତ୍ର ଅନୁଷ୍ଠ ପ୍ରଜାମାନଙ୍କ ହେତୁ ବିରକ୍ତ ହେଉଅଛନ୍ତି ।

୩ୟ—ମାଲୁଦ ଜମିଦାରଙ୍କ ମାହାଲ ମହାଜନମାନଙ୍କ ନିମନ୍ତେ ଅମ୍ଭ ଶାସନାଧୀନରେ ଅଛି ।

୪ର୍ଥ—ଭିଙ୍ଗାରପୁରର ଚୌଧୁରୀ । ଶୁଣାଯାଏ ଚୌଧୁରୀମାନଙ୍କ ମଧ୍ୟରେ ଅମେଳ ଘଟିଅଛି ଏବଂ ସେମାନଙ୍କ ମାହାଲ ବାକି ପଡିବାରୁ ଲାଟରେ ଉଠିଅଛି ।

୫ମ—କୋଠଦେଶର ଜମିଦାର ହୁଇଗଲ ଅତ୍ୟନ୍ତ କରଜଦାର ହୋଇ ନିୟମିତରୂପେ ରାଜସ୍ୱ ଦେବାକୁ ଅକ୍ଷମ ହେବାରୁ ମାହାଲ ଲାଟରେ ଘୁସିଅଛି ଏବଂ ସମ୍ଭବତଃ ନିଲାମ ହେବ ଏପରି ଗୋଟିଏ ପ୍ରସିଦ୍ଧ ଓ ପ୍ରାଚୀନ ବଂଶର ଏ ଦୁର୍ଦ୍ଦଶା ଶୋଚନୀୟ ମାତ୍ର ଉପାୟ ନାହିଁ ।

୬ଷ୍ଠ—ପୁରୁଷୋତ୍ତମ କ୍ଷେତ୍ରସ୍ଥିତ ପ୍ରଧାନ ସଦାବର୍ତ୍ତ ମଠମାନଙ୍କର ମହନ୍ତମାନଙ୍କ ମଧ୍ୟରେ କେବଳ ଏମାର୍‌ମଠର ମହନ୍ତ ସର୍ବାପେକ୍ଷା ଧନୀ ଓ ସମ୍ପତ୍ତିର ବନ୍ଦୋବସ୍ତ ଉତ୍ତମରୂପେ କରୁଅଛନ୍ତି । ଅନ୍ୟ ସମସ୍ତେ ଭଲ ବନ୍ଦୋବସ୍ତ କରନ୍ତି ନାହିଁ ଅଥବା ଦେଣାଦାର ଅଟନ୍ତି ।"

ଜମିଦାରଙ୍କ ଉନ୍ନତି ସମ୍ବନ୍ଧରେ ଜିଲ୍ଲାର କଲେକ୍ଟର ଏବଂ ବିଭାଗୀୟ କମିଶନର ସାହେବଙ୍କ ମତ ପ୍ରକାଶ କଲୁଁ । ଭରସା କରୁଁ ଜମିଦାରମାନେ ଏଥିରୁ ଉପଯୁକ୍ତ ଉପଦେଶ ଗ୍ରହଣ କରିବେ । କେବଳ କମିଶନର ସାହେବଙ୍କ ଅନୁକୂଳ ମତରେ ସ୍ଥିର ହେବେ ନାହିଁ । ପୁରୀ କଲେକ୍ଟର ପରଶେଷରେ କହିଅଛନ୍ତି କି ତାହାଙ୍କ ଜିଲ୍ଲାର ଜମିଦାରମାନେ ବାହ୍ୟାଡମ୍ବର ଛଡା ସେମାନଙ୍କର ଆଉ କିଛି କର୍ତ୍ତବ୍ୟ କାର୍ଯ୍ୟ ଥିବାର ବୁଝନ୍ତି ନାହିଁ । ଏଥକୁ କମିଶନର ସାହେବ କହୁଅଛନ୍ତି କି ବାହ୍ୟାଡମ୍ବରର ଅଳ୍ପ ପ୍ରମାଣ ସେ ଓଡିଆରେ ଦେଖିଅଛନ୍ତି । ଅମ୍ଭେମାନେ ମନେକରୁଁ ବାହ୍ୟାଡମ୍ବର ଏ ପ୍ରଦେଶର ଜମିଦାରଙ୍କ ମଧ୍ୟରେ ଅବଧି ଯଥେଷ୍ଟ ରହିଅଛି ଏବଂ ମହନ୍ତମାନେ ତହିଁରେ ଅଗ୍ରଗଣ୍ୟ ଅଟନ୍ତି । ଯାହା ହେଉ ପ୍ରଦେଶୀୟ ଶାସନକର୍ତ୍ତାଙ୍କର ଅନୁକୂଳ ମତରୁ ସ୍ପଷ୍ଟ ଜଣାଯାଉଅଛି ଯେ ଅପଣା ଅଧୀନସ୍ଥ ଭଦ୍ରଲୋକଙ୍କ ପ୍ରତି ତାହାଙ୍କର ଉଚିତ ମମତା ଅଛି ଏବଂ ଏଥିପାଇଁ ଶ୍ରୀଯୁକ୍ତ ଲୁଇସାହେବ ଧନ୍ୟବାଦର ପାତ୍ର ଅଟନ୍ତି ।

---

## ସାପ୍ତାହିକ ସମ୍ବାଦ ।

ଗତ ସପ୍ତାହରେ ଅମ୍ଭେମାନେ ଭ୍ରମବଶତଃ ଲେଖିଥିଲୁଁ ଯେ ଏକ୍‌ଟିଂ ଡେପୁଟୀ କଲେକ୍ଟର ବାବୁ [illegible] ଘୋଷ ଏଠା ବନ୍ଦୋବସ୍ତ [illegible] ହୋଇଅଛନ୍ତି । ବାସ୍ତବରେ ସେ [illegible] ମୁକାମରେ ରହି [illegible] କାର୍ଯ୍ୟ କରିବେ ।

ଗତକାଲି ସୁପ୍ରସିଦ୍ଧ ଶ୍ରୀଯୁକ୍ତ [illegible] ଭାଷାରେ [illegible] ଅଫିସ [illegible] ମୁକାମରେ ଅବସ୍ଥିତ [illegible] ସମ୍ବାଦ [illegible] । [illegible] ମହୋଦୟଙ୍କ [illegible] ନ ଥିବାରୁ [illegible] ପାଇ ନ ଥିଲେ । [illegible] ମଧ୍ୟରେ [illegible] ସମ୍ବାଦ [illegible] ନାହିଁ ।

ଗତ ଓଡିଆ [illegible] ପାଠକଙ୍କୁ [illegible] ହୋଇ ଅଛି । [illegible] ଠାକୁରଙ୍କ [illegible]

Split by PDF Splitter
Digitized by srujanika@gmail.com

ପୀତାମ୍ବର ଦାସ ଘରେ ପଶି ନାନା ଅତ୍ୟାଗ୍ରର କରି ସର୍ବସ୍ଵ ଟଙ୍କାର ଅଳଙ୍କାର ଜଇତ୍ୟାଦି ନେଇ ପଳାଇଅଛନ୍ତି । ସୁତରାଂ ନିଶ୍ଚୟ ଯେ ସ୍ଵଦେଶ ଏଥିମଧ୍ୟରେ ଡକାଇତମାନଙ୍କ ମଧ୍ୟରୁ ଅଠଜଣଙ୍କୁ ଧରିଅଛନ୍ତି ।

## କଲିକତା-ଗେଜେଟ ।

ସନ ୧୮୯୪ ମସିହାର କଟକ ସର୍ଭେ ସ୍କୁଲର ଶେଷ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି ।

୧ମ ଶ୍ରେଣୀ

| | |
|---|---|
| ଉପେନ୍ଦ୍ର ଲାଲବସୁ | ଦ୍ଵାରିକାନାଥ ମାହାନ୍ତି |
| ଲଳିତ କୁମାର ଘୋଷ | |

୨ୟ ଶ୍ରେଣୀ

| | |
|---|---|
| ସ୍ଵପ୍ନମୋହନ ବସୁ | ରୁକ୍ମଣି ମାହାନ୍ତି |
| ଭଗିନାଥ ଘୋଷ | ହରେନ୍ଦ୍ର କୁମାର ଗୁହ |
| ଗଙ୍ଗାଧର ମିଶ୍ର | ଚକ୍ରଧର ମହାପାତ୍ର |

୩ୟ ଶ୍ରେଣୀ

| | |
|---|---|
| କାଶୀନାଥ ଜେନା | ବଂଶୀଧର ଧଳ |
| ଶରତ୍ଚନ୍ଦ୍ର ଗୋସ୍ଵାମୀ | ଅବନୀକାନ୍ତ ବସୁ |
| ମନ୍ମଥ କୁମାର ଚକ୍ରବର୍ତ୍ତୀ | |

ବାଲେଶ୍ଵର ଜିଲ୍ଲା ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ବ୍ରଜେନ୍ଦ୍ରନାଥ ଦେ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହୋଇଅଛନ୍ତି ।

ଅନୁଗୁଳ ଜଙ୍ଗଲବିଭାଗର ଏକ୍‌ଟ୍ରା ଆଃ କନ୍‌ସରଭେଟର ମାଃ ସଭ ଅନୁଗ୍ରହ ଛୁଟି ଗ୍ରହଣ କରିବାରୁ ପାଲମୋ ଜଙ୍ଗଲ ବିଭାଗର ଭାରପ୍ରାପ୍ତ ରେଞ୍ଜର ତାଙ୍କ ସ୍ଥାନରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହୋଇଅଛନ୍ତି ।

କେନ୍ଦୁଝରର ଆଃ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ଓ ବନ୍ଦୋବସ୍ତ କର୍ମଚାରୀ ବାବୁ ଦୁର୍ଗାଚରଣ ମୁଖର୍ଜି ମାଃ ସଭ ଅନୁଗ୍ରହଛୁଟି ଲଗାଯିବାରେ ଦେଢ଼ମାସର ଅସାଧାରଣ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ଵର ବିଭାଗର ଏକଜିକ୍ୟୁଟିଭ ଇଞ୍ଜିନିୟର ମିଃ ପିଃ ଜି, ସେଜର୍ ମାଃ ସଭ ଅନୁଗ୍ରହ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ଵର ବିଭାଗର ଆଃ ଇଞ୍ଜିନିୟର ମିଃ ସେ, ଗୋସ୍ଵାମୀ ୧୫ ଦିନ ଛୁଟି ପାଇଅଛନ୍ତି ।

---

ନବଗଳଣଠାରୁ ସମ୍ବାଦ ମିଳିଲା ଯେ ଏକ ଧୂଆଁକଳ ଜାହାଜ ଅଷ୍ଟ୍ରେଲିଆର ଉତ୍ତରପୂର୍ବ ଉପକୂଳର ପ୍ରବାଳଦ୍ଵୀପରେ ଧକ୍କାଖାଇ ବୁଡ଼ିଯାଇ ଅଛି । ଏଥିରେ ଜ ୧୧୧ ଣ ଯାତ୍ରୀ ଓ ଜ ୨୪ ଣ ନାବିକ ବୁଡ଼ି ମରିଅଛନ୍ତି । ଜ ୨୭ ଣ ଲୋକ ବହୁକଷ୍ଟରେ ଭେଳାଦ୍ଵାରା ଜୀବନ ବଞ୍ଚାଇଥିବାର ସମ୍ବାଦ ମିଳିଲା ।

କଲିକତାର ବିଖ୍ୟାତ ବାରିଷ୍ଟର ଡବଲିଉ, ସି, ବାନର୍ଜିଙ୍କ କନ୍ୟା ଲଣ୍ଡନର ଚିକିତ୍ସାବିଦ୍ୟାଳୟରେ ଭର୍ତ୍ତି ହୋଇଅଛନ୍ତି । ସେଠାରେ ଏମ୍, ଡି, ପରୀକ୍ଷା ପାଶ କରି କଲିକତାକୁ ଆସି ବ୍ୟବସାୟ କରିବେ ।

ବର୍ତ୍ତମାନ ସୁନାର ଦର ଏକ ମୋହରକୁ ୨୨୭୵ ଓ ଭିନ ଏକ ଗୋଟାକୁ ୨୧୮୵ ହୋଇଅଛି । ରୂପା ଏକଶତ ଭରିକୁ ୫୯୪୵ ।

ଦକ୍ଷିଣଅମେରିକାର ଜଣେ ବୈଜ୍ଞାନିକ ଓଷଧଠାରୁ ବୀଜାଣୁ ଅବିଷ୍କାର କରି ମନୁଷ୍ୟ ଦେହରେ ତାହା ପ୍ରବେଶ କଲେ ରୋଗ ହେବ କି ନାହିଁ ଏହି କଥା ଜାଣିବା ନିମନ୍ତେ ଏକଦିନ ଉନଜଣ ଇହୁଦୀଙ୍କୁ ଆହାରର ନିମନ୍ତ୍ରଣ କରି ଗୋପନରେ ଜଳ ସଙ୍ଗରେ ସେହି ବୀଜାଣୁ ସେମାନଙ୍କୁ ଖୁଆଇ ଦେବାରୁ ଘ ୨୪ ଣ୍ଟା ମଧ୍ୟରେ ସେମାନେ ଓଲାଉଠା ରୋଗରେ ମରିଗଲେ । କ୍ରମାଗତ ଜ ୧୫ ଣ ଏହିପରି ଓଷଧଠାରେ ଏହାଙ୍କ ହାତରେ ମରି ଗଲେଣି । ଏମନ୍ତ ପଣ୍ଡିତକୁ ଦୂରୁ ଜୁହାର ।

ଫରାସି ଦେଶର ଜଣେ ବ୍ୟବସାୟୀ କଣ୍ଟଦିନ ହେଲା ୨୮ ଶତ ମହଣ ବଲେଇ ଲାଙ୍ଗୁଡ଼ ବିକ୍ରୟ କରିଥିଲା । ଏଥିପାଇଁ ପ୍ରାୟ ଦଶଲକ୍ଷରୁ ଅଧିକ ବଲେଇ ବଧ କରିବାକୁ ହୋଇଥିବ । ବଲେଇ ଲାଙ୍ଗୁଡ଼ ମହିଳାମାନଙ୍କର ପୋଷାକରେ ଲାଗିଲେ ବଡ଼ ସୁନ୍ଦର ଦିଶେ । ଧନ୍ୟ ବିଳାସପ୍ରିୟତା ।

ଆମେରିକାର ଏକ ବ୍ୟକ୍ତି ଗୋଟାଏ କଳ ନିର୍ମାଣ କରିଅଛନ୍ତି ଯେ ତଦ୍ଦ୍ଵାରା ଇଚ୍ଛାମତେ ଉଷ୍ଣ ବା ଶୀତଳ ବାୟୁ ପରିଚାଳିତ ହୋଇ ପାରେ ।

ଜର୍ମାନର ସମ୍ରାଟ ଖଣ୍ଡିଏ କବୁସ ଭେଟି ପାଇଅଛନ୍ତି । ଏହାର ମୂଲ୍ୟ ଏକହଜାର ଟଙ୍କା ଏବଂ ଏହାକୁ ପ୍ରସ୍ତୁତ କରିବାକୁ ପାଞ୍ଚବର୍ଷକାଳ ଲାଗିଥିଲା । ଏପରି ନ ହେଲେ କି ରାଜକବୁସ !

ଗତ ଅମାବାସ୍ୟା ଦିନ ହୁଗଲିଜିଲ୍ଲା କ୍ଷିରପୁର ଗଙ୍ଗାତଠାରେ କାଳୀ ଠାକୁରାଣୀଙ୍କ ମନ୍ଦିରରେ ଯାତ୍ରା ଉପଲକ୍ଷରେ କେତେକ ଲୋକ ପୂଜା କରିବାକୁ ଯାଇଥିଲେ । ସେ ମନ୍ଦିରରେ ଏକ ବଳୁଦ ବନ୍ଧା ଥିଲା ବାଦ୍ୟ ଗୋଳରେ ବଳୁଦମାନେ ବିରକ୍ତ ହୋଇ ବନ୍ଧାରୁ ବାହାରି ଲୋକମାନଙ୍କୁ ଗୁନ୍ତାରୁ ସମସ୍ତେ ପଳାଇଗଲେ ମାତ୍ର ଯୋଉଏ ପିଲା ପଳାଇ ନ ପାରି ବଂଶନଳ୍ବାଳାରେ ଇହଲୋକରୁ ବିଦାୟ ଗ୍ରହଣ କଲେ । କି ଭୟାନକ ଦୁର୍ଘଟଣା !

କଥିତ ହୁଏ କେତେକ ଚୀନସେନା ସୀମାନ୍ତ ପ୍ରଦେଶର ରୁଷିୟାର ଛାଉଣିକୁ ଆକ୍ରମଣକରି କେତେକ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ । ରୁଷୀୟମାନେ ଅବଶେଷରେ ସେମାନଙ୍କୁ ତଡ଼ାଇନେଇ ଅଛନ୍ତି । ଜ ୭୦ ଣ ଚୀନା ମରିଥିବାର ସମ୍ବାଦ ମିଳିଲା । ଯାପାନସଙ୍ଗେ ଲଢ଼ାଇରେ ହାରିଯାଉଥିବା ସ୍ଥଳେ ଏପରି ବିପଦକୁ ଡାକିଆଣିବାର ପ୍ରୟୋଜନ କଣ ?

ବିଲାତରେ ଯେତେମନିଅର୍ଡ୍ଭର ଟଙ୍କା ଗ୍ରାହକମାନଙ୍କର ଠିକଣା ଅଭାବ ଇତ୍ୟାଦି କାରଣରୁ ଦିଆଯାଇ ନ ପାରେ ତଦ୍ଦ୍ଵାରା ପୋଷ୍ଟ ଅଫିସର ବାର୍ଷିକ ଆୟ ପ୍ରାୟ ଅଧଲକ୍ଷ ଟଙ୍କାର କମ ହୁଅଇ । ମନ୍ଦ ନୁହେ ।

ଏକ ବିଲାତି କାଗଜରେ ଲେଖାଅଛି ଯେ ଇଂଲଣ୍ଡର ଅପଣାର ବ ୫୨ ର୍ଷ ରାଜତ୍ଵ ମଧ୍ୟରେ ପୃଥିବୀର ଚାରିଭାଗ ଓ ହାସନ ଅନ୍ତତଃ ଥରେ ଲେଖାଏଁ ଖାଲି ହୋଇଥିବାର ଦେଖିଅଛନ୍ତି । କୌଣସି ଠାରେ ଦୁଇତିନଥର ଖାଲିହୋଇ ଅଛି । ଅଧିକ ଦିନ ବଞ୍ଚିଲେ ଅନେକ କଥା ଦେଖାଯାଏ ।

ଲାହୋରଠାରୁ ସମ୍ବାଦ ମିଳିଲା ଯେ ସେଠାରେ କେତେଜଣ ଦୁଷ୍ଟଲୋକ କନେଷ୍ଟବଲ ବେଶଧରି ବାଟରେ ବାଡ଼ି ଓ ଏକ୍କାମାନଙ୍କ ଉପରେ ଚଢ଼ି ଅନେକମାଲ ଲୁଟିନେଉଥିଲେ ଦେଖିବାରୁ ପ୍ରକୃତ ପୁଲିସର ସନ୍ଦେହରେ ପଡ଼ି ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଧରାହୋଇ ଅଛନ୍ତି ।

ଗତମାସ ତା ୨୦ ଦିଶ ରାତ୍ରରେ ଘୋରବୃଷ୍ଟି ଓ ତୋଫାନ ହେବାରୁ ପତ୍ଥନଙ୍କରେ ଗୋ ୪ ଟି ନୌକା ବୁଡ଼ି ଯାଇଅଛି ଏବଂ ଗୋଟି ଧୂଆଁକଳ ଜାହାଜର କିଛି କ୍ଷତି ହୋଇଅଛି । ସୌଭାଗ୍ୟକ୍ରମେ କୌଣସିଲୋକ ନଷ୍ଟ ହୋଇ ନାହିଁ ।

ଲାହୋରର ରାଜା ଏକ ଫୌଜଦାରୀ ମୋକଦ୍ଦମାରେ ପୁଲିସ କର୍ତ୍ତୃକ ଧୃତ ହୋଇ କଲିକତାରୁ ରାଜସାକ୍ଷୀରୂପେ ପ୍ରେରିତ ହୋଇଅଛନ୍ତି ।

ବ୍ରହ୍ମଦେଶର ସୁବର୍ଣ୍ଣ ଏବଂ ଅନ୍ୟାନ୍ୟ ଖଣିର ଅନୁସନ୍ଧାନ ନିମନ୍ତେ ଆଗାମୀ ଡିସେମ୍ବରମାସ ଶେଷରେ ଜଣେ ଭୂତତ୍ତ୍ଵବିତ୍ କର୍ମଚାରୀ ସେଠାକୁ ପଠାଯିବାର ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ।

ଫ୍ରାନ୍ସରାଜ୍ୟର ଯୁଦ୍ଧ ଜାହାଜର ଅଗ୍ନିକୁଣ୍ଡ ଫାଟିଯିବାରୁ ଜ ୭ ଣ ଲୋକ ନଷ୍ଟ ଏବଂ ଜ ୨୦ ଣ ଲୋକ ପୀଡ଼ାଗ୍ରସ୍ତ ହୋଇଅଛନ୍ତି ।

ଚୀନରାଜ୍ୟ ଲଣ୍ଡନନଗରରେ ଋଣବିସ୍ତୃତ ପେଲମୁଦ୍ରା କର୍ଜ କରିବାର ସ୍ଥିର ହୋଇଅଛି । ଶତକଡ଼ା ସାତମୁଦ୍ରା ବାର୍ଷିକ ସୁଧ ଧାର୍ଯ୍ୟ ହୋଇଅଛି ଏବଂ ସନ୍ଧି ହୋଇଥିବା ବନ୍ଦରମାନଙ୍କର ମାସୁଲ ଟଙ୍କା ଜାମିନ ଦିଆଯାଇଅଛି ।

ଅସ୍ମମାନଙ୍କର ଭୂତପୂର୍ବ ବଡ଼ଲାଟ ଲର୍ଡ ଲାନ୍ସଡାଉନ ବର୍ତ୍ତମାନ ଶ୍ରୀମତୀ ମହାରାଣୀଙ୍କ କର୍ତ୍ତୃକ ଅର୍ଡର ଅଫ୍ ଦି ଗାର୍ଟର ଉପାଧି ପାଇଥିବାର ସମ୍ବାଦ ମିଳିଲା ।

ଅଫଗାନ ଜ୍ୟୋତିଷଙ୍କ ଗଣନାରେ ଅମୀର ବ ୧୮ ର୍ଷ ରାଜତ୍ଵ କରିବାର ସ୍ଥିର ହୋଇଅଛି । କାବୁଲର ସିଂହାସନରେ କୌଣସି ଅମୀର ବ ୧୪ ର୍ଷରୁ ଅଧିକକାଳ ବସି ନାହାନ୍ତି । ଅମୀରଙ୍କର ଜ୍ୟୋତିଷମାନେ ତାଙ୍କୁ କହି ଦେଇଅଛନ୍ତି ସେ ଆଉ ଚାରିବର୍ଷକାଳ ବଞ୍ଚିବେ ଏବଂ ତହିଁପରୁ ସେ ସିଂହାସନ ଅପର ଲୋକ ହାତକୁ ଯିବ ।

ଫ୍ରେଞ୍ଚ ରାଜ୍ୟରେ ସୈନିକ ଖର୍ଚ୍ଚ କୋଟି ପାଉଣ୍ଡ ମାତ୍ର ଶିକ୍ଷା କାର୍ଯ୍ୟରେ କେବଳ ତିନିଲକ୍ଷ ପାଉଣ୍ଡ ଖର୍ଚ୍ଚ ହୁଅଇ । ସୈନ୍ୟର ଅଧିକାଂଶ ପ୍ରାୟ ଲେଖାପଢ଼ା ଜାଣନ୍ତି ନାହିଁ ।

ଚଳିତ ବର୍ଷର ପ୍ରଥମ ଛଅମାସ ମଧ୍ୟରେ ବିଲାତରେ ଗୋ ୫୭୦ ଟି ରେଲଗାଡ଼ିସମ୍ବନ୍ଧୀୟ ଦୁର୍ଘଟଣା ଘଟିଥିବାରୁ ତହିଁରେ ଜ ୫୪ ଣ ଲୋକ ନଷ୍ଟ ଏବଂ ଜ ୨୨୨୭ ଣ ଲୋକ ପୀଡ଼ାପ୍ରାପ୍ତ ହୋଇଅଛନ୍ତି । କୌଣସିଠାରେ ବିପଦ ଘଡ଼ି ନାହିଁ । ତେବେ ରେଲ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଭଣା ହେବା ସୁଖର ବିଷୟ ଅଟେ ।

କମ୍ବେରର ରୁକ୍ମାବାଇ ବିଲାତରେ ଡାକ୍ତରି ପରୀକ୍ଷାରେ ପାସ କରି ଏମ୍, ଡି, ଉପାଧି ଲାଭ କରିବ । ବାଗଣ ଦେଲ ହିନ୍ଦୁମାନଙ୍କୁ ଯିବାର ଚେଷ୍ଟା କରୁଅଛନ୍ତି ।

## ଯାଜପୁର—ସମ୍ବାଦ ।

ଶ୍ରୀଯୁକ୍ତ ବାବୁ ଯାମିନୀ ମୋହନ ଦାସ ଅଣ୍ଡିଟ୍ଟ ସେଟେଲମେଣ୍ଟ ଅଫିସର ଯାଜପୁର ସରକଲର ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ହୋଇ ବର୍ତ୍ତମାନ ଦେଶାଣୀଆ ପ୍ରଗଣା କଲ୍ୟାଣପୁର ପ୍ରଭୃତ ମୌଜାର ଆଟେଷ୍ଟେସନ କରୁଅଛନ୍ତି ।

Split by PDF Splitter



ଗତ ସପ୍ତାହ ଶୁକ୍ରବାରଠାରୁ ମେଘ ଛାଡ଼ିଯାଇ ଶୀତ ଅରମ୍ଭ ହୋଇଅଛି ।

ଅହିଫେନ ଚୋରାଏଣି ମକଦ୍ଦମାରେ ଖଲାସ ପାଇଥିବା ଅସାମିମାନଙ୍କ ମଧ୍ୟରୁ ଯେଉଁ ଜ ॥ ଣ ଥିଲା ମାଜିଷ୍ଟ୍ରେ-ଟଙ୍କ ଓଁଡରରେ ଧୃତ ଓ ସାମ ଦସ୍ତରରେ ସେସନ ସୋପ-ର୍ଦ୍ଦ ହୋଇଥିଲେ, ମାନ୍ୟବର ସେସନ ଜଜ ସାହେବଙ୍କର ବିଗ୍ଭରରେ ସେମାନଙ୍କ ମଧ୍ୟରୁ ଗତ ମଙ୍ଗଳ ଅଠବର୍ଷ ଓ ଅନ୍ୟ ତୁଇଜଣ ଦ ୫ ର୍ଷ ଓ ୪ ର୍ଷ କାଗ୍ରଦଣ୍ଡ ପ୍ରାପ୍ତହୋଇ ଅଛନ୍ତି । ସେହି ଗଲ ମଙ୍ଗଳ ଅନ୍ୟ ଏକ ଲେବ ମକଦ୍ଦମାରେ ଗ୍ରେଫ୍ତାର ହୋଇ ଥିବାରୁ ବିଗ୍ଭରାଧୀନରେ ଅଛି ।

ଏଠା ସବର୍ଡ଼ିନେଟ୍ ସିଭିଲ୍ ସର୍ଜନ ବାବୁ ଜଗବନ୍ଧୁ ମହାନ୍ତିଙ୍କର ଗୃହର ଗତ ରବିବାର ରାତ୍ର ବାବୁଙ୍କର ଅନୁପସ୍ଥିତ ସମୟରେ ତାଙ୍କର କାମଦାର ସାଳପୁରର ଏକ ଦୋକାନଠାରୁ କେତେକ ଯୋଡ଼ି ଲୁଗା ଓ ତାଙ୍କ ବସାରୁ ଅଲ୍ପଅଳ ପ୍ରସ୍ତର କେତେକ ଜିନିଷ କେହି ଅପହରଣ ହୋଇ ଅଛି । ଚୋର ଗୃହର ଏକଜଣ ଦାସୀ ଓ ଜଣେ ଚାକରାଣୀ ଥିବାର ଜାଣି ବାବୁ ତାଙ୍କ ହାତ-ରେ ରଖିଥିଲେ, ଉଚିତ ଫଳ ପାଇ ଅଛନ୍ତି ।

ଏଠାକାର ଅଶିଷ୍ଟାଣ୍ଟ ଇନ୍ସପେକ୍ଟର ଶ୍ରୀଯୁକ୍ତ ବସୁ ସାହେବ ଅନ୍ୟତ୍ର ପ୍ରସ୍ଥାନ କରିବାର ମହାଶୟଙ୍କର ନ୍ୟାୟପରାୟଣତା ଓ କାର୍ଯ୍ୟଦକ୍ଷତା ଦଶଗ୍ରା ପାଠକ ବର୍ଗଙ୍କଠାରେ ନ ଜଣାଇ କ୍ଷାନ୍ତ ହୋଇ ରହି ପାରିଲୁ ନାହିଁ, ଅଳ୍ପଦିନ ହେଲା କେତେକ ଗୋଟା ଘୋଡ଼ା ସାଳପୁର ଗ୍ରାଣ୍ଟ ଟ୍ରଙ୍କ ସଡ଼କର ଜମି ଉପରେ ଚରୁଥିବାର ଦେଖି ଉକ୍ତ ଘୋଡ଼ାଙ୍କୁ ପାଉଣ୍ଡରେ ଦେବାନିମନ୍ତେ ଆଦେଶ ଦେଲେ, ସେହି ମଧ୍ୟରେ ବାବୁ ମହାଶୟଙ୍କର ସୁଦ୍ଧା କେତେକଟା ଘୋଡ଼ା ଥିଲା । କନଷ୍ଟେବଳ ଜାଣିବାରୁ ବାବୁ ମହାଶୟଙ୍କର ଘୋଡ଼ାଙ୍କୁ ବାଦ ଦେଇ ଅପର ଘୋଡ଼ାଙ୍କୁ ପାଉଣ୍ଡକୁ ନେଇଗଲା । ସମୟରେ ପରକାଳ ତାଙ୍କ-ର ଦୃଷ୍ଟି ପଡ଼ିବାରୁ କାହିଁକି ସବୁ ଘୋଡ଼ା ଛାଡ଼ିଦେଲୁ କହି କାରଣ ପଚାରନ୍ତେ ସେ ଘୋଡ଼ା ତାଙ୍କର ନିଜର ଘୋଡ଼ା ଥିବାରୁ ଛାଡ଼ିଦେଇଥିବାର କହିବ ନୁ ସେଥିରେ ବାବୁ ମହାଶୟ ବିଶେଷ ଅସନ୍ତୁଷ୍ଟ ହୋଇ ତାଙ୍କର ଘୋଡ଼ା ଭବିଷ୍ୟତରେ ଏପରି ନ ହୁଅନ୍ତୁ ନିମନ୍ତେ ସାବଧାନ କରିଦେଇ ଉକ୍ତ ଘୋଡ଼ା ସହିତ ଆପଣାର ଘୋଡ଼ାଙ୍କୁ ମଧ୍ୟ ପାଉଣ୍ଡକୁ ପଠାଇଲେ; ସେ ସମ୍ବାଦ ଘୋଡ଼ା ପାଉଣ୍ଡରେ ରାଜେ ବସି ଉକ୍ତ ଦାଖଲ କରିବାରେ ପଛ ବାବୁ ମହାଶୟ ଆପଣାର ଘୋଡ଼ାର ଜରିମାନା ଅପେ ଦେଇ ତାଙ୍କର ଘୋଡ଼ାଙ୍କୁ ଖଲାସ କଲେ । ପାଠକେ ବୋଲନ୍ତୁ ଏପରି ନିରପେକ୍ଷ ଲୋକ କେତେଜଣ ଥାଆନ୍ତି ।

## କେନ୍ଦ୍ରାପଡ଼ା—ସମ୍ବାଦ ।

ସମ୍ପୃତି ଶୀତ ଦେଖାଦେଇ ଅଛି ଏବଂ ତହିଁ ସଙ୍ଗେ ଜ୍ୱର ଉପସ୍ଥିତ ହୋଇଅଛି ଓଲାଉଠା ମଧ୍ୟ ଥାନେ ୨ ପ୍ରବେଶ କରି ଅଛି ନୂଆ ମୋଟ ଗୃହଳ ସେ ୧୬।୧୩ ର ଦରରେ ବିକ୍ରୟ ହେଉ ଅଛି ।

ତେଜରଣି ଦୁଡ଼ୀକାଣ୍ଡରେ ଲିପ୍ତ ଥିବା ଅସାମି ଅସ୍ୱୀକାର କରିବା ଓ ତାହା ବିପକ୍ଷରେ କୌଣସି ପ୍ରକାର ପ୍ରମାଣ ପ୍ରାପ୍ତ ନ ଥିବାରୁ ଅସ୍ମାକଙ୍କର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ତାହାକୁ କ୍ଷମା ଦେଇ ଅଛନ୍ତି ।

ପଟାମୁଣ୍ଡାଇ ଥାନାରେ ଯେଉଁ ବଣିଆ ଗୋଟିଏ ବ ୬।୮ ବର୍ଷର ବାଳକକୁ ମାରିପକାଇ ଥିଲା ସେ ଦୌରା ସପୋର୍ଦ୍ଦ ହୋଇ ଅଛି ।

ସବଡିପୋଟି କ ଲକ୍‌ଟର ବାବୁ ଅମୃତଲାଲ ଗୁପ୍ତ ଏ ଅଞ୍ଚଳର ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ସକାଶ ଗତ ମଙ୍ଗଳବାର ଏଠାରେ ପହୁଞ୍ଚି ଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁ ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ଆପଣ କେବଳ ଅନ୍ନଦାତା ଶ୍ରୀଯୁକ୍ତ ଶ୍ରୀପଦ୍ମନାଥ-ଦେବ ଉପସ୍ଥିତ ଦୁର୍ଭିକ୍ଷରେ ଗୋଟିଏ ଅନ୍ନଛତ୍ର ଖୋଲି ଅକ୍ଷମ ଲୋକମାନଙ୍କୁ ଅନ୍ନଦାନ ଦେଉ-ଥିବା ବିଷୟ ଉଲ୍ଲେଖ କରିଅଛନ୍ତି ଏବଂ ମହାରାଜା ବାହାଦୁର ଆଉ ଯେଉଁ୨ କାର୍ଯ୍ୟମାନ କରିଅଛ-ନ୍ତି ତହିଁର କଥା ଉଲ୍ଲେଖ କରିନାହାନ୍ତି ଏଥି ଯୋଗୁଁ ପ୍ରାର୍ଥନା କରୁଅଛୁଁ ଯେ ଆପଣ ଅନୁଗ୍ରହ ପୂର୍ବକ ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ପ୍ରଥମତଃ—ମହାରାଜା ବାହାଦୁର ଜଳପ୍ଲା-ବନ ସମୟରେ ଆପଣା ପ୍ରଜାବର୍ଗଙ୍କୁ ଗ୍ରାମଗ୍ରାମରେ ବସ୍ତ୍ରଦ୍ୱାରା ଚାଉଳ ବଣ୍ଟନ କରିଥିଲେ । ଏଥିରେ ତାଙ୍କର ପ୍ରାୟ ଟ ୭୦୦୧ ଙ୍କା ପର୍ଯ୍ୟନ୍ତ ବ୍ୟୟ ହୋଇଅଛି । ଏପରି ଶ୍ରୀ ବଳଦେବଜୀଉଙ୍କଠାରେ ଏବଂ ଆପଣା ଘରରେ ମଧ୍ୟ ଅନ୍ନପ୍ରସାଦ ବଣ୍ଟନ କରିଦେଉଅଛନ୍ତି । ପ୍ରଜାମାନେ ପୁନଃ କୃଷିକାର୍ଯ୍ୟ କରିବା କାରଣ ସେମାନଙ୍କୁ ପ୍ରାୟ ଟ ୧୭୦୦୯ ଙ୍କା ତକାବୀଋଣ ଏବଂ ବହୁତ ସକାଶେ ଉ ୩୦୦ ଋଣ ପର୍ଯ୍ୟନ୍ତ ଧାନ, ଓ ବିହି ଓଁଟଗର ଶସ୍ୟମାନ ଦିଆଯାଇ ଅଛି । ବର୍ତ୍ତମାନ ପ୍ରଜାମାନଙ୍କଠାରୁ ଇନ୍‌ଷ୍ଟଲମେଣ୍ଟ ଟଙ୍କା ଅସୁଲ ନ କରି ସେମାନଙ୍କୁ ଦୁଇମାସର ମହଲତ ଦେଇ ଦବାଙ୍କ ଟଙ୍କା ଅପ-ଣା ଭଣ୍ଡାରରୁ ଦେଉଥିବାରେ ପ୍ରଜାବତ୍ସଳତାର ବହୁ ଶତ ପରିଚୟ ହୋଇଅଛି ଇତି ।

ବଶମ୍ବଦ

ଶ୍ରୀ ଲକ୍ଷ୍ମୀମଣି ଦାସ । ବ । ଅଲ

(ଜଣେ ଅଳ୍ପବୟସ୍କା ଉତ୍କଳମହିଳାର ପ୍ରେରିତ)

ଏ ନୁହେ ଅବିଶ୍ୱାସ ।

ସଖା ହେ ଏ ନୁହେ ଅବିଶ୍ୱାସ ।
ଅପୂର୍ଣ୍ଣ ହୃଦର ଏହା ଅତୃପ୍ତ ଉଚ୍ଛ୍ୱାସ ।
ଏହି ଅଶ୍ରୁ ଅଭିମାନ, ଏହି ଯେ ବ୍ୟାକୁଳପ୍ରାଣ;
ଏହି ଯେ ଦେଖୁଛ ମୋର ଅକୁଳ ନିଶ୍ୱାସ ।
ସଖାହେ ଏ ନୁହେ ଅବିଶ୍ୱାସ ।
ତବ ପୁଣ୍ୟ ପ୍ରେମ ଯଦ ହୃଦର ବିଶ୍ୱାସ ।
କାହିଁ ହେ ଈଶ୍ୱର, ମୋର ଏ ଜଗତ ମୟ ।
ଈଶ୍ୱରଙ୍କ ଅନୁରୂପ ସତ୍ୟ ସ୍ୱମହାନ ।
ତୁମ୍ଭର ସେ ସୁଧାରବ ଆତ୍ମ ପ୍ରେମଦାନ ।
ସ୍ନେହକର ତୃପ୍ତ ସଦା, ନ ଭାବ ମନେ ଅନ୍ୟଥା ।
ନ ଗୃହିଲ ମୋଠାରୁ କିଛି ପ୍ରତିଦାନ ।
ଆତ୍ମା ମୋର ଅନୁଭବେ ସେ ପ୍ରେମମହିମା ।
ଜ୍ଞାନରେ ନ ବୁଝିପାରେ ନାହିଁ ତାର ସୀମା ।
(ତେବେ) ଅପୂର୍ଣ୍ଣ ହୃଦର ଏଯେ ଅତୃପ୍ତ ଉଚ୍ଛ୍ୱାସ ।
ତୁମର ବାହାରେ ଯେବେ ହୃଦର ପ୍ରକାଶ ।
ଜାଣିଥିବ ଅସମ୍ପୂର୍ଣ୍ଣ ମାନବ ପ୍ରକୃତି,
ଅପୂର୍ଣ୍ଣ ପ୍ରେମରେ ତାର ଏହି ରୂପ ଗତି ।
ତା ପାଇ ଅତୃପ୍ତ ଆଖି, ଜନ୍ମାବଧି ଦେଖିଦେଖି,
ଏକ କଥା କହିବାକୁ ଯେବେ ନିତି ନିତି ।
ତୁମ୍ଭର କୋମଳ ପ୍ରାଣେ ଯଦି ଲଗେ ବ୍ୟଥା ।
ଆଉ ସଖା ନ କହିବ ହୃଦୟର କଥା ।
ଇଚ୍ଛାସିବ କାହିଁ ଆଉ ସ୍ନେହ କର କି ନା,
ଅନଠାରୁ ତମ୍ଭ ମୋର ହେବ ଅଶ୍ରୁସୀନା ।
ଆଉ କି କହିବି ତେବେ ଏ ମୋର ପରାଣ ?
ପ୍ରେମର ବାସନା ପୂର୍ଣ୍ଣ ହାୟ ଏ ଯେ ପ୍ରାଣ ।
(ଅନଠାରୁ)
ହେବ ସେ ବାସନା ରୁଦ୍ଧ, ଗୁଲବ ମରଣ ଯୁଦ୍ଧ
ନୀରବ ଅଶ୍ରୁରେ ହେବ ସେ ତାପ ନିର୍ବାଣ ।
ସଖାହେ ଏ ନୁହେ ଅବିଶ୍ୱାସ ।
ଅପୂର୍ଣ୍ଣ ହୃଦର ମାତ୍ର ଅତୃପ୍ତ ଉଚ୍ଛ୍ୱାସ ।

ଶ୍ରୀମତୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରାଜା ଟଙ୍କେ ଅଠଗଡ଼ | | ଟ ୩ |
| ବାବୁ ଗୋପୀଚରଣ ମଣ୍ଡଳ | କଟକ | ଟ ୨ |
| ,, ଲକ୍ଷ୍ମୀନାରାୟଣ ପଟ୍ଟନାୟକ | କେନ୍ଦୁଝର | ଟ ୩ |
| ,, ଜଗନ୍ମୋହନ ମହାରଣା | କଟକ | ଟ ୯ |
| ,, ଗୋପୀନାଥ ମହାନ୍ତି | ନାଉଗାଁ | ଟ ୩ |
| ,, ହରେକୃଷ୍ଣ ଦାସ | କଟକ | ଟ ୨ |
| ,, ବାଲକୃଷ୍ଣ | କେନ୍ଦ୍ରାପଡ଼ା | ଟ ୩ |
| ,, କୃପାସିନ୍ଧୁ ମହାନ୍ତି | ଜଗତସିଂହପୁର | ଟ ୩ |
| ,, ପ୍ରେମନାଥ ନାୟକ | ବୋଠାରେ | ଟ ୩ |
| ,, ପଞ୍ଚାନନ ମହାନ୍ତି | ଜାଲେଶ୍ୱର | ଟ ୩ |
| ,, ଜଗନ୍ନାଥ ମିଶ୍ର | ବଡ଼ଦଣ୍ଡ | ଟ ୧୧ |

## ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓଆଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦଲିଗାବଜାର ପ୍ରେମାନନ୍ଦ ମହାନ୍ତିଙ୍କ ପୁସ୍ତକ ଦୋକା-ନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ବେଷଣରେ ପାଇପାରିବେ ।

Digitized by srujanika@gmail.com

Split by PDF Splitter



## NOTICE.

Wanted a manager for the Baldev Jee endowment estate at Kendrapara. Salary Rs. 50 per mensem according to qualifications. Security to the extent of Rs. 2000 in cash or in property. An English knowing experienced man will be preferred. Applications up to 30th November, 1894 will be received by the undersigned.

The 14th Novr, 1894. Kendrapara. } Bimbadher Das, Member Baldev Jee Committee.

---

## ଉଷାବତୀ ହରଣ ମୂଲ୍ୟ ଟ ୦/

କଟକ ପ୍ରିଣ୍ଟିଂ କୋମ୍ପାନୀ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

---

## ଅମରକୋଷ ଅଭିଧାନ
## ବାଳବୋଧିନୀ ଟୀକାସହିତ

ମୂଲ୍ୟ ଟ ୧୧ଙ୍କା ଓ ଡାକମାସୁଲ ଟ ୦/

## ଅଙ୍କଗୁଟୁରୀ

ଯେ ପଢ଼ିବେ ଏହି ଅଙ୍କଗୁଟୁରୀ ।
ଭକ୍ତି ନ ପାଇବେ ହାସ୍ୟସମ୍ବରି ।
ଭାବୁକେ ଲଗିବ ବନ୍ଧୁ ଭାବରେ ।
ମଜ୍ଜିବେ କ୍ଷଣେକ ରସଗର୍ଭରେ ॥

ଏଥିର ମୂଲ୍ୟ ଟ ୦ /୬ ଡାକରେ ନେଲେ ମାସୁଲ ଟ ୦ ।୨ ଲଗିବ

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଭଗୀରଥୀ ପାଣିଗ୍ରାହୀ

---

## ନୋଟିସ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କର ଦିଆଯାଉଅଛି କି ଶ୍ରୀଯୁକ୍ତ ବାବୁ ମଥୁରାମୋହନ ପାଢ଼ି ଜମିଦାର ମହାଶୟ ପ୍ରାଚୀନ ସଂସ୍କୃତଭାଷାକୁ ଉଜ୍ଜ୍ୱଳ କରାଇବା ଅଭିପ୍ରାୟରେ ଅତ୍ର ଇଂରାଜୀ ମଧ୍ୟମଶ୍ରେଣୀ ଇଂରାଜୀ ସ୍କୁଲ ହତାରେ ଗୋଟିଏ ସଂସ୍କୃତ ଟୋଲ ସ୍ଥାପନ କରି ଅଛନ୍ତି । ଯେଉଁମାନଙ୍କର ସଂସ୍କୃତ ପଢ଼ିବାର ଇଚ୍ଛା ଥିବ ଉପରୋକ୍ତ ବାବୁ ମହାଶୟଙ୍କଠାରେ ଉପସ୍ଥିତ ହେଲେ ସେମାନଙ୍କୁ ଗ୍ରହଣ କରାଯିବ ।

ଛାତ୍ରମାନଙ୍କୁ ବେତନ ଦେବାକୁ ହେବ ନାହିଁ । ... ସେମାନଙ୍କୁ ଦିଆଯିବ । ଯେଉଁ ଛାତ୍ରମାନେ ... କରିବା ପାଇଁ ଇଚ୍ଛା ... କରି

ବେ ସେମାନଙ୍କର ବେତନର ମଧ୍ୟ ବନ୍ଦୋବସ୍ତ କରି ଦିଆଯିବ । ପାଠୋନ୍ନତି ଶୀଘ୍ର କରାଇବା ପକ୍ଷେ ବିଶେଷ ଯତ୍ନ କରାଯିବ । ଇତି ।

ଭଦ୍ରକ ସ୍କୁଲ ତା ୧୩।୧୧।୯୪ } ଶ୍ରୀ ରୁଦ୍ରଚରଣ ପଟ୍ଟନାୟକ ହେଡ୍‌ମାଷ୍ଟର-ଭଦ୍ରକ ସ୍କୁଲ

---

ଶ୍ରୀ ଯୋଗେଶଚନ୍ଦ୍ର ବସୁଙ୍କର ସରଳ ପଦାର୍ଥ ବିଜ୍ଞାନ ପୁସ୍ତକର ଦ୍ୱିତୀୟ ସଂସ୍କରଣ ନିଃଶେଷିତ ହୋଇ ଅଛି । ତୃତୀୟ ସଂସ୍କରଣ ଅନେକାଂଶରେ ନୂତନ । ତାହା ଅଚିରେ ଶୀଘ୍ର ପ୍ରକାଶିତ ହେବ ।

କଟକ } ୨୫।୧୦।୯୪

---

## ବନ୍ଧୁ ପ୍ରେରଣ ଏବଂ କୋଂ ।

ନଂ ୭୧।୧।୧ ସୀତାରାମଘୋଷ ଷ୍ଟ୍ରିଟ କଲିକତା ।

ଅମ୍ଭେମାନେ ବହୁ ଦିବସରୁ ଚେଷ୍ଟାକରି ସାଧାରଣଙ୍କ ଉପକାରାର୍ଥେ ନିମ୍ନଲିଖିତ ଔଷଧ ଗୁଡ଼ିକ ଆବିଷ୍କାର କରିଅଛୁଁ । ଅନ୍ୟାନ୍ୟ ପେଟେଣ୍ଟ ଔଷଧପରି ଅମ୍ଭମାନଙ୍କର ନୁହେ । ଅନ୍ୟାନ୍ୟ ଲୋକମାନଙ୍କ ପରି ଅମ୍ଭମାନଙ୍କର ଲୋକମାନଙ୍କୁ ପ୍ରତାରଣା କରିବାର ଉଦ୍ଦେଶ୍ୟ ନୁହେ ଯାହାଦ୍ୱାରା ଲୋକମାନଙ୍କର ବିଶେଷ ଉପକାର ହେବ ଏଥି ବିଷୟରେ ଅମ୍ଭମାନଙ୍କର ବିଶେଷ ଚେଷ୍ଟା । ଯେଉଁମାନେ ଏକଥର ଠକିଅଛନ୍ତି ଅର୍ଥାତ ପେଟେଣ୍ଟ ଔଷଧ ନେଇ ହତାଶ ହୋଇ ଅଛନ୍ତି ସେମାନଙ୍କୁ ଅମ୍ଭର ଏହି ପ୍ରାର୍ଥନା ଯେ ଅମ୍ଭର ଔଷଧ ନେଇ ଏକଥର ପରୀକ୍ଷାକରି ଦେଖନ୍ତୁ । ଏହାଦ୍ୱାରା ଅନେକ ରୋଗୀ ଆରୋଗ୍ୟଲାଭ କରିଅଛନ୍ତି । ଯଦି ଅମ୍ଭର ଔଷଧ ନିୟମିତରୂପେ ବ୍ୟବହାର କରି କାହାରି ଉପକାର ନ ହୁଏ ତାହା ହେଲେ ବାକୀ ଔଷଧ ଫେରସ୍ତ ଦେଲେ ଦାମ ଫେରସ୍ତ ପାଇବେ ।

ଜ୍ୱରମୁକ୍ତ ବଟିକା ।— ଏହା ଦେଶୀୟ ଗଛ ଓ ଡାଳଦ୍ୱାରା ପ୍ରସ୍ତୁତ, ଏଥିରେ କୁଇନାଇନ କିମ୍ବା ଅନ୍ୟ କୌଣସି ଅନିଷ୍ଟଜନକ ପଦାର୍ଥ ନାହିଁ । ଏହା ବ୍ୟବହାରିବେ ମେଲେରିୟାଜ୍ୱର, କୁଇନାଇନ ବନ୍ଦଜ୍ୱର, ଶ୍ଳୀପଦଜ୍ୱର, ପାଳିଜ୍ୱର ଇତ୍ୟାଦି ଯେ କୌଣସି ଜ୍ୱର ହଉନାକାହିଁକି ନିଶ୍ଚୟ ଆରୋଗ୍ୟ ହେବ, ମୂଲ୍ୟ ବଡ଼ କୌଟା ଟ ୧୵ ଅଣା ଛୋଟ କୌଟା ଟ ୦ ।୵ ଡାକମାସୁଲ ଟ ୦ । ଓ ପେକିଂ ୵୦ ଅଣା ଲଗିବ ।

ଅମ୍ଳାନ୍ତକ ବଟିକା— ଏହି ଔଷଧ ସେବନ କଲେ ଅମ୍ଳୋଦ୍‌ଗାର, ବମନ, ଅମ୍ଳଜନିତ ବେଦନା ନିଶ୍ଚୟ ଆରୋଗ୍ୟ ହେବ । ମୂଲ୍ୟ ବଡ଼ କୌଟା ଟ ୧। ଛୋଟ କୌଟା ଟ ୧୵ ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଲଗିବ ।

ଶତାନ୍ତକ ଚୂର୍ଣ୍ଣ— ଏଥିରେ ପାରା କିମ୍ବା ଅନ୍ୟ କୌଣସି ବିଷାକ୍ତ ପଦାର୍ଥ ନାହିଁ ଏହାଦ୍ୱାରା ସ୍ଥାନିକ ପ୍ରୟୋଗ ଉପଦଂଶ, ନାଲିଘା, ଷୋଷଘା, ବା ଶିରଘା, ପଞ୍ଚଘା, କ୍ୟାନ୍ସର ପ୍ରଭୃତି ଯେତେ ପ୍ରକାର ଘା ଅଛି ନିଶ୍ଚୟ ଆରୋଗ୍ୟ ହୁଏ । ମୂଲ୍ୟ ପ୍ରତି କୌଟା ୵୦ ଅଣା ପେକିଂ ଓ ଡାକମାସୁଲ ଟ ୦।୵ ଦେବାକୁ ହେବ ।

ଅର୍ଶରୋଗର ଅବ୍ୟର୍ଥ ଔଷଧ ।— ଯେଉଁମାନେ ଅର୍ଶରୋଗ ଦ୍ୱାରା ବିଶେଷ ଯନ୍ତ୍ରଣା ଭୋଗକରି ଜୀବନର ଆଶା ପରିତ୍ୟାଗ କରିଅଛନ୍ତି, ସେମାନେ ଅମ୍ଭର ମହୋପକାରୀ ଅଙ୍କୁରି ବ୍ୟବହାର କଲେ ଶୀଘ୍ର ଫଳ ଲାଭ କରିବେ ଏ ବିଷୟରେ କିଛି ସନ୍ଦେହ ନାହିଁ ଏହି ଔଷଧ ଏକଜଣ ମହାପୁରୁଷ ପ୍ରଦତ୍ତ ସାମାନ୍ୟ ମୂଲ୍ୟ, ମଧ୍ୟ ଡାକମାସୁଲ ସହିତ ଟ ୧୵ ଅଣା ।

ଶିରଶୂଳ ନାଶକ ନସ୍ୟ— ଏହି ନସ୍ୟ ସୂର୍ଯ୍ୟୋଦୟ ଓ ସନ୍ଧ୍ୟା ପୂର୍ବେ ଗ୍ରହଣ କଲେ ଶିରଶୂଳ, ଶିରକମ୍ପନ, ମଥାଧରା ଓ ମଥାଘୋରା ପ୍ରଭୃତି ଶିରରୋଗ ନିଶ୍ଚୟ ଆରୋଗ୍ୟ ହେବ । ଏହାର ବିଶେଷ ଗୁଣ ଏହି ଯେ ଚକ୍ଷୁଜଳ ଓ ଗାଲମଧ୍ୟ ଫୁଟିଲେ, ହାଇଦ୍ର ଓ ପୀତବର୍ଣ୍ଣର ଶ୍ଳେଷ୍ମା ନିର୍ଗତକରି ମସ୍ତିଷ୍କ ଶୀତଳ କରେ ଏବଂ ନାସିକାରେ ଶ୍ଳେଷ୍ମା ନ ଥିଲେ ସହଜେ ଶ୍ଳେଷ୍ମା ହୁଏ । ମୂଲ୍ୟ ପ୍ରତିକୌଟା ଟ ।୵ ଅଣା ପ୍ୟାକିଂ ଓ ଡାକମାସୁଲ ଟ ।୵ ।

ପତ୍ର ଲେଖିଲେ ଅମ୍ଭେମାନେ ଭିଃ ପିଃ ରେ ଔଷଧ ପଠାଇ ପାରୁଁ ଭିଃ ପିଃ ରେ ଟ ୵ ଅଣା ମାସୁଲ ଲଗିବ ।

ସୀତାରାମଘୋଷ ଷ୍ଟ୍ରିଟ କଲିକତା ।
ନ ୭୧।୧।୧

---

## NOTICE.

The first part of our Key to Lethbridge's Easy Selections (Minor Course 1895) is out and available for sale. Intending purchasers of the first part will have to pay the price of the whole Key. The second part will be sent to them free as soon as out.

Price of whole Key Re. 1.

Digitized by srujanika@gmail.com

Split by PDF Splitter



Postage one anna extra for Moffosal,

To be had of the Secretary Printing Company Cuttack.

Cuttack, The 24th Septr, 1894. } Akshoy Kumar Ghose, and Hara Chand Ghose.

---

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ

ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ° ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଚୂମ୍ବର ପ୍ରଭୃତି ସୁମଧୁର-ସ୍ୱରର ଅଭୂତପୂର୍ବ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ରାଗରସଦୀପକ ।

ଅର୍ଥାତ୍

ନୂତନ ଢଙ୍ଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ଓଡ଼ିଆ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଗୁଣଦେବ ରାମ ଅଗ୍ରୱାଲ୍ଲ
ନୟାସଡ଼କ କଟକ

---

## ବେଦନାର ଆଉ କଷ୍ଟ ପାଅନା ।

ଷ୍ଟମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ିଯିବାରୁ କିମ୍ବା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉ-ଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାର-ଦ୍ୱାରା ଟନ୍ ଟନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ବିନ୍ଧା ଫୁଟିଲା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ନିକୁଳୀ ପ୍ରାୟ ତତ୍କାଳ ଉପଶମ ହୁଅଇ । ସମସ୍ତ ସାଧାରଣ ଲୋକଙ୍କର ଏକ ଶିଶି ଘରେ ରଖି-

ବାର କର୍ତ୍ତବ୍ୟ । ଏହି ତୈଳରେ ତାଲୁଙ୍ଗ ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସି ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥ-ରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମ୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ କା ଯାକି ଟ ୦।୵ ଦୁଇଅଣା, ଡାକମାସୁଲ ଟ ୦। ଗୁଇଅଣା ମାତ୍ର ।

ଜେ, ପି, ରାୟ ।
ନ ୪୫ ମର ନେବୁତଲ୍ଲ ଲେନ,
ବହୁବଜାର । କଲିକତା ।—

---

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସର୍ବତ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରି-ଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତ-ରୁ ପରିତ୍ରାଣ ପାଇବାର, ବିଲୁପ୍ତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋ-ଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଅକାଳ ବୋଲିଥାଅ ଏବଂ ନାନାବିଧ ଔଷଧ ସେବନ-କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକର ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ କି ଯେଉଁମାନଙ୍କୁ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଅର୍ଥାତ୍ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି-ଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନା-ହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ସ୍ୱସ୍ୱାସ୍ଥ୍ୟକର ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ-କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ର-ମେହ, ପ୍ରସ୍ରାବଦ୍ୱାରା, ସ୍ୱପ୍ନଦୋଷ, ଧାତୁ ତର-

ଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟ-ପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ଅର୍ଦ୍ଧ ଟ ୧।୵ ଡାକମାସୁଲ ଟ ।। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଜେ, ପି, ରାୟ
ନ ୪୫ ମର ନେବୁତଲ୍ଲ ଲେନ
କଲିକତା ।

---

# ସଂଗୀତସାର

ନୂତନ ନୂତନ ନୂତନ

ଉତ୍କଳ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ପଚାଶିକ ।

ମୂଲ୍ୟ ଟ ୦ ।୵ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତାନୁରାଗୀଙ୍କ ନିମନ୍ତେ ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସୁରାଗିଣୀ ଓ ଝୁଲା ସଙ୍ଗୀତ ସନ୍ନିବେଶିତ ହୋଇ ଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ ମଧ୍ୟ ଖର୍ଚ୍ଚ ଟ ୦ ୍ୟ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ-ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କ... ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter
REGISTERED NO.


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ସ
ସଂ ୪୭ ସଂଖ୍ୟା
ତା ୨୪ ଏଣ ମାହେ ନବେମ୍ବର ସନ ୧୮୯୪ ମସିହା । ମୁ । ତା ୧୧ ହ ମାର୍ଗଶିର ସନ ୧୩୦୨ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬

ଏହି ମାସର ଶେଷଭାଗରେ ମାନ୍ୟବର ବଙ୍ଗୀୟ ଛୋଟଲାଟ ମେଦନୀପୁର ଅଞ୍ଚଳରେ ବିଜେ କରିବାର ଶୁଣାଯାଏ । ଗତଥର ମାନ୍ୟବର ବାହାଦୂର ଅସୁସ୍ଥ ହୋଇଗଲେ । ଏଥର ମେଦନୀପୁରବାସିଙ୍କର ଆଶା ପୂର୍ଣ୍ଣ ହେବ ପରା ।

ଭାରତୀୟ ମହା ସମିତିର ଦଶମ ଅଧିବେଶନ ଯାହା କି, ଆଗାମି ମାସରେ ମାନ୍ଦ୍ରାଜ ନଗରରେ ହେବ ବୋଲି ପାରଲିମେଣ୍ଟର ଜଣେ ସଭ୍ୟ ୱେବ ସାହେବ ତହିଁର ସଭାପତି ମନୋନୀତ ହୋଇ ଅଛନ୍ତି । କଥିତ ହୁଅଇଯେ ୱେବ ସାହେବ ପାରଲମେଣ୍ଟର ଭାରତୀୟ କମିଟୀର ଜଣେ ଉତ୍ସାହୀ ସଭ୍ୟ ଏବଂ ଏହାଙ୍କର ପ୍ରତିପତ୍ତିମଧ୍ୟ ଊଣା ନୁହେ ।

ଫରିଦପୁର ଜିଲାର କେତେକ ସ୍ଥାନରେ ଅନ୍ନକଷ୍ଟ ପଡ଼ିବାରୁ କଲିକତା ସାଧାରଣ ବ୍ରାହ୍ମ ସମାଜର ଉଦ୍ୟମରେ ଭେଦା ସଂଗ୍ରହ ପୂର୍ବକ ଅନେକ ଲୋକଙ୍କୁ ତହିଁରୁ ସାହାଯ୍ୟ ଦିଆଯାଉ ଥିଲା । ବର୍ତ୍ତମାନ ଆନନ୍ଦସହିତ ଅବଗତ ହେଲୁଁ ଯେ ଫରିଦପୁରରେ ଷୋଳପଣ କ୍ଷେତ ହୋଇଅଛି ଏବଂ ନୂଆଧାନ କଟା ହୋଇ ଘରକୁ ଆସିବାରୁ ଟଙ୍କାକୁ ସେ ୧୨ ର ଚାଉଳ ବିକ୍ରୟ ହେଉଅଛି । ସୁତରାଂ ସାହାଯ୍ୟଦାନ ସ୍ଥଗିତ ହୋଇଅଛି । ବଡ଼ ସୁଖର ବିଷୟ ଅଟେ ।

ବଙ୍ଗପ୍ରଦେଶର ଅଧୀନ ସରକାରୀ ଅପ୍ରମନ୍ତକୁମାର କର୍ମଗ୍ରାହୀ ନିଯୋଗ ସମ୍ବନ୍ଧରେ ସ୍ଥିର ହୋଇ ଅଛି ଯେ ପ୍ରତି ତିନିଜଣ ଇଉରୋପୀୟ ମଧ୍ୟରୁ ଏକଜଣ ଦେଶୀୟ ଲୋକ ଭରତି ହେବେ । ତଦନୁସାରେ ବର୍ତ୍ତମାନ ଏକଜଣ ଦେଶୀୟ ଲୋକ ଭରତି ହେବାର ଆବଶ୍ୟକ ହେବାରୁ ମାନ୍ୟବର ଛୋଟଲାଟ ବିଜ୍ଞାପନ ଦେଇ ଅଛନ୍ତି କି ପରୀକ୍ଷା ଦ୍ୱାରା ଯୋଗ୍ୟଲୋକ ବାଛି ନେବେ ଓ ସେ ପରୀକ୍ଷା ଡେପୁଟୀ କଲେକ୍ଟରୀ ପଦାକାଂକ୍ଷୀଙ୍କ ପରୀକ୍ଷା ସଙ୍ଗେ ଗୃହୀତ ହେବ ।

ଶ୍ରୀଯୁକ୍ତ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ସୈନିକପୁଲିସ ସଙ୍ଗେ ନେଇ ନୟାଗଡ଼ରେ ମେଳିଆଙ୍କ ମଧ୍ୟରୁ ନ ୨୧ ଜଣଙ୍କୁ ଧରି ହାଜତରେ ରଖାଇ ଖଣ୍ଡପଡ଼ା ଗସ୍ତରୁ ବାହାର ଯାଇଅଛନ୍ତି । ଶୁଣାଯାଏ ଯେ ଆସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ସେଠାକୁ ଯାଇ ସେମାନଙ୍କର ବିଚାର କରିବେ । ସୈନିକପୁଲିସଙ୍କୁ ଲଢ଼ାଇ କରିବାକୁ ହୋଇ ନାହିଁ । ମାତ୍ର ଅନ୍ତତଃ ବର୍ଷର ଶେଷପର୍ଯ୍ୟନ୍ତ ସେମାନେ ସେଠାରେ ରହିବେ ।

ପାରସ୍ୟଦେଶରେ ପୂର୍ବେ ତମାଖୁ କୃଷି ହେଉଥିଲା ଏବଂ ତଦ୍ଦ୍ୱାରା ବିଶେଷ ରାଜସ୍ୱ ଆଦାୟ ହେଉଥିଲା । ଜଣେ ପ୍ରଧାନ ମୁଲ୍ଲା ତମାଖୁ ବ୍ୟବହାର ବିରୁଦ୍ଧରେ ଇସଫାହାନ ନଗରଠାରେ ବିଶେଷ ଆନ୍ଦୋଳନ କରିବାରୁ ପାରସ୍ୟଶାହ ତମାଖୁକୃଷି ବିଷୟରେ ଘୋର କଟକଣା କଲେ । ମାତ୍ର ତଦ୍ଦ୍ୱାରା ରାଜସ୍ୱ ଅତ୍ୟନ୍ତ କ୍ଷତି ହେବାର ଦେଖି ମହାମାନ୍ୟ ଶାହା ବର୍ତ୍ତମାନ ସମସ୍ତ ଅଟକ ଉଠାଇଦେଇ ଅବାଧେ ତମାଖୁ କୃଷି ଲୋକେ କରିପାରିବାର ଆଦେଶ ଦେଇଅଛନ୍ତି । ସ୍ୱକୀୟ ସ୍ୱାର୍ଥ କ୍ଷତି ସହିବା ସହଜକଥା ନୁହେ ।

ଜାପାନ ଚୀନ ଯୁଦ୍ଧ ସମ୍ବନ୍ଧରେ ଏସପ୍ତାହରେ ଯେ ସମସ୍ତ ସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ଚୀନସମ୍ରାଟ ଏତେ ଦୂର ହତାଶ ହୋଇଥିଲେ ଯେ ପେକିନ ରାଜଧାନୀ ଛାଡି ପଳାଇବାର ଇଚ୍ଛା କରିଥିଲେ । ମାତ୍ର ଏଥିମଧ୍ୟରେ ନୂତନ କର୍ମଚାରୀ ନିଯୋଗ କରି ଏକ ଯୁଦ୍ଧରେ ଜୟଲାଭ କରିଅଛନ୍ତି । ଏବଂ ରାଜ୍ୟ ରକ୍ଷାର ସୁବନ୍ଦୋବସ୍ତ କରିବାକୁ ସମର୍ଥ ହୋଇଅଛନ୍ତି । ସ୍ୱାଧୀନ ଆମେରିକାର ସଭାପତି ଚୀନଦ୍ୱାରା ମଧ୍ୟସ୍ଥ ପଦରେ ବରଣ ହୋଇ ଜାପାନ ସମ୍ମତ ଅଛି କି ନାହିଁ ପଚାରିବାରେ ସେଠାର ପାରଲିମେଣ୍ଟ ସଭା ତହିଁର ବିଚାର କରୁଅଛନ୍ତି ।

ବମ୍ବେଇର ଏକ ତାରସମ୍ବାଦରୁ ଜଣାଯାଏ ଯେ ସେଠା ହିନ୍ଦୁମାନେ ମଦ୍ୟପାନ ତ୍ୟାଗ କରିବାକୁ ଦୃଢସଙ୍କଳ୍ପ ହୋଇଅଛନ୍ତି । ଗତ ସପ୍ତାହରେ ସେଠା ଆଷାପୁରୀମନ୍ଦିରରେ ଏକ ମହାଜ-

Digitized by srujanika@gmail.com

Split by PDF Splitter



ନ ସଭା ବସିଥିଲା ଏବଂ ୧୫ ଶତ ହିନ୍ଦୁ ସେଠାରେ ଉପସ୍ଥିତ ହୋଇଥିଲେ । ଏଥି ମଧ୍ୟରେ ଶ୍ରେଷ୍ଠ ଜାତି ମଧ୍ୟ ଥିଲେ । ଏହି ବୈଠକରେ ଜ ୧୧ ଜଣଙ୍କ ନାମରେ ହୋଟେଲରେ ବସି ମଦ ବା ତାଡ଼ି ପାନ କରିବାର ପ୍ରମାଣ ହେବାରୁ ସଭା ସେମାନଙ୍କ ଉପରେ ଶକ୍ତ ଜରିମାନା କଲେ ଏବଂ ସେମାନେ ବିନା ଆପତ୍ତିରେ ତାହା ଦାଖଲ କଲେ । ମହାଜନସଭାର ଏପରି ଶାସନ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥିର ରହିଲେ ବଡ଼ ସୁଖର ବିଷୟ ହେବ ।

---

କଲିକତାର ଡାକ୍ତର ଜ୍ଞେନ୍ଦ୍ରକୃଷ୍ଣ ଦତ୍ତଙ୍କୁ ପାଠକମାନେ ଜାଣନ୍ତି । ସେ ବିଲାତରୁ ବିଲାତି ବିବାହ ହୋଇଁ ସ୍ୱଦେଶକୁ ଫେରିଆସି ଅନେକ କାଳ ରହିଲା ଉତ୍ତାରୁ ଏବ ହାଇକୋର୍ଟରେ ନାଲିସ କରି ଖଣ୍ଡପତ୍ର ଦେବାରେ ପ୍ରାୟଶ୍ଚିତ୍ତ କରି ହିନ୍ଦୁ-ସମାଜଭୁକ୍ତ ହୋଇ ଥିବାର ଏଥିପୂର୍ବେ ପ୍ରକାଶ କରିଥିଲୁଁ । ସମ୍ପ୍ରତି ସେ ଆପଣା ଘରଠାରେ ଜଗଦ୍ଧାତ୍ରୀ ପୂଜା କରି ସମାରୋହ ସହିତ ତଦୁପଲକ୍ଷରେ କଲିକତାର ଅନେକ ନାମଖ୍ୟାତ ବ୍ରାହ୍ମଣପଣ୍ଡିତ କାୟସ୍ଥ ଓ ଅପର ଭଦ୍ର-ଶ୍ରେଣୀର ଲୋକମାନଙ୍କୁ ଅମନ୍ତ୍ରଣ କରି ପ୍ରସାଦ ସେବା କରାଇଥିଲେ । ସୁତରାଂ ସେ ହିନ୍ଦୁସମାଜରେ ଗୃହୀତ ହେବା ବିଷୟରେ ଆଉ ସନ୍ଦେହ ନାହିଁ ।

---

ମଧ୍ୟ ପ୍ରଦେଶର ରାଜା ଓ ଜମିଦାରପୁତ୍ରମାନଙ୍କ ଶିକ୍ଷା ନିମନ୍ତେ ଜବଲପୁରଠାରେ ସ୍ଥାପିତ ରାଜକୁମାର ବିଦ୍ୟାଳୟ ସେ ପ୍ରଦେଶର ଏକପ୍ରାନ୍ତରେ ଥିବା ଏବଂ ଛତିଶଗଡ଼ ବିଭାଗରେ ଅନେକ ରାଜା ଜମିଦାର ଥିବା ପ୍ରତ୍ୟକ୍ଷେ ସେମାନଙ୍କ ପ୍ରତି ସେ ବିଦ୍ୟାଳୟ ବହୁଦୂର ହେବାରୁ ରାୟପୁରଠାରେ ଗୋଟିଏ ରାଜକୁମାର ବିଦ୍ୟାଳୟ ସ୍ଥାପନ କରିବା କାରଣ କର୍ତ୍ତୃପକ୍ଷୀୟମାନେ ମନୋଯୋଗୀ ହୋଇଥିଲେ । ବର୍ତ୍ତମାନ ସମ୍ବଲପୁରର ହିତୈଷିଣୀରୁ ଆନନ୍ଦ ସହିତ ଅବଗତ ହେଲୁଁ ଯେ ସେ ବିଦ୍ୟାଳୟର ନିର୍ମାଣକାର୍ଯ୍ୟ ଶେଷ ହୋଇଅଛି ଏବଂ ମାନ୍ୟବର ଚ୍ କମିଶନର ବାହାଦୁର ସ୍ୱୟଂ ରାୟପୁରକୁ ଆସି ଗତ ବୁଧବାରଦିନ ତାହା ପ୍ରତିଷ୍ଠା କରିଥିବେ । ଏହି ଉପଲକ୍ଷରେ ସେ ଅଞ୍ଚଳର ରାଜା ଜମିଦାରମାନେ ଅମନ୍ତ୍ରିତ ହୋଇଥିଲେ ।

---

ଗତମାସ ତା ୧୧ ରିଖରେ ବମ୍ବେଇଠାରୁ ରେଲଗାଡ଼ିରେ ଗୋଟିଏ ଟ୍ରଙ୍କବାକସ ପୁନାରେଲ ଷ୍ଟେସନରେ ଉପସ୍ଥିତ ହେଲା । ସେ ବାକସ କେହି ନେବାକୁ ନ ଆସିବା ଏବଂ ରେଲ-କର୍ମଚାରୀମାନେ ମାଲିକର ଠିକଣା ନ ପାଇବାରୁ ତା ୧୫ ରିଖ ପର୍ଯ୍ୟନ୍ତ ପଡ଼ିରହିଲା । ଏଥିମଧ୍ୟରେ ବଡ଼ ଦୁର୍ଗନ୍ଧ ବାହାରିବାରୁ ରେଲ କର୍ମଚାରୀମାନେ ଫିଟାଇ ଦେଖିଲେ ଯେ ତାହା ଗୋଟିଏ ମୁସଲମାନପିଲାର ମୃତଦେହ ଅଟେ ଏବଂ ତାହା ପଚିଯାଇଅଛି । ଶବ ପରୀକ୍ଷାକାରୀ ଡାକ୍ତର ମୃତ୍ୟୁର କାରଣ ସ୍ଥିର କରିପାରିଲେ ନାହିଁ । ଅନୁସନ୍ଧାନରେ ଜଣାଗଲା ଯେ ମୃତ ପିଲାର ନାମ ମହମ୍ମଦଖାନ ଏବଂ ତାହାର ପିତା ବମ୍ବେଇ ପଲ୍ଟନକୁ ଗୋମାଂସ ଯୋଗାଇବାର କାଣ୍ଟ୍ରାକ୍ଟ କରେ । ସ୍ପଷ୍ଟ ଜଣାଯାଉଅଛି ଯେ ଏହା ବମ୍ବେଇବାସୀ ହିନ୍ଦୁ ମୁସଲମାନଙ୍କ ବିବାଦର ଗୋଟିଏ ଶୋଚନୀୟ ଫଳ ଅଟେ ।

---

ଏଠା କଲେକ୍ଟରୀ ସିରସ୍ତାଦାର ବାବୁ ଜଗନ୍ମୋହନଲାଲ ପେନସନ ନେବାର ନିଶ୍ଚୟ ହେବାରୁ କଲେକ୍ଟର ସାହେବ ବିଜ୍ଞାପନ ଦେଇଅଛନ୍ତି ଯେ ଅସନ୍ତା ମାସ ତା ୫ ରିଖ ପର୍ଯ୍ୟନ୍ତ ସିରସ୍ତାଦାରୀ ପଦ ପ୍ରାର୍ଥୀମାନଙ୍କର ଆବେଦନ ପତ୍ର ଗ୍ରହଣ କରିବେ । ଅନେକ ଲୋକ ଅନୁମାନ କରନ୍ତି କି କଲେକ୍ଟରୀ ହେଡ଼କିରାଣୀ ବାବୁ ଦୁର୍ଗାଚରଣ ଦାସଙ୍କ କାର୍ଯ୍ୟରେ ସାହେବ ଖୁବ ସନ୍ତୁଷ୍ଟ ଥିବା ହେତୁ ସମ୍ଭବତଃ ତାହାଙ୍କୁ ସିରସ୍ତାଦାର ନିଯୁକ୍ତ କରିବେ । ତାହା ହେଲେ ପ୍ରକୃତରେ ହେଡ଼କିରାଣୀ ପଦ ଶୂନ୍ୟ ହେବ । ମାତ୍ର ଯେ ସ୍ଥଳେ ଅନେକ ଯୋଗ୍ୟ ଲୋକ ଆବେଦନ କରିବାର ଆଶା ଅଛି ସେସ୍ଥଳେ କାହାର ଭାଗ୍ୟ ପ୍ରସନ୍ନ ହେବ ପୂର୍ବରୁ ନିଶ୍ଚୟ ବୋଲିଯାଇ ନ ପାରେ । ଆଶା ହେଉଅଛି କଲେକ୍ଟର ସାହେବ ବିଶେଷ ସାବଧାନତା ପୂର୍ବକ ବନ୍ଦୋବସ୍ତ କରିବେ ।

---

ଆଳଠାରୁ ଶ୍ରୀ ଭଗୀରଥି ନନ୍ଦ ପଣ୍ଡିତ ଲେଖିପଠାଇ ଅଛନ୍ତି ଯେ ସେଠା ରାଜା ପ୍ରଜାଙ୍କୁ ଅନ୍ନକଷ୍ଟରୁ ବଞ୍ଚାଇବା କାରଣ ଗତ ଅଗସ୍ତ-ମାସରୁ ଗୋ ୩ ଟା ଅନ୍ନଛତ୍ର ବସାଇ ପ୍ରତିଦିନ ନ ୫୦୦ ଜଣଙ୍କୁ ଆହାର ବିତରଣ କରୁଅଛନ୍ତି ଏପରି ବିନା ମୂଲ୍ୟରେ ଏବଂ କେଉଁଠାରେ କାର୍ଯ୍ୟରେ ଲଗାଇ ବେତନଲୋକଙ୍କୁ ତଣ୍ଡୁଳ ବିତରଣ କରୁଥିଲେ ଏବଂ ଖଜଣା ସକାଶେ ଦୁଃସ୍ଥି ପ୍ରଜାଙ୍କୁ କଷ୍ଟ ନ ଦେଇ ଆପଣା ହାତରୁ ଗତ ଇନ୍‌ଷ୍ଟଲମେଣ୍ଟ ଟଙ୍କା ଦାଖଲ କରିଥିଲେ । ସମ୍ପ୍ରତି ଚାଉଳ ଟଙ୍କାକୁ ସେ ୧୨।୧୩ ର ମିଳିବାରୁ ଲୋକଙ୍କର ଅବସ୍ଥା ଫେରି ଅଛି । ଆଉ ସାହାଯ୍ୟର ପ୍ରୟୋଜନ ନାହିଁ । ଭରସା କରୁଁ ଜିଲ୍ଲା-ହାକିମମାନେ ବାହାର ଅନୁସନ୍ଧାନ ପୂର୍ବକ ରାଜାଙ୍କର ଏହି ସତ୍କାର୍ଯ୍ୟମାନ ଆଗାମି ବାର୍ଷିକ-ରିପୋର୍ଟରେ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆଣିବେ ।

---

ଉତ୍କଳ ସଂସ୍କୃତସମିତିର ସମ୍ପାଦକ ବାବୁ ସାଧାରଣ ସଂସ୍କୃତଟୋଲମାନଙ୍କର ଆଗାମି ପ୍ରଥମ ଓ ଦ୍ୱିତୀୟ ପରୀକ୍ଷା ବିଷୟରେ ବିଜ୍ଞାପନ ପ୍ରଚାରକର ତହିଁର ଏକଖଣ୍ଡ ପ୍ରତିଲିପି ଆମ୍ଭମାନଙ୍କୁ ଉପହାର ଦେଇଅଛନ୍ତି । ଉକ୍ତ ପରୀକ୍ଷା ଆଗାମି ଫେବୃଆରୀ ମାସ ତା ୧୧ ରିଖରେ ଆରମ୍ଭ ହୋଇ ଦୁଇଦିନରେ ଶେଷ ହେବ ଏବଂ ତାହା କଟକ କେନ୍ଦ୍ରାପଡ଼ା ଯାଜପୁର ଏବଂ ଢେଙ୍କାନାଳ କେନ୍ଦ୍ରମାନଙ୍କରେ ଗୃହୀତ ହେବ । ଯେଉଁ ଯେଉଁ ବିଷୟରେ ପରୀକ୍ଷା ହେବ ଏବଂ ଯେଉଁ ସମୟରେ ଯେପରି ପରୀକ୍ଷାର୍ଥୀମାନେ ଆବେଦନ କରିବେ ବିଜ୍ଞାପନରେ ବିସ୍ତାରିତ ରୂପେ ଲେଖାଅଛି । ସ୍ଥାନାଭାବ ହେତୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ବିଜ୍ଞାପନଟି ମୁଦ୍ରିତ ହୋଇଥିବା ସ୍ଥଳେ ଅବଶ୍ୟ ସମସ୍ତ ଟୋଲକୁ ଏକ ଏକ ଖଣ୍ଡ ପଠାଯାଇଥିବ ଏବଂ ଯେଉଁମାନଙ୍କର ଏଥିରେ ସମ୍ପର୍କ ଅଛି ସେମାନେ ତହିଁରୁ ସକଳ ବିଷୟ ଅବଗତ ହେବେ । ଅସନ୍ତା ଜାନୁଆରି ମାସ ତା ୧ ରିଖ କିମ୍ବା ତହିଁ ପୂର୍ବେ ପରୀକ୍ଷାର୍ଥୀମାନଙ୍କର ଆବେଦନପତ୍ର ପଠାଇବା ଉଚିତ ।

---

ପୁରୀମନ୍ଦିରର ମାନେଜରଙ୍କ ହୁକୁମରେ ଖୋର୍ଦ୍ଧାଠାରେ ଦେଉଳ ଗୁରୁତର ଫୌଜଦାରୀ ମୋକଦ୍ଦମା ଉପସ୍ଥିତ ହୋଇଥିଲା ଗତ ସୋମବାର ଏଠା ଦୌସ୍ତମିସଲରେ ତାହା ଆରମ୍ଭ ହୋଇ ବୁଧବାରଦିନ ଶେଷ ହେଲା । ଉଭୟ ପକ୍ଷରେ ଅନେକ ପ୍ଲିଡ଼ର ଓକିଲ ନିଯୁକ୍ତ ଥିଲେ । ମୋକଦ୍ଦମା ଅନ୍ତରେ ହାକିମ ଅପରାଧୀର ଅଭିଯୋଗ ପରିତ୍ୟକ୍ତ ହୋଇ ଗୁରୁତର ଅଘାତ ଅଭିଯୋଗର ବିଚାର ହେଲା ମାତ୍ର

Digitized by srujanika@gmail.com

ଡାକ୍ତର ସାହେବଙ୍କ ସାକ୍ଷ୍ୟରୁ ସାମାନ୍ୟ ଅଘାତ ପ୍ରମାଣ ହେବା ଏବଂ ମୃତେଇର ପ୍ରଧାନ ସାକ୍ଷିର ସାକ୍ଷ୍ୟ ନିତାନ୍ତ ଅସନ୍ତୋଷଜନକ ହେବାରୁ ଶ୍ରୀଯୁକ୍ତ ଜଜ ସାହେବ ଅସେସରମାନଙ୍କ ସଙ୍ଗେ ଐକ୍ୟ ହୋଇ ମାଜେଜର ଓ ତାହାଙ୍କ ସଙ୍ଗି ଅସାମିମାନଙ୍କୁ ନିରପରାଧୀ ସାବ୍ୟସ୍ତ କରି ମୁକ୍ତିପ୍ରଦାନ କଲେ । ଏ ବିଚାରରେ ସର୍ବସାଧାରଣ ଆନନ୍ଦିତ ହୋଇ ସୁବିଚାରକମନେ ଜଜସାହେବଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

ଅସ୍ମମାନଙ୍କର ପୁରୀ ସମ୍ବାଦଦାତା ଲେଖି ଅଛନ୍ତି କି "ଗତ ସପ୍ତାହରେ ବର୍ଦ୍ଧମାନ ନିକଟ ନଗର ଗ୍ରାମବାସୀ ଶ୍ରୀମତୀ ଗିରିଦାସୀ ନାମ୍ନୀ ଜଣେ ବିଧବା ଶ୍ରୀଜିଉଙ୍କ ଦର୍ଶନାର୍ଥୀ ହୋଇ ଆସିଥିଲେ । ସେ ଆହାର, ପାନ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିଅଛନ୍ତି । ସୁତରାଂ ମଳ ଓ ମୂତ୍ରୋତ୍ସର୍ଗ ଆଦୌ ହୁଏ ନାହିଁ । ଏହାଙ୍କୁ ଦେଖିବାପାଇଁ ଏଠାର କେତେକ ସମ୍ଭ୍ରାନ୍ତ ଶିଷ୍ଟଲୋକ ତାହାଙ୍କ ନିକଟକୁ ଯାଇଥିଲେ । ସେ ପ୍ରାୟ ଚାରି ବର୍ଷ ହେଲା ଏପରି ଅବସ୍ଥାରେ ଥିବା ପ୍ରକାଶ କଲେ । ଏବଂ ତାହାଙ୍କ ଭକ୍ତି ଶ୍ରଦ୍ଧା ଓ ବିନୟରେ ଏଠାର ଲୋକେ ମୋହିତ ହୋଇଥିଲେ । ବିଷ୍ଣୁନାମପ୍ରସଙ୍ଗ ପଡିବାମାତ୍ରେ ତାହାଙ୍କର ଏପରି ଆନନ୍ଦ ହୁଏ ଯେ ଗାତ୍ର ରୋମାଞ୍ଚିତ ହେବା ସଙ୍ଗେ୨ ଅନବଚ୍ଛିନ୍ନ ଧାରରେ ଅଶ୍ରୁ ବହେବା ଗଳିତ ହୋଇ ତତ୍କ୍ଷଣାତ୍ ଅଜ୍ଞାନ ହୋଇ ପଡନ୍ତି । ପ୍ରଥମେ ଶ୍ରୀଜିଉଙ୍କ ଦର୍ଶନରେ ଯାଇ ଗରୁଡସ୍ତମ୍ଭ ନିକଟରେ ଯେପରି ଶ୍ରୀମୁଖରେ ଚକ୍ଷୁ ପଡିଅଛି ତନ୍ମାତ୍ରେ ଉକ୍ତ ଅବସ୍ଥାପନ୍ନ ହୋଇ ଜ୍ଞାନ ହେବା ପରେ ଚତୁର୍ଦ୍ଦିଗରେ ଜଗନ୍ନାଥ ଦେଖା ଯିବାର ପ୍ରକାଶ କଲେ । ଶରୀରରେ କୃଶତା ବା ଦୌର୍ବଲ୍ୟର କିଛି ଚିହ୍ନ ଦେଖା ଯାଏ ନାହିଁ । ଏପରି କି ତାହାଙ୍କ ସଙ୍ଗରେ ଥିବା ଉପବିଷ୍ଟ ଗୁରୁ ଏବଂ ଅନ୍ୟାନ୍ୟ ଯାତ୍ରିମାନଙ୍କର ପରିଚର୍ଯ୍ୟାରେ ଅଧିକାଂଶ ସମୟ ଅଶକ୍ତ । ମହାପ୍ରସାଦ ସେବା ନିମିତ୍ତ ଗୁରୁଙ୍କ ଦ୍ୱାରା ବିଶେଷ ଅନୁରୁଦ୍ଧ ହୋଇ ସାମାନ୍ୟ ଏକ କଣିକା ମହାପ୍ରସାଦ ମୁଖରେ ଦେବା ପରେ ତାହା କଣ୍ଠନାଳୀସ୍ଥ ରୁଦ୍ଧ ଥିବା ପ୍ରକାଶ କରି ପ୍ରାୟ ଏକ ଘଣ୍ଟାରେ ବଡ଼ କଷ୍ଟରେ ଉଦରସ୍ଥ କଲେ ।

ଫଳାହାରୀ ସମୟେ୨ ଦେଖାଯାଇ ଅଛନ୍ତି । କିନ୍ତୁ ଅନାହାରୀ ବ୍ୟକ୍ତି ଏଠାରେ ବୃଦ୍ଧ ବ୍ୟକ୍ତିମାନେ ସୁଦ୍ଧା ଦେଖି ନ ଥିବାର କହନ୍ତି । ଏବଂ ତାହାଙ୍କ ମହାତ୍ମ୍ୟ ଗୁରୁ କହନ୍ତି ଯେ ସମୟେ୨ରେ ଏହାଙ୍କର ଲୋମକୂପମାନଙ୍କରୁ ଶୋଣିତ ସ୍ରାବ ହୁଏ ପୃଷ୍ଠରେ ଏପରି ଚିହ୍ନ ମଧ୍ୟ ଅଛନ୍ତି ।"

## ଅସ୍ତ୍ରଲାଇସେନ୍ସ ।

ଅସ୍ତ୍ରଆଇନର ବିଧାନମତେ ବନ୍ଧୁକ ଇତ୍ୟାଦି ସକାଶେ ଲାଇସେନସ ନେବା ଏବଂ ପ୍ରତିବର୍ଷ ଲାଇସେନସ ବଦଳାଇବା ଆବଶ୍ୟକ । ଲାଇସେନସ ବଦଳାଇବାର କ୍ଷମତା କେବଳ ଜିଲ୍ଲାମାଜିଷ୍ଟ୍ରେଟଙ୍କୁ ଅର୍ପିତ ହୋଇଥିବାରୁ ମୋଫସଲର ଲୋକଙ୍କର ସଦର ମୁକାମକୁ ଆସି ଫିସ ଦେଇ ସେ କାର୍ଯ୍ୟ କରାଇ ନେବାରେ ବହୁତ ବିଲମ୍ବ ଅସୁବିଧା ଘଟିବାର ବାରମ୍ବାର ଗୁହାରି ହେବାରୁ ମାନ୍ୟବର ବଙ୍ଗୀୟ ଛୋଟଲାଟ ବିଭାଗୀୟ କମିଶ୍ନରମାନଙ୍କ ସହିତ ପରାମର୍ଶ କରି ନିମ୍ନଲିଖିତ ଆଦେଶମାନ ପ୍ରଚାର କରିଅଛନ୍ତି, ଯଥା ଃ—ପ୍ରତ୍ୟେକ ଥାନାରେ ଗୋଟିଏ ରେଜିଷ୍ଟ୍ରି ରଖାଯିବ ଯେ ସେହି ଏଲାକା ମଧ୍ୟରେ ଯେତେଲୋକଙ୍କୁ ଅସ୍ତ୍ର ରଖିବାର ଲାଇସେନସ ଦିଆ ଯାଇଥିବ ସେମାନଙ୍କ ନାମ ଧାମ ଇତ୍ୟାଦି ଲେଖା ଥିବ । ଏହି ରେଜିଷ୍ଟ୍ରି ଲିଖିତ ଲାଇସେନସଧାରିଙ୍କମଧ୍ୟରୁ କାହାର ଲାଇସେନସ ବଦଳାଇ ଦେବା ବିଷୟରେ କିଛି ଆପତ୍ତି ଅଛି କି ନାହିଁ ପ୍ରତିବର୍ଷ ଡିସେମ୍ବର ମାସ ଅନ୍ତରେ ଥାନାର ପୁଲିସକର୍ମଚାରୀ ମାଜିଷ୍ଟ୍ରେଟ ସାହେବଙ୍କୁ ଜଣାଇବେ । ଲାଇସେନସ ବଦଳାଇବାର ପ୍ରାର୍ଥନାକାରୀମାନେ ଗୃହଅଣିଅ ଷ୍ଟାମ୍ପରେ ଦରଖାସ୍ତ ଲେଖି ଆପଣା ଏଲାକାର ଥାନା ଅଥବା ସବଡିଭିଜନ କଚେରୀରେ ଦାଖଲ ଜିଲ୍ଲାମାଜିଷ୍ଟ୍ରେଟଙ୍କ ନିକଟରେ ସ୍ୱୟଂ ଅଥବା ପ୍ରତିନିଧିଦ୍ୱାରା ଦାଖଲ ଡାକଯୋଗେ କରିପାରିବେ । ଥାନା କର୍ମଚାରୀ ଓ ସବଡିଭିଜନ ହାକିମମାନେ ଯେ ସବୁ ଦରଖାସ୍ତ ପାଇବେ ସେ ସମସ୍ତ ଜିଲ୍ଲାମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇ ଦେବେ । ପୁଲିସ ରିପୋର୍ଟ ପୂର୍ବରୁ ଆସିଥିବାରୁ କୌଣସି ଲାଇସେନସ ବଦଳାଇବା ନ ବଦଳାଇବା କଥା ଅବିଳମ୍ବେ ନିଷ୍ପତ୍ତି କରି ଯେସବୁ ବଦଳାଇବାର ଯୋଗ୍ୟ ସେ ସବୁ ଏକସପ୍ତାହ ମଧ୍ୟରେ ପ୍ରସ୍ତୁତ କରି ଥାନା ଓ ସବଡିଭିଜନକୁ ଯାଇଥିବା ଲାଇସେନସମାନ ଯଥାସ୍ଥାନକୁ ପଠାଇ ଦେବେ ଯେ ପ୍ରାର୍ଥନାକାରୀମାନେ ସେଠାରେ ସ୍ୱୟଂ ଅଥବା ପ୍ରତିନିଧିଦ୍ୱାରା ଉପସ୍ଥିତ ହୋଇ ନେଇପାରିବେ । ଯେ ବ୍ୟକ୍ତି ଆପଣା ଦରଖାସ୍ତରେ ଖଣ୍ଡିଏ ରେଜିଷ୍ଟ୍ରି ଲଫାଫାରେ ମାସୁଲ ଲଗାଇ ଆପଣା ନାମ ଧାମ ଲେଖି ଗୁନ୍ଥି ଦେଇଥିବ ତାହାର ଲାଇସେନସ ପରବାହାରେ ଡାକଯୋଗେ ତାହା ନିକଟରେ ପହୁଞ୍ଚିବ । ଏ ନିୟମ ଗୁଡ଼ିକ ଉତ୍ତମ ହୋଇଅଛି ଏବଂ ଏହାଦ୍ୱାରା ଲୋକଙ୍କର କଷ୍ଟ ଓ ବ୍ୟୟ ଯଥାସାଧ୍ୟ ଊଣା ହୋଇଅଛି କାରଣ ଏଥିପାଇଁ ଆପଣା ଏଲାକାର ଥାନାଠାରୁ ଅଧିକଦୂର କାହାରିକୁ ଯିବାକୁ ହେବ ନାହିଁ ଏବଂ ଯେଉଁମାନେ ଥାନା ଅଥବା କଚେରୀକୁ ଯିବାପାଇଁ ଅସୁବିଧା ମନେ କରିବେ ସେମାନେ ଛଅଣା ବା ଆଠଅଣା ଡାକମାସୁଲରେ ଖରଚ କଲେ ଆପଣା ଘରୁ ଦରଖାସ୍ତ ପଠାଇ ଘରେ ବସି ଲାଇସେନସ ପାଇବେ । ଏଥିରୁ ଅଧିକ ସୁବିଧା ଆଉ କି ହୋଇପାରେ ? ଏଥିଉତ୍ତାରୁ ଯେଉଁମାନେ ଲାଇସେନସ ବଦଳାଇବା ବିଷୟରେ ତ୍ରୁଟି କରିବେ ସେମାନେ ଦଣ୍ଡନୀୟ ହେଲେ ତହିଁ ପାଇଁ ଅନ୍ୟ କାହାରି ଦୋଷ ଦିଆଯାଇ ପାରିବ ନାହିଁ ।

## ଓଡିଶାର ବାର୍ଷିକ ବିବରଣ—୩

ସମସ୍ତ ବିଷୟରେ ସୁଖ କେବଳ ଅନ୍ନବସ୍ତ୍ରର କଷ୍ଟ ବୋଲି ଗୋଟିଏ ବିଦ୍ରୂପାତ୍ମକ କଥା ଏ ଦେଶରେ ପ୍ରଚଳିତ ଅଛି । ସନ ୧୮୯୩-୯୪ ସାଲର ଓଡିଶା ବିବରଣ ଯାହା ସରକାରୀ କାଗଜରେ ପ୍ରକାଶିତ ହୋଇଅଛି ତାହା ଠିକ ଏହିପରି ହୋଇଅଛି କି ନାହିଁ ପାଠକମାନେ ଥରେ ଚିନ୍ତା କରନ୍ତୁ ।

ଏବର୍ଷ ବୃଷ୍ଟି ବିଶେଷ ହୋଇ ଅଛି ମାତ୍ର ଅସମୟରେ ହେବାରୁ ଫସଲ ହାନି ହୋଇଅଛି । ଅଧିକା ବୃଷ୍ଟି ହେତୁ ଜ୍ୱରରୋଗ ବୃଦ୍ଧି ହୋଇ ନାହିଁ କିମ୍ବା ନବ କଳେବର ହେତୁ ଲକ୍ଷାଧିକ ଯାତ୍ରୀ ରଥଯାତ୍ରାରେ ପୁରୀକୁ ଆସିଥିଲେ ହେଁ ଓଲାଉଠା ପ୍ରବଳ ହୋଇ ନାହିଁ । ପ୍ରକୃତରେ ଜ୍ୱର ଏବଂ ଓଲାଉଠା ପୂର୍ବବର୍ଷଠାରୁ ବିଶେଷ ଊଣା ଥିଲା ଏବଂ ଗତବର୍ଷର ମୃତ୍ୟୁସଂଖ୍ୟା ଏକଲକ୍ଷ ୩୧ ହଜାରରୁ ଏବର୍ଷ କେବଳ ଏକଲକ୍ଷ ହୋଇଅଛି । ସୁତରାଂ ଏବର୍ଷ ସାଧାରଣ ସ୍ୱାସ୍ଥ୍ୟ ବଡ଼ ଭଲ ଥିଲା । ପକ୍ଷାନ୍ତରେ ଧାନ ଉତ୍ପନ୍ନ ଊଣା ହେବାରୁ ବହିର୍ବାଣିଜ୍ୟର ମୂଲ୍ୟ ଗତବର୍ଷଠାରୁ ୨୦ ଲକ୍ଷ ଊଣା ପଡିଅଛି ଏବଂ ଅତି ବୃଷ୍ଟିଯୋଗୁଁ ଏଠାର ଏକମାତ୍ର ବ୍ୟବସାୟ ଲବଣପୋଲାନ ଗତବର୍ଷ ୫୨ ହଜାର ମହଣ ହୋଇଥିବା ସ୍ଥଳେ ଏବର୍ଷ ୧୫ ହଜାର ମହଣ ହୋଇଅଛି । ପୁରୀ ଓ

Split by PDF Splitter
Digitized by srujanika@gmail.com

Split by PDF Splitter



ବାଲେଶ୍ୱରରେ ଗତକାଲ ଗତବର୍ଷାପେକ୍ଷା ଶସ୍ତା ଥିଲା କେବଳ କଟକରେ ମହାର୍ଘ ହୋଇଥିଲା ।

ସରକାରଙ୍କ ଭୂମିର ସ୍ୱ ନିର୍ଦ୍ଦିଷ୍ଟରେ ଆଦାୟ ହୋଇ ଅଛି ଅବକାରୀଜନ୍ୟ * ଲକ୍ଷ ୬୦ ହଜାରଠାରୁ ୬ ଲକ୍ଷ ୯୦ ହଜାରକୁ ଉଠିଅଛି । ଷ୍ଟାମ୍ପବାବଦ ଅଧିକ ହୋଇଅଛି ଇନ୍‌କମ୍ ଟ୍ୟାକ୍ସ କେବଳ କଟକଜିଲାରେ କମ ହୋଇଅଛି ଛାଡ଼ି ଅନ୍ୟ ଜିଲାରେ ବଢ଼ିଅଛି ଏବଂ ଦସ୍ତାବିଜ ରେଜେଷ୍ଟ୍ରୀ ସମସ୍ତ ଜିଲାରେ ଅଧିକ ହେବାରୁ ସେ ବିଭାଗର ଆୟ ୬୧ ହଜାରରୁ ୬୫ ହଜାରକୁ ବୃଦ୍ଧି ହୋଇ ଅଛି । ଫଉଜଦାରୀ ଦେୱାନୀ ଓ କଲେକ୍ଟରୀ ମୋକଦମାମାନ ବୃଦ୍ଧି ହେବା ହେତୁ ସେସବୁ ମହକୁମାର ଆୟ ବୃଦ୍ଧି ହୋଇ ଅଛି । ଆୟ ଉଣାମଧ୍ୟରେ ଏକା ଜଙ୍ଗଲର ଆଳସ୍ୟ ଏବଂ ଅତି ବୃଷ୍ଟି ତହିଁର କାରଣ ସ୍ୱରୂପ ପ୍ରଦର୍ଶିତ ହୋଇଅଛି । ଗତବର୍ଷରେ ନାନାପ୍ରକାର ଆୟବୃଦ୍ଧି ସ୍ଥଳେ କେଏ ଅବ୍ୟ ଅନୁମାନ ନ କରିବ ଯେ ଦେଶର ସୌଭାଗ୍ୟ ତହିଁର କାରଣ ଅଟେ । ମତ ରିପୋର୍ଟରୁ ପ୍ରକାଶ ଯେ ତହିଁର କାରଣ ଅନ୍ନକଷ୍ଟ ଓ ବନ୍ଦୋବସ୍ତ ଅଟେ । ଅର୍ଥାତ୍ ଉଦରଜ୍ୱାଳା ଓ ବନ୍ଦୋବସ୍ତକାର୍ଯ୍ୟସମ୍ବନ୍ଧୀୟ ଅବସ୍ଥାର ଓ କ୍ଳେଶ ହେତୁ ଜମିବାଡ଼ି ବନ୍ଧକ ବା ଟଙ୍କା ଋଣ କରିବାରୁ କବଲା ତମସୁକ ଇତ୍ୟାଦି ଦଲିଲ ରେଜେଷ୍ଟ୍ରୀ ଦେୱାନୀମାମଲା ଓ ଚୋରି ମାରପିଟ ଇତ୍ୟାଦି ଫଉଜଦାରୀ ମାମଲା ବୃଦ୍ଧି ହେଲା ତହିଁପାଇଁ ଷ୍ଟାମ୍ପ ବିକ୍ରୟ ଅଧିକ ହେଲା ଏବଂ କଷ୍ଟହେତୁ ପ୍ରଜାମାନେ ଖଜଣା ଦେଇ ନ ପାରିବାରୁ କଲେକ୍ଟରୀ ମାମଲା ବଢ଼ିଲା । ଏବଂ ଭୂମିରାଜସ୍ୱ ଆଦାୟର କଠୋର ନିୟମ ତହିଁର ସାହାଯ୍ୟ କଲା । ଫଳତଃ ସରକାର ଏମନ୍ତ ଚମତ୍କାର ଶାସନ କୌଶଳ କରି ଅଛନ୍ତି ଯେ ତାହାଙ୍କ ପ୍ରାଣ କଣ୍ଠାଗତ ନ ହେଲେ ସୁଭିକ୍ଷ ହେଉ ବା ଦୁର୍ଭିକ୍ଷ ହେଉ ସରକାରୀ ଆୟ ଉଣା ହେବାର ନୁହଇ । ଅବକାରୀଜନ୍ୟ ତହିଁର ଅନ୍ୟତର ପ୍ରମାଣ ଅଟେ । ପେଟକୁ ଭାତ ନ ମିଳୁ ପଛକେ ଗଞ୍ଜେଇ ଅଫିମ ଭାଙ୍ଗ ଙ୍କ ଏ ସ୍ଥାନ କ୍ରୟ କରିବାକୁ ଲୋକେ ତ୍ରୁଟି କରି ନାହାନ୍ତି । ଇନ୍‌କମ୍ ଟିକସକୁ ହରଜବାବୀ ଜମା ତହିଁର ହ୍ରାସବୃଦ୍ଧି ବନ୍ଦୋବସ୍ତକର୍ତ୍ତାଙ୍କ ହାତରେ ନିର୍ଭର କରେ । ସମ୍ପ୍ରତି କଟକର ଅସେସର ଅନ୍ନକଷ୍ଟ ଜନିତ ଲୋକଙ୍କର ଦୁରବସ୍ଥା ଦେଖି କଛି କ୍ଷମା କଲେ ମାତ୍ର ପୁରୀ ଓ ବାଲେଶ୍ୱରର ଅସେସରମାନେ ସେହି କଷ୍ଟ ହେତୁ ମହାଜନମାନଙ୍କର ବ୍ୟବସାୟ ବୃଦ୍ଧି ହେତୁ ଅଧିକା ଜମା ଉଠାଇଲେ । ଅତଏବ ଯେ ସ୍ଥଳେ ଏକା ଅନ୍ନକଷ୍ଟ ନାନାପ୍ରକାର ଆୟବୃଦ୍ଧିର କାରଣ ହୋଇ ଅଛି ସେସ୍ଥଳେ ଅବଶ୍ୟ ବୋଲିବାକୁ ହେବ ଯେ ଗତବର୍ଷ ଓଡ଼ିଶା ସର୍ବପ୍ରକାରେ ସୁଖୀ ଥିଲା ଦୁଃଖ କେବଳ ଅନ୍ନ କଷ୍ଟର !

କଲକଲେକ୍ଟରମାନେ ଲୋକଙ୍କ ବୈଷୟିକ ଅବସ୍ଥା ଭିନ୍ନ ୨ ରୂପ ଥିବାର ଲେଖି ଅଛନ୍ତି, ଯଥା କଟକର ଅବସ୍ଥା ମନ୍ଦ ବାଲେଶ୍ୱରର ମନ୍ଦ ନୁହେ ଏବଂ ପୁରୀର ଭଲ । କମିଶନରସାହେବଙ୍କ ରିପୋର୍ଟରେ କୃଷିଙ୍କର ଅବସ୍ଥା କୁତ୍ରାପି ମନ୍ଦ ନ ଥିଲା ଏବଂ ମୂଲିଆଶ୍ରେଣୀର ଲୋକଙ୍କ ଗରଜ ଥିବାରୁ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ସେମାନଙ୍କୁ କଷ୍ଟ ଦେଇଥିଲା । ମାନ୍ଦ ଖୋର୍ଦ୍ଧା ସବଡିଭିଜନହାକିମ ମାକଫର୍ସନ ସାହେବ ଅନେକ ଅନୁସନ୍ଧାନପୂର୍ବକ ପ୍ରତିପନ୍ନ କରି ଅଛନ୍ତି ଯେ ଗତବର୍ଷ ମହାଜନ ଓ କୃଷକଙ୍କ ପକ୍ଷରେ ସୌଭାଗ୍ୟଶାଳୀ ଥିଲା ମାତ୍ର ଶିଳ୍ପୀ ଓ ମୂଲିଆଶ୍ରେଣୀର ଲୋକଙ୍କ ପ୍ରତି ସେପରି ନ ହେଲେହେଁ ମନ୍ଦ ନ ଥିଲା । ଅଥଚ ସେ କେତେବର୍ଷର ନାମ ଦାଖଲଖାରଜ ରେଜେଷ୍ଟ୍ରୀ ଖୋଜି ଲେଉ ଏହି ସିଦ୍ଧାନ୍ତରେ ଉପନୀତ ହୋଇ ଅଛନ୍ତି ଯେ ସାମାନ୍ୟ ରଇତମାନେ କ୍ରମାଗତ ଭୂମିଶୂନ୍ୟ ହେଉ ଅଛନ୍ତି ଓ ସେମାନଙ୍କ ଯୋତଜମି ମହାଜନ ଅଥବା ବଡ଼ ରଇତଙ୍କ ହାତକୁ ଯାଉ ଅଛି । ଅର୍ଥାତ୍ କୃଷିକାରୀ ବା ରଇତମାନେ ସୌଭାଗ୍ୟ ବୃଦ୍ଧି ହେବା ପ୍ରତ୍ୟକ୍ଷେ ଯୋତ ଜମି ବନ୍ଧ ଖାଉ ଅଛନ୍ତି । ଏ କେମନ୍ତ କପଟ କଥା ?

---

# ସାପ୍ତାହିକସମ୍ବାଦ ।

ଏସପ୍ତାହରେ ଏ ନଗରରେ ଅଧୌ ବୃଷ୍ଟି ନାହିଁ । ଶୀତଋତୁ ଉପସ୍ଥିତ ରୂପେ ଲୋକ ହେଉଅଛି । ଜ୍ୱର ଏବ ଓଲାଉଠା ସାମାନ୍ୟରେ ଦେଖା ଗଲେହେଁ ସାଧାରଣ ସ୍ୱାସ୍ଥ୍ୟ ଭଲ ବୋଲିବାକୁ ହେବ ।

ଏଠା ମିଉନିସିପାଲିଟୀ ଏ ନଗରର ଲୁଚ୍ଚା କୁକୁର ମାରିବା କାଟିବାର ମୁନାଦି ଦେଉଅଛନ୍ତି । ପୋଷା କୁକୁରର ମାଲିକମାନେ ସାବଧାନ ହେଉନ୍ତୁ ।

ଏବର୍ଷ ଧାନଫସଲ ଉତ୍ତମ ଫସଲ ନଷ୍ଟ ଭଲ ହେବାର ଜଣା ଯିବାରୁ ଲୋକଙ୍କର ଦର ଉଣା ହେଉଅଛି । ବଡ଼ ସୁଖର ବିଷୟ ଅଟେ ।

ଅନୁଗୁଳର ସରକାରୀ ସଦରକଚେରିମାନ ତାଲୁକଦିଙ୍ଗିରେ ପ୍ରସ୍ତୁତ ହୋଇଥିବା ନୂତନ କଚେରି ଘରମାନଙ୍କୁ ଉଠି ଯାଉଅଛି ।

## କଲିକତା-ଗେଜେଟ ।

ଜସ୍‌ପୁର ଡେପୁଟି ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଅମ୍ବିକାଚରଣ ସେନ୍ ୧ ମ ଗ୍ରେଡ଼ରେ ବାହାଲ ହେଲେ ।

ଛୁଟିପ୍ରାପ୍ତ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ବ୍ରଜସୁନ୍ଦର ଦାସଙ୍କ ବଦଳ ଜାଜପୁର ଛୁଟି ବଦଳ ମହକୁମାରେ ଅବସ୍ଥାପିତ ହେଲେ ।

ଭଦ୍ରକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କଲେନ୍ଦ୍ରନାଥ ଘୋଷ ସଦରକୁ ସ୍ଥାନାନ୍ତରିତ ହେବା ତାଙ୍କ ପଦରେ ହଜାରୀବାଗର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ବସନ୍ତକୁମାର ଘୋଷ ଭଦ୍ରକକୁ ବଦଳି ହେଲେ ।

ଛୁଟିପ୍ରାପ୍ତ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଉ, ଏଚ ପି, ଡାଲସ ପୂର୍ବବତ୍ ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

କାନ୍ଥିର ମନସଫ ବାବୁ କାଳୀକୁମାର ଘୋଷ ବାବୁ ଅତୁଲଚନ୍ଦ୍ର ଘୋଷଙ୍କ ଅନୁପସ୍ଥିତ କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ କଟକର ସବ୍ ଜଜ ପଦରେ ନିଯୁକ୍ତ ହେଲେ ।

ସବ୍ ଡେଃ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ମିତ୍ର କେନାଲ୍‌ରେଭିନ୍ୟୁ ବିଭାଗର କାର୍ଯ୍ୟପ୍ରାପ୍ତ ସମୟରେ ଓଡ଼ିଶାକେନାଲର ଡିଭିଜନ ଅଫିସରମାନଙ୍କ ଡେଃ କେନେଲ୍ୟୁ ମ୍ୟାନ୍‌ଙ୍କ ସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହ କରିବାର କ୍ଷମତାପ୍ରାପ୍ତ ହେଲେ ।

୧ମ ଶ୍ରେଣୀର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମିଃ ଏ, ଜେ, ହୁଇ ଓଡ଼ିଶା ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପଦରେ ନିଯୁକ୍ତ ହେଲେ ।

---

ଶୁଣାଯାଉ ଅଛି ଏକ ଦେଶୀୟ ଅବସର ହେଲେ ଯେ ସେଣ୍ଟଜୋସେଫ ନୂତନ ରାଜା କଲମପୁର କଲେଜର ଉନ୍ନତି ନିମନ୍ତେ ଦେଢ଼ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏ ସମ୍ବାଦ ସତ୍ୟ ହେଲେ ରାଜାଙ୍କ ପ୍ରଶଂସାର ବିଷୟ ହେବ କାରଣ ଭାରତରେ ଏଡ଼େ ଉଚ୍ଚ ଦାନ ଆଉ କେହି କରିବାର ଶୁଣି ନାହୁଁ ।

ଅସ୍ମାନଙ୍କର ଯୁବରାଜ ପ୍ରିନ୍ସ ଅଫ ନୂତନ ସମ୍ରାଟଙ୍କଠାରୁ ସମ୍ମାନସୂଚକ ସୈନିକ ଉପାଧି ପାଇଅଛନ୍ତି ।—ଏହା ସୌହାର୍ଦ୍ଦ୍ୟର ଲକ୍ଷଣ ।

ଲିଭରପୁଲଠାରୁ ସମ୍ବାଦ ଆସିଅଛି ଯେ ଜାହାଜ ଅଗ୍ନିଠାରେ କେହି ଜାଣି ନ ପାରି ଦେବାରୁ ୨୫୦୦୦ ପାଉଣ୍ଡ କ୍ଷତି ହୋଇଅଛି ।

ଲଣ୍ଡନନଗର ପାର୍ଲାମେଣ୍ଟ ଠାରେ ଗୋଟିଏ ଶବଦାହର ସ୍ଥାନ ନିର୍ମିତ ହେଉଅଛି । ବିଲାତରେ ଶବଦାହ ପ୍ରଥାର ଅନୁଷ୍ଠାନ କ୍ରମଶଃ ବର୍ଦ୍ଧିତ ହେବା ସୁଖର ବିଷୟ ଅଟଇ ।

ମାର୍କିନ ଛଡ଼ା ଅନ୍ୟ ଯୋଗ୍ୟ ଲୋକଙ୍କ ଉପରେ ଅଛି ସ୍ଥାନରେ ଟିକସ ନିଆଯାଏ । ବର୍ତ୍ତମାନ ମାର୍କିନ ଉପରେ ଟିକସ ବସିବାର ପ୍ରସ୍ତାବ ହେଉଅଛି ।—ମୂଖାଙ୍କ କପାଳ !

### ପୁରୀ--ସମ୍ବାଦ ।

"ଶ୍ରାଦ୍ଧର ପୂର୍ବଦିନଙ୍କର ପୁରୋହିତ ଭୋଜନ ନ ଥିବା ସ୍ଥଳେ ବୃଥା ଧନ ବ୍ୟୟ କରିବା ଅଶୌଚ ବୋଲି" ରାଜାଙ୍କ ପଣ୍ଡିତ ଶ୍ରୀ କପିଳେଶ୍ୱର ମିଶ୍ରଙ୍କ ଉପର ପା ୫୦ ଧର୍ମ ପରେ ଅବସର ନେବାର ଆଦେଶ ହୋଇଅଛି । ରାଜା ମୂର୍ଖ ହେବା ଅର୍ଥେ ନୁହେ ପଣ୍ଡିତ ମହାଶୟଙ୍କ ଦାନ ଘର କହିବା ଦୁଃଖର ବିଷୟ ଅଟେ ।

ଓଲାଉଠା ଅଦ୍ୟାପି ଶାନ୍ତ ନାହିଁ । ମାର୍କଣ୍ଡେଶ୍ୱର ସାହିରେ ଏହାର ବିଶେଷ ପ୍ରାଦୁର୍ଭାବ ଦେଖାଯାଏ ।

Digitized by srujanika@gmail.com

Split by PDF Splitter



ଶ୍ରୀଯୁତ ହୁକୋଲଡ ସାହେବ ଗତପୂର୍ବ ସପ୍ତାହରେ ଜଗନ୍ନାଥ ଦର୍ଶନରେ ଅତି ସୁବିଧାରୂପେ କାର୍ଯ୍ୟସମ୍ପନ୍ନ କରି ଗଡ଼ଜାତ ଅଭିମୁଖେ ଯାତ୍ରା କରିଅଛନ୍ତି ।

ମିଉନିସିପାଲିଟୀରୁ ଅଲ୍ଲ କେତେକ ଜଣ ମେହନ୍ତର ଗୋମାନଙ୍କ ପାଇଖାନାରେ ସେବା ପାଇଁ ନିଯୁକ୍ତ ହେବାରୁ ସବାର୍କ ଗୋଟିଏ ନୂଆ ଶୌ ବସ୍ତାରେ ଦେଖିବା ଖୁସି ହୋଇଅଛୁ । ଅରକ୍ଷିତ ଶତ୍ରୁମାନେ ସୁବାନ୍ଧସ୍ତାର ପାଇ ନାହାନ୍ତି ।

ଲଘୁଧାନ କଟା ହୋଇ ବଡ଼ ଅମଦାନୀ ହେବାରୁ ଅଟକାଳି ଚାଉଳ ବଜାରରେ ସେ ୧୩।୧୪ର ଦରରେ ବିକ୍ରୀ ହେଉଅଛି ।

କାବ୍ୟତୀର୍ଥୋପାଧିକ ପଣ୍ଡିତ ଶ୍ରୀ ଦେବନାଥ ମହାପାତ୍ର ଏଠା ଜିଲ୍ଲାସ୍କୁଲର ୨ୟ ପଣ୍ଡିତ ଓଡ଼ିଆ ଶିକ୍ଷକ କର୍ମରେ ନିଯୁକ୍ତ ହୋଇ ଏକମାସ ହେଲା କର୍ମ କରୁଅଛନ୍ତି ।

## ଯାଜପୁର-ସମ୍ବାଦ ।

ଭଦ୍ରକର ଅଡିସ୍‌ନାଲ ସେଟଲମେଣ୍ଟ ଅଫିସର ବାବୁ ଛକୁଲାଲ ସରକାର ଅତି ବେଗରେ ଘୋଡ଼ା ଚଲାଉଥିବାରୁ ଅସ୍ଥି ବାଉଜଦ୍ଦିର ବଜାର ନିକଟରେ ଘୋଡ଼ା ହଠାତ ଚମକିପଡ଼ିବାରୁ ସେ କମ୍ପିତପଡ଼ି ଅଚେତନ ହୋଇଗଲେ । ଅନେକ ଉପାୟରେ ଖୁବା ଚେତନା ନ ହେବାରୁ ତାଙ୍କୁ ପାଲିଙ୍କିରେ ଭଦ୍ରକକୁ ନେଇ ଡାକ୍ତର ଅବଧାରିଙ୍କ ଅନେକ ପ୍ରକାର ଚିକିତ୍ସା କରିଗଲା ମାତ୍ର କିଛି ଫଳ ନ ହୋଇ ଉକ୍ତ ଅଚୈତନ୍ୟାବସ୍ଥାରେ ଗତ ସୋମବାର ସନ୍ଧ୍ୟାରେ ଇହସଂସାର ତ୍ୟାଗ କଲେ ।

ଛଟିଆବଜାର ନିକଟ ବସନ୍ତପ୍ରୋଗ ମୋକଦ୍ଦମା ଖାନତଲାସ କରିଥିବାହେତୁ ସସପେଣ୍ଡ ହୋଇଥିବା ଧର୍ମଶାଳା ଥାନାର ସବ୍ ଇନ୍ସପେକ୍ଟର ବାବୁ ବନମାଳି ମହାପାତ୍ର ଓ ବଡ଼ଚଣା ଆଉଟପୋଷ୍ଟର ହେଡ଼ କନେଷ୍ଟବଲ କଇମଖାଁ ଏବଂ ସେଠା ସଇଟର କନେଷ୍ଟବଲ ପୌଜଦାରି ସୁପର୍ଦ ହୋଇ କଟକ ମୋକାମରେ ବନ୍ଦୀଅଧୀନରେ ଅଛନ୍ତି ।

ଅଗ୍ରଧାନ ଅମଳ ହେବାରୁ ବର୍ତ୍ତମାନ ନୂତନ ମୋଟା ଚାଉଳ ଟଙ୍କାରେ ସେ ୧୩ ର ଓ ପୁରୁଣା ମୋଟା ସେ ୧୧ର ଓ ସରୁ ସେ ୯ ର ଦରରେ ବିକ୍ରୀ ହେଉଅଛି ।

ବାଲିଚନ୍ଦ୍ରପୁର ଅନ୍ତର୍ଗତ ନାନପୁର ତହସିଲ ମୋକଦ୍ଦମାରେ ଯେଉଁ ଦାଗରଥି ଦାସ ମୁଦାଲ ଦଣ୍ଡବିଧି ଆଇନର ୪୧୧ ଧା ମତେ ଅଭିଯୁକ୍ତ ହୋଇଥିଲେ ବିଗ୍ରହରେ ତାହାର ଛଅମାସ କାରଦଣ୍ଡ ଓ ଉକ୍ତ ତହସିଲରେ ଲିପ୍ତ ଥିବା ଅସାମିମାନଙ୍କର ଦୋଷ ପ୍ରମାଣ ହେଲେ ସ୍ୱଳଣ ଦେବ୍ୟନିମନ୍ତେ ଏ ମୋକଦ୍ଦମା ସାନ ତଦାରଖ କରିବାର ଆଦେଶ ହୋଇଅଛି ଦେଖାଯାଉ ସାନ ତଦାରଖରେ କି ଫଳ ହୁଏ ।

ଅସ୍ମାନଙ୍କର ସବ୍‌ଡିଭିଜନ ମାଜିଷ୍ଟ୍ରେଟ ବାର୍ଷିକ ଗସ୍ତ ଉପଲକ୍ଷରେ ଜେନାପୁର ଅଞ୍ଚଳକୁ ଯାଇଅଛନ୍ତି ।

ଶ୍ରୀଯୁକ୍ତ ବାବୁ କାର୍ତ୍ତିକଚନ୍ଦ୍ର ସିଂହ ଚୌଧୁରୀ ସବ୍ ଡେଃ କଲେକ୍ଟର ମହାଶୟ ଲେଣ୍ଡରେଭିନିଉ ଟାକ୍ସ ଦେଖିବା-ନିମନ୍ତେ ଯାଜପୁରରେ ବସେସ କରୁଅଛନ୍ତି ।

ଅତ୍ର ଷ୍ଟେସନରେ ଲଙ୍ଗରଖାନା ୨ଅଟଳ ଜାରି କରିବାନିମନ୍ତେ ସାଳେ ନୋଟିସ ଟଙ୍ଗା ହୋଇ ଧେଣ୍ଡୁରା ଦିଆଯାଇଅଛି । ଉତ୍ତାବଲର ମାଲିକମାନେ ଏହି ସମୟରେ ଆପତ୍ତି କରନ୍ତୁ । ଚୁପହୋଇ ରହିଲେ ପଶ୍ଚାତକୁ କିଛି ଫଳଫଳ ହେବ ନାହିଁ ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନୋଦ୍ଧୃତ କେତେ ଗୁଡ଼ିଏ ପଂକ୍ତିକୁ ଆପଣଙ୍କର ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଆମ୍ଭ ଗ୍ରାମସ୍ଥ ଅପର ପ୍ରାଇମେରି ସ୍କୁଲର ଶିକ୍ଷକ କୌଣସି ବାଳକକୁ ସୀତାନାଥ ବାବୁଙ୍କର "ବର୍ଣ୍ଣିତ ଦଶମ ମୁଦ୍ରଣର ପ୍ରଥମ ପାଠ" ପଢାଉ ଥିଲେ । ସେ ଉକ୍ତ ପୁସ୍ତକର ଆଦ୍ୟରୁ ଉପସର୍ଗ ଯୋଗ ପର୍ଯ୍ୟନ୍ତ ପଢ଼ି ପୃ ୧୭ ଷ୍ଠାରେ ଲେଖା ହୋଇ ଥିବା ଉପସର୍ଗ ଯୋଗର ଉଦାହରଣ ସବୁ ପଢିଲା ବେଳେ " ଦୁଃସାହସ କରି କୌଣସି କାର୍ଯ୍ୟ ନ କର " ଏହି ଧାଡିର 'କା' ପର୍ଯ୍ୟନ୍ତ ପଢି ଆଉ ଅଗ୍ରସର ନ ହେବାରେ ଶିକ୍ଷକ ପଚାରିଲେ "କରେ ପଢୁ ନାହୁଁ କାହିଁକି" ବାଳକଟି "ର୍ଯ୍ୟ" ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା "ମହାଶୟ ! ଏଇଟା କଅଣ ? ଆପଣ ତ ମୋତେ ଏପରି ଅକ୍ଷର ପଢାଇ ନାହାନ୍ତି; ମୁଁ କିପରି ପଢ଼ିବି ?" ଶିକ୍ଷକ କହିଲେ "ଅରେ !!! ଏ ଅକ୍ଷରଟା ଏଠାରେ କିପରି ଲେଖିଲା ? ଅଚ୍ଛା ତୁ ସେ ଅକ୍ଷର ପରେ ପଢ଼ିବୁ" ବାଳକ କହିଲା " ପରେତ ପଢିବ ଏଠାରେ କାହିଁକି ଲେଖିଛି ? ଶିକ୍ଷକ ତାହାର ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦାନରେ ଅସମର୍ଥ ହୋଇ ତାକୁ ସେ ଅକ୍ଷରଟା ଛାଡ଼ିଦେବାକୁ କହି ପୃ ୧୯ ଷ୍ଠାରେ ର ଫଳା ଯୋଗ ପର୍ଯ୍ୟନ୍ତ ପଢାଇଲେ । ବାଳକ ର ଫଳା ଯୋଗର ଉଦାହରଣ ପଢୁ ପଢୁ "ଗୁରୁଜନଙ୍କୁ ପ୍ରଣାମ କର" ଏହି ଧାଡ଼ୀଟି ପଢିବା ବେଳେ ପୂର୍ବପରି 'ଜ' ପର୍ଯ୍ୟନ୍ତ ପଢି ନ୍କୁ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ ଶିକ୍ଷକଙ୍କୁ ପଚାରିଲା "ମହାଶୟ ! ଏଇଟା କି ଅକ୍ଷର ? ଓଡିଆ ଟିକେ ?" ଶିକ୍ଷକ କହିଲେ "ଓଡିଆ ନୁହେ ତ ଆଉ କଅଣ ? ଛି ! ଛି !! ! ଏପରି ବହି ମୁଁ ଆଜି ପର୍ଯ୍ୟନ୍ତ ଦେଖି ନାହିଁ । ଅଚ୍ଛା ତୁ ସେ ଅକ୍ଷର ପରେ ପଢିବୁ" ବାଳକ ପୂର୍ବାପେକ୍ଷା ଅଧିକତର ବିସ୍ମୟାନ୍ୱିତ ହୋଇ କହିଲା "କେତେବେଳେ, ଏକଥାପରେ ଯାହାକୁ ପରେ ପଢିବାକୁ ହେବ, ତାହା ଆଗେ ଲେଖା ହୋଇ ଥାଏ ? ଅରେ-ତାଃ ଅଚ୍ଛା କରାଯାଉ ? ବେଶ କରାଯାଉ ?" ଶିକ୍ଷକ କହିଲେ "ଅରେ ତାହା ନୁହେ; ଏଥିର ଭୁଲରେ ଏପରି ହୋଇଅଛି । ଆଉ ଥରକୁ ଛାପା ହେଲେ ଏପରି ରହିବ ନାହିଁ, ଏହା କହି ଆଉ କିଛି ଦୂର ପଢାନ୍ତେ ପୃ ୨୩ ଷ୍ଠାରେ ଙ × କ = ଙ୍କ; ଙ × ଖ = ଙ୍ଖ; ଙ × ଗ = ଙ୍ଗ ଏବ ଙ × ଘ = ଙ୍ଘ; ଏହି ଯୁକ୍ତ ସଂଯୁକ୍ତ ବର୍ଣ୍ଣର ଉଦାହରଣରେ "ଲଙ୍କ୍ରି" ଲେଖା ହୋଇ ଥିବାର ଦେଖି ବାଳକ ପୂର୍ବ ଦୁଇଥର ପରି 'ଙ୍କ୍ର' ଏହି ଅକ୍ଷରକୁ ଶିକ୍ଷକଙ୍କୁ ଦେଖାଇବାରେ ଶିକ୍ଷକ ପୂର୍ବ ପରି "ପରେ ପଢିବ" ଏହି ଉତ୍ତର ଦାନ କଲେ । ଏଥର ବାଳକ ଆଉ କୌଣସି ଉପାୟ ନ ଦେଖି କହିଲା "ମହାଶୟ ମୁଁ ଯେତେ ପଢୁଅଛି ଆପଣ କେତେ 'ପରେ ପଢିବୁ, କହି ମୋତେ ଭୁଲାଉ ଅଛନ୍ତି । ଏ ବହିର ଶେଷ ସରିଲେ ଯଦି ପୁଣି ପରେ ପଢିବୁ' କହିବେ ତାହା ହେଲେ କଅଣ ହେବ ?" ଏଥର ଶିକ୍ଷକ ନିରୁତ୍ତର । ବାଳକଟି ସେହି ଦିନଠାରୁ ଆଉ ପଢୁ ନାହିଁ । ଏହାର ଉପାୟ କି ? ଏ ଉତ୍ତର ଗ୍ରନ୍ଥକାର ଦେବେ ।

ତା ୧୬।୧୧।୯୪ ବଶମ୍ବଦ

ଶ୍ରୀ ଚନ୍ଦ୍ର ପ୍ରସାଦ ମିଶ୍ର

ଉଦସେ

ପୋ ଅ ଜଆଲ

---

ମହାଶୟ

ଆମ୍ଭମାନଙ୍କ ଏହି ଗ୍ରାମ "ପିତ୍ତେଶ୍ୱର ପୁର" ନାମରେ ଅଭିହିତ, ଏ କଟକ ପୂର୍ବ ଦିଗରେ ମା ୧୧ ଇଲ ଅନ୍ତରେ ତାଳଦଣ୍ଡା କେନାଲ ଓ ରୋଡ଼ ପାର୍ଶ୍ୱରେ ଅବସ୍ଥିତ । ଏ ଗ୍ରାମରେ ଶ୍ରୀ ଜମିଦାର ଚଉଧୁରୀ ବାବୁ ନରସିଂହ ପ୍ରହରାଜ ଓ ମୁକ ବାବୁ କୁଳମଣି ଆଚାର୍ଯ୍ୟ ଜମିଦାରଙ୍କର ବାସ ଅଟେ । ଗ୍ରାମଟି ଅଠ ଦଶ ଘର ବ୍ରାହ୍ମଣଙ୍କ ଦ୍ୱାରା ପୂର୍ଣ୍ଣ । ପ୍ରାୟ ସମସ୍ତେ ଜାତ ପୈତୃକ ଭୂସମ୍ପତ୍ତି ଓ ଦେହୀ ରୋଜଗାର ଦ୍ୱାରା ଆପଣାର ସଂସାର ଯାତ୍ରା ନିର୍ବାହ କରନ୍ତି । ଗ୍ରାମବାସୀ ଶ୍ରୀ ଜମିଦାର ଚଉଧୁରୀ ନରସିଂହ ପ୍ରହରାଜ ଓ ପଣ୍ଡିତ ମଧୁସୂଦନ ନନ୍ଦ ଆଜ କାଲି ଉଚ୍ଚଶିକ୍ଷାର ସପକ୍ଷ ଅଟନ୍ତି । ଏବ ଏମାନଙ୍କର ସନ୍ତାନମାନେ ମଧ୍ୟ ଆଜ କାଲି କଟକ କଲେଜର ଛାତ୍ର ଅଟନ୍ତି ଏଠାରେ ଗୋଟିଏ ମାଇନ-

Digitized by srujanika@gmail.com

Split by PDF Splitter



ର ସ୍କୁଲ ଅଛି ତାହା କେବଳ ଜଣ୍ଣିଷ୍ଟିତ ଜମି-ଦାରଙ୍କ ଯତ୍ନରେ ଚାଲୁଅଛି । ସେହେଥିପାଇଁ ଗ୍ରାମବାସିମାନଙ୍କର ଏକତା ଓ ଧର୍ମ ସ୍ପୃହା ଅଭାବ ଦେଖି ଶ୍ରୀ ଜମିଦାରଚନ୍ଦ୍ରଧୂର ନରସିଂହ-ପ୍ରହରାଜଙ୍କ ପୁତ୍ର ଓ କଟକ କଲେଜ ଫାଷ୍ଟଆର୍ଟ ଛାତ୍ର ଶ୍ରୀ ବାବୁ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉଦ୍ଦେ-ଶ୍ୟ ଉଦ୍ୟମ ଓ ଉତ୍ସାହ ଏବଂ ଫାଷ୍ଟଆର୍ଟ ପରୀ-କ୍ଷୋତ୍ତୀର୍ଣ୍ଣ କଟକ ନର୍ମାଲ ସ୍କୁଲର ଶିକ୍ଷକ ଶ୍ରୀ ଶ୍ୟାମସୁନ୍ଦର ଦାସ ଓ ବି, ଏ, କ୍ଲାସ ଛାତ୍ର ଶ୍ରୀ କୃଷ୍ଣଚନ୍ଦ୍ର ଜେନା ଏବଂ ଶ୍ରୀ ଉଦୟନାଥ ଆଚାର୍ଯ୍ୟ, ରାଧାକୃଷ୍ଣ ଆଚାର୍ଯ୍ୟ, ଦାଶରଥି ପ୍ରହରାଜ ପ୍ରଭୃତି କେତେକ ଶିକ୍ଷିତ ବ୍ୟକ୍ତିଙ୍କ ସହାୟତାରେ ଅନ୍ୟୁନ ଅଠ ମାସ ହେବ ଏଠାରେ ଗୋଟିଏ "ହରିଭକ୍ତିପ୍ରଦାୟିନୀ" ନାମରେ ସଭା ସ୍ଥାପିତ ହୋଇଅଛି ଶ୍ରୀ ଜମିଦାର ନରସିଂହ ପ୍ରହରାଜ ଏ ସଭାର ସଭାପତି ଓ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ସମ୍ପାଦକ ଅଛନ୍ତି । ସଭା ସାମୟିକ ଅଟେ ତଥାପି ଅଦ୍ୟ ପର୍ଯ୍ୟନ୍ତ ୮।୯ ଥର ଅଧିବେ-ଶନ ହୋଇ ସାରିଲାଣି, ପ୍ରତ୍ୟେକ ଅଧିବେଶନ-ରେ ଗ୍ରାମବାସିମାନେ ଉପସ୍ଥିତ ଥାନ୍ତି ଏବଂ ଶିକ୍ଷିତ ସଭ୍ୟମାନଙ୍କ ଦ୍ୱାରା ଧର୍ମ ଓ ନୀତିସମ୍ବ-ନ୍ଧୀୟ ଗୋଟିଏ ୨ ପ୍ରବନ୍ଧ ପଠନର ପର ଅର୍ପିତ ହୋଇ ଥାଏ । ଗ୍ରାମବାସିମାନଙ୍କର ଏକତା ଉପର ଅଛୁ, ଗ୍ରାମବାସିମାନେ ସ୍ୱଧର୍ମରେ ଦୃ-ଢ଼ତର ମତ ହେବେ, ବାଳକମାନେ ସ୍ୱଧର୍ମରେ ଆଉ ସଦାଚରଣଦ୍ୱାରା ଉପର ଶିକ୍ଷା ଲାଭ କରିବେ ଓ ଗ୍ରାମବିଦ୍ୟାଳୟଟି ଉପର ସୁସ୍ଥରୂ-ପରେ, ଉନ୍ନତ ଏସମ୍ବନ୍ଧରେ ସଭାରେ ନାନା-ପ୍ରକାର ତର୍କ, ବିତର୍କ ହୁଏ; ଏବଂ ସର୍ବସମ୍ମତରେ ସୁନିୟମମାନ ନିର୍ଦ୍ଧିତ ହୁଏ ।

ଅତଏବ କରୁଣାମୟ ଜଗଦୀଶ୍ୱରଙ୍କ ନିକଟ-ରେ ପ୍ରାର୍ଥନା ଯେ ସେ ସଭାର ଉତ୍ସାହଦାତା-ମାନଙ୍କୁ ଦୀର୍ଘାୟୁ ଓ ଯଶସ୍ୱୀ ଏବଂ ସଭାଟିକୁ ଚିର-ସ୍ଥାୟୀ କରନ୍ତୁ, ଏ ସଭା ବର୍ତ୍ତମାନ ବାଲ୍ୟାବସ୍ଥା-ରେ ଯେପରି ଭାବ ଦେଖାଉଅଛି ଭବିଷ୍ୟତରେ ଉନ୍ନତ ମାର୍ଗରେ ଦଣ୍ଡାୟମାନ ହେବାର ଲକ୍ଷ-ଣ ଅଛି କଲ୍ପ ଅଛି ।

ସଭା ସଲଗ୍ନରେ ଗୋଟିଏ ପୁସ୍ତକାଳୟ ହେ-ବାର ସ୍ଥିର ହୋଇ ୩ ୪୦ ଖଣ୍ଡ ପର୍ଯ୍ୟନ୍ତ ଧର୍ମ ଓ ନୀତି ସମ୍ବନ୍ଧୀୟ ପୁସ୍ତକ ସଂଗୃହୀତ ହେଲାଣି । ସ-ହୃଦୟ ବ୍ୟକ୍ତିମାନେ ଏ ସଭାର ମଙ୍ଗଳ କାମନା-ରେ ୨ କୌଣସି ପୁସ୍ତକ ପ୍ରଦାନ କଲେ ସାଦ-ରେ ଗୃହୀତ ହୋଇ ସମ୍ବାଦପତ୍ରମାନଙ୍କ ଦ୍ୱାରା କୃତଜ୍ଞତା ସ୍ୱୀକାର କରାଯିବ । ଅଲମତିବିସ୍ତ-ରେଣ ।

୧୩।୧୧।୯୪ } ଆପଣଙ୍କର
ସିଦ୍ଧେଶ୍ୱର ପୁର } ଦାମୋଦର ଜେନା

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋବର୍ଦ୍ଧନ ରାୟ ମହାଶୟ | ଜାଜପୁର | ୫ ॥ |
| „ ରମାଚରଣ ଦାସ | ବାଲି | ୫ ॥ |
| „ ନାରାୟଣ ତ୍ରିପାଠୀ | କାକଟପୁର | ୫ ୧ |
| „ ହାଡ଼ୁବନ୍ଧୁ ସିଂହ | ଭାଇଦେଉ | ୫ ॥ |

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକା-ନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

## ଉଷାବତୀ ହରଣ ମୂଲ୍ୟ ଠ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

## NOTICE

Is hereby given that a Head Clerk and Accountant is required for the Talcher Manager's office, on a monthly Salary of Rs. 25 with prospects of increase. Candidates possessing fair knowledge of English and having some experience of office work will be preferred. Applications with Copies of testimonials will be received by the undersigned up to the 30th Instant.

Talcher } U. C. Sarcar
19—11—94 } Manager.

## NOTICE

The Test Examination of Private Students intending to appear at the Next Entrance Examination will be held on the 7th proximo and the following days.

Cuttack } Sudersan Das
23—11—94 } Headmaster, Peary Mohan Academy.

A

## COMPLETE KEY

To

Lethbridge's Easy Selection

[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK } Akshoy Kumar Ghose
The 22nd November 1894 } and Hara chand Ghose

## ADVERTISEMENT.

Wanted a work-sirkar for the first section of the Anandpore road of the Keunjhar State on a salary of Rs. 25 per mensem.

Applications with copies of testimonials will be received by the undersigned not later than 15th December next.

None need apply who has not passed at the final examination of the Cuttack Survey School, and who has not a fair knowledge in the arts of Surveying, Levelling, Drawing, Road-making and Estimating.

The claims of such candidates as have acquired a fair knowledge in Uria and have read up to the Entrance standard and have been accustomed to the Gurjat climate, will be preferable.

KEUNJHARRAJ. } CHAITAN PROSADRAI.
16-11-94. } *Manager & Asstt. Govt. Agent*
KEUNJHAR RAJ.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସଦର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢ଼ା-କାଇ, ରେଶମୀ ଓ ଗରଦ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗା ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷ

Digitized by srujanika@gmail.com

ଘରେ ଏହା ବଡ଼ ସୁବିଧା । ଯେତେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୁଦ୍ରିତ ଲିଖିତ ମୂଲ୍ୟ ଦେଲେ ଜିନିଷ ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ହାବାରଠାରୁ ଅଧିକ ବା ଉଣା କିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁ-ପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଫର୍ଦ୍ଦସିଲ୍ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଟମେଟ୍ ପେନସିଲ | ଗୋ ୧ ଟ ୦।/ |
| ଲାଲ୍ ଓ ନୀଳ ପେନସିଲ | ଗୋ ୧ ଟ ୦ ୶୯ |
| ଉତ୍କଳ ପେନସିଲ | ଦ ୧ ଟ ୦ ।୶ |
| ନକସା କାଗଜ | ଦ ୧ ଟ ୦ ।୶ |
| ଫୁଲସକେପ୍ କାଗଜ୍ ସରସା | ଦ ୧ ଟ ୦ ୶୩ |
| ଏକଳ ରୁଲ୍‌ଦାର | ଦ ୧ ଟ ୦ ୶୨ |
| ଏକଳ ସରସା | ଦ ୧ ଟ ୦ ୶୩ |
| ଫାଉସିନୋଟପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରସା | ଦ ୧ ଟ ୦ ୶ |
| ଏକଳ ମଧ୍ୟମ | ଦ ୧ ଟ ୦ ୶ |
| ଲଫାଫା ସରସା ସ୧୦୦ଟ୦୶୶ | ଗୋ ୨୫ ଟ୦୶୩ |
| ଏକଳ ମଧ୍ୟମ ସ୧୦୦ ଟ ୦ ।୶ | ଗୋ ୨୫ ଟ୦ ୯ |
| କାଳିକାଗଜ ୧୨ ଖଣ୍ଡ | ଦ ୧ ଟ ୦ ୶୩ |
| ସିହାଇ | ବୋ ୧ ଟ ୦ ୶ |
| ଏକଳ ଗୁଣ୍ଡ ଏହାକୁ ଅଧ-ବୋତଲ ଜଳରେ ମିଶାଇ ଦୁଇଦଣ୍ଡ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଚ ୧ ଗ୍ରେନ ଟ ୦ ୶୨ |
| ସୀଲଟ ପେନସିଲ | ବ ୧ ଟ ୦ ।୶ |
| ରବର | ଖ ୧ ଟ ୦ ।୶ |
| ରାଜହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ସ୍ଟିଲ କଲମ (ନିବ) ସରସା | ଡ଼ ୧ ଟ ୦ ୶ |
| ଏକଳ ଛିରସା | ଡ଼ ୧ ଟ ୦ ୯ |
| ଏକଳ୍ ବଡ଼ମାଗନିବୋନିମ | ଗୋ ୧ ଟ ୦ ୶ |
| କାଚଦୂଅର ଗ୍ଲାଭୁଣି ସହିତ (ଜର୍ମଣୀବାଲା) | ଗୋ ୧ ଟ ୦ । |
| ଏକଳ ସାଧାରଣ | ଗୋ ୧ ଟ ୦୶୨ |
| କଳାଫିତା ସରସା | ଗ ୧ ଟ ୦।୶ |
| ବୋତଲ୍‌ଯୁଦ୍ଧାର ବେଶ ରୁବସହିତ | ଗୋ ୧ ଟ ୦୶ |
| ମନିବେଗ | ଗୋ ୧ ଟ ୦ ୶ |
| ମୁଗୁନିପଥରର ଫସ୍ତିକୁହା ଓ ରୁପେଲିକସାବାଲା | ଗୋ ୧ ଟ ୨ । |
| ଲେଟବେଣ୍ଡର | ଗୋ ୧ ଟ ୧୯ |
| ମେକସର ଅଏଲ | ଗୋ ୧ ଟ ୦ ୯ |
| ସାବୁନ ସରସା | ଖ ୧ ଟ ୦ /୯ |
| ଫୁଲଦାନି | ଗୋ ୧ ଟ ୧୶ |
| ଦେବାଲଗିର ୨ଡାଳିଆ | ଗୋ ୨ ଟ ୪। |
| ଏକଳ ଏକଡାଳିଆ | ଗୋ ୧ ଟ ୨ |
| ଷେଳ | ଗୋ ୧ ଟ ୨ |
| ଥରମୋମେଟ | ଗୋ ୧ ଟ ୶ ୨ |
| ତାସ | ଭ ୧ ଟ ୦ /୫ |
| ସାଳପଗଡ଼ୀ | ଗୋ ୧ ଟ ୫ ୧ |
| ବନାରସୀ ସର୍ପ ଜସ୍ତ ଯେତେବାରଏହାକୁ କୌଣସି ଘାଡ଼ରେ ଉଣ୍ଡି ନଥିଁରେ ଭରାଇ କୋଠା ଘରର ଫାଟରେ ଲଗାଇ ଦେଲେ ଘାଣି ପଡ଼ିବାର ବନ୍ଦ ହେବ ସେ | ଗ ୧ ଟ ୦ |

କଟକ }
ଚୌଧୁରୀ ବଜାର } ଅରନ୍ଦବଲ୍ଲଭ କର
କମ୍ପାନୀ

---

### ବସୁ ଫ୍ରେଣ୍ଡ ଏବଂ କୋଂ ।

ନଂ ୭୧।୧।୧ ସୀତାରାମଘୋଷଷ୍ଟ୍ରିଟ କଲିକତା ।

ଆମ୍ଭେମାନେ ବହୁ ଦିବସରୁ ଚେଷ୍ଟାକରି ସାଧାରଣଙ୍କ ଉପକାରାର୍ଥେ ନିମ୍ନଲିଖିତ ଔଷଧ ଗୁଡ଼ିକ ଆବିଷ୍କାର କରିଅଛୁଁ । ଅନ୍ୟାନ୍ୟ ପେଟେଣ୍ଟ ଔଷଧପରି ଆମ୍ଭମାନଙ୍କର ନୁହେ । ଅନ୍ୟାନ୍ୟ ଲୋକମାନଙ୍କ ପରି ଆମ୍ଭମାନଙ୍କର ଲୋକମାନଙ୍କୁ ପ୍ରତାରଣା କରିବାର ଉଦ୍ଦେଶ୍ୟ ନୁହେ ଯାହା-ଦ୍ୱାରା ଲୋକମାନଙ୍କର ବିଶେଷ ଉପକାର ହୁଏ ଏଥି ବିଷୟରେ ଆମ୍ଭମାନଙ୍କର ବିଶେଷ ଚେଷ୍ଟା । ଯେଉଁମାନେ ଏକଥର ଠକିଅଛନ୍ତି ଅର୍ଥାତ୍ ପେ-ଟେଣ୍ଟ ଔଷଧ ନେଇ ବିଶ୍ୱାସ ହୋଇ ଅଛନ୍ତି ସେମାନଙ୍କୁ ଆମ୍ଭର ଏହି ପ୍ରାର୍ଥନା ଯେ ଆମ୍ଭର ଔଷଧ ନେଇ ଏକଥର ପରୀକ୍ଷାକରି ଦେଖନ୍ତୁ । ଏହାଦ୍ୱାରା ଅନେକ ରୋଗୀ ଆରୋଗ୍ୟଲାଭ କରିଅଛନ୍ତି । ଯଦି ଆମ୍ଭର ଔଷଧ ନିୟମିତରୂପେ ବ୍ୟବହାର କରି କାହାର ଉପକାର ନ ହୁଏ ତାହା ହେଲେ ବାକି ଔଷଧ ଫେରସ୍ତ ଦେଲେ ଦାମ ଫେରସ୍ତ ପାଇବେ ।

ଜ୍ୱରାମୃତ ବଟିକା ।— ଏହା ଦେଶୀୟ ଗଛ ଓ ଡାଳଦ୍ୱାରା ପ୍ରସ୍ତୁତ, ଏଥିରେ କୁଇନାଇନ କିମ୍ବା ଅନ୍ୟ କୌଣସି ଅନିଷ୍ଟଜନକ ପଦାର୍ଥ ନାହିଁ । ଏହା ବ୍ୟବହାରରେ ମେଲେରିଆଜ୍ୱର, କୁଇନାଇନ ବଦ୍ଧଜ୍ୱର, ପିଲ୍ଲାଗତଜ୍ୱର, ପାଳିଜ୍ୱର ଇତ୍ୟାଦି ଯେ କୌଣସି ଜ୍ୱର ହଉନାକାହିଁକି ନିଶ୍ଚୟ ଆରୋଗ୍ୟ ହେବ, ମୂଲ୍ୟ ବଡ଼ କୌଟା ଟ ୧୶ ଅଣା ଛୋଟ କୌଟା ଟ ୦୳୶ ଡାକ-ମାସୁଲ ଟ୦ । ଓ ପେକିଂ ୵୦୶ ଅଣା ଲାଗିବ ।

ଅମ୍ଳାନ୍ତକ ବଟିକା— ଏହି ଔଷଧ ସେବନ କଲେ ଅମ୍ଳୋଦ୍‌ଗାର, ବମନ, ଅମ୍ଳଜନିତ ବେଦନା ନିଶ୍ଚୟ ଆରୋଗ୍ୟ ହେବ । ମୂଲ୍ୟ ବଡ଼ କୌଟା ଟ ୧। ଛୋଟ କୌଟା ଟ ୧୧ ପ୍ୟାକିଂ ଓ ଡାକମାସୁଲ ଟ ୦।୶ ଲାଗିବ ।

କ୍ଷତାନ୍ତକ ଚୂର୍ଣ୍ଣ—ଏଥିରେ ପାର୍ଦ୍ଦ କିମ୍ବା ଅ-ନ୍ୟ କୌଣସି ବିଷାକ୍ତ ପଦାର୍ଥ ନାହିଁ ଏହାଦ୍ୱାରା ସ୍ଥାନିକ ପ୍ରୟୋଗ ଉପଦଂଶ, ନାଲୀଘା, ପୋଡ଼ଘା, ବା ଶିରଘା, ପଞ୍ଚଘା, କ୍ୟାନ୍ସର ପ୍ରଭୃତି ଯେତେ ପ୍ରକାର ଘା ଅଛି ନିଶ୍ଚୟ ଆରୋଗ୍ୟ ହୁଏ । ମୂଲ୍ୟ ପ୍ରତି କୌଟା ୵୦୳ ଅଣା ପେକିଂ ଓ ଡାକମା-ସୁଲ ଟ ୦।୶ ଦେବାକୁ ହେବ ।

ଅର୍ଶରୋଗର ଅବ୍ୟର୍ଥ ଔଷଧ ।—ଯେଉଁ-ମାନେ ଅର୍ଶରୋଗ ଦ୍ୱାରା ବିଶେଷ ଯନ୍ତ୍ରଣା ଭୋ-ଗକରି ଜୀବନର ଆଶା ପରିତ୍ୟାଗ କରିଅଛନ୍ତି, ସେମାନେ ଆମ୍ଭର ମହୋପକାରୀ ଅଙ୍ଗୁରୀ ବ୍ୟବ-ହାର କଲେ ଶୀଘ୍ର ଫଳ ଲାଭ କରିବେ ଏ ବିଷୟରେ କିଛି ସନ୍ଦେହ ନାହିଁ ଏହି ଔଷଧ ଏକଜଣ ମହାପୁରୁଷ ପ୍ରଦତ୍ତ ସାମାନ୍ୟ ମୂଲ୍ୟ, ମଏ ଡାକମାସୁଲ ସୁଦ୍ଧା ଟ ୧୳ ଅଣା ।

ଶିରଶୂଳ ନାଶକ ନସ୍ୟ—ଏହି ନସ୍ୟ ସୂ-ର୍ଯ୍ୟୋଦୟ ଓ ସନ୍ଧ୍ୟା ପୂର୍ବେ ଗ୍ରହଣ କଲେ ଶିରଶୂଳ, ଶିରକମ୍ପନ, ମଥାଧରା ଓ ମଥାଘୋରା ପ୍ରଭୃତି ଶିରରୋଗ ନିଶ୍ଚୟ ଆରୋଗ୍ୟ ହେବ । ଏହାର ବିଶେଷ ଗୁଣ ଏହି ଯେ ଚକ୍ଷୁନାଳ ଓ ଗାଲମଧ୍ୟ ଫୁଟିଲେ, ଦାଉଦ୍ର ଓ ପୀତବର୍ଣ୍ଣର ଶ୍ଳେଷ୍ମ ନିର୍ଗତକରି ମସ୍ତିଷ୍କ ଶୀତଳ କରେ ଏବଂ ନାସି-କାରେ ଶ୍ଳେଷ୍ମ ନ ଥିଲେ ସହଜେ ଶ୍ଳେଷ୍ମ ହୁଏ । ମୂଲ୍ୟ ପ୍ରତିକୌଟା ଟ ୳୶ ଅଣା ପାକିଂ ଓ ଡାକମାସୁଲ ଟ ।୶ ।

Split by PDF Splitter

Digitized by srujanika@gmail.com

Split by PDF Splitter



ପତ୍ର ଲେଖିଲେ ଅମ୍ଭେମାନେ ଭିଃ ପିଃ ରେ ଔଷଧ ପଠାଇ ପାରୁଁ ଭିଃ ପିଃ ରେ ଟ ୵ ଅଣା ମାସୁଲ ଲାଗିବ ।

ସୀତାରାମଘୋଷ ଷ୍ଟ୍ରିଟ କଲିକତା ।
ନ ୭୨।୧।୧

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !
ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ
ସଙ୍ଗୀତପୁସ୍ତକ ।
ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।
ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍ରି ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ରାଗ୍-ରସଦୀପକ ।

ଅର୍ଥାତ୍
ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ
ହିନ୍ଦୀ ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ
ଅମ୍ଭଠାରେ ପ୍ରାପ୍ତବ୍ୟ ।
ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

## ବେଦନାର ଆଉ କଷ୍ଟ ପାଅନା ।

ରାମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଲ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ିଯାଇଁ କିମ୍ବା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉ-ଅଛନ୍ତି ଏହି ମହୋପକାରୀ ତୈଲ ବ୍ୟବହାର-ଦ୍ୱାରା ଝୁନ୍ ଝୁନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ବିନ୍ଧା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ବିଜୁଳି ପ୍ରାୟ ତତ୍କ୍ଷଣ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏକ ଶିଶି ଘରେ ରଖି-ବାର କର୍ତ୍ତବ୍ୟ । ଏହି ତୈଲରେ ଡାକ୍ତର ଔଷଧ ବନ୍ଧୁ ମାତ୍ର ନାହିଁ । ଏକଜଣ ସନ୍ୟାସି-ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥ-ରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସ ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଲର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାକିଂ ଟ ୦୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

ଜେ, ପି, ରାୟ ।
ନ ୪୫ ନମ୍ବର ନେବୁତଲା ଲେନ,
ବହୁବଜାର । କଲିକତା ।—

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## “ଗନରୋ ଡାଇନ !”

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରି-ଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତ-ରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ “ଗନରେଡାଇନ” ଆବିଷ୍କାର ହୋ-ଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ-କରି ହତାଶ୍ୱାସ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ କି ଯେଉଁମାନଙ୍କୁ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି-ଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନା-ହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, “ଗନରେଡାଇନ” ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ-କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ର-ମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତର-ଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, ବସ୍ତ୍ରରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟ-ପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦୵ ଅଣ ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଜେ, ପି, ରାୟ
ନ ୪୫ ନମ୍ବର ନେବୁତଲା ଲେନ
କଲିକତା ।

## ସଂଗୀତସାର

ନୂତନ ନୂତନ ନୂତନ
ସୁଲଭ ଉତ୍କୃଷ୍ଟ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ।୵ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଚୂର୍ଣ୍ଣ ସଙ୍ଗୀତ ସନ୍ନିବେଶିତ ହୋଇ-ଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହିଁ ତହିଁର ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ-ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ-ବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

—୦—

ସର୍ବସାଧାରଣଙ୍କ ଜ୍ଞାତାର୍ଥେ

ଓଡ଼ିଶ୍ୟା ଡିଭିଜନର ମାହାଲ ଅନ୍ତର୍ଗତ । ତ । ଦଶପଲ୍ଲା । ସା । ନଛଗଡ଼ି କୃଷ୍ଣବନନ୍ଦବାସୀ ମୃତ ଭୋଲେଶ୍ୱର ନଇଷ୍ଟିକ ବ୍ରହ୍ମଗୃରଙ୍କର ପ୍ରଷ୍ଟିତ ତଲଲିଖିତ ଦ୍ୟକ୍ତ ସମ୍ପତ୍ତି ସମ୍ଭନ୍ଦେ କଟକ ଜଲାର ଶ୍ରୀଯୁକ୍ତ ଶ୍ରୀ ଜଜସାହେବ ବାହାଦୂରଙ୍କ ଅଦାଲତରୁ ଲେଟର୍ସ ଅଫ୍ ଆଡ଼୍ମିନଷ୍ଟ୍ରେସନ ପାଇଥିବା ଶ୍ରୀ ମହାଜନ ଭକାରମିଶ୍ର । ସା । ମାରକଣ୍ଡେଶ୍ୱର ସାହି ସହର ପୁରୀ ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରାଉ ଅଛନ୍ତି ଯେ ଉପରୋକ୍ତ ମୃତ ବ୍ରହ୍ମଗୃରଙ୍କର ପୁରସ୍ଥିତ ନିମ୍ନଲିଖିତ ସମ୍ପତ୍ତି ଆମ୍ଭ ନିକଟେ ଅବଦ୍ଧ ଥିବାରୁ ତହିଁରେ ଅମ୍ଭେ ଉକ୍ତ ଲେଟର୍ସ ଅଫ୍ ଆଡ଼୍ମିନଷ୍ଟ୍ରେସନ ବଳରେ ମୃତ ବ୍ରହ୍ମଗୃରଙ୍କର ପୁରସ୍ଥିତ ନିମ୍ନଲିଖିତ ସମ୍ପତ୍ତି ଆମ୍ଭ ନିକଟେ ଅବଦ୍ଧ ଥିବାରୁ ତହିଁରେ ଅମ୍ଭେ ଉକ୍ତ ଲେଟର୍ସ ଅଫ୍ ଆଡ଼୍ମିନଷ୍ଟ୍ରେସନ ବଳରେ ଡିଖଲକାର "ଅଳ୍ପ" ବର୍ତ୍ତମାନ ଆମ୍ଭର ପାଉଣା ଟଙ୍କା ଆଦାୟ ନିମନ୍ତେ ଉକ୍ତ ସମ୍ପତ୍ତି ପ୍ରକାଶ୍ୟରୂପେ ବିକ୍ରୟ କରାଯିବା କାରଣ ଶ୍ରୀଯୁକ୍ତ ଶ୍ରୀ ଜଜସାହେବ ବାହାଦୂରଙ୍କ ହଜୁରରୁ ଅନୁମତି ହୋଇଅଛି । ଉକ୍ତ ସମ୍ପତ୍ତିମାନ ଯେ ଯେ ମହାଶୟମାନେ ଖରଦ କରିବାକୁ ଇଚ୍ଛା କରନ୍ତି ସେମାନେ ମୂଲ୍ୟ ଦର୍ଶେ ଖରଦ କରିବା ସମ୍ଭନ୍ଦେ ଆପଣା୨ର ଅବେଦନ ପତ୍ର ଆମ୍ଭ ନିକଟ ପୁରୀ ମୁକାମକୁ ଏ ବିଜ୍ଞାପନ ପାଇବା ତାରିଖରୁ ଏକମାସ ମଧ୍ୟରେ ପଠାଇ ଦେବେ ସମ୍ପତ୍ତିକ୍ରୟ ପ୍ରାର୍ଥୀମାନଙ୍କ ମଧ୍ୟରୁ ଉଚିତମୂଲ୍ୟ ପ୍ରାର୍ଥୀ ବ୍ୟକ୍ତିଙ୍କର ପ୍ରାର୍ଥନା ଗ୍ରାହ୍ୟ ହୋଇ ଆଗାମି ସନ ୧୮୯୫ ମସିହା ଜନଓରୀ ମାସ ମଧ୍ୟରେ କବାଲା ରେଜେଷ୍ଟ୍ରୀ ହେବ ।

ତପସିଲ ।

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର । ସା । ଦାଣ୍ଡିମାଳ ସାହିରେ ଥିବା ଲାଖରାଜ ନମ୍ବର ଘରଂ ତହ ବୃତ୍ତି ନିମ୍ନଲିଖିତ ଜମାବ ନମ୍ବର ଚଉହଦ ଅନୁସାରେ ମା ୦୮।୵୧୦ ଗଣ୍ଡା ତଦସ୍ଥିତ ପୁରାତନ ପକାକୋଠା ବ ୨ ଖଣ୍ଡ ଓ ନୂତନ ଚଣ୍ଡୀଶା ପକାକୋଠା ବ ୭ ଖଣ୍ଡ ଓ ତହିଁ ଉପରେ ଦୋମହଲା କଟ୍ଟଘର ବ ୭ ଖଣ୍ଡ ଓ ପୁରାତନ ଥିବା କଟ୍ଟଘର ବ ୭ ଖଣ୍ଡ ଓ ନୂତନ ଚଣ୍ଡୀଶା କଟ୍ଟଘର ବ ୧୨ ଖଣ୍ଡ ମଧ୍ୟ ତଦସ୍ଥିତ କବାଟ ଚଉକାଠ ଓ ପଥର ପିଣ୍ଡା ଓ ପଥର ଅଗଣା ଓ ପଥର କାନ୍ଥ ଓ ପଥର କୂପ ଓ ବୃକ୍ଷାଦ ସହିତ ।

| | | |
|---|---|---|
| ନ ୧୫୧ ମ୍ବର | ମା ୦।୨୯୵ | ପୂଃ ବଡ଼ଦାଣ୍ଡ |
| ନ ୧୫୨ ମ୍ବର | ମା ୦।୨।୵ ୭ | ପଃ ଗଙ୍ଗାରାମ ଚଉଧୁରୀ ଜାଗା |
| ନ ୧୬୪ ମ୍ବର | ମା ୦।୧।୵ ୮ ଅଠଗଣ୍ଡା | ଉଃ ଚୂଡ଼ଙ୍ଗସାହି ନମଗୋବିନ୍ଦ ରାସ୍ତା |
| ନ ୧୬୫ ମ୍ବର | ମା ୦।୧୳୵୧୫ | ଦଃ ବଳରାମ ହଓଁାଲଦାର ଘର |
| | ମା ୦।୮।୵୧୦ | |

ତତ

୨ । ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର । ସା କୁଣ୍ଡାଇବେଣ୍ଟସାହିରେ ଥିବା ନମ୍ବର ଲାଖରାଜ ବାହେଲ ମା ୦।୩୳୵୩ ଗଣ୍ଡା ଜମି ତଦସ୍ଥିତ ପୁରାତନ ମୁଦା ପକା ଏକମହଲା ବ ୮ ଖଣ୍ଡ ଅଧା ମରମତି ପକା ବ ୧୫ ଖଣ୍ଡ କଟ୍ଟଘର ବ ୨ ଖଣ୍ଡ ଓ ପଥର ପାଚେରୀ ଓ ପଥର କୂପ ଗୋ ୧ ଟା ଓ ପଥର ଅଗଣା ଓ ପଥର ଖମ୍ଭ ଗୋ ୬ ଟା ଓ କବାଟ ଚଉକାଠ ଓ ପଥର ନଳା ବୃକ୍ଷାଦ ସହିତ ।

| | | |
|---|---|---|
| | ମା ୦।୦୳୵୧୭ | |
| ନ ୫୪୭ ମ୍ବର | ମା ୦।୦୯୵୧୩ | ପୂଃ ରାଜଦାଣ୍ଡ |
| ନ ୫୪୭ ମ୍ବର | ମା ୦।୦୳୵୧୫ | ପଃ ପୁରୀ ରାଜାଙ୍କ ନଅର |
| ନ ୫୪୮ ମ୍ବର | ମା ୦।୦୯।୵ | ଉଃ ବୈଦ୍ୟନାଥ ଶାଡ଼ଙ୍ଗୀ ଖରଦା ଘର |
| ନ ୫୪୯ ମ୍ବର | ମା ୦।୦୳୵ | ଦଃ ସୁହୁଇ ମଲ ଘର |
| ନ ୫୫୦ ମ୍ବର | | |
| | ମା ୦।୩୳।୵ ୩ | |

ତତ

Digitized by srujanika@gmail.com

Split by PDF Splitter

286

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ଭା
ସଂ ୪୭ ସଂଖ୍ୟା
ତା ୧ ଏଷ ମାହେ ଡିସେମ୍ବର ସନ ୧୮୯୪ ମସିହା । ମୂ । ତା ୧୮ ନ ମାର୍ଗଶିର ସନ ୧୩୦୨ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬

ଅମ୍ଭମାନଙ୍କ କଲେକ୍ଟରସାହେବ ଗତମଙ୍ଗଳବାର କନିକା କୁଜଙ୍ଗ ଅଞ୍ଚଳକୁ ଗସ୍ତ ନିମନ୍ତେ ଯାତ୍ରା କରି ଅଛନ୍ତି । ଚଳିତମାସ ତା ୧୫ ରିଖ ପର୍ଯ୍ୟନ୍ତ ଫେରି ଆସିବାର କଥା ଅଛି । ସୁତରାଂ ଉକ୍ତ ତାରିଖ ପୂର୍ବରୁ କଲେକ୍ଟରୀ ସିରସ୍ତାଦାରର ପକ୍କା ବନ୍ଦୋବସ୍ତ ହେବ ନାହିଁ ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ ଯେ ଏ ନଗରର ଦରିଦ୍ର ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବିତରଣ କରିବା ନିମନ୍ତେ କନିକାର ରାଣୀ ଟ ୧୦୦ଙ୍କା ଏବଂ ତାହାଙ୍କପରି ଦାନଶୀଳା ଆଉ ଏକଜଣ ଭଦ୍ର ମହିଳା ଯେ ତାହାଙ୍କର ନାମ ପ୍ରକାଶ କରିବାକୁ ସେ ବାରଣ କରିଅଛନ୍ତି ଟ ୧୦୦ଙ୍କା ଦାନ କରିଅଛନ୍ତି । ଏହି ଦୁଇଶତ ଟଙ୍କାର ବସ୍ତ୍ର ଖରିଦ ହେଉଅଛି । ଶୀଘ୍ର ବଣ୍ଟାଯିବ ଯେଉଁ ଦରିଦ୍ରମାନେ ବୃଦ୍ଧ ବୟସ ଅଥବା ରୋଗ ହେତୁ କୌଣସି କାର୍ଯ୍ୟ କରିବାକୁ ଅକ୍ଷମ ସେହିମାନେ ଏହି ଦାନର ଫଳଭୋଗୀ ହେବେ ।

---

ହୁଗଲିର ଅନ୍ତଃପାତି ଚୁଁଚୁଡ଼ା ଗୋଟିଏ ପ୍ରଧାନ ଓ ପୁରାତନ ସହର । ଏଠାରେ କୌଣସି ସମ୍ବାଦପତ୍ର ନ ଥିବାରୁ କେତେକ ଲୋକଙ୍କ ଉଦ୍ୟମରେ "ଦର୍ଶକ" ନାମରେ ଖଣ୍ଡିଏ ବଙ୍ଗଳା ସାପ୍ତାହିକ ସମ୍ବାଦପତ୍ର ବାହାରିବାର ଆରମ୍ଭ ହୋଇ ଅଛି ଏବଂ ଅମ୍ଭେମାନେ ଏହାର ପ୍ରଥମ ସଂଖ୍ୟା ଉପହାର ପାଇ କୃତଜ୍ଞତା ପ୍ରକାଶ କରୁଅଛୁଁ । ସ୍ଥାନୀୟ ଅଭାବ ଓ ଅଭିଯୋଗର ଆଲୋଚନା ଏହାର ପ୍ରଧାନ ଉଦ୍ଦେଶ୍ୟ । ଏପ୍ରକାର ସମ୍ବାଦପତ୍ର ଯେତେ ବୃଦ୍ଧି ହେବ ସେତେ ମଙ୍ଗଳ । ଅମ୍ଭେମାନେ ଏହାର ଦୀର୍ଘାୟୁ କାମନା କରୁଁ ।

---

ପୁନା ନଗରରେ ହିନ୍ଦୁ ମୁସଲମାନଙ୍କ ଦଙ୍ଗାହଙ୍ଗାମ ସମ୍ବନ୍ଧୀୟ ସମସ୍ତ ମୋକଦ୍ଦମା ନିଷ୍ପତ୍ତି ହୋଇ ଅଛି । ପୁଲିସ କେବଳ ହିନ୍ଦୁମାନଙ୍କୁ ଚାଲାନ ଦେଇଥିଲେ ମାତ୍ର ଜଜ ସାହେବଙ୍କ ବିଚାରରେ ସେମାନେ ସମସ୍ତେ ଖଲାସ ପାଇ ଅଛନ୍ତି । ଜଜ ସାହେବ ଆପଣା ରାୟରେ ସ୍ପଷ୍ଟ ଲେଖି ଅଛନ୍ତି କି ମୁସଲମାନ ମାନଙ୍କ ଅନ୍ୟାୟ ଆଚରଣ ହେତୁ ଏ ସବୁ ମୋକଦ୍ଦମା ଉପସ୍ଥିତ ହୋଇଥିଲା । ପୁଲିସ ପ୍ରକୃତ ଆସାମିମାନଙ୍କୁ ଧରିବାର ଚେଷ୍ଟା ନ କରି ଯାହାକୁ ସମ୍ମୁଖରେ ଦେଖିଲେ ତାହାକୁ ଚାଲାନ ଦେଲେ । ବଡ଼ ବଡ଼ ସହରରେ ପୁଲିସର ଏପରି କାଣ୍ଡ । ମୋଫସଲର କଥା କଏପଚାରେ ?

---

ଉତ୍କଳହିତୈଷୀ ଏବଂ ଚନ୍ଦ୍ରପ୍ରଭାର ବିଧାନ ନାମରେ ଯେଉଁ ଓଡ଼ିଆ ମାସିକପତ୍ରିକା କଲିକତାରୁ ବାହାରିବାର କଥା ଅନେକ ଦିନରୁ ପାଠକମାନେ ଶୁଣିଥିଲେ ତହିଁର ଅନୁଷ୍ଠାନପତ୍ର ଏଥି ସଙ୍ଗେ କ୍ରୋଡ଼ପତ୍ରରୂପେ ପ୍ରକାଶିତ ହେଲା । ପାଠକମାନେ ତହିଁରୁ ବିସ୍ତାରିତ ବୃତ୍ତାନ୍ତ ଅବଗତ ହେବେ । ଅତଏବ ଆଉ କିଛି କହିବାର ନାହିଁ । ଯାହା ଲେଖାଅଛି ଆଂଶିକ କାର୍ଯ୍ୟରେ ଦେଖାଗଲେ ମଧ୍ୟ ସୁଖର ବିଷୟ ହେବ ମାତ୍ର ବହୁଲୋକର ସହାନୁଭୂତି ଓ ସାହାଯ୍ୟ ବିନା କିଛି ହୋଇ ନ ପାରେ । ଅତଏବ ଅମ୍ଭେମାନେ ଉତ୍କଳବାସିମାନଙ୍କୁ ଶୀଘ୍ର ଏଥିର ଗ୍ରାହକ ହେବାକାରଣ ବିଶେଷ ଅନୁରୋଧ କରୁଅଛୁଁ ।

---

ଖୋର୍ଦ୍ଧା ସବଡିଭିଜନର ଭାର ପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ମାକଫରସନ ସାହେବ ସେଠା ଲୋକଙ୍କ ବୈଷୟିକ ଅବସ୍ଥା ଗତ ବାର୍ଷିକରିପୋର୍ଟରେ ଯୋଗ୍ୟତା ସହିତ ବର୍ଣ୍ଣନା କରିଥିବାରୁ ଗବର୍ଣ୍ଣମେଣ୍ଟରୁ ସୁଖ୍ୟାତି ପାଇଥିଲେ ମାତ୍ର ପୁରୀ ମନ୍ଦିରର ମାନେଜରଙ୍କ ନାମରେ ହୋଇ ଥିବା ଦଉରା ମୋକଦ୍ଦମାର ନିଷ୍ପତ୍ତିରୁ ଜଣାଯାଏ ଯେ ମାକଫରସନ ସାହେବ ଖୋର୍ଦ୍ଧା ଲୋକଙ୍କ ନୈତିକ ଅବସ୍ଥା ବୁଝି ପାରି ନାହାନ୍ତି । ତାହା ବୁଝିଥିଲେ ସାମାନ୍ୟ ମାଡ଼ ପିଟର ମୋକଦ୍ଦମାକୁ ସେ ଦଉରା ପର୍ଯ୍ୟନ୍ତ ପେଲିଦେଇ ନ ଥାନ୍ତେ କିମ୍ବା ତହିଁର ପ୍ରଧାନ ଆସାମି ଜଣେ ଭଦ୍ର ଓ ଶିକ୍ଷିତ ଲୋକକୁ ଏତେଦୂର ଅପମାନ ବା ଖର୍ଚ୍ଚାନ୍ତ କରି ନ ଥାନ୍ତେ ।

---

କାରାମୁକ୍ତ କଇଦମାନଙ୍କ ସାହାଯ୍ୟସମତି ନାମରେ ଗୋଟିଏ ସମାଜ କେତେକ ଜଣ ଗବର୍ଣ୍ଣମେଣ୍ଟକର୍ମଚାରୀଙ୍କ ଉଦ୍ୟମରେ ସିମଲାଠାରେ ସ୍ଥାପିତ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ଏଥିର

Digitized by srujanika@gmail.com

ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହୋଇଅଛନ୍ତି । ଯେଉଁ ଶ୍ରେଣୀର ଡକାଏତ ପ୍ରଭୃତି ଦୁଷ୍ଟ ଲୋକମାନେ କାରାଗାରରୁ ଖଲାସ ପାଇ ଜୀବନ ନିର୍ବାହ କରିବାର ସଦୁପାୟ ନ ପାଇ ପୁନର୍ବାର ଅପରାଧ କରନ୍ତି ସେମାନଙ୍କୁ ଜୀବନ ଯାପନର ସୁପଥ ଦେଖାଇ ଦେବା ଏହି ସମିତିର ଉଦ୍ଦେଶ୍ୟ ଅଟେ । ଉଦ୍ଦେଶ୍ୟ ଅବଶ୍ୟ ମହତ୍ ସନ୍ଦେହ ନାହିଁ ଏବଂ ଏହା ସାଧନରେ ସମିତି ଯେତେ ଦୂର କୃତକାର୍ଯ୍ୟ ହେବେ ତେତେ ଉପକାର ହେବ । ଏଥିପାଇଁ ଅମ୍ଭେମାନେ ଏ ସମିତିର ଦୀର୍ଘାୟୁ କାମନା କରୁଁ ।

---

ତୁଗ୍ଲଲର ଡେପୁଟି ଇନ୍ସପେକ୍ଟର ବାବୁ କାଳୀଭୂଷଣ ମୁଖୁର୍ଯ୍ୟା ଗସ୍ତରେ ଥିବା ସମୟରେ ବଡ଼ ସଡ଼କରେ ଅପଣା ଦୁଇଚକିଆ ଗାଡ଼ିରେ ଆସୁଥିଲେ । ଉଦ୍ଦେଶ୍ୟରଠାରେ କେତେ ଜଣ ପଦାତିକ ସୈନିକ ତାହାଙ୍କୁ ଫିରିଙ୍ଗି ମନେ କରି ଢେଲାବୃଷ୍ଟି ଓ ବାଡ଼ିରେ ଅନେକ ପ୍ରହାର କଲେ ଶେଷକୁ ସେ ତାଙ୍କରେ ବ୍ରାହ୍ମଣ ଥିବାର କହି ପଇତା ଦେଖାଇବାରୁ ନିସ୍ତାର ପାଇଲେ । ଇନ୍ସପେକ୍ଟର ମହାଶୟଙ୍କ ନାଲିଶମତେ ତୁଗ୍ଲଲର ଡେପୁଟି ମାଜିଷ୍ଟ୍ରେଟଙ୍କ ଇଜଲାସରେ ଆସାମିମାନଙ୍କ ପ୍ରତି କାରାବାସ ଓ ଅର୍ଥଦଣ୍ଡ ହୋଇଅଛି ଏବଂ ଅପିଲରେ ବିଚାର ସ୍ଥିର ରହି କେବଳ ଦଣ୍ଡ କମ୍ଭି ପରିବର୍ତ୍ତନ ହୋଇଅଛି । ଦେଶୀୟ ଲୋକଙ୍କର ସାହେବି ପୋଷାକ ପିନ୍ଧିବା ସର୍ବଦା ନିରାପଦ ନୁହେ ଏବଂ ପଇତାର ସମ୍ମାନ ଜଣା ହୋଇ ନାହିଁ ।

—※—

କଡ଼ାଚଣାରୁ ସମ୍ବାଦ ପାଇଅଛୁଁ ଯେ ସେ ଗ୍ରାମ ଏବଂ ଉହିଁର ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଓଲାଉଠା ବଡ଼ ପ୍ରବଳ ହୋଇଅଛି । କଡ଼ାଚଣା ଓ ଖଏଗ ଗ୍ରାମମାନଙ୍କରେ ପ୍ରତ୍ୟହ ଜ ୩।୪ ଣ ଏବଂ ଥାନମଣ୍ଡଳ ଗ୍ରାମରେ ଏଥି ମଧ୍ୟରେ ଜ୨୦ଂଣ ମୃତ୍ୟୁମୁଖରେ ପତିତ ହେବାର କଥିତ ହୁଏଇ । ଅନ୍ୟାନ୍ୟ ଗ୍ରାମରେ ମଧ୍ୟ ଏ ମଡ଼କ ଲାଗିଅଛି ମାତ୍ର ସାମାନ୍ୟରୂପେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଏ ସମୟରେ "କଲରା ପିଲ" ବାଣ୍ଟିବାର ବନ୍ଦୋବସ୍ତ ହେଲେ ଅନେକ ଉପକାର ହେବାର ସମ୍ଭାବନା । ଅମ୍ଭେମାନେ ଜିଲ୍ଲା ବୋର୍ଡ଼ ଏବଂ ମାଜିଷ୍ଟ୍ରେଟଙ୍କୁ ଅନୁରୋଧ କରୁଅଛୁଁ ଯେ ଅବିଲମ୍ବେ କଲରାପିଲ ଔଷଧ ସ୍କୁଲ ଏବଂ ଡାକ୍ତରଖାନା ମାନଙ୍କୁ ବିତରଣ ନିମନ୍ତେ ପଠାଇ ଦେଇ ମୂଳାଦ୍ୱାରା ଗ୍ରାମବାସିଙ୍କୁ ସେ ଔଷଧ ଜଣାଇ ଦେବାର ବ୍ୟବସ୍ଥା କରନ୍ତୁ ।

---

କଲିକତା ବାସୀ ଡାକ୍ତର ଉପେନ୍ଦ୍ର କୃଷ୍ଣଦତ୍ତ ପ୍ରାୟଶ୍ଚିତ୍ତ ପୂର୍ବକ ହିନ୍ଦୁସମାଜରେ ପୁନଃଗୃହୀତ ହେବା ବିଷୟ ସେଦିନ ପାଠକମାନଙ୍କୁ ଜଣାଇ ଅଛୁଁ । ସମ୍ପ୍ରତି ମାନ୍ଦ୍ରାଜରୁ ସମ୍ବାଦ ଆସିଅଛି ଯେ ସେଠା ଖ୍ରୀଷ୍ଟିଆନ କଲେଜର ଜଣେ ଛାତ୍ର ଯେ କ ଦେଡ଼ େମାସ ହେଲା କଲିକତାକୁ ଆସି ଖ୍ରୀଷ୍ଟଧର୍ମ ଗ୍ରହଣ କରି ଅପଣା ପିତାମାତା ଏବଂ ବନ୍ଧୁ ବାନ୍ଧବଙ୍କୁ ଶୋକ ସାଗରରେ ବସାଇ ଦେଇଥିଲେ ଏଥିମଧ୍ୟରେ ସେ ଅପଣାର ଭ୍ରମ ବୁଝି ପାରି ଅପଣା ପିତା ନିକଟକୁ ଲେଉଟି ଯାଇ ବହିତ ପ୍ରାୟଶ୍ଚିତ୍ତ କରିବା ଦ୍ୱାରା ହିନ୍ଦୁସମାଜରେ ପୁନଃ ପ୍ରବେଶ କରୁଅଛି । ଏଥିପୂର୍ବେ କେବଳ ଆର୍ଯ୍ୟସମାଜ ଦଳର ଲୋକମାନେ ପଞ୍ଜାବରେ ଖ୍ରୀଷ୍ଟିଆନ ହେବା ଲୋକମାନଙ୍କୁ ହିନ୍ଦୁ କୁଳକୁ ଫେରାଇ ନେଉଥିଲେ । ବର୍ତ୍ତମାନ ବଙ୍ଗଳା ଓ ମାନ୍ଦ୍ରାଜରେ ସେ ପ୍ରଥା ପ୍ରଚଳିତ ହେଲା । ହିନ୍ଦୁସମାଜର ଏହି ପ୍ରଶସ୍ତତା ଅବଶ୍ୟ ଶୁଭଲକ୍ଷଣ ଅଟେ ।

---

ଚୀନଦେଶରେ କପରି ସୁବନ୍ଦୋବସ୍ତ ହୁଏ ନିମ୍ନଲିଖିତ ପ୍ରସଙ୍ଗରୁ ପାଠକମାନେ ଜାଣି ପାରିବେ । ଚଳିତବର୍ଷ ଚୀନ ଜାପାନ ଯୁଦ୍ଧ ଆରମ୍ଭରେ ଫଙ୍ଗ ନାମକ ଚୀନ ଯୁଦ୍ଧପୋତର କପ୍ତାନ ଜାପାନର ପ୍ରବେଶ ଯୁଦ୍ଧଜାହାଜ ନଷ୍ଟ କରି ଦେଇଥିବାରୁ ଉତ୍ସାହରେ ଅପଣା ବୀରତ୍ୱର ବିବରଣ କହୁଥିଲେ ଏମନ୍ତ ସମୟେ ଦୁଇଜଣ ସିପାହି ଆସି ତାଙ୍କ ପ୍ରତି ସ୍ୱାରୁତା ଦୋଷାରୋପ ହୋଇଥିବା ଅଭିଯୋଗରେ ତାଙ୍କୁ ବାନ୍ଧି କଚ୍ଛା ଭିତରକୁ ନେଇଗଲେ । ମୁହୂର୍ତ୍ତିକ ଭିତରେ ସେ ପଦାକୁ ଆଣିତ ହେଲେ ଓ ଜଣେ ଖଡ଼ଗ ନେଇ ଆସି ତାଙ୍କ ଶିରଚ୍ଛେଦନ କରି ଦେଲା । କପ୍ତାନ ଫଙ୍ଗର ବିଚାରମତେ ଦଣ୍ଡିତ ହେବାର ତେଣିକି ଆଉ ଗୋଟାକରୁ କଏଫିୟତ ତମ୍ଭା ଜବାବ ନିଆଯାଇ ନ ଥିଲା ତମ୍ଭା ପରେ କଥା ପଚାର ଯାଇ ନ ଥିଲା । ଏପରି ଅବଗୃହରାଜ୍ୟରେ ଦୁର୍ଦ୍ଦଶା ନାହିଁତ ନ ଘଟିବ ।

---

କଲିକତା ପଶୁଶାଳାର ଆୟ ବ୍ୟୟ ଗତବର୍ଷ ଯଥାକ୍ରମେ ଟ ୪୩୧୯୫୯ଙ୍କା ଓ ଟ ୪୩୬୭୨୯ଙ୍କା ହୋଇଥିଲା । ତହିଁ ପୂର୍ବ ବର୍ଷର ଆୟ ବ୍ୟୟ ଯଥାକ୍ରମେ ଟ ୪୬୧୪୪୯ଙ୍କା ଟ ୪୧୬୦୬୯ଙ୍କା ଥିଲା । ଆୟ ବୃଦ୍ଧିର କାରଣ ଏହିକି ଗତ ବର୍ଷ କଲିକତାକୁ ବିସ୍ତର ଯାତ୍ରୀ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକ ଲୋକ ପଶୁଶାଳା ଦେଖିବାକୁ ଯାଇଥିଲେ । ଦର୍ଶକଙ୍କ ସଂଖ୍ୟା ଏକଲକ୍ଷ ୬୨ ହଜାର ହୋଇଥିଲା ଯାହାକି ପୂର୍ବେ କେବେ ହୋଇ ନ ଥିଲା । ବ୍ୟୟ ବୃଦ୍ଧିର କାରଣ ଗୃହ ଓ ସଡ଼କମାନଙ୍କର ମରାମତି ଖରଚର ଆଧିକ୍ୟ । ମହାରାଜା ସର୍ ଯତୀନ୍ଦ୍ରମୋହନ ଠାକୁର ଜୀବଜନ୍ତୁ ସମ୍ବନ୍ଧୀୟ ପୁସ୍ତକାଳୟ ଏବଂ ଉପଦେଶ ଗୃହ ନିମନ୍ତେ ୮ ହଜାର ଟଙ୍କା ଦାନ କରି ଅଛନ୍ତି । ସର୍ପଦଂଶନର ନାନାଜାତି ଔଷଧର ପରୀକ୍ଷା ହୋଇ ଥିଲା । ଏ ବିଷୟରେ କମିଟୀ ଯେଉଁ ରପୋର୍ଟ ପଠାଇ ଅଛନ୍ତି ତାହା ଭାରତ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇ ଅଛି ।

---

ମଧ୍ୟ ପ୍ରଦେଶର ଗଭର୍ଣ୍ଣରଙ୍କ ଶିକ୍ଷାବିଭାଗୀୟ ବାର୍ଷିକ ରପୋର୍ଟ ସମ୍ବନ୍ଧରେ ମାନ୍ୟବର ଚିଫ୍ କମିଶନର ବାହାଦୁରଙ୍କ ମନ୍ତବ୍ୟରୁ ପ୍ରକାଶ ଯେ ସେ ପ୍ରଦେଶର ଅନ୍ୟାନ୍ୟ ବିଭାଗଠାରୁ ଶିକ୍ଷା ବିଭାଗର ଫଳ ଅତ୍ୟନ୍ତ ଉତ୍କୃଷ୍ଟ ହୋଇଅଛି ଏବଂ ଏଥିପାଇଁ ସେ ବିଭାଗର ଇନ୍ସପେକ୍ଟର ଶ୍ରୀଯୁକ୍ତ ଟମସନ ସାହେବ ବିଶେଷ ପ୍ରଶଂସାଭାଜନ ହୋଇ ଅଛନ୍ତି । ଅନ୍ୟାନ୍ୟ ସ୍ଥାନପରି ଛତିଶଗଡ଼ ଏଲାକାର ଗଡ଼ଜାତ ମହାଲରେ ମଧ୍ୟ ଶିକ୍ଷାର ଉନ୍ନତି ହୋଇ ସ୍କୁଲସଂଖ୍ୟା ୭୧୭ ଠାରୁ ୭୩୪ କୁ ଏବଂ ଛାତ୍ରସଂଖ୍ୟା ୧୧୬୭୧ ଠାରୁ ୧୨୪୩୯ କୁ ଉଠିଅଛି । ରାୟଗଡ଼ ଓ ସୋନପୁରର ରାଜାମାନେ ଏବଂ ଶାରଙ୍ଗଗଡ଼ର ରାଜା ସୁପ୍ରସ୍ତାବ ଏ ବିଷୟରେ ବିଶେଷ ମନୋଯୋଗୀ ହେବାର ଦେଖାଯାଏ । ଅନ୍ୟାନ୍ୟ ରାଜାମାନଙ୍କ ସମ୍ବନ୍ଧରେ ଅନୁକୂଳ ରପୋର୍ଟ ଆସିଥିଲେ ହେଁ କେତେକ ସ୍ଥାନରେ ପରିଦର୍ଶନ ଏବଂ ଉପଦେଶର ଆବଶ୍ୟକତା ଅନୁଭବ ହୋଇଅଛି । ଯଥା, ଖଏର ଗଡ଼, ରାଜନନ୍ଦଗାଁ ଏବଂ କାମଣ୍ଡା ଦେଶୀୟ ଭାଷା ଶିକ୍ଷା ଗଡ଼ମରୁଅଛି ଏବଂ ଇଂରାଜୀ ଶିକ୍ଷାଦାନରେ ଅନେକ ଟଙ୍କା ବ୍ୟୟ ହେଉଅଛି ।

---

ଏଠା ଡେପୁଟି କଲେକ୍ଟର ବାବୁ ଜଗମୋହନଲାଲ ପେନସନ ନେବା ନିମନ୍ତେ ଗତ ବୁଧବାର କାର୍ଯ୍ୟରୁ ଅବସର ଗ୍ରହଣ କଲେ ।

ସିରସ୍ତାଦାରୀ କାର୍ଯ୍ୟର ପକ୍କା ବନ୍ଦୋବସ୍ତ ହେବା ପର୍ଯ୍ୟନ୍ତ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ଅନୁମତିକ୍ରମରେ ବାବୁ ଦୁର୍ଗାଚରଣ ଦାସ ହେଡ଼କରାଣୀ ଏକଟିଂ ସିରସ୍ତାଦାର ଏବଂ ଏକାଉଣ୍ଟାଣ୍ଟ ବାବୁ ଗୋପୀମୋହନ ସେନ ଏକଟିଂ ହେଡକରାଣୀ ନିଯୁକ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଏକାଉଣ୍ଟାଣ୍ଟ ପଦରେ କେହି ନିଯୁକ୍ତ ହୋଇ ନାହାନ୍ତି । ବାବୁ ଜଗନ୍ମୋହନଲାଲଙ୍କ କାର୍ଯ୍ୟକାଳ ଶେଷ ହେବା ସାଧାରଣ ଦୁଃଖର ବିଷୟ ଅଟେ । କାରଣ ତାହାଙ୍କ ପରି ଜଣେ ବୁଦ୍ଧିମାନ୍ କାର୍ଯ୍ୟଦର୍ଶୀ ଧର୍ମପରାୟଣ ସଚ୍ଚରିତ୍ର କର୍ମଚାରୀ ସହଜରେ ମିଳିବାକୁ କଠିନ । ସରକାର ଇଚ୍ଛା କଲେ ତାହାଙ୍କୁ ଆଉ କେତେ ଦିନ ରଖି ପାରନ୍ତେ ଏବଂ ତଦ୍ୱାରା ଉପକାର ହୋଇଥାନ୍ତା କାରଣ ବର୍ତ୍ତମାନ ସମୟରେ ବନ୍ଦୋବସ୍ତ ଘଟିତ ନାନା ପ୍ରଶ୍ନ ମୀମାଂସା କରିବାର ଆବଶ୍ୟକ ହୋଇଥିବାରୁ ତାହାଙ୍କର ବହୁମୂଲ୍ୟ ବନ୍ଦୋବସ୍ତବିଭାଗୀୟ ବହୁଦର୍ଶିତା ବଡ଼ କାର୍ଯ୍ୟରେ ଲାଗନ୍ତା । ସରକାରଙ୍କ କାର୍ଯ୍ୟ ଅଟକି ରହିବ ନାହିଁ ମାତ୍ର ଜମିଦାର ମାମଲତକାର ପ୍ରଭୃତି କେତେକାଳ ଏହାଙ୍କୁ ଝୁରିବେ । ବିଶେଷତଃ ଏହାଙ୍କପରି ସହକାରୀ ହରାଇ କଲେକ୍ଟରୀ ଅମଲାମାନେ ବଡ଼ ଦୁଃଖିତ ଅଛନ୍ତି ।

—o—

ସରକାର ବାହାଦୁର ପ୍ରଜାମାନଙ୍କ ଧର୍ମପ୍ରତି ହସ୍ତକ୍ଷେପଣ କରନ୍ତି ନାହିଁ । ଭାରତେଶ୍ୱରଙ୍କ କ୍ଷୁଦ୍ରତମ ପ୍ରଜା ମଧ୍ୟ ଆପଣାର ସନ୍ତାନକୁ ଆପଣା ଧର୍ମରେ ରଖିବାର ସୁବିଧା ପାଇ ପାରେ ମାତ୍ର ବୋଧ ହେଉଅଛି ଗଡ଼ଜାତର ପ୍ରଜାମାନଙ୍କର ସେ କ୍ଷମତା ନାହିଁ । ଗୋଟିଏ ଶିଶୁକୁ ତାହାର ସ୍ୱଜନ ଆତ୍ମୀୟମାନଙ୍କଠାରୁ ବର୍ଜିତ କରି ଖ୍ରୀଷ୍ଟିୟାନ ଗୃହରେ ରଖିଲେ ସେ ଖ୍ରୀଷ୍ଟିୟାନ ହେବ, ମୁସଲମାନ ହସ୍ତରେ ରଖିଲେ ମୁସଲମାନ ହେବ । ବାଳକ ଯାହା ନିକଟରେ ଥାଏ ତାହାର ଧର୍ମର ଅବଲମ୍ବନ କରେ । ଏପରି ଅବସ୍ଥାରେ ଭିନ୍ନଧର୍ମାବଲମ୍ବିମାନଙ୍କ ହସ୍ତରେ ବାଳକ ପ୍ରଜାମାନଙ୍କ ଭାର ଅର୍ପଣ କରିବା ଉଚିତ କି ନା ଏ ବିଷୟ ଆମ୍ଭେମାନେ ମାନନୀୟ ଶ୍ରୀଯୁକ୍ତ କୁକ୍ ସାହେବ ମହୋଦୟଙ୍କୁ ବିଚାର କରିବା ପାଇଁ ଅନୁରୋଧ କରୁ ଅଛୁଁ । ପୂର୍ବ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟମାନଙ୍କ ମଧ୍ୟରୁ ସ୍ମିଥ ସାହେବ, ଟଏଲର ସାହେବ ଏବଂ ଆସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ନନ୍ଦକିଶୋର ଦାସ ବାହାଦୁର ଏ ବିଷୟରେ ଅତ୍ୟନ୍ତ ସାବଧାନ ଥିଲେ । ସ୍ୱର୍ଗୀୟ ରାଜାଙ୍କୁ ସୁଶିକ୍ଷା ଦାନ ବିଷୟରେ ଶ୍ରୀଯୁକ୍ତ କୁକ୍ ସାହେବ ପୂର୍ବ ସୁପ୍ରିଣ୍ଟେଣ୍ଡେଣ୍ଟମାନଙ୍କଠାରୁ ଊଣା ନୁହନ୍ତି ଏବଂ ସେମାନଙ୍କ ସ୍ୱଧର୍ମ୍ମ ରକ୍ଷା ମଧ୍ୟ ତାହାଙ୍କର ଉଦ୍ଦେଶ୍ୟ ନୁହେ । ମାତ୍ର ଅଭିଭାବକ ନିର୍ବାଚନରେ ସକଳ ଦିଗ ବିବେଚନା ନ କଲେ ବିପରୀତ ଫଳ ଘଟିବାର ଆଶଙ୍କା ଅଛି ।

ବିଧର୍ମୀ ଅଭିଭାବକଙ୍କଦ୍ୱାରା ରାଜକୁମାରମାନଙ୍କର ଶିକ୍ଷା ବିରୂପ ହେଉଅଛି ତହିଁର ଅନୁସନ୍ଧାନ ନେଇ କେଲନ୍ତୁ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଜଣାଇବା ରାଜମାତାମାନଙ୍କର ଉଚିତ ହେଉଅଛି । ନୋହିଲେ ପଛକୁ ଅସହ୍ୟ ମାନସିକ କଷ୍ଟ ଭୋଗ କରିବେ ।

—

ଯାଜପୁର ବୈତରଣୀକ୍ଷେତ୍ରରେ ଅନେକ ତୀର୍ଥ ଅଛି ଓ ସେ ସମସ୍ତ କେତେକେ ବନେଜା ମାହାତ୍ମ୍ୟରେ ବିସ୍ତାରିତ ରୂପେ କୀର୍ତ୍ତିତ ହୋଇ ଅଛି । ଅନ୍ୟାନ୍ୟ ତୀର୍ଥ ମଧ୍ୟରେ ସୋମତୀର୍ଥ ନାମକ ଏକ ପୁଷ୍କରିଣୀ ଅଛି ଯେ ତହିଁରେ ପ୍ରତିବର୍ଷ ସନ୍ନିଯୋଗ ନ ପଡ଼ି ଯେଉଁ ବର୍ଷ ମାର୍ଗଶିର ମାସ ସୋମବାରରେ ଅମାବସ୍ୟା ତିଥି ଯୋଗ ହୁଏ ସେହିବର୍ଷ ତହିଁରେ ମହତୀ ସନ୍ନିଯୋଗ ହେଉଥିବାରୁ ଅନେକ ଦୂରରୁ ଯାତ୍ରିମାନେ ଆସି ସ୍ନାନାଦି କରି ଥାଆନ୍ତି । ଉକ୍ତ ତୀର୍ଥ ବୈତରଣୀ ନଦୀର କଅଜାଳି ଶାଖାର ହଂସକେଶ୍ୱର ନାମ୍ନୀ ପ୍ରଶାଖାର କୂଳରେ ଥିବାରୁ ଉକ୍ତ ହଂସକେଶ୍ୱର ଜଳ ବୃଦ୍ଧିରେ ତହିଁରେ ବାଲୁକା ପଡ଼ି ବହୁଦିନରୁ ପୋତି ପଡ଼ିଥିଲା । ଆଜକୁ ପ୍ରାୟ ଦୁଇବର୍ଷ ହେବ ଯାଜପୁର ଲୋକେଲ ବୋର୍ଡର ମେମ୍ବରମାନଙ୍କ ଉଦ୍ୟମରେ ବୋର୍ଡ ପ୍ରାୟ ୨୦୦ଟଙ୍କା ବ୍ୟୟ କରି ଉକ୍ତ ପୁଷ୍କରିଣୀର ବାଲୁକା ବାହାର ଓ ଚତୁଃପାର୍ଶ୍ୱରେ କୂଳ ବାନ୍ଧିଦେଇ ହିନ୍ଦୁମାନଙ୍କର ଏକ ପୁରାତନ ତୀର୍ଥର ପୁନରୁଦ୍ଧାର କରାଇ ଦେଇ ଥିଲେ । ଗତ ସୋମବାର ରାତ୍ରି ୮ ଘ ପରେ ଉକ୍ତ ତୀର୍ଥରେ ମହତୀ ସନ୍ନିଯୋଗ ପଡ଼ିବାରୁ ସେଥି ଉପଲକ୍ଷରେ ପ୍ରାୟ ସାତହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ସନ୍ଧ ଭୋର ପର୍ଯ୍ୟନ୍ତ ସ୍ନାନାଦି କରିଥିଲେ; ମାତ୍ର କୌଣସି ଦୁର୍ଘଟଣା ନ ଘଟି ଯାତ୍ରିମାନେ ସ୍ୱଚ୍ଛନ୍ଦରେ ଫେରି ଯାଇ ଅଛନ୍ତି ।

—

ବର୍ତ୍ତମାନର ଛୋଟଲାଟ ଇଲିୟଟ ବାହାଦୁରଙ୍କର ଦୃଷ୍ଟି ଯେ କେଉଁଆଡ଼େ ପଡ଼ୁଛି ତହିଁର ସୀମା ନାହିଁ । ସମସ୍ତ ସରକାରୀ ସିରସ୍ତାରେ ଯେ ରେଜଷ୍ଟରୀ ବହିମାନ ଅଛି ତହିଁର ହେଡିଙ୍ଗମାନ ଇଂରାଜୀ ଓ ଦେଶୀୟଭାଷାରେ ଛପା ହୋଇଅଛି । ଏଥିରୁ ସେ ଆଦେଶ କରିଅଛନ୍ତି କି ଦେଶଭାଷାରେ ହେଡିଙ୍ଗ ଛାପା ହେବାର ଆବଶ୍ୟକ ନାହିଁ ଆଗାମି ଅପ୍ରେଲମାସରୁ କେବଳ ଇଂରାଜୀରେ ଛପା ହେବ ଓ ଅମଲାମାନଙ୍କୁ ତାକିଦ କରାଯିବ କି ସେମାନେ ଉକ୍ତ ସମୟମଧ୍ୟରେ ଇଂରେଜୀ ଶିଖିବେ ଓ ଶିଖି ନ ପାରିଲେ ପଦୋନ୍ନତି ପାଇ ନ ପାରିବେ ଓ ଭବିଷ୍ୟତରେ ଇଂରେଜୀ ଜାଣି ନ ଥିବା ଲୋକେ ସରକାରୀ କଚେରୀମାନଙ୍କରେ ନିଯୁକ୍ତ ହୋଇ ନ ପାରିବେ । ବର୍ତ୍ତମାନର ଅମଲାମାନେ ଇଂରେଜୀ ଅକ୍ଷର ଲେଖି ନ ପାରିଲେ ଇଂରେଜୀ ଅଙ୍କ ଲେଖିବେ ଓ ରେଜଷ୍ଟରୀ ବହିସବୁରେ ଅଙ୍କ କେବଳ ଇଂରାଜୀରେ ଲେଖାଯିବ । ଯେଉଁମାନେ ଇଂରେଜୀ ଆଦୌ ଶିଖି ନ ପାରିବେ ଓ ସେମାନଙ୍କୁ ଛୁଟି ଦିଆଯାଇ ନ ପାରିବ ସେମାନେ ଇଂରାଜୀ ହେଡିଙ୍ଗର ତର୍ଜମା ସ୍ୱତନ୍ତ୍ର କାଗଜରେ ଲେଖି ରଖି ବହିପୂରଣ କରୁଥିବେ । ବୁଢ଼ା ଅମଲାମାନଙ୍କ ପ୍ରତି ସନ ୧୮୯୫ ସାଲ ଅପ୍ରେଲମାସ ପୂର୍ବେ ଇଂରେଜୀରେ ଶିକ୍ଷିତ ହେବାର ଆଦେଶ ବଳବତ୍ ଅଛି । ଯାହା ହେଉ ହାଇକୋର୍ଟ ପ୍ରତି ଏ ବାବତରେ ମାନ୍ୟ ପ୍ରଦର୍ଶିତ ହୋଇ ଅଛି କାରଣ ହାଇକୋର୍ଟଙ୍କ ପ୍ରସ୍ତୁତ ଫାର୍ମ ପକ୍ଷରେ ଏ ଆଜ୍ଞା ଖଟିବ ନାହିଁ ।

—o—

ଗତବର୍ଷ ନାଇଜଳମଡ଼ା ଭୂମିର ପରମାଣ କଟକ ଓ ବାଲେଶ୍ୱର ଉଭୟ ଜିଲ୍ଲାରେ ତହିଁ ପୂର୍ବବର୍ଷଠାରୁ ଅନେକ ଊଣା ହୋଇ ଥିଲା । ଏଠା କଲେକ୍ଟର ଶ୍ରୀଯୁକ୍ତ ଷ୍ଟିଭେନସନ ସାହେବ ତହିଁର କାରଣସ୍ୱରୂପ ଏହି କଥା ଲେଖିଥିଲେ କି ରଇତମାନଙ୍କର ପ୍ରଧାନ ଗୁହାରି ଏହି ଯେ ସେମାନେ ଜଳ ଲୋଡ଼ିଲାବେଳେ ବିଶେଷତଃ ଦରକାର ସମୟରେ ଆଦୌ ଜଳ ପାଆନ୍ତି ନାହିଁ ମାତ୍ର କେନାଲକର୍ମଚାରୀମାନେ ଯେତେବେଳେ ଇଚ୍ଛା କରନ୍ତି ସେତେବେଳେ ଜଳ ଦିଅନ୍ତି । କମିଶନର ସାହେବ ଏହି କଥାକୁ ଆପଣା ବାର୍ଷିକ ରିପୋର୍ଟରେ ପ୍ରକାଶ କରି ଦେବାରୁ ମାନ୍ୟବର ଛୋଟଲାଟ ଦୁଃଖ ପ୍ରକାଶ କରି କହିଅଛନ୍ତି କି ଷ୍ଟିଭେନସନ ସାହେବଙ୍କୁ କଇଫିୟତ ତଲବ ହେବାରେ ସେ ଉତ୍ତର ଦେଇ ଅଛନ୍ତି କି ସେ କେବଳ ରଇତମାନଙ୍କ ଗୁହାରି ଜଣାଇ

Split by PDF Splitter



ନ ହେବା ନିମନ୍ତେ ସେ ପ୍ରକାର ଲେଖିଥିଲେ ତହିଁର ପୋଷକତା କରିବା ଅଭିପ୍ରାୟରେ ଲେଖି ନାହାନ୍ତି । ମାନ୍ୟବର ଖ୍ରେଟଲଷ୍ଟ ବୁଝାଇ ଦେଇ ଅଛନ୍ତି କି ଜଳ ମଡ଼ାଇବା ଯେତେ ବିସ୍ତାର ହେବ ନାଲକର୍ମଚାରୀଙ୍କର ସେତେ ସୁଖ୍ୟାତି ହେବାସ୍ଥଲେ ସେମାନେ ଆପଣା ଇଚ୍ଛାମତେ ଜଳ ଦଅନ୍ତି ଏକଥା କେତେକଣ ହିଂସ୍ରକ ବା ଅଜ୍ଞଲୋକ ବୋଲି ଥାଉ ତାହାର ମନରେ ହୃଦୟ ହେବ ନାହିଁ । ପ୍ରକୃତରେ କ୍ଷେତରେ ଜଳ ମଡ଼ାଇବାର ସୁବିଧା ଏବଂ ବର୍ଷର ବର୍ଷାବୃଷ୍ଟିର ଅବସ୍ଥା ଉପରେ ନିର୍ଭର କରେ ଏବଂ ଏଥିପାଇଁ କେବେ୨ ଅବଶ୍ୟ ବିଳମ୍ବ ଘଟିବ । ଯାହା ହେଉ କଇସା ହେଉ ଅଛି ଯେ ଜଗତପୁରଠାରେ ଯେଉଁ ନୂତନ ସ୍ଲୁସ ନିର୍ମାଣ ହୋଇ ଅଛି ଏବଂ ବୈତରଣୀ ପଥରବନ୍ଧର ନିକଟରେ ଯେ ସମସ୍ତ ପରିବର୍ତ୍ତନ ହୋଇ ଅଛି ତଦ୍ଵାରା ଜଳ ଯୋଗାଇବା ସମ୍ବନ୍ଧୀୟ କଷ୍ଟ ମେଣ୍ଟିବାର ଆଶା ଅଛି ।

ଉପରଲିଖିତ ଘଟନାରେ ଅମ୍ଭମାନଙ୍କ କଲେକ୍ଟର ସାହେବ ଏପରି ଦରବାରରେ ପଡିବାର ଦେଖି ଅମ୍ଭେମାନେ ଦୁଃଖିତ ହେଲୁଁ ମାତ୍ର ସେ ପ୍ରଜାଙ୍କ ଶୁଭାକାଂକ୍ଷୀ ଜଣାଇ ନ ଥିଲେ ତହିଁର ପ୍ରତୀକାର ନିମନ୍ତେ ଗବର୍ଣ୍ଣମେଣ୍ଟ ଚେଷ୍ଟିତ ଥିବାର ଲୋକେ ଜାଣି ପାରନ୍ତେ ନାହିଁ । ଅତଏବ ତଦ୍ଵାରା ସାଧାରଣ ହିତ ହୋଇ ଅଛି ଏବଂ ତହିଁ ପାଇଁ ଅମ୍ଭେମାନେ ଶ୍ରୀଯୁକ୍ତ ଷ୍ଟିଭେନସନ୍ ସାହେବଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

### ଓଡ଼ିଶାର ବାର୍ଷିକବିବରଣ ।—୪

ଶିକ୍ଷା—ସରକାରୀ ଓ ବେସରକାରୀ ସ୍କୁଲସଂଖ୍ୟା ପୂର୍ବବର୍ଷଠାରୁ ସାମାନ୍ୟ ଅର୍ଥାତ୍ ୧୬ ଗୋଟା ବୃଦ୍ଧି ହୋଇଥିଲେହେଁ ଛାତ୍ର ସଂଖ୍ୟାରେ ୬୩୯୫ ଊଣା ପଡ଼ିଅଛି । ଏହି ନ୍ୟୂନତା କେବଳ ବାଲେଶ୍ୱରରେ ଲକ୍ଷିତ ହୁଅଇ କଟୁବା କଟକର ଛାତ୍ରସଂଖ୍ୟା ପୂର୍ବବର୍ଷ ସଙ୍ଗେ ପ୍ରାୟ ସମାନ ଏବଂ ପୁରୀରେ ବରଂ ଅଳ୍ପ ବୃଦ୍ଧି ଦେଖାଯାଏ । ବାଲେଶ୍ୱରର କଲେକ୍ଟର କହନ୍ତି କି ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ଏବଂ ସେ ଜିଲାର ଉତ୍ତର ଓ ଦକ୍ଷିଣ ଭାଗରେ ଧୋଇ ହେବା ହେତୁ ଏପରି ଘଟିଅଛି । ଏଥିରୁ ଅର୍ଥଦ୍ୟର ବିଷୟ ଯେ ବାଲେଶ୍ୱରଠାରୁ ଅପେକ୍ଷା କଟକକୁ ଅଧିକ ଅଧିକ ବାଧିବା ବିଷୟ ଏହି ବାର୍ଷିକ ରିପୋର୍ଟରେ ସ୍ୱୀକୃତ ହୋଇଥିବା ସ୍ଥଳେ କଟକର ଛାତ୍ରସଂଖ୍ୟା ଊଣା ହୋଇ ନାହିଁ । ବାଲେଶ୍ୱର ଓ ପୁରୀର ଅପୃଥକ ଓ ଲୋକସଂଖ୍ୟାରେ ସାମାନ୍ୟ ପ୍ରଭେଦ ଥିଲେହେଁ ବାଲେଶ୍ୱରରେ ୩୫ ହଜାର ଛାତ୍ର ଶିକ୍ଷାଲାଭ କରୁଥିବା ସ୍ଥଳେ ପୁରୀରେ ୨୦ ହଜାରରୁ ଅଧିକ ନ ହେବାର କାରଣ କି ? ଗବର୍ଣ୍ଣମେଣ୍ଟ କହନ୍ତି କି ଶିକ୍ଷାବିଭାଗୀୟ ଏବଂ ଜଲକର୍ତ୍ତୃପକ୍ଷଙ୍କ ଯତ୍ନର ପ୍ରଭେଦହେତୁ ଏପରି ଘଟିଥିବ ମାତ୍ର କମିଶନର ସାହେବ ବୁଝାଇ ଦେଇ ଅଛନ୍ତି କି ପୁରୀ ଅପେକ୍ଷା ବାଲେଶ୍ୱରରେ ଶିକ୍ଷିତଶ୍ରେଣୀର ଲୋକ ଯଥା ବ୍ରାହ୍ମଣ କରଣ ଖଣ୍ଡାଏତ ପ୍ରଭୃତି ପ୍ରାୟ ଦ୍ୱିଗୁଣ ବାସ କରନ୍ତି ଏବଂ ଲୋକସଂଖ୍ୟା ମଧ୍ୟ କିଛି ଅଧିକ । ଅନ୍ୟ ପକ୍ଷରେ ପୁରୀରେ ପଣ୍ଡାଶ୍ରେଣୀର ବିଶେଷ ପ୍ରାଦୁର୍ଭାବ ଏବଂ ପଣ୍ଡାମାନଙ୍କର ଶିକ୍ଷାପ୍ରତି ସମ୍ପୂର୍ଣ୍ଣ ଅନାସ୍ଥା । ଶ୍ରୀଯୁକ୍ତ କୁକ୍ ସାହେବଙ୍କର ଏହି ଯୁକ୍ତି ଅନେକ ପରିମାଣରେ ସୁସଙ୍ଗତ ବୋଧ ହେଉଅଛି ।

ବିଶେଷ୨ ଶିକ୍ଷା ସମ୍ବନ୍ଧୀୟ ବିଦ୍ୟାଳୟମାନଙ୍କ ବିଷୟରେ କମିଶନର ସାହେବ ପ୍ରସ୍ତାବ କରିଅଛନ୍ତି କି ପୁରୀ ଓ ବାଲେଶ୍ୱରର ଟ୍ରେନିଂ ସ୍କୁଲମାନଙ୍କରେ ଶିକ୍ଷାଦାନର ସମୟ ମା ୬ ଠାରୁ ଏକବର୍ଷକୁ ବର୍ଦ୍ଧିତ ହେବା ଉଚିତ ଏବଂ ମେଡିକଲ ସ୍କୁଲଦ୍ୱାରା ଓଡ଼ିଶାର ଅପାର ଉପକାର ହେଉଅଛି । ସରକାରେ ସ୍କୁଲ ଉଠାଇ ଦେବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟରୁ ହୋଇଥିବା ସ୍ଥଳେ କମିଶନର ସାହେବ ସେ ସମ୍ବନ୍ଧରେ କିଛି ଲେଖି ନ ଥିବାର ଦେଖି ଦୁଃଖିତ ହେଲୁଁ !

ଚିକିତ୍ସାଳୟ—ଗତବର୍ଷ ସାଧାରଣ ଚିକିତ୍ସାଳୟର ସଂଖ୍ୟା ୨୩ ଗୋଟି ଥିଲା ତହିଁ ପୂର୍ବବର୍ଷ ୧୯ ଗୋଟି ଥିଲା । ଚିକିତ୍ସାଳୟର ସଂଖ୍ୟା ବୃଦ୍ଧି ସଙ୍ଗେ ସେ ସବୁର ସାହାଯ୍ୟ ପାଇବା ରୋଗିଙ୍କ ସଂଖ୍ୟା ବଢ଼ିଅଛି । ବିଶେଷତଃ ଜଗନ୍ନାଥ ସଡ଼କପାର୍ଶ୍ୱରେ ଥିବା ଜୟପୁରଙ୍କାର ବାଲିଅନ୍ତା ଓ ପିପିଲି ଦାତବ୍ୟଚିକିତ୍ସାଳୟଦ୍ୱାରା ଯାତ୍ରିଙ୍କର ବିଶେଷ ଉପକାର ହୋଇଅଛି । ସାଇଥଡ଼ା ବାସଘାଟାଲର କାର୍ଯ୍ୟ ନିତାନ୍ତ ଊଣା ଦେଖି ପୁରୀ କଲେକ୍ଟର ତାହାକୁ ଉଠାଇ ଦେବାର ପ୍ରସ୍ତାବ କରିଅଛନ୍ତି । ତାହାଙ୍କର ଇଚ୍ଛା ସେ ବାସଘାଟାଲ ଉଠାଇ ଦେଇ ତହିଁରେ ବ୍ୟୟ ହେଉଥିବା ଟଙ୍କାକୁ ବାଲିଅନ୍ତା ଓ ପିପିଲି ବାସଘାଟାଲମାନଙ୍କର ଉନ୍ନତି ନିମନ୍ତେ ବ୍ୟୟିତ ହେବ । ବାଲିଅନ୍ତା ବାସଘାଟାଲର ବ୍ୟୟ ଜିଲା ବୋର୍ଡ଼ ନ ଦେଲେ ତାହା ପୁଣି ଉଠାଇ ଦେବା ପୁରୀ କଲେକ୍ଟରଙ୍କ ଇଚ୍ଛା ମାତ୍ର କମିଶନର ସାହେବ ଏ ବିଷୟରେ କିଛି କହି ନାହାନ୍ତି । ଏ ନଗରର ଲେଡିଡଫରିନ ଡିସପେନସରୀ ନାମକ ଚିକିତ୍ସାଳୟ ଯାହା କି ସ୍ତ୍ରୀମାନଙ୍କ ହିତାର୍ଥେ ଗୃହନିର୍ମାଣରେ ରାଜା ବୈଦ୍ୟନାଥ ପଣ୍ଡିତଙ୍କ ବଦାନ୍ୟତାରେ ସ୍ଥାପିତ ହୋଇଅଛି ତହିଁର ଅବସ୍ଥା ଭଲ ନ ଥିବାର ଶୁଣି ଦୁଃଖିତ ହେଲୁଁ । କଟକର କଲେକ୍ଟର ଲେଖିଅଛନ୍ତି କି ଏ ଚିକିତ୍ସାଳୟର ସ୍ତ୍ରୀ ଡାକ୍ତର କୁମାରୀ ବସୁ ଛୁଟୀ ନେଇ ଯାଇଅଛନ୍ତି । ସମ୍ଭବତଃ ଫେରି ଆସିବେ ନାହିଁ ଏବଂ ଏ ଚିକିତ୍ସାଳୟର ଆୟ ଊଣା ହେବାରୁ ତାହାଙ୍କର ବେତନ ଦେବା କଷ୍ଟ । ତାହାଙ୍କ ଉଦ୍ୟୋଗ ଆଶାନୁରୂପ ସଫଳ ହୋଇ ନାହିଁ ଏବଂ ଏଠା ଲୋକେ ନିତାନ୍ତ ରକ୍ଷଣଶୀଳ ହେବାରୁ ସାଧାରଣ ଚିକିତ୍ସାଳୟରେ ପରଦାନସୀନ ସ୍ତ୍ରୀମାନଙ୍କ ଚିକିତ୍ସା ସେହି ହତା ମଧ୍ୟରେ ଥିବା ଛପର ଘରେ ହେବାର ବନ୍ଦୋବସ୍ତ କଲେ ଭଲ ହେବ । କମିଶନର ସାହେବ ଏ ପ୍ରସ୍ତାବକୁ ପସନ୍ଦ କରି କମିଟୀ ସମ୍ମୁଖରେ ଉପସ୍ଥିତ କରିବା କାରଣ କଲେକ୍ଟର ସାହେବଙ୍କୁ ଅନୁରୋଧ କରିଅଛନ୍ତି । ଅମ୍ଭେମାନେ ଆଶା କରୁଁ କି କମିଟୀ ଏ ଚିକିତ୍ସାଳୟର ଉଦ୍ଦେଶ୍ୟ ନ ବଦଳାଇ ଏଥିର ଉନ୍ନତି ନିମନ୍ତେ ଯତ୍ନବାନ୍ ହେବେ !

---

## ସାପ୍ତାହିକସମ୍ବାଦ ।

ଶୀତ କ୍ରମେ ବୃଦ୍ଧି ହେଉଅଛି ଏବଂ ସାଧାରଣ ସ୍ୱାସ୍ଥ୍ୟ ବର୍ତ୍ତମାନ ଉତ୍ତମ ଅଛି ।

ଗତ ବୃଧବାର ମାର୍ଗଶିର ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଓଢ଼ଣ ଲାଗି ହେଲା । ଏଥିରେ ସାତଶତ ଦେବୀ ଶୀତ ଅଧିକ ହୋଇଅଛି । ଘେଉଁଶ ଟିକେ ଲୋକେ ଓଢ଼ଣ ଦେଖି ଯାଇ ଫେରିଛନ୍ତି । ... ଭଲରେ ଲାଗିବାକୁ ଦେଖି ଦେବାକୁ ଦେବା ନିତାନ୍ତ ଅନ୍ୟାୟ ।

ଏଠାର ଏକ୍ଟିଂ ଇନସପେକ୍ଟର ବାବୁ ... ମହାଶୟ ଏମାନଙ୍କ ... ଉଦ୍ଧତ ହେଉଅଛନ୍ତି ।

### କଲିକତା-ଗେଜେଟ୍ ।

ଖୋର୍ଦ୍ଧାର ଆସିଷ୍ଟାଣ୍ଟ ଓ କଲେକ୍ଟର ମିଃ ... ପ୍ରଭୃତି ... ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ ଅଛନ୍ତି ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ... ଜାନୁଆରୀ ୧୮୯୮ ମସିହାର ୧ ତାରିଖଠାରୁ ... ହୋଇ ଅଛନ୍ତି ।

Digitized by srujanika@gmail.com

ପୋଲିସ ସବଇନସ୍ପେକ୍ଟର ପରୀକ୍ଷା ଚଳିତ ମାସ ତା ୧୭ ଓ ୧୮ ରିଖରେ ଓଡ଼ିଶାର କଟକ କେନ୍ଦ୍ରରେ ଗୃହୀତ ହେବ । କଟକ କେନ୍ଦ୍ର ନିମନ୍ତେ ପାଞ୍ଚଗୋଟି କାର୍ଯ୍ୟ ଖାଲି ଅଛି ।

---

ସନ ୧୯୦୦ ସାଲରେ ଫରାସି ରାଜଧାନୀ ପାରିସନଗରରେ ଗୋଟିଏ ପ୍ରଦର୍ଶନୀ ହେବ । ସେଠାରେ ପ୍ରଦର୍ଶିତ ହେବା କାରଣ କଲିକତାରେ ଏପରି ଏକ ବୃହତ୍ ଦୂରବୀକ୍ଷଣ ପ୍ରସ୍ତୁତ ହେବାର ଉଦ୍ୟମ ଲାଗିଅଛି ଯେମନ୍ତ କି ଚନ୍ଦ୍ରଠାରେ ପ୍ରାଣୀ ବାସ କରୁଥିଲେ ସେହି ଦୂରବୀକ୍ଷଣ ଦ୍ୱାରା ତାହା ଦେଖାଯିବ ।

ହିନ୍ଦୁଯାତ୍ରିମାନଙ୍କ କାରଣେ ରାଜା ଶିଉବକସ ବାହାଦୁର ଡାଲଖ୍ୟାଠାରେ ଯେଉଁ ଧର୍ମଶାଳା ନିର୍ମାଣ କରିଅଛନ୍ତି ଗତ ବର୍ଷ ତହିଁରେ ୪୮୦୦୦ ଯାତ୍ରୀ ଆଶ୍ରୟ ଗ୍ରହଣ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୫୦୦ଜଣଙ୍କୁ ଖାଇବାର ସାମଗ୍ରୀ ଦିଆଯାଇ ଥିଲା ।

ଯୋଧପୁର ପିଞ୍ଜରାପୋଳରେ ଗତବର୍ଷ ୧୦୦ ଗାଈ ବଳଦ, ୪୪ ମହିଷ, ୭୬ ଘୋଡ଼ା, ୧୨୭ ଛେଳି ମେଣ୍ଢା, ୮ କୁକୁର, ୭୧ ପାରା ଏବଂ ୧୭ ବିରାଡ଼ି ସାହାଯ୍ୟ ପାଇଥିଲେ । କେତେକ ଶମ୍ଭୁଦାସଙ୍କ ସ୍ଥାପିତ ଗଣେଶ ପିଞ୍ଜରାପୋଳରେ ୧୬ ପଶୁ ପକ୍ଷୀଙ୍କ ସେବା ହୋଇଥିଲା ।

ଜଣେ ଫରାସି ରସାୟନଜ୍ଞ କହୁଅଛନ୍ତି କି ଭବିଷ୍ୟତରେ ଧାନ ଗହମ ପ୍ରଭୃତି ମନୁଷ୍ୟର ଖାଦ୍ୟଦ୍ରବ୍ୟ ଉତ୍ପନ୍ନ ନିମନ୍ତେ ଭୂମିକର୍ଷଣର ଆବଶ୍ୟକ ହେବ ନାହିଁ । ସେସବୁ ପଦାର୍ଥ ରସାୟନିକ କ୍ରିୟା ବଳରେ ସହରର ଦୋକାନରେ ପ୍ରସ୍ତୁତ ହୋଇ ପାରିବ । ତଥାପି ଉଠିଗଲେ ଭୂମିର ପରିସୀମା ରହିବ ନାହିଁ ।

ଲଣ୍ଡନ ନଗରରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଟେମସ ଏବଂ ଅଲିସ ନଦୀରେ ଜଳପ୍ଲାବନ ହୋଇଅଛି ଯେମନ୍ତ କି ଗତ ଏକଶତ ବର୍ଷ ମଧ୍ୟରେ ଏପରି ବନ୍ୟା ଦେଖା ଯାଇ ନ ଥିଲା । ଇଟନ କଲେଜର ଚତୁର୍ଦ୍ଦିଗ ପାଣି ଘେରି ଯାଇ ଥିଲା । ସେ ଯୋଗୁଁ ପିଲାମାନଙ୍କର ପାଠ ବନ୍ଦ ହୋଇ ଥିବାର କହନ୍ତୁ ହୁଏ ।

ଲିସବନଠାରେ ବିଦ୍ରୋହ ଜାତ ହୋଇ ଥିବାର ସମ୍ବାଦ ମିଳିଲା । ସେମାନେ ବିଦ୍ରୋହୀଙ୍କି ଦମନ କରିବାକୁ ସକ୍ଷମ ହୋଇ ଅଛନ୍ତି । ବିଦ୍ରୋହୀମାନେ ଖୁବ ଲଢ଼ିଥିଲେ । ସେମାନଙ୍କର ମୃତ୍ୟୁସଂଖ୍ୟା ଜ ୨୫ ଣ ଏବଂ ଆହତ ହୋଇଥିବା ଲୋକଙ୍କ ସଂଖ୍ୟା ଜ ୧୧୨ ଣ ଅଟଇ ।

ରୋମଠାରୁ ଆସିଥିବା ସମ୍ବାଦମାନଙ୍କରୁ ପ୍ରକାଶ ଯେ ସିସିଲି ଏବଂ ଦକ୍ଷିଣ ଇଟାଲି ଠାରେ ଭୟାନକ ଭୂମିକମ୍ପ ହୋଇ ଅଛି । ଅନେକ ଘରଦ୍ୱାର ଏଥିରେ ନଷ୍ଟ ହୋଇ ଅଛି । ସାନ ଷ୍ଟେଫାନୋ ଠାରେ ଏକ ଗୀର୍ଜାଘରେ ଲୋକମାନେ ଉପାସନା କରୁଥିଲେ ଏମନ୍ତ ସମୟରେ ଭୂମିକମ୍ପ ଯୋଗେ ଗୀର୍ଜାଘର ଭୁଷୁଡ଼ିପଡ଼ିବାରୁ ସେ ଗୃହ ମଧ୍ୟରେ ଜ ୪୬ ଣ ପୋତିହୋଇ ମରିଗଲେ । ଅନେକ ଲୋକେ ଆଘାତ ପ୍ରାପ୍ତ ହୋଇ ଅଛନ୍ତି ।

ମାନ୍ଦ୍ରାଜର ହିନ୍ଦୁଙ୍କ ପଞ୍ଚ କୋମାନେ ଅପଣା ଜଣଠାରୁ କେତେ ଦୂରପାର ହୋଇଁ ଦୃଷ୍ଟିରେ ବୋଲିମାନସାରେ ଘର ଖେଳା ପତ୍ନୀକୁ ବିବାହ ହେଲେ ତାହାଙ୍କ ସ୍ତ୍ରୀ ସେହି ସମ୍ବାଦରେ ଭାବିଲ ତ ଶେଷରୁ ବିବାହ ହେଲେ । ଉତ୍କଳ ପ୍ରଚଳିତ ସମାଜ ନ ହେଲେ ସ୍ୱାଧୀନତାର ମହିମା ଜଣା ପଡ଼ନ୍ତା କି ?

ଏସଥାନରେ ଗିନ୍ନିମୁନାର ମୂଲ୍ୟ ଟ ୧୮/ ଓ ମୋହରର ମୂଲ୍ୟ ଟ ୨୭ ୩ ହୋଇ ଅଛି । ଗିନ୍ନିରୂପା ଏକଶତ ତୋଳାର ଟ ୬୪ ୩

କହିବ ହୁଅଇ ଯେ ଭୁଷଣଙ୍କର ଶ୍ରାଦ୍ଧ ଅବଧି ନରବଳିପ୍ରଥା ପ୍ରଚଳିତ ଅଛି । ବ୍ରିଟିଶମାନଙ୍କୁ ଏ ସମ୍ବାଦ ଜଣା ନାହିଁ କି ? ନା ବଳବାନମାନଙ୍କ ବଳ ସହଜ ନୁହେ ।

ମାନ୍ଦ୍ରାଜ ଅଞ୍ଚଳରେ ଏକଜଣ ଫକୀର ଅଦାଲତରେ ମାନହାନିର ନାଲିସ ଉପସ୍ଥିତ କରିଅଛି । ଫକୀରର ମାନ, ଉତ୍ତମ ମନ୍ଦ ନୁହେ ।

ଫରାସୀ ରାଜ୍ୟରେ ଜଣେ ମନୁଷ୍ୟର ସ୍ତ୍ରୀ ସ୍ୱାମୀ କ୍ରିୟାରେ ବାଧ୍ୟ ହୋଇ ଏକସଙ୍ଗାତି ଡମ୍ବର କରି ଭୂଇଁରେ ଅଗ୍ନିରେ ଡେଇଁପଡ଼ି ପ୍ରାଣତ୍ୟାଗ କଲା । ଆମଦେଶରେ ମଧ୍ୟ ସତୀ ହେବାର ଭଲ ମନରେ ଉଦୟ ହୁଅଇ ।

ବମ୍ବଇସହରରୁ ଏଥର ପାଞ୍ଚଟା ହାତୀଶୁଆ ବଣାହୋଇ ଲେଇଛାର କିଣିବାକୁ ଆସିଥିଲା । ତହିଁ ମଧ୍ୟରୁ ଗୋଟିଏ ପଶୁଶାଳାରେ ରହିଲା ଅଉ ଚାରିଗୋଟି କାହାକରେ ଇଂଲଣ୍ଡକୁ ପଠାଗଲା ।

କାବୁଲର ଅମୀରଙ୍କର ଏକ ପୁତ୍ର ଅଛି । ତାଙ୍କର ନାମ ନସରିଉଲ୍ଲା । ସେ ଗତ ୪ ଟିବର୍ଷ ମଧ୍ୟରେ ଚୀନ ଓ ଜାପାନର ନାନା ସ୍ଥାନରେ ପରିଭ୍ରମଣ କରି ଅନେକ ସମ୍ବାଦ ଅମୀରଙ୍କୁ ଯୋଗାଇ ଅଛନ୍ତି । ଏଥର ପ୍ରଜାପାର୍ଶ୍ୱର ଅନେକ ପ୍ରଜାଙ୍କ ଉପକାରରେ ମଧ୍ୟ ବାସ କରି ଅନେକ ଛବି ସେନା ଆଣିଅଛନ୍ତି ।

ପାରସ୍ୟର ଶାହ ଅପଣା ରାଜ୍ୟର ଅସ୍ତ୍ରବୃଦ୍ଧି କରିବା ନିମନ୍ତେ ବିଦେଶରେ ତମାଖୁ ଫସଲ ଯଥେଷ୍ଟ ଚାଷ କରିବାର ଆଦେଶ ପ୍ରଚାର କରିଅଛନ୍ତି ।

ସମ୍ବଲପୁର ହିତୈଷିଣୀର ସମ୍ପାଦକ ଓ ସମ୍ବଲପୁର ସମ୍ପାଦକ ପୀଡ଼ିତ ଥିବାରୁ ସେହି ସମ୍ବାଦପତ୍ର ଅସମୟରେ ବାହାର ହେଉଅଛି । ସୁଖର ବିଷୟ ସମ୍ପାଦକ ବର୍ତ୍ତମାନ ଆରୋଗ୍ୟତା ଲାଭ କରିଅଛନ୍ତି କେବଳ ଦୁର୍ବଳତା ଯୋଗୁ କାର୍ଯ୍ୟ କରି ପାରୁ ନାହାନ୍ତି ।

ମଧ୍ୟଅଗ୍ନି ଦ୍ୱୀପରେ ଭାରତରୁ ଲୋକ ନେଇ ଉପନିବେଶ ସ୍ଥାପନ କରିବା କାରଣ ଫରାସୀମାନେ ପରାମର୍ଶ କରୁଅଛନ୍ତି । ସେଠାର ଇଂରେଜ କମିଶନର ଲେଫଟନାଣ୍ଟ ସାହେବ କହନ୍ତି ସେ ଭାରତର ସାହାଯ୍ୟ ବିନା ମଧ୍ୟଅଗ୍ନି ଦ୍ୱୀପର ମଙ୍ଗଳ ନାହିଁ ।

ବାକସା ମିଉନିସିପାଲିଟୀ ଅଫିସର ଜଣେ ସର୍ପ ଏକ ଝାପୁଆ କେଳା ନିକଟରେ ସାପ ଖେଳାଇବାର ଗୁଣିବିଦ୍ୟା ଶିଖୁଥିଲା । ଅଳ୍ପଦିନ ହେଲା ସେହି ସର୍ପ ଗୋଟିଏ ଗୋଖରା ସାପକୁ ପେଡ଼ିରେ ଭାଲି ହିଁ ଏ ଉପାୟ କରିବାରୁ ସାପ ତହିଁ ମଧ୍ୟରୁ ବାହାରି ତାହାକୁ ଦଂଶନ କଲା ଏବଂ କିଛି ଘଣ୍ଟାରେ ସର୍ପ ଅଳ୍ପକ୍ଷଣ ମଧ୍ୟରେ ମରିପଡ଼ିଲା ।

ଗତମାସ ତା ୧୨ ରିଖ ଦିନ କଲିକତା ଇଣ୍ଟାଲିଠାରେ ଜଣେ ଅଳ୍ପବୟସ୍କା ହିନ୍ଦୁ ବିଧବା ମୁସଲମାନ ଧର୍ମ ଆଶ୍ରୟ କରିଥିବାର ସମ୍ବାଦ ମିଳିଲା । ମସଜିଦରେ ମୁସଲମାନ ଧର୍ମ ଗ୍ରହଣ କରିବାରୁ ଜଣେ ମୁସଲମାନ ସଙ୍ଗରେ ତାହାର ବିବାହ ହୋଇଗଲା ।—ପ୍ରେମରୁ ଧର୍ମାଶା ଜାତ ଦେଖାପଡ଼ୁ ।

କଲମ୍ବୋ ଏବଂ ତ୍ରିଣକମାଲି ମଧ୍ୟରେ ଟେଲିଫୋନ ଯନ୍ତ୍ର ବସି ଥିବାର ସମ୍ବାଦ ମିଳିଲା । ଏହି ଦୁଇନଗର ମଧ୍ୟରେ ୨୨° ମାଇଲ ବ୍ୟବଧାନ ଥିଲେହେଁ ଟେଲିଫୋନ ଯୋଗେ କଥାମାନ ଉତ୍ତମରୂପେ ଶୁଣାଯାଇ ଥିଲା ।

ବର୍ଲିନଠାରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଜାନଜିବରର ଏକ ସୁଲତାନଙ୍କ ଗୋଟିଏ ଇଂରେଜାଧୀନ ଦ୍ୱୀପ ଠାରେ ଆକ୍ରମଣ କରି ୨୨୫ ଜଣ ଲୋକ ନଷ୍ଟ କରିଅଛି । ସେଥିପାଇଁ ଅନେକ ଉଦ୍ବେଗ ଏଥିର ହେବୁ ବୋଲି ଅନୁମାନ ହୁଏ ।

ଅଳ୍ପଦିନ ହେଲା ଲକ୍ଷ୍ନୌର ଏକ ବାରିଷ୍ଟରଙ୍କ ଘୋଡ଼ା କୁକୁର ଦଂଶନରେ ପ୍ରାଣତ୍ୟାଗ କରିଅଛି ।

## ଯାଜପୁର–ସମ୍ବାଦ ।

କାମଣ୍ଡା ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ଓଡ଼ିଆ ଏବଂ ଯୋ ଚନ୍ଦ୍ରିକା ପୁସ୍ତକରୁ କାଇଁପୁରର ଅନ୍ୟତର ଜମିଦାର ଶ୍ରୀଯୁକ୍ତ ରାୟ ଗୋବିନ୍ଦବଲ୍ଲଭ ରାୟ ବାହାଦୁର ମହାଶୟ ଦୁଇଶତ ଖଣ୍ଡ କିଣାଇ ଆପଣା ଜମିଦାରୀର ପ୍ରତ୍ୟେକ ମୌଜାରେ ଦୁଇଖଣ୍ଡ ପୁସ୍ତକରେ ଦାନ କରି ପ୍ରଜାମାନଙ୍କର ଅଶେଷ ଉପକାର ସାଧନ କରି ଅଛନ୍ତି । ମଫସଲରେ ଡାକ୍ତର ଓ କବିରାଜ ମାନଙ୍କର ଯେପରି ଅଭାବ ସେଥିରେ ଉକ୍ତ ପୁସ୍ତକଦ୍ୱାରା ଯେ ଅତ୍ୟଧିକ ଉପକାର ହେବ ଏଥିରେ କିଛି ସନ୍ଦେହ ନାହିଁ । ଓଡ଼ିଶାର ଜମିଦାର ବର୍ଗଙ୍କୁ ଏ ବିଷୟ ଅନୁକରଣ କରିବାକୁ ଅନୁରୋଧ କରୁଅଛୁଁ ।

କାମଣ୍ଡା ପ୍ରେସର ମେନେଜର ଶ୍ରୀଯୁକ୍ତ ପଣ୍ଡିତ ଗଣନାଥ ଶତପଥୀଙ୍କ ମହାଶୟ ତମାଖୁର ଅପକାରିତା ବିଷୟରେ ଗଣ୍ଡିଏ ପୁସ୍ତକ ଲେଖି ଉକ୍ତ ପୁସ୍ତକର ହୁଡ଼ାକଙ୍କର ବ୍ୟୟଭାର ବହାଇବା ନିମନ୍ତେ ଉପରୋକ୍ତ ରାୟ ବାହାଦୁର ମହାଶୟଙ୍କୁ ଅନୁରୋଧ କରିବାରେ ସେ ଉକ୍ତ ପୁସ୍ତକ ଛପାଇବାର ସମ୍ମତ ହେବାରୁ ବର୍ତ୍ତମାନ ତାହା ଛପା ହେଉ ଅଛି । ରାୟବାହାଦୁର ଅବଶ୍ୟ ବିନା ମୂଲ୍ୟରେ ବିତରଣ କରି ରାୟବାହାଦୁର ପଦର ସାର୍ଥକତା ସମ୍ପାଦନ କରନ୍ତୁ ।

## ପୁରୀ–ସମ୍ବାଦ ।

ଗତ ତା ୨୭ ରିଖ ସୋମବାର ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାର ମଧ୍ୟଭାଗରେ "ସମୁଦ୍ରରେ ମହୋଦଧି ଅମାବାସ୍ୟା" ସ୍ନାନଯୋଗ ପଡ଼ିବାରୁ ଏଠାର ବାସିନ୍ଦା ଏବଂ ପଞ୍ଚକ୍ରୋଶୀ ଯାତ୍ରିମାନଙ୍କ ଦ୍ୱାରା ସ ୧୧ ଘ ଠାରୁ ଅପରାହ୍ନ ସ ୫ ଘ ପର୍ଯ୍ୟନ୍ତ ସମୁଦ୍ର କୂଳରେ ବହୁ ଭିଡ଼ ହୋଇଥିଲା । ଏହି ଉପଲକ୍ଷରେ ବଳଷ୍ଟା କରେଣ୍ଟ ପରତ ଅଭିମାନ ବନ୍ଦ ଥିଲା । କିନ୍ତୁ ଏହିଯୋଗ ପ୍ରାତଃକାଳୀନ ନ ହେବାରୁ ବିଶେଷ ଜନତା ହୋଇ ନ ଥିଲା ।

ଏଠା ସୁବିଧ ଇନସ୍ପେକ୍ଟର ବାବୁ ଅବନୀଶଚନ୍ଦ୍ର ମୁଖର୍ଜୀ ପୀଡ଼ାଗ୍ରସ୍ତ ହେବାରୁ ମା ୨ ସ ଫର୍ଲୋ ଛୁଟି ଗ୍ରହଣ କରି ସ୍ୱଦେଶକୁ ଯାଇ ଅଛନ୍ତି ଏବଂ ବାବୁ ଶ୍ରୀ ଭୂଦେବ ଚନ୍ଦ୍ର ବାନର୍ଜୀ ଉକ୍ତ କର୍ମରେ ନିଯୁକ୍ତ ହୋଇ କର୍ମ କରୁ ଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।—

ମହାଶୟ !

ଏକଗ୍ରାମ ନଦୀତୀରରେ ଥିବାରୁ ନଦୀର ପ୍ରବଳତା ଦେଖି ସମସ୍ତ ନିବାସିମାନେ ଆପଣା ଗୃହକୁ ତ୍ୟାଗ କରି କେଉଁଠାକୁ ଦୂରରେ ଯାଇ ନିବାସ କରି ରହିଲେଣି । କେବଳ ସେହି ଗ୍ରାମରେ ଥିବା ଶିବଲିଙ୍ଗ ମନ୍ଦିର ସହିତ ରହି ଅଛନ୍ତି କିନ୍ତୁ ଦେଖାଯାଏ ଯେ ଅଗତ ସନରୁ (ସେହି ନଦୀର ବେଗ ଯେପରି କି ମନ୍ଦିର ନିକଟରେ ହୋଇଅଛି) ସେହି ମନ୍ଦିର ଏବଂ

Split by PDF Splitter
Digitized by srujanika@gmail.com

Split by PDF Splitter



ଶିବଲିଙ୍ଗ ନଗାଗର୍ଭରେ ପତିତ ହେବା ପ୍ରାପ୍ତ ହେଉଅଛି । ଏହା ଦେଖି କେହୁ ଧାର୍ମିକ ବ୍ୟକ୍ତି ଅନ୍ୟ ସ୍ଥାନରେ ମନ୍ଦିର ତୋଳାଇ ସେହି ଶିବଲିଙ୍ଗଙ୍କୁ ସ୍ଥାପନ କରାଇବା ପାଇଁ ଇଚ୍ଛା କରିବାରୁ ଶିବଲିଙ୍ଗ ସ୍ଥାନାନ୍ତର କରାଇବାର ନ୍ୟାୟାନ୍ୟାୟ କହି କେତେକ ବ୍ୟକ୍ତି ନିଷେଧ କରୁଅଛନ୍ତି । ଅତଏବ ଶ୍ରୀ ସାରନଦବିନ୍ଦ୍ୱ ପୁର ଅର୍ଯ୍ୟଧର୍ମରକ୍ଷିଣୀ ସଭା ଓ ଶ୍ରୀ ପୁରୁଷୋତ୍ତମର ସନାତନ ଧର୍ମରକ୍ଷିଣୀ ସଭା ଏବଂ ଅନ୍ୟାନ୍ୟ ସ୍ଥଳରେ ଯେତେ ହିନ୍ଦୁଧର୍ମପ୍ରତିପାଦକ ସଭା ଅଛି ସମସ୍ତଙ୍କ ନିକଟରେ ଆମ୍ଭର ପ୍ରାର୍ଥନା ଏହି ଯେ ଉକ୍ତ ଶିବଲିଙ୍ଗଙ୍କୁ ସେଠାରୁ ସ୍ଥାନାନ୍ତର କରାଇବାର ଉଚିତ କି ନା ଏଥିର ପ୍ରତ୍ୟୁତ୍ତର ଆପଣଙ୍କ ଉତ୍କଳଦୀପିକାରେ ପ୍ରକଟିତ କରିଲେ ଆମ୍ଭମାନଙ୍କର ସଂଶୟ ଛେଦନ କରିବେ ।

ତା । ଶ୍ରୀ ସୋମନାଥ ପ୍ରଧାନ

କେଉଁତା

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ସ୍ୱଦେଶୀୟ ପତ୍ରିକାରେ ପ୍ରକାଶିତ କରି ବାଧିତ କରିବା ହେବେ ।

ଗତମାସ ତା ୧୮ ରିଖରେ ଆମ୍ଭେ ଅତକାଳ ଗ୍ରହଣକାର ଗୃହାଭିମୁଖରେ ଯାତ୍ରା କରୁଥିବା ସମୟରେ ପଥ ମଧ୍ୟସ୍ଥ ସୁନ୍ଦୁପୁର ମୁକାମରେ ଏକଦିନ ମାତ୍ର ଅବସ୍ଥାନ କରିଥିଲୁଁ । ସେହିଦିନ ମହାରାଜ ଶ୍ରୀମନ୍ ପ୍ରତାପରୁଦ୍ର ସିଂହ ଦେବ ଅପଣାର ସୁଯୋଗ୍ୟ ପୁତ୍ର ଯୁବରାଜ ଶ୍ରୀମନ୍ ବୀରମିତ୍ରୋଦୟ ସିଂହଙ୍କ ସମଭିବ୍ୟାହାରରେ ସ୍ୱୀୟ ରାଜ୍ୟମଧ୍ୟସ୍ଥ କାର୍ଯ୍ୟାଳୟମାନ ପରିଦର୍ଶନ କରିବା ନିମିତ୍ତ ବହିର୍ଗତ ହୋଇ ଥିବାର ଅବଗତ ହୋଇ କୌତୂହଳ ପରବଶରେ ହୋଇ ଅମ୍ଭେ ତାଙ୍କର କାର୍ଯ୍ୟପ୍ରଣାଳୀ ସନ୍ଦର୍ଶନ କରିବା ମାନସରେ ତାଙ୍କର ଅନୁସରଣ କରିବାକୁ ପ୍ରବୃତ୍ତ ହେଲୁଁ ଫଳତଃ ଯାହା ଯାହା ପ୍ରତ୍ୟକ୍ଷ କଲୁଁ ତାହା ମହାରାଜଙ୍କ ପକ୍ଷରେ ଅଧିକ ପ୍ରଶଂସାର କଥା, ସନ୍ଦେହ ନାହିଁ । ପୁଣି ଯୁବରାଜ ମହୋଦୟଙ୍କର ତୀକ୍ଷ୍ଣଦୃଷ୍ଟି ଓ ବୟସ୍କ ବୁଦ୍ଧି ଇତୋଽଧିକ ପ୍ରଶଂସାର ବିଷୟ ।

ରାଜ୍ୟଶାସନ ସମ୍ବନ୍ଧୀୟ ନାନା ବିଭାଗରେ ମହାରାଜ ଓ ଯୁବରାଜ ଉଭୟଙ୍କର ବିଶେଷ ଦକ୍ଷତା ଥିବାର ସୁସ୍ପଷ୍ଟ ପ୍ରମାଣମାନ ହେଲା । ପ୍ରତ୍ୟେକ ବିଭାଗର କର୍ମଚାରୀମାନଙ୍କ ପ୍ରତି ସେପରି କଠିନ ଓ ସୂକ୍ଷ୍ମ ପ୍ରଶ୍ନମାନ ପ୍ରୟୋଗ କରୁଥିଲେ ଏବଂ ଯେପରି ମନୋଯୋଗ ଓ ସାବଧାନତାର ସହିତ ନାନା ବିଷୟକ କାଗଜପତ୍ର ମାନ ପରୀକ୍ଷା କରୁଥିଲେ, ସେଥିରୁ ତାଙ୍କର ଯୋଗ୍ୟତା ଓ ବୁଦ୍ଧିମତ୍ତାର ଯଥେଷ୍ଟ ପରିଚୟ ମିଳୁଥିଲା ଅନ୍ୟକଥା ଦୂରେ ଥାଉ ତହସୀଲୟ ପରିଦର୍ଶନ କଲାବେଳେ ଅମ୍ଭଙ୍କୁ ବୋଧ ହେଲା ଯେପରି ପିତା ପୁତ୍ର ଉଭୟେ ତହସୀଲଦାରରେ ସୁନିପୁଣ । ମହାରାଜଙ୍କର କନିଷ୍ଠ ଭ୍ରାତା ଶ୍ରୀଯୁକ୍ତ ଲାଲ ବୀରକିଶୋରଚନ୍ଦ୍ର ସିଂହ ସୁନ୍ଦୁପୁର ପୁଲିସ ବିଭାଗର ଅଧ୍ୟକ୍ଷ । ଏ ମହାଶୟ ଜଣେ ସୁଯୋଗ୍ୟ କର୍ମଚାରୀ ଓ ପୁଲିସର ଉପଯୁକ୍ତ ନେତା ଥିବାର ବୋଧ ହେଲା ।

ସମ୍ପାଦକ ମହାଶୟ, ଅଧିକ କଥା ଲେଖି ଆପଣଙ୍କ ପତ୍ରିକାର କଲେବର ପୂର୍ଣ୍ଣ କରିବାକୁ ଇଚ୍ଛା କରୁଁ ନା । ବର୍ତ୍ତମାନ ସମୟରେ ଅନେକ ସ୍ଥଳରେ ଦେଶୀୟ ରାଜାମାନଙ୍କ ରାଜ୍ୟ ଶାସନରେ ନାନା ବିଶୃଙ୍ଖଳାର କଥା ଶ୍ରୁତିଗୋଚର ହୁଏ । ଅନେକସ୍ଥଳରେ କର୍ମଚାରୀମାନେ ରାଜ୍ୟର କର୍ତ୍ତା, ଧର୍ତ୍ତା, ବିଧାତା ହୋଇ ବସି ଖାଅନ୍ତି । ରାଜାମାନେ କେବଳ ବିଳାସରେ ମତ୍ତ ରାଜ୍ୟର ସୁଶାସନ ବିଷୟରେ ଏକାନ୍ତ ଉଦାସୀନ । ଉପରୋକ୍ତ ଘଟନାରେ ଅମ୍ଭେ ସୁନ୍ଦୁପୁର ମହାରାଜ ଓ ଯୁବରାଜଙ୍କର ଯେପରି କାର୍ଯ୍ୟତତ୍ପରତା ଓ ବୁଦ୍ଧିମତ୍ତାର ପରିଚୟ ପାଇଲୁଁ ଦେଶୀୟ ରାଜନ୍ୟବୃନ୍ଦ ସେହିପରି ସ୍ୱୀୟ ୨ ରାଜ୍ୟଶାସନରେ ମନୋଯୋଗ ପ୍ରଦର୍ଶନ କଲେ ସେମାନଙ୍କର ନାମରୁ ସକଳ କଳଙ୍କ ବିଦୂରିତ ହେବ ଏବଂ ରାଜକର୍ମଚାରୀମାନେ କ୍ଷମତାର ଅପବ୍ୟବହାର କରିବାକୁ ଅବସର ସୁଦ୍ଧା ପାଇ ପାରିବେ ନାହିଁ ।

ପରିଶେଷରେ ଈଶ୍ୱରଙ୍କଠାରେ ପ୍ରାର୍ଥନା ଏହି ଯେ ରାଜାମହୋଦୟ ଚିରଜୀବୀ ହୋଇ ଅପଣା ପଦର ଗୌରବ ଉତ୍ତରୋତ୍ତର ବୃଦ୍ଧି କରନ୍ତୁ ଏବଂ ରାଜପୁତ୍ର ମହୋଦୟ ପିତାଙ୍କର ଉପଯୁକ୍ତ ପୁତ୍ରରୂପେ ସର୍ବତ୍ର ସୁନାମ ଲାଭ କରନ୍ତୁ । ଇତି ।

୨୦।୧୧।୧୮୯୪ } ତା । ମାଧବଚନ୍ଦ୍ର କର
} ହେ ମା, ବରଗଡ ସ୍କୁଲ

☞ ସାଧାରଣ ମତର ପୋଷକତାରେ କାର୍ଯ୍ୟ କରିବାର ଉପାହରଣ ଦେଖାଯାଇ ଥିଲେ ଅଧିକ ହୃଦୟଗ୍ରାହୀ ହୁଅନ୍ତା ଏବଂ ଲେଖକଙ୍କ ମତ କେତେଦୂର ସୁସଙ୍ଗତ ହୋଇଅଛି ପାଠକମାନେ ବୁଝିବାକୁ ପାରନ୍ତେ । ଏଥିରୁ ଏମନ୍ତ କେହି ବୁଝିବେ ନାହିଁ ଯେ ଲେଖକଙ୍କ ମତରୁ ଅବଦ୍ଧେୟ ବା ଅଗ୍ରାହ୍ୟ କରିବା ଅମ୍ଭମାନଙ୍କର ଅଭିପ୍ରାୟ । ସାଧାରଣ ସ୍ଥଳରେ ମତ ପ୍ରକାଶ କରିବା ଅପେକ୍ଷା କାର୍ଯ୍ୟ ବିଶେଷର ଉଦ୍ଦେଶରୁ ଅମ୍ଭେମାନେ ଅଧିକ ମୂଲ୍ୟବାନ୍ ଜ୍ଞାନ କରୁଁ ଏହି ବିଷୟ ପତ୍ରପ୍ରେରକମାନଙ୍କୁ ଜଣାଇବା ଅମ୍ଭମାନଙ୍କର ଏ ମନ୍ତବ୍ୟର ଅଭିପ୍ରାୟ ଅଟେ । ଉ, ଦୀ, ସ,

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ | ଜଗନ୍ନାଥ ପଣ୍ଡା | କେନ୍ଦାର | ୫ ୩୯ |
| „ | କୃଷ୍ଣଚନ୍ଦ୍ର ମହାନ୍ତି | କଟକ | ୫ ୩୯ |
| „ | ମାର୍କଣ୍ଡ ଚୌଧୁରୀ | ଯୋବରା | ୫ ୧୯ |
| „ | କାହ୍ନୁ ଚରଣ ପଟ୍ଟନାୟକ ଚଉଦ୍ୱାର | | ୫ ୩୯ |
| „ | ରାଜକିଶୋର ଦାସ | ତୁଳସୀପୁର କଟକ | ୫ ୧୯ |

---

# ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦଉଡ଼ିବାଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

---

## ଉଷାବତୀ ହରଣ ମୂଲ୍ୟ ୫୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

---

"ଏତଦ୍ୱାରା ଜଣାଉଅଛୁଁ ଯେ ଅତ୍ରସ୍ଥଳେହିଁ ଭାରତର କୌଣସି ବ୍ୟକ୍ତିର ଫଟୋଗ୍ରାଫ ଦେଖି ସେହି ଫଟୋଗ୍ରାଫର ଅବିକଳ ପ୍ରିଣ୍ଟ ଓ ମାଟିର ପ୍ରତିମୂର୍ତ୍ତି ଏକ ମୋଟା ଲେଖାଏ ନମୁନା ସାଇଦନ ମଧ୍ୟରେ ଡିସେମ୍ବରମାସ ତା ୩ ରିଖଠାରୁ ( ପ୍ରତ୍ୟେକ ଦିନ ସକାଳ ଘ ୮ ଟା ଠାରୁ ସନ୍ଧ୍ୟା ଘ ୬ ଟା ପର୍ଯ୍ୟନ୍ତ ) ତିଆରି କରି ଦେଲେ ସେ ବ୍ୟକ୍ତି ଉଭୟ ନମୁନା ସହାଯ ଦଶ ୫ ୧୦ ଙ୍କା ପୁରସ୍କାର ପାଇବେ ।

ଶ୍ରୀ ରାଜନାରାୟଣ ପଣ୍ଡିତ

ଗୃହଶୋଭନ

କଟକ

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବିଲାତ, ରେସମୀ ଓ ଗେରୁ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଗ୍ରାହକମାନଙ୍କ ପକ୍ଷ

Digitized by srujanika@gmail.com

ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂନଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବଜାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକ-ମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଦୁଇଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁ-ପେଏବଲ୍ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ତଫସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଟମେଷ୍ଟ ପେନସୀଲ | ଗୋ ୧ ଟ ୦।/ |
| ଲାଲ ଓ ନୀଳ ପେନସୀଲ | ଗୋ ୧ ଟ ୦୶୯ |
| ଓଡ଼ିଜ ପେନସୀଲ | ବ ୧ ଟ ୦ ৷৹ |
| ନକସା କାଗଜ | ଦ ୧ ଟ ୦ ৷৹ |
| ଫୁଲସକେପ୍ କାଗଜ ସରୁଆ | ଦ ୧ ଟ ୦ ୶୩ |
| ଏକନ ରୁଲବାଲା | ଦ ୧ ଟ ୦ ୶୨ |
| ଏକନ ଜରସା | ଦ ୧ ଟ ୦ ୶୩ |
| ଫାଉସିନୋଟପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରସା | ଦ ୧ ଟ ୦ ୶ |
| ଏକନ ମଧ୍ୟମ | ଦ ୧ ଟ ୦/ |
| ଲଫାଫା ସରସା ସ୧୦୦ଟ୦୳୶ | ଗୋ ୨୫ ଟ୦୶୩ |
| ଏକନ ମଧ୍ୟମ ସ୧୦୦ ଟ ୦ ৷৹ | ଗୋ ୨୫ ଟ୦!୯ |
| ବାଲିକାଗଜ ୧୬ ପଣି | ଦ ୧ ଟ ୦ ୶୩ |
| ସୀହାଇ | ବୋ ୧ ଟ ୦ ৷৶ |
| ଏକନ ଗୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ଫକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଶ୍ର ଲ ଟ ୦ ୶୨ |
| [illegible]ଲିଷ୍ଟ ପେନସୀଲ | ବ ୧ ଟ ୦ ৷৹ |
| [illegible]ବର | ଖ ୧ ଟ ୦ ৷৹୩ |
| [illegible]ଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| [illegible]ହା କଲମ (ନିବ) ସରସା | ଡ଼ ୧ ଟ ୦ ୶ |
| [illegible]କନ ଜରସା | ଡ଼ ୧ ଟ ୦ ୯୯ |

| | |
|---|---|
| ଏକନ୍ କଡ଼ମାଗଳନୋନମ | ଗୋ୧ ଟ ୦ ୧୬ |
| ହାତଦୁଅନ ଢାକୁଣି ସହିତ (ଜନଷାବାଲା) | ଗୋ ୧ ଟ ୦ । |
| ଏକନ ସାଧାରଣ | ଗୋ ୧ ଟ ୦୶୨ |
| କଳାଫିତା ସରସା | ଗ ୧ ଟ ୦ ৷৹ |
| କୋଇପ୍ଲାର ବେଗ ଗୃହସହିତ | ଗୋ ୧ ଟ ୦୳৷৹ |
| ମନିବେଗ | ଗୋ ୧ ଟ ୦ ୶ |
| ମୁଗ୍ଧଳପଥରର ଫଷ୍ଟିକୁଳା ଓ ରୁପେଲିନକଷାବାଲା | ଗୋ ୧ ଟ ୨।' |
| ଲେଟବେଣ୍ଡର | ଗୋ ୧ ଟ ୧୯ |
| ମେକସର ଶଏଲ | ଗୋ ୧ ଟ ୦ ୳ |
| ସାବୁନ ସରସା | ଖ ୧ ଟ ୦ /୯ |
| ଫୁଲଦାନୀ | ଗୋ ୧ ଟ ୧୶ |
| ଦେବାଲଗିର ଡାଇଗ୍ରା | ଗୋ ୨ ଟ ୪। |
| ଏକନ ଏକଡାଳଅ | ଗୋ ୧ ଟ ୨ |
| ସେଫ୍ଟ | ଗୋ ୧ ଟ ୨ |
| ଆସବେଷ୍ଟ | ଗୋ ୧ ଟ ୶ ୨ |
| ତାସ | ଦ ୧ ଟ ୦ /୩ |
| ସାଜପଗଡ଼ୀ | ଗୋ ୧ ଟ ୫ ୯ |
| ବନାରସୀ ସର୍ତ୍ତ ଜମ୍ପ | ଗ ୧ |
| ପଚଦାରଏହାକୁ କୌଣସି ଘାଟରେ ରଖି ନିଅଁରେ ତରଳାଇ କୋଠା ଖଡର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ |

କଟକ
ଚୌଧୁରୀ ବଜାର } ଆରତବନ୍ଧୁ କର କମ୍ପାନୀ

---

## ବସୁ ଫ୍ରେଣ୍ଡ ଏବଂ କୋଂ ।

ନ ୬୧।୧।୧ ଶିଭାରାମଘୋଷ ଷ୍ଟ୍ରିଟ କଲିକତା ।

ଅମ୍ଭେମାନେ ବହୁ ଦିବସରୁ ଚେଷ୍ଟାକରି ସାଧାରଣଙ୍କ ଉପକାରାର୍ଥେ ନିମ୍ନଲିଖିତ ଔଷଧ ଗୁଡ଼ିକ ଆବିଷ୍କାର କରିଅଛୁଁ । ଅନ୍ୟାନ୍ୟ ପେଟେଣ୍ଟ ଔଷଧପରି ଅମ୍ଭମାନଙ୍କର ନୁହେ । ଅନ୍ୟାନ୍ୟ ଲୋକମାନଙ୍କ ପରି ଅମ୍ଭମାନଙ୍କର ଲୋକମାନଙ୍କୁ ପ୍ରତାରଣା କରିବାର ଉଦ୍ଦେଶ୍ୟ ନୁହେ ଯାହା-ଦ୍ୱାରା ଲୋକମାନଙ୍କର ବିଶେଷ ଉପକାର ହୁଏ ଏଥି ବିଷୟରେ ଅମ୍ଭମାନଙ୍କର ବିଶେଷ ଚେଷ୍ଟା । ଯେଉଁମାନେ ଏକଥର ଠକିଅଛନ୍ତି ଅର୍ଥାତ୍ ପେ-ଟେଣ୍ଟ ଔଷଧ ନେଇ ହତାଶ ହୋଇ ଅଛନ୍ତି ସେମାନଙ୍କୁ ଅମ୍ଭର ଏହି ପ୍ରାର୍ଥନା ଯେ ଅମ୍ଭର ଔଷଧ ନେଇ ଏକଥର ପରୀକ୍ଷାକରି ଦେଖନ୍ତୁ । ଏହାଦ୍ୱାରା ଅନେକ ରୋଗୀ ଆରୋଗ୍ୟଲାଭ କ-ରିଅଛନ୍ତି । ଯଦି ଆମ୍ଭର ଔଷଧ ନିୟମିତରୂପେ ବ୍ୟବହାର କରି ତାହାର ଉପକାର ନ ହୁଏ ତାହା ହେଲେ ବାକୀ ଔଷଧ ଫେରସ୍ତ ଦେଲେ ଦାମ ଫେରସ୍ତ ପାଇବେ ।

ଜ୍ୱରମୃତ ବଟିକା ।— ଏହା ଦେଶୀୟ ଗଛ ଓ ଡାଳଦ୍ୱାରା ପ୍ରସ୍ତୁତ, ଏଥିରେ କୁଇନାଇନ କିମ୍ବା ଅନ୍ୟ କୌଣସି ଅନିଷ୍ଟଜନକ ପଦାର୍ଥ ନାହିଁ । ଏହା ବ୍ୟବହାରରେ ମେଲେରିଆଜ୍ୱର, କୁଇନାଇନ ବନ୍ଧଜ୍ୱର, ନକ୍ସାଗତଜ୍ୱର, ପାଳିଜ୍ୱର ଇତ୍ୟାଦି ଯେ କୌଣସି ଜ୍ୱର ହଉନାକାହିଁକି ନିଶ୍ଚୟ ଆରୋଗ୍ୟ ହେବ, ମୂଲ୍ୟ ବଡ଼ କୌଟା ଟ ୧୶ ଅଣା ଛୋଟ କୌଟା ଟ ୦୳୶ ଡାକ-ମାସୁଲ ଟ ୦ । ଓ ପେକିଂ ୵୦୶ ଅଣା ଲାଗିବ ।

ଅମ୍ଳାନ୍ତକ ବଟିକା— ଏହି ଔଷଧ ସେବନ କଲେ ଅମ୍ଳୋଦ୍‌ଗାର, ବମନ, ଅମ୍ଳଜନିତ ବେଦନା ନିଶ୍ଚୟ ଆରୋଗ୍ୟ ହେବ । ମୂଲ୍ୟ ବଡ଼ କୌଟା ଟ ୧। ଛୋଟ କୌଟା ଟ ୧୮ ପ୍ୟାକିଂ ଓ ଡାକମାସୁଲ ଟ ୦।୶ ଲାଗିବ ।

କ୍ଷତାନ୍ତକ ଚୂର୍ଣ୍ଣ—ଏଥିରେ ପାରା କିମ୍ବା ଅ-ନ୍ୟ କୌଣସି ବିଷାକ୍ତ ପଦାର୍ଥ ନାହିଁ ଏହାଦ୍ୱାରା ସ୍ଥାନିକ ପ୍ରୟୋଗ ଉପଦଂଶ, ନାଳୀଘା, ଯୋଷଘା, ବା ଶିରିଘା, ପଞ୍ଚୁଘା, କ୍ୟାନ୍ସର ପ୍ରଭୃତି ଯେତେ ପ୍ରକାର ଘା ଅଛି ନିଶ୍ଚୟ ଆରୋଗ୍ୟ ହୁଏ । ମୂଲ୍ୟ ପ୍ରତି କୌଟା ୵୦ ୳ ଅଣା ପେକିଂ ଓ ଡାକମା-ସୁଲ ଟ ୦।୶ ଦେବାକୁ ହେବ ।

ଅର୍ଶରୋଗର ଅବ୍ୟର୍ଥ ଔଷଧ ।—ଯେଉଁ-ମାନେ ଅର୍ଶରୋଗ ଦ୍ୱାରା ବିଶେଷ ଯନ୍ତ୍ରଣା ଭୋ-ଗକରି ଜୀବନର ଆଶା ପରିତ୍ୟାଗ କରିଅଛନ୍ତି, ସେମାନେ ଅମ୍ଭର ମହୋପକାରୀ ଅର୍ଶଘ୍ନ ବ୍ୟବ-ହାର କଲେ ଶୀଘ୍ର ଫଳ ଲାଭ କରିବେ ଏ ବିଷୟରେ କିଛି ସନ୍ଦେହ ନାହିଁ ଏହି ଔଷଧ ଏକଜଣ ମହାପୁରୁଷ ପ୍ରଦତ୍ତ ସାମାନ୍ୟ ମୂଲ୍ୟ, ମଏ ଡାକମାସୁଲ ସୁଦ୍ଧା ଟ ୧୳ ଅଣା ।

ଶିରଶୂଳ ନାଶକ ନସ୍ୟ—ଏହି ନସ୍ୟ ସୂ-ର୍ଯ୍ୟୋଦୟ ଓ ସନ୍ଧ୍ୟା ପୂର୍ବେ ଗ୍ରହଣ କଲେ ଶିରଶୂଳ, ଶିରକମ୍ପନ, ମଥାଧରା ଓ ମଥାଘୋରା ପ୍ରଭୃତି ଶିରରୋଗ ନିଶ୍ଚୟ ଆରୋଗ୍ୟ ହେବ । ଏହାର ବିଶେଷ ଗୁଣ ଏହି ଯେ ଚକ୍ଷୁଲାଲ ଓ ଗାଲମଧ ଫୁଟନ, ଦାଉଦ୍ର ଓ ପୀତବର୍ଣ୍ଣର ଶ୍ଳେଷ୍ମ ନିର୍ଗତକରି ମସ୍ତିଷ୍କ ଶୀତଳ କରେ ଏବଂ ନାସି-କାରେ ଶ୍ଳେଷ୍ମ ନ ଥିଲେ ସହଜେ ଶ୍ଳେଷ୍ମ ହୁଏ । ମୂଲ୍ୟ ପ୍ରତିକୌଟା ଟ ୳୶ ଅଣା ପାକିଂ ଓ ଡାକମାସୁଲ ଟ ।୶ ।

Split by PDF Splitter
Digitized by srujanika@gmail.com

Split by PDF Splitter



ପତ୍ର ଲେଖିଲେ ଅମ୍ଭେମାନେ ଭିଃ ପିଃ ରେ ଔଷଧ ପଠାଇ ପାରୁଁ ଭିଃ ପିଃ ରେ ଟ ✓ ଅଣା ମାସୁଲ ଲାଗିବ ।

ସୀତାନାଥଘୋଷ ଷ୍ଟ୍ରିଟ କଲିକତା ।
ନ ୭୧।୧।୧

A
COMPLETE KEY
To
Lethbridge's Easy Selection
[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK, The22nd November 1894 | Akshoy Kumar Ghose and Hara chand Ghose

ADVERTISEMENT.

Wanted a work-sirkar for the first section of the Anandpore road of the Keunjhar State on a salary of Rs. 25 per mensem.

Applications with copies of testimonials will be received by the undersigned not later than 15th December next.

None need apply who has not passed at the final examination of the Cuttack Survey School, and who has not a fair knowledge in the arts of Surveying, Levelling, Drawing, Road-making and Estimating.

The claims of such candidates as have acquired a fair knowledge in Uria and have read up to the Entrance standard and have been accustomed to the Gurjat climate, will be preferable.

KEUNJHARRAJ. 16-11-94. } CHAITAN PROSAD RAI. *Manager & Asstt. Govt. Agent* KEUNJHAR RAJ:

ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୦ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲଣ, ଖେମଟା, ଟପା, ମନୋହର ସ୍ୱମଧୁର-ସ୍ୱରର ଅଭିନବ ଓଡ଼ିଆ, ଛନ୍ଦ, ବଙ୍ଗଳା ଓ ହିନ୍ଦୁସ୍ଥାନୀ ଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ମା ହିନ୍ଦ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ରାଗ-ରସଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ହିନ୍ଦ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

"ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂରିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୨ ରୋଗୀ ଯେଉଁମାନଙ୍କୁ ବଡ଼୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆରୋଗ୍ୟ ହେବାର ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରିଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୂଜରକ୍ତସ୍ରାବ, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହାନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଯୌବନଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ହାଫ ସାଇଜ ଟ ୧।୦ ଅଣା ଡାକମାସୁଲ ଟ ।୦ ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଜେ, ସି, ରାୟ
ନ ୩୫ ମର୍ ଲେବୁତଲା ଲେନ
କଲିକତା ।

ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୦ ଦଶଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲଣ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ✓ |
| ଅଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୧ ରୁ ନ୍ୟୁନ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସ୍ୱତନ୍ତ୍ର କଟକ ଉତ୍କଳସାହିତ୍ୟ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com